ବାସ୍ତବତାର ପରିପ୍ରକାଶ

# ପ୍ରାଚୀ ପତ୍ରିକା

ISSN: 2583-147X (P)
ISSN: 3048-8958 (O)



The Official Journal of
Prachee Centre for
Cultural Relations

Prachee Patrika

ଜାନୁୟାରୀ ୨୦୨୫
ମୂଲ୍ୟ : ୨୫ ଟଙ୍କା

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in


+91 88957 07011

## ଆପଣଙ୍କର ଟିକିଏ କଷ୍ଟ
## ଆମର ଗୋଟିଏ ପେଟ



**ବୁଲା ପଶୁଙ୍କୁ ଖାଦ୍ୟ ଦିଅନ୍ତୁ * FEED THE STRAY ANIMAL**

# ଖୁସିର ସହିତ ଜଣାଉଛୁ ଯେ,
# ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ
# ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।







## PRACHEE SAHITYA SAMAJ PUBLICATION

At-Niladri Vihar. Po-Naya Bazar, Dist.-Cuttack-753004 (Odisha)
Mob. : 88957 07011

## Prachee Centre for Cultural Relations(PCCR)
Niladri Vihar
Naya Bazar, Cuttack-753004


Culture consists of the beliefs, behaviours, objects and other characteristics common to the members of a particular group or society. Through culture, people and groups define themselves, conform to society's shared values, and contribute to society. Prachee Centre for Cultural Relations (PCCR) was founded in 2015 by Voice for Voiceless society, for the cultural promotion and participation, fostering of different literature and language and its contribution for society. The literary personalities of different literature, journalist, editor, artist, singer, dancer, photographer, spiritual leader, sports & game personalities, poet, story writer, novelist, dramatist, essayist, columnist, writers, authors, are part of this society. This organization publishes a monthly literature magazine is "Bastabatara Pariprakash Prachee" and different social relevant books in different language.

### Prachee Centre for Cultural Relations (PCCR) aims to:

- To foster and strengthen cultural relations and mutual understanding among different region of India;
- To promote cultural exchanges among different communities and people, and to develop relations with each other's;
- To promote peace, harmony and nonviolence through cultural programme and literature;
- To promote classical music, dance, song, traditional culture and social values;
- To support the needy people to pursue their education in arts and literature;
- To promote interest in contemporary literature and genres of creative writing;
- To organize cultural functions and competition;
- To serve as a major resource Centre for the arts, literature, especially written, oral and visual source materials;
- To undertake research and publication programmes of reference works, glossaries, dictionaries and encyclopedia concerning the arts and the humanities;
- To establish a tribal and folk arts division with a core collection for conducting systematic scientific studies and for live presentations;
- To provide a forum for a creative and critical dialogue through performances, exhibitions, multi-media projections, conferences, seminars and workshops between and amongst the diverse arts, traditional and contemporary;
- To foster dialogue between arts and current ideas in philosophy, science and technology, with a view toward bridging the gap in intellectual understanding between modern sciences and arts and culture;
- To evolve models of research programmes and arts administration more pertinent to the Indian ethos;
- To elucidate the formative and dynamic factors in the complex web of interactions between diverse social strata, communities and regions;
- To promote a network with national and international institutions;
- To conduct related research in the arts, humanities and culture.



ପ୍ରେରଣାର ଉତ୍ସ
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ



ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା, ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ  ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା 'ପ୍ରାଚୀ' ର ଆଗାମୀ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି 'ପ୍ରାଚୀ' ଓଡ଼ିଆଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ଋଦ୍ଧିମନ୍ତ ସୃଷ୍ଟିକୁ ନେଇ 'ପ୍ରାଚୀ'ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ 'ପ୍ରାଚୀ' ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

– ସଂପାଦକ

# ଓଁ 'ପ୍ରାଚୀ'ର କଲମ ଓଁ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଐତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତ୍ତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟାବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରୁ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୂନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦୀନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟୋପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

## ଉପଦେଷ୍ଟା ମଣ୍ଡଳୀ

**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ନଟବର ଶତପଥୀ**
ଅବସରପ୍ରାପ୍ତ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ**
ଅବସରପ୍ରାପ୍ତ ପ୍ରଫେସର
ଓଡ଼ିଆ ବିଭାଗ

**ପ୍ରଫେସର ନାରାୟଣ ମହାନ୍ତି**
ଅବସରପ୍ରାପ୍ତ ପ୍ରାଧ୍ୟାପକ
ଦର୍ଶନ ବିଭାଗ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ଅବସରପ୍ରାପ୍ତ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ

**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ**
କୁଳପତି
ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର

## ମୁଖ୍ୟ ସଂପାଦିକା

**ପ୍ରଫେସର ମନ୍ଦାକିନୀ ଦାସ**
ଅବସରପ୍ରାପ୍ତ ପ୍ରଫେସର
ସଭାପତି, ପ୍ରାଚୀ ସେଣ୍ଟର ଫର କଲଚରାଲ ରିଲେସନ୍ସ

## ସମ୍ପାଦନା ସହଯୋଗୀ

**ପ୍ରଫେସର ବିକ୍ରମ କେଶରୀ ମିଶ୍ର**
ସମାଜ ବିଜ୍ଞାନ ବିଭାଗ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ

**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର
ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ

**ଡକ୍ଟର ଆଲୋକ ବରାଳ**
ବରିଷ୍ଠ ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

**ଡକ୍ଟର ଦୀପକ କୁମାର ଦାଶ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ସହାୟକ ପ୍ରଫେସର
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ

**ଡକ୍ଟର ସଂଜିତା ମିଶ୍ର**
ସହାୟକ ପ୍ରଫେସର
ଶୈଳବାଳା ମହିଳା ସ୍ୱୟଂଶାସିତ
ମହାବିଦ୍ୟାଳୟ, କଟକ

**ପ୍ରଫେସର ରାମକୃଷ୍ଣ ପ୍ରଧାନ**
ରାଜନୀତିବିଜ୍ଞାନ ବିଭାଗ
ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ, ବିଳାସପୁର, ଛତିଶଗଡ଼

**ଡକ୍ଟର ଭିନୀତ ସାହୁ**
ଆସୋସିଏଟ୍ ପ୍ରଫେସର
ଦର୍ଶନ ବିଭାଗ, ଆଇ.ଆଇ.ଟି, କାନପୁର

## ସଂପାଦକ

ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ

## ସଂପାଦକ ମଣ୍ଡଳୀ

**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ବବ୍ରୁବାହାନ ମହାପାତ୍ର**
ଓଡ଼ିଆ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦ୍ୟାଳୟ

**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
ଶିକ୍ଷାବିତ

**ଡ଼କ୍ଟର ସୁମନ୍ତ ନାଏକ**
ସହକାରୀ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
ଧରଣୀଧର ବିଶ୍ୱବିଦ୍ୟାଳୟ

**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ସେମିଲିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର କମଳ ମାହୁନ୍ତ**
ଅଧ୍ୟାପକ
ଓଡ଼ିଆ ବିଭାଗ

**ଡକ୍ଟର ନାକୁ ହାଁସଦାଃ**
ସହାୟକ ପ୍ରଫେସର
ସ୍ନାତକୋତ୍ତର, ଓଡ଼ିଆ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ଡକ୍ଟର ଲୋପାମୁଦ୍ରା ସ୍ୱାଇଁ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ସରକାରୀ ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର ପଲ୍ଲିଶ୍ରୀ ପଟ୍ଟନାୟକ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

**ଡକ୍ଟର ମମତା ଖଣ୍ଡାୟତରାୟ**
ସହାୟକ ପ୍ରଫେସର
ପାରାଦୀପ କଲେଜ, ପାରାଦୀପ

**ଡକ୍ଟର ପ୍ରତୀଚୀ ନନ୍ଦ**
ଅଧ୍ୟାପିକା
ଓଡ଼ିଆ ବିଭାଗ



# ପ୍ରାଚୀର ନିୟମାବଳୀ

1. ବାସ୍ତବତାର ପରିପ୍ରକାଶ 'ପ୍ରାଚୀ' ଏକ ମାସିକ ଗବେଷଣାଧର୍ମୀ ସମାଲୋଚନାମୂଳକ ପତ୍ରିକା । ଏଥିରେ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଲୋକ ଜୀବନ, ଇତିହାସ, ସମାଜ, ସଂସ୍କୃତି, କଳା, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
2. 'ପ୍ରାଚୀ' ଯୁବପିଢ଼ିଙ୍କର ଗବେଷଣାକୁ ଏକ ଉଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ତେଣୁ ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସଂରଚନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ।
3. ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକଲେଖିକାମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ।
4. ପୂର୍ବରୁ ଅନ୍ୟ ପତ୍ର-ପତ୍ରିକା କିମ୍ବା ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଲେଖା 'ପ୍ରାଚୀ' ପତ୍ରିକା ପାଇଁ ଗ୍ରହଣୀୟ ନୁହେଁ।
5. 'ପ୍ରାଚୀ' ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧିକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ। ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ।
6. ଲେଖାଟି ଆକ୍ଷେପମୂଳକ କିମ୍ବା ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ। ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ। ଲେଖାଟି ପ୍ରକାଶ ପାଇବା ପରେ ଡାକ କିମ୍ବା ଇ-ମେଲ ଯୋଗେ ଲେଖକଲେଖିକାଙ୍କୁ ଜଣାଇ ଦିଆଯିବ।
7. ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ। ତେଣୁ ଲେଖକଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ। ଲେଖକଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ।
8. କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ। ପ୍ରାଚୀ ପାଇଁ ପଠାଉଥିବା ଲେଖାଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ ପତ୍ରିକା, ନୀଳାଦ୍ରି ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିବେ।
9. ଲେଖାଗୁଡ଼ିକ ପେଜ୍ ମେକର୍ ଫର୍ମାଟ୍ ଓ ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ।
10. ପ୍ରବନ୍ଧ ପଠାଇବାର ଚାରିମାସ ମଧ୍ୟରେ ପତ୍ରିକାରେ ପ୍ରକାଶିତ ନହେଲେ ଲେଖକ ନିଜର ପ୍ରବନ୍ଧକୁ ଅନ୍ୟତ୍ର ପ୍ରକାଶ କରିପାରିବେ। ଲେଖାଟି ଅପ୍ରକାଶିତ ଓ ଏହାର ମୌଳିକତା ସମ୍ପର୍କରେ ଗବେଷକ ଏକ ସ୍ୱୀକାରୋକ୍ତି ପତ୍ର ଲେଖା ସହିତ ସଂଲଗ୍ନ କରି ପଠାଇବେ। ପ୍ରକାଶିତ ଲେଖାର ମୌଳିକତା ନେଇ ପ୍ରଶ୍ନ ଉପୁଜିଲେ ଏଥିପାଇଁ ସଂପୃକ୍ତ ଲେଖକ ଉତ୍ତରଦାୟୀ ହେବେ । ପତ୍ରିକାକୁ ପଠାଇଥିବା ଲେଖା ପ୍ରକାଶିତ ନହେଲେ ସଂପାଦକ ବା ସମ୍ପାଦନା ମଣ୍ଡଳୀ ଦାୟୀ ରହିବେ ନାହିଁ ।



# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣଙ୍କର ମୁଠାଏ ଦାନା
## ଆମର ଗୋଟାଏ ପେଟ



**ପକ୍ଷୀମାନଙ୍କୁ ଦାନା ଦିଅନ୍ତୁ ❋ FEED THE BIRDS**

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 10, January 2025, Issue No. X
ISSN NO. 2583-147X (P)
ISSN NO. 3048-8958 (O)
**RNI No. : ODIODI/2015/64435**
P.R. No. : CK(C)/96/2025-2027

ପ୍ରକାଶକ :
**ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ୍**
ନିଳାଦ୍ରୀ ବିହାର, ନୂଆବଜାର, କଟକ

ପ୍ରଚ୍ଛଦ ଚିତ୍ର :
**ବିଜୟ କୁମାର ସାହୁ**

ଅକ୍ଷର ସଜ୍ଜା :
**ବିକ୍ରମ କିଶୋର ସାହୁ**

ଡିଟିପି :
**ଶିବ ପ୍ରସାଦ ଧଳ**

ଅଳଙ୍କରଣ :
**ବିଭୁପ୍ରସାଦ ନାୟକ**

ୱେବ ଡ଼ିଜାଇନର୍ :
ଶୁଭ୍ରାଂସୁ ଶତପଥି

ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**

ବିତରଣ ଅଧିକାରୀ :
**ସନ୍ତୋଷ କୁମାର ପାଲ୍**

ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪


## ଏଇ ସଂଖ୍ୟାରେ...


୧. ପଭୂମିଆ ଜନଜାତିର ପରମ୍ପରା ଓ ଲୋକସଂସ୍କୃତି
ପ୍ରଦୋଷ କୁମାର ସ୍ୱାଇଁ ୦୯

୨. ପଲ୍ଲୀକବିଙ୍କ ନାନାବାୟା ଗୀତର ଶିଶୁ ମନସ୍ତାତ୍ତ୍ୱିକ ଅଧ୍ୟୟନ
ବସନ୍ତ କିଶୋର ସାହୁ ୧୭

୩. ଭଓଡ଼ିଆ ରାମ ସାହିତ୍ୟ ପରମ୍ପରାରେ 'ଓଡ଼ିଆ ଉପନ୍ୟାସ' : ଏକ ଅଧ୍ୟୟନ
ରଘୁନାଥ ଓଝା ୨୩

୪. ଓଡ଼ିଶାରେ ଅଭିଧାନ ପରମ୍ପରା
ମୋନାଲିସା ବାରିକ ଓ ରୁଦ୍ରନାରାୟଣ ମହାପାତ୍ର ୩୦

୫. ହଜିଯାଇଥିବା ଇତିହାସ: ବଞ୍ଚିରହିଥିବା ସଂସ୍କୃତି
ମଙ୍ଗରାଜ ମହାପାତ୍ର ୪୩

୬. ଓଡ଼ିଆ-ବଙ୍ଗଳା-ଅସମୀୟା ଭାଗବତର ତୁଳନାତ୍ମକ ଅଧ୍ୟୟନ
କଳ୍ପତରୁ ନାୟକ ୪୯

୭. ଓଡ଼ିଆ ଗଳ୍ପରେ ଆଦିବାସୀ ସମସ୍ୟାର ପ୍ରତିଫଳନ
ଗୌତମସେନ୍ ହାଁସଦାଃ ୫୬

୮. ଗାଳ୍ପିକ ଚନ୍ଦ୍ରମୋହନ ମହାପାତ୍ରଙ୍କ ଗଳ୍ପରେ ଆଦିବାସୀ ଜୀବନ ଚିତ୍ର
ଶାନ୍ତନୁ କୁମାର ନାୟକ ୬୨

୯. ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା ଓ ଦଳିତ ପୁରୁଷ
ସୁବାଷ ଚନ୍ଦ୍ର ଭୋଇ ୬୭

୧୦. ସିମୋନୀର ଆତ୍ମଲିପି : ଭଙ୍ଗା କଣ୍ଢେଇର କାହାଣୀ
ସ୍ନେହପ୍ରଭା ଲେଙ୍କା ୭୩



# ଆଲୋଚନାର ଭିତ୍ତି ଓ ପ୍ରେକ୍ଷା

ପ୍ରବନ୍ଧ, ଆଲୋଚନା,ସମାଲୋଚନା ଓ ଗବେଷଣା ଏ ସମସ୍ତ ଏକଏକ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀର ଧାରା ଅଟେ । ଏପରିକି ଏସବୁକୁ ଲେଖିବା ପାଇଁ ଲେଖକମାନେ ସ୍ୱତନ୍ତ୍ର ଏକଏକ ଶୈଳୀକୁ ଆପଣେଇଥାନ୍ତି। ସର୍ଜନାତ୍ମକ ସୃଷ୍ଟି ପାଇଁ କୌଣସି ସ୍ୱତନ୍ତ୍ର ଶୈଳୀ ବା ଭାଷାର ଆବଶ୍ୟକତା ନଥାଏ କିମ୍ବା ତାହାର କୌଣସି ଧରାବନ୍ଧା ନିୟମ ମଧ୍ୟ ନଥାଏ । କାରଣ ସାହିତ୍ୟର ସ୍ଥିର ନିର୍ଦ୍ଦିଷ୍ଟ କୌଣସି ଆଙ୍ଗିକ ବା ଶୈଳୀ ନାହିଁ । ଯଦିଓ ସମାଲୋଚକମାନେ ସେସବୁ ନିମନ୍ତେ ଗୋଟିଏ ଗୋଟିଏ ପ୍ରକରଣ ନିର୍ଦ୍ଧାରଣ କରିଛନ୍ତି । ଆଉ ଅନ୍ୟ ଭାବରେ ବିଚାର କଲେ ତାହା ନିର୍ଭର କରିଥାଏ ଲେଖକମାନଙ୍କ ପରିବେଷଣ ଓ ଶୈଳୀ ଉପରେ । ମାତ୍ର ଆଲୋଚନା/ସମାଲୋଚନା ଓ ଗବେଷଣା ଭଳି ପ୍ରସଙ୍ଗର ଅବତାରଣା ବେଳେ ସେଥିରୁ ପ୍ରବନ୍ଧଟି ପୁନଶ୍ଚ ଅଲଗା ହୋଇଯାଏ । ଏହାର କାରଣ ହେଉଛି ପ୍ରବନ୍ଧ ମଧ୍ୟ ଏକ ସର୍ଜନାତ୍ମକ ସୃଷ୍ଟି । ଆମେ ଯଦିଓ ଆଲୋଚନା/ସମାଲୋଚନାକୁ ଗଦ୍ୟ ଭାବେ ଗ୍ରହଣ କରି କେବେକେବେ ପ୍ରବନ୍ଧ ବୋଲି ଉଲ୍ଲେଖ କରିଥାଉ; କିନ୍ତୁ ଅସଲ ଅର୍ଥରେ ସେଗୁଡ଼ିକ ପ୍ରବନ୍ଧ ନୁହେଁ । କିନ୍ତୁ ବ୍ୟାପକ ଦୃଷ୍ଟିରେ ଆଲୋଚନାତ୍ମକ ପ୍ରବନ୍ଧ ବା ସମାଲୋଚନାତ୍ମକ ପ୍ରବନ୍ଧ ବା ଗବେଷଣାତ୍ମକ ପ୍ରବନ୍ଧ କୁହାଯାଇ ପ୍ରବନ୍ଧକୁ ଗଦ୍ୟର ଏକଏକ ବିଭବ ଭାବେ ଉଲ୍ଲେଖ କରାଯାଉଥିବା ଲକ୍ଷ୍ୟ କରାଯାଏ ।

ଆଲୋଚନା ଯେକୌଣସି ବିଷୟର ବ୍ୟାଖ୍ୟା, ବିମର୍ଶ ବାଚର୍ଚ୍ଚାକୁ ବୁଝାଇଥାଏ । ଅନୁରୂପ ଭାବେ ସମାଲୋଚନା ପ୍ରସଙ୍ଗରେ ଏଭଳି କୁହାଯାଇପାରେ ଯେ ସମାଲୋଚନାରେ ସୃଷ୍ଟି ବା କୌଣସି ବିଷୟର ଉଭୟ ସକରାତ୍ମକ ଓ ନକରାତ୍ମକ ଦିଗକୁ ନିଷ୍ପକ୍ଷ ଭାବେ ଆଲୋଚନା କରାଯାଇଥାଏ । ଏହା Criticism ହୋଇଥିବାରୁ Critic ବା ସମାଲୋଚକୀୟ ଦୃଷ୍ଟିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ସେ ଦୃଷ୍ଟିରୁ ବିବେଚନା କଲେ ଆଲୋଚନାର ଯେତିକି ପକ୍ଷ ଥାଉନା କାହିଁକି ସମାଲୋଚନାରେ କିନ୍ତୁ ଉଭୟ ସକରାତ୍ମକ ଓ ନକରାତ୍ମକ ଭଳି ବା ଉଚିତ ଓ ଦୋଷତ୍ରୁଟି ଭଳି ପ୍ରେକ୍ଷା ଅବଶ୍ୟ ରହିବା ଉଚିତ । ଏ କଥା ମଧ୍ୟ ଏଠାରେ କୁହାଯିବା ଉଚିତ ଯେ ଆଜିର ସମୟରେ ସମାଲୋଚନାର ସଂଖ୍ୟା ନଗଣ୍ୟ । ସ୍ରଷ୍ଟାର ସମାଲୋଚିତ ହେବା ଭଳି ମାନସିକତା ନାହିଁ କିମ୍ବା ଆଲୋଚକଙ୍କ ସମାଲୋଚନା କରିବା ଭଳି ସାହସ ରହୁନାହିଁ। ସମାଲୋଚନା ସାହିତ୍ୟକୁ ସମୃଦ୍ଧ କରିଥାଏ। ସମାଲୋଚନା ତେଣୁ ନିଷ୍ପକ୍ଷ ହେବା ଉଚିତ। କାହାକୁ ସୁହେଇଲା ଭଳି କିମ୍ବା କାହାକୁ ନିନ୍ଦିତ କରିବା ନିମନ୍ତେ ହେବା ଉଚିତ ନୁହେଁ । ଏହା ହିଁ କାରଣ କୁତ୍ସାରଟନା ଓ ପାରସ୍ପରିକ ଅନ୍ତର୍ଦ୍ୱନ୍ଦ୍ୱ ସାହିତ୍ୟିକ ପରିବେଶକୁ ଦୂଷିତ କରିଥାଏ । ଏସବୁଠାରୁ ଗବେଷଣାର କ୍ଷେତ୍ର ଓ ପରିସର କିନ୍ତୁ ଭିନ୍ନ ଅଟେ । ଗବେଷଣା ସର୍ବଦା ଏକ ବୈଜ୍ଞାନିକ ଧାରାକୁ ଅବଲମ୍ବନ କରିଥାଏ । ଏପରିକି ଏହାର ସ୍ୱତନ୍ତ୍ର ଆୟାମ ଓ ପ୍ରକରଣ ରହିଛି । ଯାହାକୁ ଗ୍ରହଣ କରିବାକୁ ହୋଇଥାଏ । ମାତ୍ର ଅନେକ ସମୟରେ ସାହିତ୍ୟିକ-ଗବେଷଣା କରୁଥିବା ଗବେଷକମାନେ ଏଭଳି କାହିଁକି କରାଯିବ ତଥା ତାହାର ପ୍ରାସଙ୍ଗିକତା କ'ଣ ଭଳି ଅନେକ ଅବାନ୍ତର କଥା କହି ନିଜର ଅର୍ଥହୀନ ପାଣ୍ଡିତ୍ୟ ପ୍ରଦର୍ଶନ କରିଥାନ୍ତି । ଏପରିକି ଏହାଦ୍ୱାରା ସାହିତ୍ୟର ଲାଳିତ୍ୟ ଓ ସୁକୁମାରତା ନଷ୍ଟ ହୋଇଥାଏ ଭଳି ଆବେଗ-ସଂଯୁକ୍ତ ଯୁକ୍ତି ମଧ୍ୟ ପ୍ରକାଶ କରିଥାନ୍ତି । ଏଭଳି ପ୍ରସଙ୍ଗର ଅବତାରଣା କରିବାର ଅର୍ଥହେଲା; ଯଦି କୌଣସି ଗବେଷକ ସେଭଳି ଭାବୁଥାନ୍ତି ତେବେ ତାଙ୍କର ସେହି ସିଦ୍ଧାନ୍ତକୁ ସମ୍ମାନ ଜଣାଇ ସେ ମୌଳିକ ପ୍ରବନ୍ଧ ବା ସମାଲୋଚନା ରଚନା କରିପାରିବେ । ସେଥିରେ କୌଣସି ପ୍ରତିବନ୍ଧକ ନାହିଁ । ମାତ୍ର ଯେତେବେଳେ ଗବେଷଣାତ୍ମକ ପ୍ରବନ୍ଧର କଥା ଆସେ ତାଙ୍କୁ ଗବେଷଣାର ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ଓ ପ୍ରକରଣ ଦେଇ ହିଁ କାର୍ଯ୍ୟଟିକୁ କରିବାକୁ ହୋଇଥାଏ । ସେଥିରେ କୌଣସି ଦ୍ୱିମତ ନାହିଁ । ଗବେଷଣା ସର୍ବଦା ତଥ୍ୟ, ତତ୍ତ୍ୱ ଓ ତର୍ଜମା ସହିତ ଅତୀତ-ବର୍ତ୍ତମାନ-ଭବିଷ୍ୟ ଦୃଷ୍ଟିକୁ ଗ୍ରହଣ କରିଥାଏ । ପ୍ରମାଣସିଦ୍ଧତା ଓ ସାମାଜିକ ଆଭିମୁଖ୍ୟକୁ ଗୁରୁତ୍ୱ ଦେବା ସହିତ ବ୍ୟଷ୍ଟିଗତ-ଲାଭ ଉପରେ ନିଜର ଉଦ୍ଦେଶ୍ୟକୁ ସ୍ପଷ୍ଟ କରିଥାଏ । ଏ ସମସ୍ତ ବିଷୟ ଗବେଷଣାର ପରିସରରେ ଆସୁଥିବାରୁ ଗବେଷକ ନିଜ ଇଚ୍ଛା କିମ୍ବା ସ୍ୱୀୟ ବିଳାସକୁ ଏଥିରେ ଥୋପିଦେବା ସହଜ-ସାପେକ୍ଷ ନୁହେଁ; କିନ୍ତୁ ଅପର ପକ୍ଷରେ ଗବେଷଣା, ଗବେଷକ ବା ମାର୍ଗଦର୍ଶକ କେତେପରିମାଣରେ ଗବେଷଣାର ମୌଳିକ ମାନଦଣ୍ଡ ସମ୍ପର୍କରେ ସଚେତନ କିମ୍ବା ରୂପାନ୍ତରଣ ବିଶ୍ୱସ୍ତ; ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ !

ତେଣୁ ସପ୍ରସଙ୍ଗ ଏଭଳି କୁହାଯାଇପାରେ ଯେ ପ୍ରବନ୍ଧ/ଆଲୋଚନା/ସମାଲୋଚନା/ଗବେଷଣାର ମୌଳିକ ଲକ୍ଷ୍ୟ, ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ ପ୍ରକରଣ ସମ୍ପର୍କରେ ପ୍ରତ୍ୟେକ ସ୍ରଷ୍ଟାଙ୍କୁ ସଚେତନତା ଅବଲମ୍ବନ ପୂର୍ବକ ସେଥିପ୍ରତି ଅଙ୍ଗୀକାରର ଆବଶ୍ୟକତା ରହିଛି । ସାହିତ୍ୟ ଏକ ମୁକ୍ତ ପ୍ରାଙ୍ଗଣ ହୋଇଥିଲେ ହେଁ ତା'ର ମୌଳିକ ଅଭିବ୍ୟକ୍ତିକୁ ସମ୍ମାନ ଜଣେଇବା ସହିତ ତା' ପ୍ରତି ଅଙ୍ଗୀକାର ପ୍ରଦର୍ଶନ ସାହିତ୍ୟର ସ୍ୱର୍ଣ୍ଣିମ ସମୃଦ୍ଧିକୁ ସୂଚିତ କରିଥାଏ।

**– ଡ. ଆଲୋକ ବରାଳ**

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣ ଟିକିଏ ହାତ ବଢ଼ାନ୍ତୁ
## ବହୁତ ବାଟ ଚାଲିଯିବି



**ଦିବ୍ୟାଙ୍ଗଟିକୁ ସାହାଯ୍ୟ କରନ୍ତୁ * HELP A DIBYANGA**

DOI : https://doi.org/10.5281/zenodo.14835214 ମୂଳ ପ୍ରବନ୍ଧ

# ଭୂମିଆ ଜନଜାତିର ପରମ୍ପରା ଓ ଲୋକସଂସ୍କୃତି

**ପ୍ରଦୋଷ କୁମାର ସ୍ୱାଇଁ**

**ସକ୍ଷିପ୍ତସାର :**

ବିଶ୍ୱର ଯେକୌଣସି ଜନ ସମାଜର ନିଜସ୍ୱ ଏକ ସ୍ୱତନ୍ତ୍ର ସଂସ୍କୃତି ରହିଛି। ସେ ଆଧୁନିକ ଜନ ସମାଜ ହେଉ ବା ଆଦିମ ଜନଜାତି ସମସ୍ତେ ପରିଚିତ ହୁଅନ୍ତି ନିଜସ୍ୱ ସଂସ୍କୃତି ଦ୍ୱାରା। କୋରାପୁଟ ଜିଲ୍ଲାର ଅନ୍ୟାନ୍ୟ ଜନଜାତିମାନଙ୍କ ମଧ୍ୟରୁ ଭୂମିଆ ସଂପ୍ରଦାୟର ଏକ ନିଜସ୍ୱ ପରଂପରା ଓ ସଂସ୍କୃତି ରହିଆସିଛି। ଭୂମି କର୍ଷଣ କରି ଜୀବନ ଜୀଇଁ ଥିବାରୁ ଏମାନେ ଭୂମିଆ। ଅନ୍ୟ ଅର୍ଥରେ ଏହି ଜନଜାତି ଆଦିମ କୃଷିକାରୀ ସଂପ୍ରଦାୟ ଭାବେ ପରିଚିତ। ଭୂମିଆମାନଙ୍କ ସାମାଜିକ ଜୀବନ ଚର୍ଯ୍ୟା ଯେଉଁ ଭଳି ନିଆରା ଏମାନଙ୍କ ସାଂସ୍କୃତିକ ଚଳଣି ମଧ୍ୟ ସେହିଭଳି ଅନନ୍ୟ। ସମ୍ପ୍ରତି ଅଭିଭକ୍ତ କୋରାପୁଟ ଜିଲ୍ଲାରେ ବାସ କରି ଆସୁଥିବା ପ୍ରାୟ ୫୨ ପ୍ରକାର ଜନଜାତିମାନଙ୍କ ମଧ୍ୟରୁ ଭୂମିଆ ଜନଜାତିର ସଂସ୍କୃତିରେ ହିଁ ଆର୍ଯ୍ୟ ସଂସ୍କୃତିର ମନୋଜ୍ଞ ସମ୍ମନ୍ୱୟ ପରିଲକ୍ଷିତ ହୁଏ। ଓଷା, ବ୍ରତ, ଯାନି, ଯାତ୍ରା, ପର୍ବ, ପର୍ବାଣି, ଜନ୍ମ, ମୃତ୍ୟୁ, ବିବାହ, ବ୍ରତ ଲୋକକଳା ଓ ଲୋକ ସାହିତ୍ୟରେ ଏହାର ସ୍ପଷ୍ଟ ପ୍ରଭାବକୁ ବେଶ୍ ଅନୁଭବ କରିହୁଏ। ଆଲୋଚ୍ୟ ପ୍ରବନ୍ଧରେ ଭୂମିଆ ଜନଜାତିର ସେହି ନିଆରା ସଂସ୍କୃତିକୁ ଅନୁଶୀଳନ କରି ତାର ସ୍ୱାତନ୍ତ୍ୟ ପ୍ରକ୍ଷାପନ ପାଇଁ ପ୍ରୟାସ କରାଯାଇଛି।

**ପ୍ରମୁଖ ଶବ୍ଦାବଳୀ :**

ଚଇତି (ଚଇତ୍ର ପର୍ବ), ଦିଆଲି ପରବ (ବନ୍ଦାପନା), ଦିଶାରୀ (ପୂଜାରୀ), ଗୁରୁମାଇ (ଗ୍ରାମ୍ୟ ଦେବୀ), ଦଣ୍ଡକି ଡକ୍ରୀ (ଧାଇବୁଢ଼ୀ), ନାଉଧାରାଣି (ନାମକରଣ), ବାହୁଡାଦାରୁ (କାଠ) ଇତ୍ୟାଦି।

## ଉପକ୍ରମ :

ସମଗ୍ର ସୃଷ୍ଟିରେ ଅନ୍ୟ ଜୀବମାନଙ୍କ ଠାରୁ ମାନବ ଶ୍ରେଷ୍ଠ ଜୀବ ଭାବେ ପ୍ରତିଷ୍ଠା ଅର୍ଜନ କରିଛି। କାରଣ ମଣିଷ ହିଁ ଏହିଭଳି ଏକ ଜୀବ ଯାହାର ନିଜସ୍ୱ ସଂସ୍କୃତି ରହିଛି। ଅନ୍ୟ ଜୀବମାନେ ମଣିଷ ଭଳି ସଂସ୍କୃତି ସମ୍ପନ୍ନ ହୋଇନଥିବାରୁ ସେମାନେ ଇତର ଜୀବରୂପେ ପରିଗଣିତ ହୁଅନ୍ତି। ଅନ୍ୟ ଅର୍ଥରେ ଏହି ଜୀବମାନଙ୍କ ଶ୍ରେଷ୍ଠ ଓ ନିକୃଷ୍ଟର ବ୍ୟବଧାନ ସଂସ୍କୃତି ଦ୍ୱାରା ନିରୂପିତ ହୋଇଥାଏ। ପ୍ରତ୍ୟେକ ମଣିଷ ସଂସ୍କୃତି ସମ୍ପନ୍ନ ଏଇଥି ପାଇଁ ଯେହେତୁ ସେ ଜଣେ ସାମାଜିକ ଜୀବ। ବିଶ୍ୱର ଯେକୌଣସି ଜନସମାଜରେ ନିଜସ୍ୱ ଏକ ସଂସ୍କୃତି ପରିଦୃଷ୍ଟ ହୁଏ। ଏହି ସଂସ୍କୃତି ହିଁ ଉକ୍ତ ଜନସମାଜର ପରିଚୟ ଓ ସ୍ୱାତନ୍ତ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ସୁତରାଂ ସଂସ୍କୃତି ବିନା ସମାଜ, ମଣିଷ ତୁଚ୍ଛ ଓ ଅପୂର୍ଣ୍ଣ। ଏହି ସଂସ୍କୃତିର ଉତ୍ପତ୍ତି କେବେ ଓ କିଭଳି ସମ୍ଭବ ହୋଇଥିଲା ନିର୍ଦ୍ଦିଷ୍ଟ ଭାବେ କହିବା କାଠିକର ବ୍ୟାପାର। ଅବଶ୍ୟ ଏହା ସତ୍ୟ ଯେ ଯେବେଠାରୁ ଏକୁଟିଆ ଆଦିମ ମଣିଷ ଗୋଷ୍ଠୀ ଓ ବ୍ୟଷ୍ଟୀଗତ ତଥା ସାମାଜିକ ଜୀବନ ଯାପନ କରିଛି; ସେବେଠାରୁ ଆପାତତଃ ସଂସ୍କୃତିର ଜନ୍ମ ସମ୍ଭବ ହୋଇଥିବ। ମାନବ ସମାଜ ଏହାର ଲୀଳା ଭୂମି। ସଂସ୍କୃତିର ଜନ୍ମ ଗୋଟିଏ ଦିନରେ ନୁହେଁ, ଏହା ମାନବ ଜାତିର କ୍ରମ ବିବର୍ତ୍ତନର ଏକ ସୁବର୍ଣ୍ଣ ଫଳ। ସଂସ୍କୃତି ଅଚଳ ନୁହେଁ,

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.14835214
Article No - BPP00252

**ଯୋଗାଯୋଗ :**
ଡକ୍ଟର ପ୍ରଦୋଷ କୁମାର ସ୍ୱାଇଁ, ବରିଷ୍ଠ ସହାୟକ ପ୍ରାଧ୍ୟାପକ ଏବଂ ବିଭାଗ ମୁଖ୍ୟ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ।
Email: pradosh.cu@gmail.com
ORCID ID: https://orcid.org/0009-0006-4055-9695

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୯.୨୦୨୪ | ୧୦.୧୦.୨୦୨୪ | ୨୫.୧୧.୨୦୨୪ | ୧.୦୧.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସ୍ୱାଇଁ, ପ୍ରଦୋଷ କୁମାର; ୨୦୨୫। ଭୂମିଆ ଜନଜାତିର ପରମ୍ପରା ଓ ଲୋକସଂସ୍କୃତ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ୫; ପୃଷ୍ଠା :୯-୧୬।

ସଚଳ । ପରିବର୍ତ୍ତିତ ଧାରାରେ ସେ ତା'ର ରୂପ ବଦଳାଏ, ମାନବ ଜୀବନକୁ ସୁସ୍ଥ-ସୁନ୍ଦର କରି ଗଢି ତୋଳେ । ସଂସ୍କୃତିର ଅର୍ଥ ବୁଝିବାକୁ ଅଭିଧାନର ପ୍ରୟୋଜନ ରହିଛି ହୃଦୟ ଓ ଦୃଷ୍ଟିଭଙ୍ଗୀ । ଆରନୋଲ୍ଡ଼ଙ୍କ ଭାଷାରେ – "Culture is to know the best that has been said and thought in the world." ପ୍ରୟୋଜନରୁ ଏହାର ସୃଷ୍ଟି । ମାନବର ଜୀବନ ସଂଗ୍ରାମରେ ଏହା ଫଳପ୍ରଦ ।

ପୂର୍ବରୁ ସୂଚିତ କରାଯାଇଛି ବିଶ୍ୱର ଯେକୌଣସି ଜନ ସମାଜର ନିଜସ୍ୱ ଏକ ସ୍ୱତନ୍ତ୍ର ସଂସ୍କୃତି ରହିଛି । ସେ ଆଧୁନିକ ଜନ ସମାଜ ହେଉ ବା ଆଦିମ ଜନଜାତି ସମସ୍ତେ ପରିଚିତ ହୁଅନ୍ତି ନିଜସ୍ୱ ସଂସ୍କୃତିଦ୍ୱାରା ଏହି ମର୍ମରେ କୋରାପୁଟର ଭୂମିଆ ଜନଜାତିର ସାଂସ୍କୃତିକ ଜୀବନ ଚର୍ଯ୍ୟାକୁ ବିଶ୍ଳେଷିତ କରିବା ପାଇଁ ପ୍ରୟାସ କରାଯାଇପାରେ ।

ପଣ୍ଡିତ ନୀଳକଣ୍ଠ ଦାସ ଯଥାର୍ଥରେ କହିଥିଲେ – "ଚାହାଣି, ଚଳଣି ଓ ଚମକ" ଏଇ ତିନୋଟିରେ ସମାଜର ସଂସ୍କୃତି ଦେଖାପଡ଼େ । ସଂସ୍କୃତି ଏକ ମିଶ୍ରିତ ପ୍ରତିକ୍ରିୟା । ଯେପରି ସର୍ବତ କହିଲେ ତାହା କୌଣସି ଏକ ନିର୍ଦ୍ଦିଷ୍ଟ ପଦାର୍ଥର ସ୍ୱାଦ ନୁହେଁ, ବରଂ ଏକାଧିକ ମିଶ୍ରିତ ପଦାର୍ଥର ସମଷ୍ଟିଗତ ସ୍ୱାଦ, ଠିକ୍ ସେହିପରି ସଂସ୍କୃତି କହିଲେ ସମାଜରେ ପ୍ରଚଳିତ ବହୁ ଧର୍ମ-ଧାରଣା, ଚାଲି-ଚଳଣି, ଆଚାର-ବ୍ୟବହାର, ମାନବର ଚିନ୍ତା-କଳ୍ପନା, କଳା-ସାହିତ୍ୟ, ମାନସ ସମ୍ପଦ ପ୍ରଭୃତିକୁ ଅନ୍ତର୍ଗତ କରାଯାଇଥାଏ । ସଂସ୍କୃତି ସମାଜର ସାମଗ୍ରିକ ରୂପକୁ ହିଁ ପ୍ରକାଶ କରିଥାଏ । ଅତଏବ ଭୂମିଆ ସଂସ୍କୃତିକୁ ଅନୁଶୀଳନ କରିବା ପୂର୍ବରୁ ଏହି ସମ୍ପ୍ରଦାୟର ପରିଚୟ, ଅବସ୍ଥିତି ତଥା ଏମାନଙ୍କର ସାମାଜିକ ସଂରଚନାକୁ ଜାଣିବାକୁ ହେବ ।

ଦକ୍ଷିଣ ଓଡ଼ିଶାର ଅନ୍ୟାନ୍ୟ ଆଦିବାସୀ ବହୁଳ ଜିଲ୍ଲାମାନଙ୍କ ମଧ୍ୟରୁ କୋରାପୁଟ ଜିଲ୍ଲାର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଓଡ଼ିଶାରେ ବାସ କରି ଆସୁଥିବା ପ୍ରାୟ ୬୨ ପ୍ରକାର ଜନଜାତି ମଧ୍ୟରୁ ୫୨ ପ୍ରକାର ଆଦିବାସୀ ସମ୍ପ୍ରଦାୟ କେବଳ ଅଭିଭକ୍ତ କୋରାପୁଟ ଜିଲ୍ଲାରେ ଲକ୍ଷ୍ୟ କରାଯାଏ । ସେମାନଙ୍କ ମଧ୍ୟରୁ ଅମାନାତ୍ୟ, କନ୍ଧ, କୋୟା, କୋଟିଆ, ଗଣ୍ଡ, ଗାଦ୍‌ବା, ଜୀତାପୁ, ଡିଡାୟୀ, ଦୁରୁଆ, ପରଜା, ପାରେଙ୍ଗା, ପେଙ୍ଗୁ, ପେଣ୍ଟିଆ, ବଣ୍ଡା, ବଞ୍ଜାରା, ଭତରା, ଭୁଞ୍ଜିଆ, ଶବର, ହାଲବା, ଭୂମିଆ ପ୍ରଭୃତି ପ୍ରମୁଖ ଜନଜାତି ସମ୍ପ୍ରଦାୟ ଭାବରେ ପରିଚିତ । ଏହି ସମ୍ପ୍ରଦାୟ ସମୂହର ଜନସାଧାରଣ ଅଭିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବିକ୍ଷିପ୍ତ ଭାବେ ବାସ କରି ଆସୁଥିବା ଦେଖାଯାଏ ।

ଭୂମିଆମାନେ ବଣ୍ଡା, କନ୍ଧ, ଡିଡାୟୀ, ସଉରା, ଜୁଆଙ୍ଗ ଭଳି ଆଦିମ ଆଦିବାସୀ ଗୋଷ୍ଠୀ ନୁହନ୍ତି କି ଗଣ୍ଡ, ବାଥୁଡି, ଓରାମ, ସାନ୍ତାଳ ଭଳି ଉନ୍ନତ ଆଦିବାସୀ ଗୋଷ୍ଠୀ ମଧ୍ୟ ନୁହନ୍ତି । ଏମାନେ ଆଦିମ କୃଷିକାରୀ ସମ୍ପ୍ରଦାୟ ଭାବେ ପରିଚିତ । ଗବେଷକମାନଙ୍କ ମତରେ, ଏମାନେ ସର୍ବପ୍ରଥମେ ଭୂମିରେ କଷଣ କରି ଚାଷକାର୍ଯ୍ୟ ଆରମ୍ଭ କରିଥିବାରୁ ସେମାନଙ୍କର ନାମକରଣ 'ଭୂମିଆ' ରୂପେ ବିବେଚିତ । ଏହି ସମ୍ପ୍ରଦାୟ ଦୁଇ ଭାଗରେ ବିଭକ୍ତ ଯଥା – (୧) ଭୂମିଆ ବା ବଡ଼ ଭୂମିଆ, (୨) ହୁରି ଭୂମିଆ ବା ସାନ ଭୂମିଆ । ଏହି ସମ୍ପ୍ରଦାୟର ଲୋକେ ମୁଖ୍ୟତଃ ଜୟପୁର, ବୈପାରିଗୁଡା, କୁନ୍ଦୁରା, ବୋରିଗୁମ୍ମା ଓ ନବରଙ୍ଗପୁର ଜିଲ୍ଲାର ଏବଂ ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକ ପ୍ରଭୃତି ଅଞ୍ଚଳରେ କେଉଁ ପ୍ରାଚୀନ କାଳରୁ ବସବାସ କରିଆସୁଛନ୍ତି ।

**ଭୂମିଆ :**

ଆଲୋଚ୍ୟ ସମ୍ପ୍ରଦାୟର ନାମକରଣ ସମ୍ପର୍କରେ ଏକାଧିକ ମତ ପରିଲକ୍ଷିତ ହୁଏ । କେତେ ଇତିହାସ ଗବେଷକଙ୍କ ମତରେ ଭୂମିଆମାନେ ଅତୀତରେ ଓଡ଼ିଶାରେ ଶାସନ କରୁଥିବା ଭୌମକର ରାଜବଂଶଧର । କୌଣସି କାରଣରୁ କିଛି ଭୌମକର ବଂଶୀ କୋରାପୁଟ ଜିଲ୍ଲାର ବଣଜଙ୍ଗଲ ପରିବେଷ୍ଟିତ ଅଞ୍ଚଳକୁ ସ୍ଥାନାନ୍ତରିତ ହୋଇ ବସବାସ କରିଥିଲେ । ସେହିଦିନ ଠାରୁ ଏହିମାନେ ଭୂମିଆ ନାମରେ ପରିଚିତ ହୋଇଛନ୍ତି । ଅପରପକ୍ଷରେ ଆଉ କିଛି ଗବେଷକ ଭୂମିଆ ସମ୍ପ୍ରଦାୟର ନାମକରଣ ପ୍ରସଙ୍ଗରେ ଭିନ୍ନମତ ପ୍ରକାଶ କରନ୍ତି । ଏମାନଙ୍କ ଦୃଷ୍ଟିରେ ଭୂମିଆମାନେ ସୁଦୂର ଉତ୍ତର-ଭାରତ ଅଞ୍ଚଳରୁ ସ୍ଥାନାନ୍ତରିତ ହୋଇ ଓଡ଼ିଶାରେ ବସତି ସ୍ଥାପନ କରିଥିଲେ । ଉକ୍ତ ମନ୍ତବ୍ୟ ପଛରେ ଆଲୋଚକଙ୍କ ଯୁକ୍ତି ହେଲା ଭୂମିଆ ସମ୍ପ୍ରଦାୟର ଭଷା ଓ ସଂସ୍କୃତିରେ ଆର୍ଯ୍ୟମାନଙ୍କର ବହୁଳ ପ୍ରଭାବ ପରିଲିକ୍ଷିତ ହୁଏ । ତେଣୁ ଏମାନେ ଉତ୍ତର-ଭାରତରୁ କୌଣସି କାରଣରୁ ପଳାୟନ କରି ଓଡ଼ିଶାର ଜଙ୍ଗଲ ଅଞ୍ଚଳରେ କୃଷିକାର୍ଯ୍ୟ କରି ଜୀବନ ଧାରଣ କରିଥିଲେ । ତେଣୁ ଏମାନେ ସେହି ଦିନଠାରୁ ଭୂମିଜ ବା ଭୂମିଆ ନାମରେ ପରିଚିତ ହୋଇଥିବା ଅନୁମାନ କରାଯାଏ ।

କୃଷି ଭୂମିଆମାନଙ୍କର ପ୍ରଧାନ ଜୀବିକା ହୋଇଥିବାରୁ ଏମାନଙ୍କ ଗ୍ରାମଗୁଡ଼ିକ ମୁଖ୍ୟତଃ ସମତଳ ଅଥବା ପାହାଡ଼ର ପାଦ ଦେଶରେ ଗଢି ଉଠିଥାଏ । ଅନ୍ୟ ଆଦିବାସୀଙ୍କ ଭଳି ଏମାନଙ୍କର ଗୃହ ନିର୍ମାଣ ଓ ଗ୍ରାମ ସଂରଚନା କ୍ଷେତ୍ରରେ ସାମାନ୍ୟ ସ୍ୱାତନ୍ତ୍ର୍ୟ ଲକ୍ଷ୍ୟ କରାଯାଏ । ବିଭିନ୍ନ ନଦୀ ପାହାଡୀ ଝରଣା ଅବବାହିକାରେ ଭୂମିଆ ଗ୍ରାମ ଗଢି ଉଠିଥାଏ । ଗାଁର ପ୍ରାରମ୍ଭରେ କୌଣସି ଏକ ଝଙ୍କାଳିଆ ବରଗଛ ତଳେ ଗ୍ରାମ୍ୟ ଦେବୀଙ୍କ ଆସ୍ଥାନ ପରିଲିଖିତ ହୁଏ । ଭୂମିଆ ଗ୍ରାମ ଭିତରେ ଅନୁପ୍ରବେଶ କଲେ ମନେ ହୁଏ ଅନ୍ୟ ସାଧାରଣ ଗ୍ରାମରେ ଗୃହ ମାନଙ୍କର ଅବସ୍ଥିତି ଠାରୁ ଏମାନଙ୍କ ଘରର ସଂରଚନା ଆପାତତଃ ଭିନ୍ନ । ଧାଡିକି ଧାଡ଼ି ଏମାନେ ଗୃହ ନିର୍ମାଣ କରନ୍ତି ନାହି, ବରଂ ଗୃହ ଗୁଡିକ ବିକ୍ଷିପ୍ତ ଭାବେ ନିର୍ମିତ ହୋଇଥାଏ । ଗୋଟିଏ

ସ୍ଥାନରେ ୫ ରୁ ୧୦ ପର୍ଯ୍ୟନ୍ତ ଘର ନିର୍ମିତ ହୋଇଥିବା ଲକ୍ଷ୍ୟ କରାଯାଏ। ଅସଂଲଗ୍ନ ଅବସ୍ଥାରେ ପ୍ରତ୍ୟେକ ଗୃହର ଅବସ୍ଥିତି ଭୂମିଆ ଗ୍ରାମର ସ୍ୱାତନ୍ତ୍ର୍ୟକୁ ଜାହିର କରିଥାଏ। ଗୃହଗୁଡ଼ିକ ମୁଖ୍ୟତଃ ଏକମୁଖୀ ହୋଇଥାଏ। ଚାଳଛପରରେ ନିର୍ମିତ ଏହି ଘର ଗୁଡ଼ିକର ଚାରିପଟେ ମାଟିର କାନ୍ଥ ଦ୍ୱାରା ଆବଦ୍ଧ କରାଯାଏ। କେତକ ଘରର ଚାଳ ଆଗପଛକୁ ନୂଆଣିଆ ହୋଇଥିବାବେଳେ ଆଉ କିଛି ଘର ଦୁଇ ପାର୍ଶ୍ୱକୁ ନୂଆଣିଆ ହୋଇଥିବା ଲକ୍ଷ୍ୟ କରାଯାଏ। ପ୍ରତ୍ୟେକ ଘରର ଗୋଟିଏ ପାର୍ଶ୍ୱର ଗୃହପାଳିତ ପଶୁମାନଙ୍କର ରହଣି ପାଇଁ ଗୁହାଳ ନିର୍ମିତ ହୋଇଥାଏ। ଏତଦ୍ ଭିନ୍ନ ଭୂମିଆମାନଙ୍କର ଉତ୍ପାଦିତ ଶସ୍ୟ ସାମଗ୍ରୀକୁ ସାଇତି ରଖିବା ପାଇଁ ଗୋଟିଏ ଗୋଟିଏ ଗୋଦାମ ଘର ମ୍ଧ ଆପଣା ହତା ପରିସରରେ ନିର୍ମାଣ କରିଥାନ୍ତି। ବିଭିନ୍ନ ପ୍ରାକୃତିକ ଉପାଦାନ ଯଥା ମାଟି, ପତର, ଫଳ ଇତ୍ୟାଦିର ସାହାଯ୍ୟରେ ଆପଣା ଘରର କାନ୍ଥଗୁଡ଼ିକୁ ରଙ୍ଗ ଦେଇଥାନ୍ତି। ସ୍ନେହ, ସୌହାର୍ଦ୍ଦ ପୂର୍ଣ୍ଣ ପାରିବାରିକ ଜୀବନ ବଞ୍ଚିବା ପାଇଁ ଭୂମିଆମାନେ ପସନ୍ଦ କରନ୍ତି। ପରିବାରର ପ୍ରତ୍ୟେକ ସଦସ୍ୟ ସେ ନାରୀ ହେଉ ବା ପୁରୁଷ ସମସ୍ତେ ଆପଣା କୃଷି କ୍ଷେତ୍ରରେ ଶ୍ରମଦାନ କରିବା ପାଇଁ ଆଦୌ ସଙ୍କୋଚ କରନ୍ତି ନାହିଁ। ଭୂମିଆ ଗ୍ରାମବାସୀଙ୍କ ମଧ୍ୟରେ ଏକତା ପରିଲକ୍ଷିତ ହୁଏ। ଆପଦ ବିପଦରେ ସମସ୍ତେ ଏକତ୍ରିତ ହୋଇ ତା'ର ସମାଧାନ ପାଇଁ ପ୍ରୟାସ କରିଥାନ୍ତି। ଯାନି, ଯାତ୍ରା, ପର୍ବପର୍ବାଣି ପ୍ରଭୃତିକୁ ଭୂମିଆମାନେ ଏକତ୍ରିତ ହୋଇ ପାଳନ କରିଥାନ୍ତି। ଆଧୁନିକ ସମାଜ ଦୃଷ୍ଟିରେ ଭୂମିଆ ଗ୍ରାମ ଅତ୍ୟନ୍ତ ସାଧାରଣ ଓ ଅନୁନ୍ନତ ମାନେ ହେଲେ ମଧ୍ୟ ଏମାନଙ୍କ ମଧ୍ୟରେ ଯେଉଁ ଏକତା ଓ ସୌହର୍ଦ୍ଦପୂର୍ଣ୍ଣ ସାମାଜିକ ଜୀବନ କୌଶଳ ପରିଦୃଷ୍ଟ ହୋଇଥାଏ। ତାହା ପ୍ରତ୍ୟେକ ସଭ୍ୟସମାଜ ପାଇଁ ଅବଶ୍ୟ ଅନୁକରଣୀୟ।

ଚାଳ ଛପର ଘରେ ରହୁଥିବା ଭୂମିଆମାନେ ସ୍ୱଭାବରେ ଯେଉଁଭଳି ସରଳ ଠିକ୍ ସେହିଭଳି ଏମାନଙ୍କ ସାଂସ୍କୃତିକ ଜୀବନ ଚର୍ଯ୍ୟା ମଧ୍ୟ ଖୁବ୍ ନିରାଡମ୍ବର। ଯେକୌଣସି ପରିବାର ପାଇଁ ଜନ୍ମ, ମୃତ୍ୟୁ, ବ୍ରତ ଆଦି ଏକ ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ କର୍ମକାଣ୍ଡ ଭୂମିଆ ପରିବାରରେ ମଧ୍ୟ ଏହିସବୁ କର୍ମକାଣ୍ଡ, ବିଧିବିଧାନ ସହ ପାଳନ କରାଯାଏ।ଭୂମିଆ ନାରୀଟିଏ ଗର୍ଭଧାରଣ କଲାପରେ ପରିବାରର ସଦସ୍ୟମାନେ ତା'ପ୍ରତି ଯତ୍ନଶୀଳ ହୋଇଉଠନ୍ତି। ଜଙ୍ଗଲଜାତ ବିଭିନ୍ନ ଫଳ, ମୂଳ, ଶାଗ-ମୁଗ ଇତ୍ୟାଦି ପୁଷ୍ଟିକର ଖାଦ୍ୟ ଗର୍ଭଣୀ ନାରୀକୁ ଖାଇବାକୁ ଦିଆଯାଏ। ସୂର୍ଯ୍ୟପରାଗ, ଚନ୍ଦ୍ରଗ୍ରହଣ ସମୟରେ ଗର୍ଭଧାରଣୀକୁ ଘରୁ ବାହାରିବା ମନା। ଏମାନଙ୍କ ବିଶ୍ୱାସ ଯେ ଏହି ସମୟରେ ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ଦେଖିଲେ ଗ୍ରହଣଖଣ୍ଡିଆ ଓ ବିକଳାଙ୍ଗ ସନ୍ତାନ ଜନ୍ମ ହୋଇଥାନ୍ତି। ଅବଶ୍ୟ ଏହି ଧରଣର ବିଶ୍ୱାସ ଆଜି ମଧ୍ୟ ଅନେକ ଅଣଆଦିବାସୀ ସଂସ୍କୃତିରେ ଦୃଷ୍ଟିଗୋଚର ହୁଏ। ଦଣ୍ଡକି ଡକ୍ରୀ (ଧାଈ ବୁଢ଼ୀ) ଆସି ଗର୍ଭଣୀସ୍ତ୍ରୀର ପ୍ରସାବ କରାଏ। ବଣ୍ଡକି ଖଦ୍ରାରେ ନାହୀ ନାଡ଼ ପୋତାଯାଏ। ପୁଅ ଜନ୍ମ ହେଲେ ସେ ଏକ ସହର ଓ ଝିଅ ଜନ୍ମ ହେଲେ ଏକ ଛୋଟଜାତି (କାଟ୍ରା) ଓ ନଡ଼ିଆ, କୁକୁଡ଼ା, ଛଞ୍ଚା, ଶାଢୀ ଆଦି ନିଏ। ନଅଦିନ ଦିନ ନାଉଧାରାଣି (ନାମକରଣ) ହୁଏ। ଦିଶାରୀ ମଦ, କୁକୁଡ଼ା, ଛେଳି ଆଦି ଭୋଗ ଦେଇ ଏହି ବିଧି ସମାପନ କରେ। ଅନୁରୂପ ଭାବେ ଭୂମିଆ ପରିବାରରେ କୌଣସି ପରିଜନଙ୍କ ମୃତ୍ୟୁ ଜନିତ ବିଭିନ୍ନ କର୍ମକାଣ୍ଡ ବିଧି ବିଧାନ ସହ ପାଳନ କରାଯାଏ। ପରିଜନଙ୍କ ସ୍ୱାଭାବିକ ମୃତ୍ୟୁରେ ଭୂମିଆମାନେ ଶ୍ମଶାନରେ ଶବଦାହ କରୁଥିବାବେଳେ ଅସ୍ୱାଭାବିକ ମୃତ୍ୟୁ ଯେମିତିକି ବସନ୍ତ ଭଳି ବ୍ୟାଧି ତଥା ବ୍ୟାଘ୍ର ଆକ୍ରମଣ ଜନିତ ମୃତ୍ୟୁରେ ଏମାନେ ଶବକୁ ମାଟିତଳେ ପୋତି ଦିଅନ୍ତି। ସାଧାରଣ ମୃତ୍ୟୁରେ ଭୂମିଆମାନେ ଏକତ୍ରିତ ହୋଇ ଶବକୁ ଶ୍ମଶାନ ନିଅନ୍ତି। ଭୂମିଆ ନାରୀମାନେ ବେଜରଣା ଭଟ୍ଟ (ଗାଁମୁଣ୍ଡ ପଡ଼ିଆ) ପର୍ଯ୍ୟନ୍ତ ଯାଇ ସେଠାରେ ମୃତ୍ୟୁ ଲଭିଥିବା ବ୍ୟକ୍ତିଙ୍କ ସ୍ତ୍ରୀର ହାତରୁ ଶଙ୍ଖା ଭାଙ୍ଗିବା କାର୍ଯ୍ୟ ସମାପନ କରି ଗୃହ ପ୍ରତ୍ୟାବର୍ତ୍ତନ କରନ୍ତି।ଶ୍ମଶାନରେ ପରିବାରର କୌଣସି ଜଣେ ସଦସ୍ୟ ଶବରେ ଅଗ୍ନିସଂଯୋଗ କରି ସତ୍କାର କାର୍ଯ୍ୟ କରିଥାଏ। ମୃତ ବ୍ୟକ୍ତିର ମାମୁଁ ଉକ୍ତ ବ୍ୟକ୍ତିର ନାମ ଧରି ତିନିଥର 'ହେ ଅମକ ତୋର ଘର ପୋଡ଼ିଲା, ଲିଭାଇବାକୁ ଆସେ ବୋଲି ଡାକ ଦିଏ। ତା'ପରେ ବାହୁଡ଼ା ଦାରୁ(କାଠ) ଦିଆଯାଏ। ତିନି ଦିନରେ ପିତା ଛୁଆଁଯାଏ। ଦଶଦିନରେ ଦଶାହ ହୁଏ। ଅଭାବି ଲୋକ ବର୍ଷେ କି ଦୁଇବର୍ଷ ପରେ ମଧ୍ୟ ଦଶାକ୍ରିୟା କରିପାରିବ ଏହିଭଳି ପ୍ରଥା ଭୂମିଆ ସମ୍ପ୍ରଦାୟରେ ପ୍ରଚଳିତ। ବିଭିନ୍ନ ପର୍ବ ପର୍ବାଣୀରେ ଦିବଙ୍ଗତ ଆତ୍ମାମାନଙ୍କ ଉଦ୍ଦେଶ୍ୟରେ ପ୍ରଥମ ନୈବେଦ୍ୟ ଅର୍ପଣ କରାଯିବାର ପରମ୍ପରା ଏମାନଙ୍କ ସଂସ୍କୃତିରେ ଲକ୍ଷ୍ୟ କରାଯାଏ। ମୃତ୍ୟୁ ଲଭିଥିବା ବ୍ୟକ୍ତି କୌଣସି ନା କୌଣସି ରୂପରେ ପୁନଃ ଜନ୍ମ ଲଭିଥାଏ ଏହି ବିଶ୍ୱାସ ଭୂମିଆ ସଂସ୍କୃତିରେ ରହିଆସିଛି।

ବିବାହ ମଣିଷର ସାଂସ୍କୃତିକ ଜୀବନ ଚର୍ଯ୍ୟାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ମାନବ ସଭ୍ୟତାର ପ୍ରତିଷ୍ଠା କାଳରୁ ଏକ ଶୃଙ୍ଖଳିତ ସାମାଜିକ ବ୍ୟବସ୍ଥା ତଥା ମଣିଷର ଯୌନ ଚର୍ଯ୍ୟାକୁ ନୀତିନିଷ୍ଠ ଏବଂ ବ୍ୟବସ୍ଥିତ କରିବାପାଇଁ ନାରୀ ପୁରୁଷ ମଧ୍ୟରେ ବିବାହ ଭଳି ଏକ ସାଂସ୍କୃତିକ କର୍ମକାଣ୍ଡର ପ୍ରଚଳନ କରାଗଲା ଯାହା ଫଳରେ ମଣିଷର ଯୌନ ପ୍ରବୃତ୍ତି ପାଶବିକ ନହୋଇ ସାଂସ୍କୃତିକ ହୋଇ ଉଠିଲା। ଗୋଟିଏ ଜନ ସମ୍ପ୍ରଦାୟରେ ଜନ ସଂଖ୍ୟାରେ ଅଭିବୃଦ୍ଧି ପାଇଁ ନାରୀ ପୁରୁଷର ଯୌନ ସମ୍ପର୍କ ଅପରିହାର୍ଯ୍ୟ। ଏତଦ ଭିନ୍ନ ନାରୀ ପୁରୁଷ ମଧ୍ୟରେ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ସମ୍ପର୍କ ତଥା ଶୃଙ୍ଖଳିତ ପାରିବାରିକ ଜୀବନ ଯେକୌଣସି ବିକାଶଶୀଳ ସମାଜ ପାଇଁ ଆଧାର ଭାବେ କାର୍ଯ୍ୟ କରେ। ତେଣୁ ବିଶ୍ୱର ଯେକୌଣସି ମାନବ ସମାଜରେ ନାରୀ ଓ ପୁରୁଷ ଦୁଇଟି ପ୍ରଜାତିର ମହାମିଳନକୁ ସଂସ୍କୃତି ସମ୍ପୂର୍ଣ୍ଣ କରାଇବା ପାଇଁ ବିବାହ ଭଳି ପ୍ରଥା ଓ ପରମ୍ପରା କେଉଁ ଆବହନମାନ କାଳରୁ ପ୍ରଚଳିତ ହୋଇ ଆସିଛି। ଅଗନା ଅଗନି

ବନସ୍ତ ମଧ୍ୟରେ ଜୀବନ ଜୀଇଁ ଆସୁଥିବା ଆଦିମ ଅଧିବାସୀ ସମାଜରେ ମଧ୍ୟଏହି ବିବାହ କୈନ୍ଦ୍ରିକ ପ୍ରଥା ଓ ପରମ୍ପରା ପରିଦୃଷ୍ଟ ହୁଏ। ଭୂମିଆମାନଙ୍କ ବିବାହ ପରମ୍ପରାକୁ ମୁଖ୍ୟତଃ ବିଧି ବିଧାନ ଦୃଷ୍ଟିରୁ ୬ ଭାଗରେ ବିଭକ୍ତ କରାଯାଇପାରେ।

**ମାଙ୍ଗନୀ ବିବାହ :**

କୋରାପୁଟ ଜିଲ୍ଲାର ଅଧିକାଂଶ ଆଦିବାସୀ ସମ୍ପ୍ରଦାୟରେ ଏହି ଧରଣର ବିବାହ ସାଧାରଣତଃ ପ୍ରଚଳିତ। ମାଗି ବିବାହ କରିବାକୁ ହିଁ 'ମାଙ୍ଗନି' ବିବାହ କୁହାଯାଏ। ଅର୍ଥାତ୍, ବରପକ୍ଷ ମନୋନିତ କନ୍ୟାପିତା ଗୃହକୁ ଯାଇ କନ୍ୟାକୁ ନିଜ ବଧୂ ରୂପେ ଗ୍ରହଣ କରିବା ନିମନ୍ତେ ପ୍ରସ୍ତାବ ଉପସ୍ଥାପିତ କରିଥାଏ। ତ'ଦ୍ୱାରା କନ୍ୟାପକ୍ଷ ଯଦି ସହମତି ଜଣାନ୍ତି, ତାହାଲେ ଉଭୟ ବର କନ୍ୟା ମଧ୍ୟରେ ଯେଉଁ ବିବାହ ସଂଗଠିତ ହୋଇଥାଏ; ତାକୁ ହିଁ ଯଥାର୍ଥରେ 'ମାଙ୍ଗନି' ବିବାହ କୁହାଯାଏ। ଏହି ବିବାହ ବର ଗୃହରେ ଆୟୋଜିତ ହୁଏ। ବିବାହ ଦିନ ୩ ପୁଟି ଚାଉଳ, ୨ ଟି କୁକୁଡ଼ା ଗଞ୍ଜା, ଦୁଇଟା ଛେଳି, ୧୨ ହାତି ମାଆଶାଢୀ, ଗୁଲୁଗା, ମାଆଲ ପାଟା (ମାମୁଁ ପାଇଁ ଧୋତି), ଶାଶୁଶାଢୀ, ଚୁଡ଼ା ୭ ମାଣ, ଚିନାମୁଦି ବାବଦରେ ଚୁଡ଼ା ୨ ମାଣ, ୫ ବିଣ୍ଡା ଗୁଡ଼ ଏବଂ ୫ ମାଣ ଡାଲି, ଲାଗେ। ବରଘର ବେଦୀ ନିର୍ମାଣ କରାଯାଇଥାଏ। ଏହି ବେଦୀ ଚତୁଃପାର୍ଶ୍ୱରେ ୫, ୭ କିମ୍ବା ୯ଟି ଖୁଣ୍ଟ ପୋତାଯାଇ, ପ୍ରତ୍ୟେକ ଖୁଣ୍ଟ ପାଖରେ ହାଣ୍ଡି ଉପରେ ହାଣ୍ଡି ରଖି ବେଦୀ ପ୍ରସ୍ତୁତ କରାଯାଏ। ପ୍ରତ୍ୟେକ ଖୁଣ୍ଟ ପାଖରେ ଗୋଟିଏ ଗୋଟିଏ ଦୀପ ପ୍ରଜ୍ୱଳିତ କରାଯାଏ। ଆମ୍ବ, ଜାମ୍ବୁ, ଡୁମରି (ଡିମିରି), ଝଡ଼ି, ବର, ବାଉଁଶ, ମହୁଲ ଗଛର ଡାଳ ପ୍ରଭୃତିକୁ ବେଦୀର ଚତୁଃପାର୍ଶ୍ୱରେ ସାଜସଜ୍ଜା ପାଇଁ ବ୍ୟବହାର କରାଯାଏ। ବେଦୀକୁ ଯିବା ପୂର୍ବରୁ ଘୋରଣା ଉପରେ ଉଭୟ ବର କନ୍ୟାକୁ ବସାଇ ପାହାନ୍ତି ପ୍ରହରରୁ ଆଣିଥିବା କୋଇଲି ପାଣିରେ ଗାଧୋଇ ଦିଆଯାଏ। ପରେ ଦିଶାରୀ ଆସି ବିଧି ମୁତାବକ ବିବାହ କାର୍ଯ୍ୟ ସମ୍ପନ୍ନ କରେ।

**ଉଦୁଲିଆ :**

ଏହି ବିବାହ ପ୍ରଥା ବହୁ ଆଦିବାସୀ ସମ୍ପ୍ରଦାୟରେ ପ୍ରଚଳିତ ଥିବା ଲକ୍ଷ୍ୟ କରାଯାଏ। ବଜାର, ହାଟ, ଯାତ୍ରା, ମଣ୍ଡେଇ ଆଦିରେ ଝିଅ ଦେଖି ବରର ମନକୁ ପାଇଲେ ସେ ଉକ୍ତ ଝିଅକୁ ବାହାହେବାକୁ ଇଚ୍ଛାକରି ଜଣେ ମଧ୍ୟସ୍ଥି (ସୁତରକାରିଆ) ଧରେ। ବର ତା ସହିତ ଯାଇ ସେ ଝିଅକୁ ସୁତରାଏ (ବୁଝାଇ ନିଜ ଆଡ଼କୁ ବାହାହେବାକୁ ଆକୃଷ୍ଟ କରାଏ)। ଝିଅ ରାଜି ହେଲେ ସେ ତାର ମୁଦି ଓ ଗାମୁଛା ଆଦି ପୁଅକୁ ଦିଏ ଏବଂ ଅମୁକ କି ସମୁକ ଦିନ ଆସ ମୁଁ ତୁମସହିତ ଆସିବି ବୋଲି କଣ୍ଠଦିଏ। କଣ୍ଠ ଦେବାଦିନ ଝିଅର ପାରିବାର ସଦସ୍ୟଙ୍କ ଅଜାଣତରେ ତା'ର ସାଥି ଝିଅମାନଙ୍କୁ ଦେବାପାଇଁ ମଦ, ସଲପ, ଚୁଡ଼ା, ଆଦି ଦିଆଯାଇ ଘରକୁ ଅଣାଯାଏ। କନ୍ୟା ଆସିବାର ୮/୧୦ଦିନ ପରେ ତା'ର ବାପା ମାଆଙ୍କ ସହ ଗାଁର ପ୍ରାୟ ୫୦ଜଣ ଗାଁଲୋକେ ଆସି ପୁଅ ଝିଅର ଏହି ବିବାହରେ ଇଚ୍ଛା ଅଛିକି ନାହିଁ ପଚାରନ୍ତି ଓ ପରେ ଝୋଲାଟଙ୍କା ଛିଡ଼େ, ଭୋଜିଭାତ ଖାଇ ଯାଆନ୍ତି, ଯଦି ଝିଅକୁ ତାର ଇଚ୍ଛା ବିରୁଦ୍ଧରେ ଅଣାଯାଇଥାଏ, ତାହେଲେ ସିଏ ଦିନେ କି ଓଳିଏ ରହି ପୁଣି ତା'ର ବାପା ଘରକୁ ଚାଲିଯାଏ।

**ସଗର୍ତ୍ତା-**

ବିବାହିତ ପ୍ରଥମ ବରକୁ ଛାଡ଼ିକନ୍ୟା କୌଣସି କାରଣରୁ ଦ୍ୱିତୀୟା ବିବାହ କଲେ ଦ୍ୱିତୀୟ ବର ପରିବାର ପ୍ରଥମ ବର ପରିବାରକୁ 'ସଗର୍ତ୍ତା' ଆକାରରେ କିଛି ଅର୍ଥ ରାଶି ପ୍ରଦାନ କରିଥାନ୍ତି। ପୂର୍ବରୁ ଭୂମିଆମାନେ 'ସଗର୍ତ୍ତା' ରୂପରେ ଶସ୍ୟ ଅଥବା ଛେଳି, ମେଣ୍ଢା, ଇତ୍ୟାଦି ଦେଉଥିଲେ। ପରବର୍ତ୍ତୀ ସମୟରେ ଏହି 'ସଗର୍ତ୍ତା' ଟଙ୍କା ରୂପରେ ଦିଆଗଲା। ସଂପ୍ରତି ଭୂମିଆ ମାନେ ପ୍ରାୟ ୫୦୦୦/- ଟଙ୍କା ପର୍ଯ୍ୟନ୍ତ 'ସଗର୍ତ୍ତା' ପ୍ରଥମ ବିବାହିତ ବରକୁ ପ୍ରଦାନ କରୁଛନ୍ତି। କନ୍ୟା ପକ୍ଷ ପାଇଁ ଏହା ଏକ ପ୍ରକାର ଆର୍ଥିକ ଦଣ୍ଡ ହୋଇଥିବା ବେଳେ, ପ୍ରଥମ ବର ପାଇଁ ଆର୍ଥିକ ସାହାଯ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। ଏତଦ୍ ଭିନ୍ନ ଭୂମିଆ ସଂପ୍ରଦାୟରେ ବିଧବା ନାରୀର ପୁନଃ ବିବାହ ପ୍ରଥା ପ୍ରଚଳିତ ଅଛି। ଯେଉଁ ପର୍ଯ୍ୟନ୍ତ କନ୍ୟାର ଦିଅର ମୃତ୍ୟୁ ବରଣ କରିନାହିଁ ସେହି ପର୍ଯ୍ୟନ୍ତ ବୋହୂଟିକୁ ବିଧବା ଭାବେ ଗ୍ରହଣ କରାଯାଏନାହିଁ। ଅର୍ଥାତ୍ ସ୍ୱାମୀର ମୃତ୍ୟୁ ପରେ ଭୂମିଆ ରମଣୀ ବିଧବା ନ ହୋଇ ନିଜ ଦିଅର କିମ୍ବା ଦେଢ଼ସୁରକୁ ପୁନଃ ବିବାହ କରିଥାଏ। କିଛି ଭୂମିଆ ପରିବାରରେ ଘରଜୋଇଁଆ ପ୍ରଥା ମଧ୍ୟ ପ୍ରଚଳିତ ଅଛି। ବିବାହ ଭଳି ସୁ କାର୍ଯ୍ୟରେ ଭୂମିଆମାନେ ଜ୍ଞାତି କୁଟୁମ୍ବ ସହ ଏକତ୍ରିତ ହୋଇ ନବଦମ୍ପତିଙ୍କ ମଙ୍ଗଳ କାମନା କରନ୍ତି। ସାମର୍ଥ୍ୟ ମୁତାବକ ମଦ, ଭୋଜି ଇତ୍ୟାଦିର ଆୟୋଜନ କରାଯାଏ। ନିମନ୍ତ୍ରିତ ଭୂମିଆମାନେ ବର ଓ କନ୍ୟା ପରିବାରକୁ ବେଭାର ରୂପକ କିଛି ଶସ୍ୟ, ଫଳମୂଳ, ଛେଳି, କୁକୁଡ଼ା, ଆଦି ସ୍ୱଇଚ୍ଛାରେ ପ୍ରଦାନ କରିଥାନ୍ତି। ଏମାନଙ୍କ ବିବାହ ଉତ୍ସବ ନିରାଡ଼ମ୍ବର ହୋଇପାରେ କିନ୍ତୁ, ଯେଉଁଭଳି ସ୍ନେହ ଶ୍ରଦ୍ଧାରେ ବିବାହ ଉତ୍ସବକୁ ପାଳନ କରିଥାନ୍ତି। ତାହା ପ୍ରତ୍ୟେକ ଆଧୁନିକ ମଣିଷ ପାଇଁ ଅବଶ୍ୟ ଆଚରଣୀୟ।

**ପର୍ବପର୍ବାଣୀ :**

ପର୍ବପର୍ବାଣୀ ଜାନି-ଯାତ୍ରା, ପୂଜା-ଉପାସନା ଆଦି ଉତ୍ସବ ପାଳନରେ ଅଭାବି ଭୂମିଆ ଆଦୌ କୃପଣତା କରେ ନାହିଁ। ଆପଣା ସାମର୍ଥ୍ୟ ଅନୁଯାୟୀ ପ୍ରତ୍ୟେକ ପର୍ବପର୍ବାଣୀଗୁଡ଼ିକୁ ଅନୁଶୀଳନ କଲେ

ମନେହୁଏ ଗଭୀର ଧର୍ମ ବିଶ୍ୱାସ ଏବଂ ନିଜ ଜୀବନ ଜୀବିକାର ସଂରକ୍ଷଣ ପ୍ରତ୍ୟେକ ପର୍ବପର୍ବାଣୀ ପାଳନ ପଛର ମୁଖ୍ୟ ଲକ୍ଷ୍ୟ। କେତେକ ପର୍ବ ଗ୍ରାମର ମଙ୍ଗଳ କାମନା, ରୋଗପ୍ରତିଶୋଧକ, ହିଂସ୍ରଜନ୍ତୁ ଦାଉରୁ ରକ୍ଷା ଆଦି ଉଦ୍ଦେଶ୍ୟନେଇ ପାଳିତ ହୋଇଥିବା ବେଳେ ଆଉକିଛି ପର୍ବ ସଂପୂର୍ଣ୍ଣ କୃଷିଭିତ୍ତିକ।ନିମ୍ନରେ ସେହିସବୁ ପର୍ବ ସଂପର୍କରେ ସାମାନ୍ୟ ଆଲୋଚନା କରାଯାଇପାରେ।

**ଚଇତି ପର୍ବ :**

ଚଇତି ପର୍ବ ଭୂମିଆମାନଙ୍କ ସବୁଠାରୁ ବଡ଼ପର୍ବ। ଦୀର୍ଘ ସାତଦିନ ବହୁ ଯାକ-ଯମକରେ ଏହି ପର୍ବ ପାଳନ କରାଯାଏ। ଚଇତ୍ର ମାସ ଶୁକ୍ଳ ପକ୍ଷରେ ଗ୍ରାମ ଦିଶାରୀ ଦ୍ୱାରା ତିଥି ନିର୍ଦ୍ଧାରିତ ହୋଇ ପରବର ଶୁଭାରମ୍ଭ କରାଯାଏ। ପରବ ଆରମ୍ଭ ହେବା ପୂର୍ବଦିନ ଚଇତି ବଉଲାଣି କରାଯାଏ। ବିଭିନ୍ନ ରଙ୍ଗର ୫ଟି କୁକୁଡ଼ା, ଗୋଟିଏ ଛେଳି, ନଡ଼ିଆ, ଅଣ୍ଡା, ଗୁଡ଼, ଧୂପ, ଦୀପ, କ୍ଷୀର, ପଣା, ପାଣି, ମଦ ଆଦି ସାମଗ୍ରୀ ଧରି ଗ୍ରାମ ବାସୀ ଗାଁ ମୁଣ୍ଡର କୌଣସି ଏକ ସ୍ଥାନରେ ଦିଶାରୀ ଦ୍ୱାରା ପୂଜା ଅର୍ଚ୍ଚନା କରାଯାଇ ଚଇତି ପର୍ବର ଶୁଭାରମ୍ଭ ହେଲାବୋଲି ଘୋଷଣା କରାଯାଏ। ପୂଜା ହୋଇଥିବା ସାମଗ୍ରୀ ଗ୍ରାମର ପ୍ରତ୍ୟେକ ପରିବାର ମଧ୍ୟରେ ବଣ୍ଟନ କରାଯାଏ। ପର୍ବର ପ୍ରଥମଦିନ ଗ୍ରାମ୍ୟଦେବୀ ବୁଢ଼ୀ ଠାକୁରାଣୀଙ୍କ ଠାରେ କୁକୁଡ଼ା, ଛେଳି, ଧାନ, ମାଣ୍ଡିଆ, ଶୁଆଁ ଆଦି ସାମଗ୍ରୀ ନେଇ ଦିଶାରୀ ଗ୍ରାମବାସୀଙ୍କ ଗହଣରେ ପୂଜାକରେ। ଠାକୁରାଣୀଙ୍କୁ ନୈବେଦ୍ୟ ଅର୍ପଣ କଲାପରେ ପୂଜା ହୋଇଥିବା ଶସ୍ୟକୁ ଗାଁର ଚାଷୀ କୂଳ ସ୍ପର୍ଶ କରନ୍ତି ଆଞ୍ଜୁଳାଏ ଲେଖାଁଏ ଘରକୁ ନିଅନ୍ତି। ଭୂମିଆମାନେ ଏହାକୁ "ବିହନଛିନିବା" କହନ୍ତି। ପ୍ରକୃତରେ ଏହି ଦିନଠାରୁ ହିଁ ସେହି ବର୍ଷର କୃଷି କାର୍ଯ୍ୟ ଆରମ୍ଭ ହୁଏ। ଚଇତି ପର୍ବର ସମ୍ପୂର୍ଣ୍ଣ ସାତଦିନ ଭୂମିଆମାନେ ନିଜ ପାରଂପରିକ କର୍ମ ସଂସ୍ଥାନରୁ ନିବୃତ୍ତ ରୁହନ୍ତି। ପରବର୍ତ୍ତୀ ଦିନମାନଙ୍କରେ ଭୂମିଆମାନେ ନାଚ ଗୀତ, ମଦ ମାଂସ, ଭୋଜି ଭାତ, ବେଣ୍ଟ ଶିକାର ଆଦି ମଜା ମଜଲିସ୍‌ରେ ନିଜକୁ ମଜେଇ ରଖନ୍ତି। ବେଣ୍ଟ ବା ଶିକାର ହେଉଛି ଏହି ପର୍ବର ଏକ ଆକର୍ଷଣୀୟ ପ୍ରଥା। ପର୍ବପାଳନର ତୃତୀୟ ଦିନଠାରୁ ଗ୍ରାମର ଭୂମିଆ ଯୁବକମାନେ ଏକତ୍ରିତ ହୋଇ ବିଭିନ୍ନ ଅସ୍ତ୍ରଶସ୍ତ୍ର ଧରି ଶୋଭାଯାତ୍ରାରେ ବେଣ୍ଟ ଉଦ୍ଦେଶ୍ୟରେ ଜଙ୍ଗଲକୁ ଯାଆନ୍ତି। ଉତ୍ତମ ଶିକାର ପ୍ରାପ୍ତି ନିମନ୍ତେ ଦିଶାରୀ ଦ୍ୱାରା ପୂଜା କରାଯାଏ। ଭୂମିଆ ରମଣୀମାନେ ପୁରୁଷମାନଙ୍କ ଅନୁପସ୍ଥିତି ଜନିତ ବିରହ ଭାବକୁ ଦୂର କରିବାପାଇଁ ଶିକାରର ଏକ ନାଟ୍ୟରୂପ ପରିବେଷଣ କରନ୍ତି। ଜଙ୍ଗଲରେ ଶିକାର ମିଳିବା ପରେ ଶିକାର କରିଥିବା ବ୍ୟକ୍ତିଙ୍କୁ କାନ୍ଧରେ ବସାଇ ପୁନଃ ଶୋଭାଯାତ୍ରାରେ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଭୂମିଆ ରମଣୀ ଆପଣା ପୁରୁଷମାନଙ୍କ ସଫଳତାରେ ଉଲ୍ଲସିତ ହୋଇ ସେମାନଙ୍କୁ ବନ୍ଦାପନାକରି ସ୍ୱାଗତ କରନ୍ତି। ଶିକାର ହୋଇଥିବା ବନ୍ୟଜନ୍ତୁକୁ ଶୋଭାଯାତ୍ରାରେ ସମ୍ପୂର୍ଣ୍ଣ ଗ୍ରାମ ଭ୍ରମଣ କରାଯାଏ। ବେଣ୍ଟଆମାନେ ପ୍ରତ୍ୟେକ ଘରୁ କିଛି ଡାଲି, ଚାଉଳ, ଆଦିମାଗିଥାନ୍ତି। ମଗାଯାଇଥିବା ଶସ୍ୟ ଏବଂ ବେଣ୍ଟରୁ ପ୍ରାପ୍ତ ମାଂସକୁ ନେଇ କୋଠ ଭୋଜି କରାଯାଏ। ଢ଼ୋଲ ମହୁରୀର ତାଳେ ତାଳେ ମହୁଲୀ ଓ ପେଣ୍ଡମର ମତୁଆଲା ନିଶାରେ ସମସ୍ତେ ଝୁମି ଉଠନ୍ତି। ରାଗ,ରୁଷା, ମାନ,ଅଭିମାନ ସବୁକୁ ପଛରେ ପକାଇ ଏହି ସାତଦିନ ପ୍ରତ୍ୟେକ ଭୂମିଆ ନିଜକୁ ଉପଭୋଗ କରେ। ଭୂମିଆମାନେ ଚଇତି ପରବ ଭଳି ଏକାଧିକ କୃଷିଭିତ୍ତିକ ପର୍ବ ପାଳନ କରନ୍ତି। ଭିନ୍ନ ତନ୍ମଧ୍ୟରୁ ବନ୍ଦାପନା, ଦିଆଲି, ନୂଆଁଖିଆ ଓ ପୁଷ୍ ପରବ ଅନ୍ୟତମ। ବନ୍ଦାପନା ପର୍ବରେ ଭୂମିଆ ରମଣୀମାନେ ଧାନ ଗଛକୁ ପଇତା ପିନ୍ଧାଇ ଭଲ ଶସ୍ୟ ଅମଳର କାମନାନେଇ ପୂଜା କରନ୍ତି। ଅନୁରୂପ ଭାବେ ଦୀପାବଳି ଓ କାର୍ତ୍ତିକ ପୂର୍ଣ୍ଣିମା ମଧ୍ୟ ଭାଗରେ ଭୂମିଆମାନେ ଦିଆଲି ପର୍ବ ପାଳନ କରନ୍ତି।

ଏହା ମଧ୍ୟ ଏକ କୃଷିଭିତ୍ତିକ ପର୍ବ, ଚାଷକର୍ମରେ ନିୟୋଜିତ ବଳଦ, ପୋଡ଼ୁଅ ଏବଂ ଅନ୍ୟାନ୍ୟ ଗୃହ ପାଳିତ ପଶୁମାନଙ୍କ ପ୍ରତି କୃତଜ୍ଞତା ପ୍ରଦାନ ଉଦ୍ଦେଶ୍ୟରେ ଏହିପର୍ବ ପାଳନ କରାଯାଏ। କାରଣ ଆମେ ଜାଣୁ ଭୂମିଆର ଦୈନନ୍ଦିନ ଜୀବନ ଚର୍ଯ୍ୟାରେ ପଶୁ ସମ୍ପଦର ଗୁରୁତ୍ୱ କେତେ। ତେଣୁ ଏହି ପର୍ବ ପାଳନର ପୂର୍ବଦିନ ଭୂମିଆ ରମଣୀମାନେ ଏକତ୍ରିତ ହୋଇ ଚାଉଳ ଚୁନାରେ ଏକ ପ୍ରକାର ସ୍ୱତନ୍ତ୍ର ଦୀପ ପ୍ରସ୍ତୁତି କରନ୍ତି । ପରବ ଦିନ ସେହି ଦୀପଗୁଡ଼ିକୁ ଘିଅ ବା ଜଡ଼ା ସାହାଯ୍ୟରେ ଘରର ଚତୁପାର୍ଶ୍ୱରେ ପ୍ରଜ୍ୱଳିତ କରାଯାଏ। ଘରର କାନ୍ଥ ବାରଣ୍ଡା ପ୍ରଭୃତିରେ ଚାଉଳ ପିଠଉ ଦ୍ୱାରା ଚିତା ପକାଯାଏ। ଧାନ କେଣ୍ଡା ଦୁଆର ମୁହଁରେ ବନ୍ଧାଯାଏ। ଗଉଡ଼ କଦଳୀ, ସିଆଳ ଆଦି ଗଛ ବକଳରୁ ପ୍ରସ୍ତୁତି ନୂଆ ଦଉଡି ଘର ଘର ବୁଲି ଗାଇ ବଳଦଙ୍କ ବେକରେ ବାନ୍ଧେ ଓ ପ୍ରତିବଦଳରେ ଧାନ ଓ ପଇସା ନିଏ। ସନ୍ଧ୍ୟା ସମୟରେ ଗାଇ ବଳଦମାନଙ୍କୁ କଦଳୀ ପତ୍ର ଅଥବା ତାଟ ସାହାଯ୍ୟରେ ଘରେ ପ୍ରସ୍ତୁତ ହୋଇଥିବା ଅନ୍ନ ଖାଇବାକୁ ଦିଅନ୍ତି। ଦୀପ, ନୈବେଦ୍ୟ, ସାହାଯ୍ୟରେ ଗାଇ ବଳଦମାନଙ୍କୁ ବନ୍ଦାପନା କରି ସମଗ୍ର ପଶୁ ସଂପଦର ନିରାମୟ ଜୀବନ କାମନା କରନ୍ତି।

ଅନୁରୂପ ଭାବେ ପୌଷ ପୂର୍ଣ୍ଣମୀରେ ପୁଷ୍ ପରବ କରିବା ପରମ୍ପରା ଭୂମିଆ ସଂପ୍ରଦାୟରେ ପ୍ରଚଳିତ। ଏହି ପର୍ବଟି ସମ୍ପୂର୍ଣ୍ଣ ରୂପେ କୃଷି କ୍ଷେତ୍ରରୁ ଅମଳ ହେଉଥିବା ଶସ୍ୟକୁ ଦେଖି ଯେଉଁ ଆନନ୍ଦ ଭୂମିଆ ଚାଷିଟେ ପାଇଥାଏ। ସେହି ଉଲ୍ଲାସରୁ ହିଁ ସେ ପୁଷ୍ ପରବ ପାଳନ କରେ। ଚଇତି ପର୍ବ ଠାରୁ ଯେଉଁଭଳି କୃଷି କର୍ମର ଶୁଭାରମ୍ଭ ହୁଏ ପୁଷ୍ ପରବରେ ସେହି କର୍ମର ପରିସମାପ୍ତି ଘଟେ। ଏହି ପର୍ବରେ ସମସ୍ତେ ଘର ଘର ବୁଲି ଧାନ ଓ ଚାବୁ(ପରସା) ମାଗନ୍ତି ଏହାକୁ 'ପୁଷ୍ ବୁଡିଆ' ଓ 'ଛେର୍ ଛେରା' କୁହାଯାଏ। ଏହି ଦିନ ପ୍ରଥମେ

କାନ୍ଦୁଲ ଓ ଶିମ୍ବକୁ ପୋଡାଇ ଖିଆଯାଏ। ଭୂମିଆ ଯୁବକ ଦଳ ଦଳ ହୋଇ ଚିତ୍ରିତ ପୋଷାକ ପିନ୍ଧି, ମୁଣ୍ଡରେ ପଗଡ଼ି, ମୟୁର ଚୁଳ ଧାରଣ କରି ଓ ପାଦରେ ଘୁଙ୍ଗୁର ବାନ୍ଧିବାଉଁଶ କାଠିକୁ ବଜାଇ ବଜାଇ ମନମୁଗ୍ଧକର ନୃତ୍ୟ କରିଥାନ୍ତି। ଏହାକୁ 'ଦଣ୍ଡାହଲିଆ' କୁହାଯାଏ।

ଉପରୋକ୍ତ ପର୍ବପର୍ବାଣୀ ବ୍ୟତୀତ ଏହି ସଂପ୍ରଦାୟରେ ବିଭିନ୍ନ ପ୍ରକାର ପୂଜା ଏବଂ ଯାତ୍ରା ମ୍ଧ ପାଳନ କରାଯାଏ। ଭୂମିଆ ଗାଁର ନିରାମୟ ଜୀବନ କାମନା କରି ଆଷାଢ଼ ମାସ ଶେଷ ଆଡ଼କୁ ବଉଳ ପୂଜା କରନ୍ତି। ଗାଁ ମୁଣ୍ଡ ତିନି ଛକିଆ ଜାଗାରେ ବିଭିନ୍ନ ପଶୁ ପକ୍ଷିକୁ ବଳୀ ଦିଆଯାଇ ହୁଣ୍ଡି ଠାକୁରାଣିଙ୍କ ପାଖରେ ପୂଜା କରାଯାଏ। ପୂଜାରେ ମନ୍ତ୍ରିତ ଜଳ ଗାଁର ଗାଇ ଗୋରୁ ଓ ଶିଶୁମାନଙ୍କ ଦେହରେ ସିଞ୍ଚନ କରାଯାଏ। ବିଶ୍ୱାସ ଅଛି ଏହି ମନ୍ତ୍ରିତ ଜଳ ସେମାନଙ୍କୁ ପ୍ରେତାତ୍ମା ଓ ବିଭିନ୍ନ ପ୍ରକାର ଦୂରାରୋଗ୍ୟ ବ୍ୟାଧିରୁ ରକ୍ଷା କରେ। ଏହି ପୂଜା ବ୍ୟତିତ ବାଘ ପୂଜା, କଣ୍ଢେଇ ପୂଜା, କାମିନୀ ପୂଜା ଇତ୍ୟାଦି ଅଖଣ୍ଡ ନିଶା ଓ ଗଭୀର ଧର୍ମବିଶ୍ୱାସ ସହ ପାଳନ କରନ୍ତି। ଡଲ ନାମକ ଯାତ୍ରା ଭୂମିଆମାନେ ଦୋଳ ପୂର୍ଣ୍ଣିମାର ଠିକ୍ ପରଦିନ ଠାରୁ ପାଳନ କରନ୍ତି। ଉକ୍ତ ଯାତ୍ରାରେ ନୂଆ ମହୁଲର ମଦ ରାନ୍ଧି ପଥମେ ଡୁମା (ପିତୃପୁରୁଷ)ଙ୍କୁ ଅର୍ପଣ କରନ୍ତି। ଏତତ୍ ଭିନ୍ନ ଭୂମିଆ ନରନାରୀ ପ୍ରସ୍ତୁତ ମହୁଲି ପାନକରି ଢ଼ୋଲ, ମହୁରୀର ତାଳେ ତାଳେ ନିଜକୁ ହଜେଇ ଦିଅନ୍ତି ଅସରନ୍ତି ଆନନ୍ଦର ଆସର ମଧ୍ୟରେ। ନାରୀ ପୁରୁଷ ସାନ ବଡ, ଧନୀ ଦରିଦ୍ରର ଭେଦ ଭାବକୁ ଭୁଲି ସମସ୍ତେ ଏକାକାର ହୋଇ ଯାଆନ୍ତି। ଏମାନଙ୍କ ଜୀବନରେ ଆଗାମୀ କାଲିର ଚିନ୍ତା ନାହିଁ କିମ୍ବା ବିତିଯାଇଥିବା ଅତୀତର କ୍ଷୋଭ ମଧ୍ୟ ନାହିଁ। ଅଛି କେବଳ ବର୍ତ୍ତମାନକୁ ମନଭରିଜୀଇଁବାର ଅପୂର୍ବ ଲାଳସ। ସେ ପର୍ବ ହେଉ କିମ୍ବା ଯାତ୍ରା ସବୁଥିରେ ଜୀବନ ଜୀଇଁବାରେ ଅପୂର୍ବ ପ୍ରବଣତା ସ୍ୱଷ୍ଟ ପରିଦୃଷ୍ଟ ହୁଏ। ସରଳ ଧର୍ମ ବିଶ୍ୱାସ, ପରମ୍ପରାପ୍ରତି ଗଭୀର ଆସ୍ଥା ସର୍ବୋପରି ଆପଣା ସାଂସ୍କୃତିକ ଜୀବନ ଚର୍ଯ୍ୟାକୁ ଜୀବନ୍ତ କରି ରଖିବାର ଅଜସ୍ର ଲାଳସା ହିଁ, ଏହି ବନବାସୀମାନଙ୍କୁ ବିଭିନ୍ନ ପର୍ବପର୍ବାଣୀ, ଯାନିଯାତ୍ରାତଥା ପୂଜା ଉପାସନା କରିବା ପାଇଁ ପ୍ରେରିତ କରିଥାଏ। ଏହି ସବୁ ପାଳନ କରିବା ପଛରେ କୌଣସି କୃତ୍ରିମତା ପରିଦୃଷ୍ଟ ହୁଏ ନାହିଁ, ବଂର ପ୍ରକୃତିର କୌଣସି ସ୍ପର୍ଶକୁ ଆମେ ସହଜରେ ଉପଲବ୍ଧ କରିପାରିବା।

### ଧର୍ମବିଶ୍ୱାସ :

ଅନ୍ୟାନ୍ୟ ଜନଜାତି ମାନଙ୍କ ଭଳି ଭୂମିଆ ମାନେ ମଧ୍ୟ ସରଳ ଧର୍ମ ବିଶ୍ୱାସୀ। କେଉଁ ଆବାହମାନ କାଳରୁ ପ୍ରକୃତିର ଉପାସନାକୁ ପ୍ରକୃତ ଉପାସନାଭାବେ ଏମାନେ ଗ୍ରହଣ କରି ଆସିଛନ୍ତି। ପାହାଡ଼, ଜଙ୍ଗଲ, ନଦୀ, ନାଳ, ବଣଜଙ୍ଗଲ,ସୂର୍ଯ୍ୟ, ଚନ୍ଦ୍ର, ମାଟି, ପବନ, ସାପ, କଇଁଛ, ବାଘ, ଭାଲୁ ଆଦି ଜୀବଜନ୍ତୁଙ୍କ ଦେହରେ ଐଶ୍ୱରିକ ସତ୍ତାର ଉପଲବ୍ଧିକୁ ଏହି ଜନଜାତିର ଲୋକମାନେ ଗ୍ରହଣ କରିଆସିଛନ୍ତି ଓ ପ୍ରକୃତି ଉପାସନାର ମୁଖ୍ୟ ହେଉଛି ବୃକ୍ଷପୂଜା। ବଟ, ପିପ୍ପଳ, ଅଁଳା, ତୁଳସୀ ଓ ବେଲଗଛର ପତ୍ର ଆଦିକୁ ନିତିନୀୟମ ଅନୁଯାୟୀ ଏମାନେ ପୂଜା କରିଥାନ୍ତି। ତେଣୁ ପ୍ରତ୍ୟେକ ଭୂମିଆ ଗ୍ରାମରେ ବୃକ୍ଷ କିମ୍ବା ଶିଳାଖଣ୍ଡକୁ ଗ୍ରାମ୍ୟ ଦେବୀ ଅଥବା ମୁଖ୍ୟ ଆରାଧ ଦେବ ଭାବରେ ପୂଜା କରିଆସିଛନ୍ତି। କେବଳ ଏତିକି ନୁହେଁ ଭୂମିଆ ସଂସ୍କୃତିର ପ୍ରତିଟି ପୂଜାପର୍ବଣରେ ଏହି ପ୍ରକୃତିର ସ୍ଥିତି ସହଜରେ ଅନୁମେୟ। ପ୍ରତିଟି ଭୂମିଆ ଗ୍ରାମରେ ଗ୍ରାମ୍ୟଦେବୀ ବା ହୁଣ୍ଡିଦେବୀଙ୍କ ଆସ୍ଥାନ ଗାଁ ମୁଣ୍ଡର ଝଙ୍କାଳିଆ ଗଛମୂଳେ ପ୍ରତିଷ୍ଠିତ ହୋଇଥାଏ। ବିଶ୍ୱାସ ରହିଛି ଗ୍ରାମର ଭଲ ମନ୍ଦ ସୁଖଦୁଃଖରେ ହୁଣ୍ଡି ଠାକୁରାଣୀ ଗାଁ ବାସୀ ପ୍ରତି ସହାୟକ ହୁଅନ୍ତି, ବିଭିନ୍ନ ଜଙ୍ଗଲି ଜୀବଜନ୍ତୁଙ୍କ ନାଁରେ ଭୂମିଆ ପରିବାରର ଗୋତ୍ର ବିଭାଜିତ ହୋଇଥାଏ। ନାଗଗୋତ୍ରୀ ଭୂମିଆ ପରିବାର ନାଗ ଉପାସନା ବା 'ନାଗପେଡ଼ା' କରୁଥିବା ବେଳେ, 'ବାଘଗୋତ୍ରୀ'ମାନେ 'ବାଘପେଡ଼ା' କରିଥାନ୍ତି। ଏହି ସବୁ ଉପାସନା ପଛରେ ଭୂମିଆମାନଙ୍କ ସରଳ ଧର୍ମ ବିଶ୍ୱାସ ହିଁ ବିଦ୍ୟମାନ। ଭୂମିଆଙ୍କ ଧର୍ମ ପରମ୍ପରାରେ କାମିନୀ ଦେବୀଙ୍କ ଗୁରୁତ୍ୱ ମହତ୍ତ୍ୱପୂର୍ଣ୍ଣ। ଜଳକୁ ହିଁ ସାଧାରଣତଃ ଭୂମିଆମାନେ କାମିନୀ ଦେବୀଙ୍କ ରୂପରେ ଗ୍ରହଣ କରନ୍ତି। ଏହି କାମିନୀ ଦେବୀଙ୍କୁ ଜଳଦ୍ୱେୀ, ପାତାଳଦେବୀ, ଝାଙ୍କରଦେବୀ, ସୀଙ୍ଗରାଜ, ଛୋଟବୁଢ଼ୀ, ସାନଭଉଣୀ, ଇତ୍ୟାଦି ନାମରେ ମଧ୍ୟ ପରିଚିତ। ଧାନରୁଆ ଆରମ୍ଭ, ଧାନକାଟିବା ପରେ, ଝିଅ ଗୃହଯୋଗ୍ୟ ହୋଇ ଶୁଦ୍ଧ ଲୁଗା ପରିଧାନ କଲାବେଳେ, ବିବାହ ସମୟରେ, କୋଇଲି ପାଣି ଆଣିବା ବେଳେ , ବୋହୂ ତା'ର ବାପ ଘରକୁ ବାହାଘର ପରେ ପ୍ରଥମଥର ପାଇଁ ଯାଇ ଲୁଗା ସଫା କରିବାବେଳେ (ହାଣ୍ଡି ବାହୁଡାଣି), ଯେକୌଣସି ଯାତ୍ରା ବା ପରବର ଆରମ୍ଭ ସମୟରେ କାଦୁଅ ଖେଳ ଖେଳିବାବେଳେ, ମଣିଷର ମୃତ୍ୟୁ ଆଦି ସବୁ କାର୍ଯ୍ୟରେ କାମିନୀ ଦେବୀଙ୍କ ପୂଜା କରିବାର ବିଧି ରହିଅଛି।ପାହାଡ଼, ଡଙ୍ଗର, ଗଛଲତା, ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ, ଆଦିଙ୍କୁ ଭୂମିଆମାନେ ମଧ୍ୟ ଉପାସନା କରନ୍ତି। ସୂର୍ଯ୍ୟ ସକଳ ଶକ୍ତିର ଆଧାର ଏହା କେବଳ ଆର୍ଯ୍ୟମାନଙ୍କର ବିଶ୍ୱାସ ନୁହେଁ; ଅଧିକନ୍ତୁ ଭୂମିଆମାନଙ୍କର ମଧ୍ୟ ବିଭିନ୍ନ ରୋଗ, ବ୍ୟାଧି, ଦୁଃଖ, କପଟରୁ ମୁକ୍ତି ପାଇଁ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷେତ୍ରଙ୍କୁ ଗଭୀର ଧର୍ମବିଶ୍ୱାସ ସହ ଉପାସନା କରନ୍ତି। ଏମାନଙ୍କ ଲୋକଧର୍ମରେ ଦିଶାରୀ ଓ ଗୁରୁମାଇଙ୍କ ସ୍ଥିତି ଖୁବ୍ ଗୁରୁତ୍ୱପୂର୍ଣ୍ଣ। ପ୍ରତିଟି ପୂଜା ପର୍ବ ପର୍ବାଣୀରେ ଦିଶାରୀ ହିଁ ସମସ୍ତ ପ୍ରକାର ବିଧିବିଧାନ ନିତି ନିୟମ ସଂପର୍କରେ ସୂଚନା ଦେବା ସହ ପୂଜା ଆରାଧନା କରାଯାଏ। ଏପରିକି ଉକ୍ତ ପୂଜା, ଉପାସନା ପଛରେ କେଉଁଭଳି ଉଦ୍ଦେଶ୍ୟ ଓ ବିଶ୍ୱାସ ନିହିତ ସେହି ସଂପର୍କରେ ଦିଶାରୀ ହିଁ ସମସ୍ତଙ୍କୁ ଅବଗତ କରାଇଥାଏ।

### ନୃତ୍ୟ ଓ ସଙ୍ଗୀତ:

ଭୂମିଆ ମଣିଷ କେବଳ ସରଳ ଧର୍ମ ବିଶ୍ୱାସୀ ନୁହେଁ ବରଂ

କଳାପ୍ରିୟ। ଏମାନଙ୍କ ଜୀବନକୁ ସରସ ସୁନ୍ଦର ଓ ଦିପ୍ତ କରିବାରେ ଏହି ନୃତ୍ୟ ସଙ୍ଗୀତ ଖୁବ୍ ଗୁରୁତ୍ୱପୁର୍ଣ୍ଣ। ଏମାନେ କ୍ଷୁଧା-ତୃଷ୍ଣା ସହ୍ୟ କରି ପାରନ୍ତି, କିନ୍ତୁ ସଙ୍ଗୀତ ବିନା ଏମାନଙ୍କ ଜୀବନ ବ୍ୟର୍ଥ ଓ ନିରସ। ଭୂମିଆମାନଙ୍କ ପାଇଁ ନୃତ୍ୟ-ଗୀତ ଯେ କେବଳ ଆମୋଦ ପ୍ରମୋଦ ପାଇଁ ଉଦ୍ଧିଷ୍ଟ ତାହା ନୁହେଁ;ଅଧିକନ୍ତୁ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଏଗୁଡ଼ିକ ଏକ ଏକ ଅଭିନ୍ନ ଅଙ୍ଗ। ଭୂମିଆମାନଙ୍କର ଜୀବନ ଚକ୍ରର ପ୍ରତ୍ୟେକ ପର୍ଯ୍ୟାୟ ଯଥା: ସନ୍ତାନଜନ୍ମ, ନାମକରଣ, ନିର୍ବନ୍ଧ,ବିବାହ, ଖେଳ, କସରତ, ଦଶାହ ଆଦିସାମାଜିକ ଉତ୍ସବାନୁଷ୍ଠାନ ନୃତ୍ୟ-ଗୀତ ବିନା ଅସମ୍ପୂର୍ଣ୍ଣ। ଏହିଭଳି କୃଷି କର୍ମ ଶିକାର ଆଦି କାର୍ଯ୍ୟ କରିବା ସମୟରେ ମଧ୍ୟ ଭୂମିଆମାନେ ବିଭିନ୍ନ ସଙ୍ଗତର ଆଶ୍ରୟ ନିଅନ୍ତି। ଏହି ନୃତ୍ୟ-ସଙ୍ଗୀତଗୁଡ଼ିକ ମୁଖ୍ୟତଃ ସାମୂହିକ ଭାବେ ଗାନ ଏବଂ ପରିବେଷଣ କରାଯାଇଥାଏ। ଏପରି କିଛି ଭୂମିଆ ଲୋକଗୀତ ଅଛି ଯାହା ଏକକ ରୂପେ ଗାନ କିମ୍ବା ଆବୃତି କରାଯାଇଥାଏ। ହୁଏତ ଏହି ଲୋକଗୀତଗୁଡ଼ିକରେ ଶାସ୍ତ୍ରୀୟତା ନଥାଇପାରେ। କିନ୍ତୁ ଭୂମିଆ ଲୋକଜୀବନର ପ୍ରାଣପୂର୍ଣ୍ଣ ଭାବରାଜିକୁ ବ୍ୟକ୍ତ କରିବାରେ ବେଶ୍ ସମର୍ଥ। ଆଲୋଚ୍ୟ ଲୋକଗୀତର ସେଭଳି ନିର୍ଦ୍ଧିଷ୍ଟ ସ୍ରଷ୍ଟା ନଥାନ୍ତି। ପାରିପାର୍ଶ୍ୱିକ ଅବସ୍ଥା, ଅଙ୍ଗନିଭା ଅନୁଭୂତି ସ୍ୱରରେ ସ୍ୱରରେ ଅଭିବ୍ୟକ୍ତ ହୋଇଯାଏ। ସେତେବେଳେ ତାହା ସଙ୍ଗୀତର ରୂପ ନିଏ। ସ୍ୱର, ଛନ୍ଦ ନିର୍ଭର କରେ ଗାୟକ ଉପରେ। ଭୂମିଆ ସମାଜ ହିଁ ଏହି ଲୋକଗୀତଗୁଡ଼ିକର ପ୍ରଧାନ ଲୀଳାଭୂମି। ବିଭିନ୍ନ ଅବସ୍ଥା ଏବଂ ନାନା ପ୍ରସଙ୍ଗରେ ଏହି ଲୋକଗୀତଗୁଡ଼ିକ ଗାନ କରାଯାଇଥିବାରୁ ଏହି ସବୁର ରୂପ ମଧ୍ୟ ଭିନ୍ନଭିନ୍ନ ହୋଇଥାଏ। କେତେବେଳେ ଏହି ଗୀତଗୁଡ଼ିକରେ ଯୁଗ ସୁଲଭ ରସିକତା ପ୍ରକାଶିତ ହୁଏତ, ଆଉକେତେବେଳେ ନିଜ ଆରାଧ୍ୟଙ୍କ ପ୍ରତି ଭକ୍ତିପୂର୍ଣ୍ଣ ଭାବ ନୈବେଦ୍ୟ ଝରିଯାଏ। ଅନୁରୂପ ଭାବେ କିଛି ଭୂମିଆ ଗୀତ ଉକ୍ତି ପ୍ରତିଉକ୍ତିମୂଳକ ମଧ୍ୟ ହୋଇଥାଏ। ସବୁଥିରେ ଥାଏ ସରଳ ଭୂମିଆ ମଣିଷର ନିଛକ ଜୀବନଚିତ୍ର। ଏହି ଲୋକଗୀତଗୁଡ଼ିକ ଗାନ କରିବାରେ ଯେଉଁ ନାରୀ ଓ ପୁରୁଷ ଉତ୍ତମ ଦକ୍ଷତା ହାସଲ କରିଥାନ୍ତି, ସେମାନଙ୍କୁ ଗୀତ୍ କୁଡ଼ିଆଣୀ ଓ ଗୀତ୍ କୁଡ଼ିଆ ଭାବରେ ନାମିତ କରାଯାଇଥାଏ। ଭୂମିଆ ପୁରାଣ ଶାସ୍ତ୍ର; ଗୀତା, ଭାଗବତ ଆଦିର ଜ୍ଞାନ ଦର୍ଶନ ନଜାଣି ଥାଇପାରେ, କିନ୍ତୁ ଜନ୍ମ ମୃତ୍ୟୁର ଚିରନ୍ତନ ସତ୍ୟକୁ ଭଲଭାବେ ବୁଝିଛି। ନଶ୍ୱର ଜୀବନର ଅଳିକତାକୁ ଆପଣାଭାଷାରେ ଗୀତ ଭାଙ୍ଗି ଗାଇ ହୁଏ। ଯେମିତିକି –

"ତ୍ରିଦେବ କାନ୍ଦାଲ ମାୟାମଣ୍ଡଳ ମଞ୍ଚପୁରେ ଖେଡ଼ଘର
ଯମର ଜୀବନ ଯମ ବାନ୍ଧିନେଲେ
ମଶାନେ ପଡ଼ିସି ହାଡ୍
ନାନା ରସବତୀ ବଲାରେ ମାଲତୀ ମଶାନେ ପଡ଼ିସି ହାଡ୍
ପାଶୁରି ଦେଲୁ କାଇ ଚନ୍ଦରମା ବଦନୀ
କଠେରେ ଜୀବନ ତୋର
ମୁଇଁ କେନ୍ଦୁଗୁଡ଼ିଆ ତୋର ପାଖେ ଆଇସିରେ
ଏ ଗୀତ କୁଡ଼ିଆନୀ ଜୀବନ ସତୋଷ କର।"

(ଭୂମିଆ ଗୀତ: ବାନ୍ତୁଆଗୁଡ଼ା)

ଅର୍ଥାତ୍, ତିନିପୁର ମଧ୍ୟରେ ମର୍ତ୍ତ୍ୟ ହେଉଛି ମାୟାମଣ୍ଡଳ। ମର୍ତ୍ତ୍ୟ ଏକ ଖେଳଘର, ଜୀବନଟା ଯମର କାକୁଡ଼ିବାଡ଼। ଯମ ବାନ୍ଧି ନେଇଗଲେ କେବଳ ଶ୍ମଶାନରେ ପଡ଼ିରହିବ କେତେ ଖଣ୍ଡ ହାଡ଼। ହେ ରସବତୀ, ତୁ ମାଳତି ଫୁଲପରି, ଶ୍ମଶାନରେ ହାଡ ପଡିରହିବା। ହେ ଚନ୍ଦ୍ରମୁଖୀ, ତୋର କାଠର ଜୀବନ, ମୋତେ ପାଇ ତୋର ଜୀବନକୁ ସନ୍ତୋଷ କର।

ଭୂମିଆ ନରନାରୀ ଦୈନନ୍ଦିନ ଜୀବନ ପାଇଁ କେବଳ କଠିନ ପରିଶ୍ରମ କରନ୍ତି ନାହିଁ,ସୁଯୋଗ ପାଇଲେ ରସିକତା କରିବାରେ ଆଦୌ ସଙ୍କୋଚ କରିନଥାଏ। ବିଭିନ୍ନ ପର୍ବପର୍ବାଣୀ ସାମାଜିକ ଉତ୍ସବ ଓ ବାଲିଯାତ୍ରା ଭଳି ଆସରରେ ଭୂମିଆ ଧାଙ୍ଗଡ଼ା ଧାଙ୍ଗଡ଼ି ଆପଣା ଜୀବନ ସାଥୀ ଚୟନ ପାଇଁ ତତ୍ପର ହୋଇଉଠେ। ଯାତ୍ରାର ଆସର ମନଦିଆନିଆର ଅବସରରେ ପରିଣତ ହୁଏ।ଧାଙ୍ଗଡ଼ା ଧାଙ୍ଗଡ଼ିର ରୂପଗୁଣ, ଗୀତ ମାଧ୍ୟମରେ ପ୍ରଶଂସା କରି ଧାଙ୍ଗଡ଼ି ଠାରୁ ପ୍ରତ୍ୟୁକ୍ତି ମୂଳକ ଗୀତ ଶୁଣିଲେ ଉଭୟଙ୍କ ମଧ୍ୟରେ ମୁଦି ଦିଆନିଆ କିପରି ହୋଇଥାଏ। ତାହା ଲକ୍ଷ୍ୟ କରନ୍ତୁ –

"ଆମେ ଧାଙ୍ଗଡ଼ାରାଶି ବିସାର କରୁ
ମୁଦିଁ ମାଗିବାକେ ଯିବା ବୋଇଲୁ
ଇଟି ଟିଆଁ ସିଟି ଟିଆଁ
ତମର ହାତେ ଅଛେ ରତନ ହୀରା ମୁଦିଁ
ଆମକେ ହସାଇ ଖେଲାଦିଆ।"

(ଭୂମିଆ ଗୀତ: ଗାଡ଼ ଗୁଣ୍ଡାଲ)

ଅର୍ଥାତ୍, ଆମେ ଯୁବକମାନେ ମୁଦି ମାଗିବାକୁ ମନସ୍ଥ କରିଛୁ। ଆମେ ଏଇଠି ସେଇଠି ଠିଆହୋଇ ଦେଖିଲୁ ଯେ, ତମର ହାତରେ ରତ୍ନହୀରା ମୁଦିଅଛି। ଆମକୁ ହସାଇ ଖେଳାଇ ଯୁବକମାନେ ଗୀତ ମାଧ୍ୟମରେ ମୁଦିମାଗି ନିଜ ମନୋଭାବ ବ୍ୟକ୍ତ କରିବାପରେ ଯୁବତୀମାନେ ସମ୍ମତି ପ୍ରଦାନ ପୂର୍ବକ ନିଜ ଗ୍ରାମକୁ ନିମନ୍ତ୍ରଣ କରି କହନ୍ତି –

"ପରବତ ଶିଖରେ ଫୁଲ ଫୁଟି ଅଛେ ଚଅଟି ଗଲାବାସ୍
ତ୍ରିବେନି ଜଲରେ ହଂସ ଖେଲୁଅଛେ
ନଏଁ ନିରଜ ଦିବସ
ମୁଦି ମାଗିଁବୁ ବୋଇଲେ ମୁଦ୍ଇଁ ନା ଆନୁ
ଧୁଙ୍ଗିଆ ମାଗିଁବୁ ବୋଇଲେ ଧୁଙ୍ଗିଆ ନା ଆନୁ
ଗୀତ ମାଗିଁବୁ ବୋଇଲେ ପଦ ନା ଆନୁ
ତମେ ଆସା ଆମର ଗାଉଁ।" (ଭୂମିଆ ଗୀତ : ଗାଡ଼ଗୁଣ୍ଡାଲ)

ଅର୍ଥାତ୍, ପର୍ବତ ଶିଖରରେ ଫୁଲ ଫୁଟି ଅଛି । ତା'ର ବାସ୍ନା ଚହଟି ଗଲାଣି । ତ୍ରିବେଣୀ ଜଳରେ ହଂସ ଖେଳୁଛି, ନିରୋଳା ଦିନ ନୁହେଁ, ମୁଦି ମାଗିବ ମୁଦି ଆଣିବୁ, ଧୂଆଁପତ୍ର ମାଗିଲେ ଧୂଆଁପତ୍ର ଆଣିବୁ । ଗୀତ ମାଗିଲେ ପଦ ଆଣିନୁ । ତୁମେ ଆମର ଗାଆଁକୁ ଆସ ।

ଉପରୋକ୍ତ ହାତଗଣତି କେତୋଟି ଭୂମିଆ ଲୋକଗୀତ ଆଧାର କରି ସଂପୂର୍ଣ୍ଣ ଭୂମିଆ ଗୀତ ଆକଳନ କରିବା ସମ୍ଭବ ନୁହେଁ । ଜୀବନର ପ୍ରତିଟି ସୋପାନରେ ସଙ୍ଗୀତର ମଧୂର ମୂର୍ଚ୍ଛନା ସହଜରେ ଶୁଣିବାକୁ ମିଳେ । ଆମେ ଜାଣୁ ଚାଷ ହିଁ ଏମାନଙ୍କର ପ୍ରଧାନ ବେଉସା । ବଳଦ ଯୋଚି ହଳ କଲାବେଳେ, ଧାନ ପଲା ରୋଇବା ବେଳେ, ଅଥବା ଧାନକଟାବେଳେ ସବୁଠି ଭୂମିଆ ଗୀତର ମଧୁର ଗୁଞ୍ଜନ କର୍ମ କ୍ଳାନ୍ତ ମଣିଷକୁ ସାମାନ୍ୟ ଆଶ୍ୱସ୍ତି ଦିଏ । ଗୀତ ସହ ନାଚକୁ ଏମାନେ ଆଦୌ ଭୁଲନ୍ତି ନାହିଁ । ଯେକୌଣସି ସାଂସ୍କୃତିକ ଉତ୍ସବ ଅବସରରେ ଭୂମିଆ ନରନାରୀ ଢୋଲ ମହୂରିର ତାଳେ ତାଳେ ନାଚି ଉଠନ୍ତି । ନାରୀ ପୁରୁଷ ଏକତ୍ରିତ ହୋଇ ଧାଡ଼ି ବାନ୍ଧି ଢେମ୍‌ସା ନାଚରେ ନିଜକୁ ହଜାଇ ଦିଅନ୍ତି । ଢୋଲ, ମହୂରି, ଝମକ (ଝୁଡୁବୁଡ଼ି) ଆଦି ବାଦ୍ୟଯନ୍ତ୍ରକୁ ଭୂମିଆମାନେ ନାଚିବା ବେଳେ ବାଦନ କରାଯାଏ । ବାଟ କଡ଼ାଣୀର ପାଦକୁ ଅନୁସରଣ କରି ଅନ୍ୟ ନୃତ୍ୟକାରୀମାନେ ବାଦ୍ୟର ତାଳେ ତାଳେ ଝୁମି ଉଠନ୍ତି ।

**ଉପସଂହାର :**

ଏହି ସରଳ ଭୂମିଆ ବନବାସୀଙ୍କ ନୃତ୍ୟ ସଙ୍ଗୀତରେ ଆଧୁନିକତାର ଆଡ଼ମ୍ବର ନଥାଇପାରେ କିନ୍ତୁ ଆପଣା ଜୀବନକୁ ଉପଭୋଗ କରିବାର ଯଥେଷ୍ଟ ଖୋରାକ୍ ରହିଛି । ବିଭିନ୍ନ ପ୍ରାକୃତିକ ଉପାଦାନ ସାହାଯ୍ୟରେ ଆପଣାଗୃହ ଓ ଅନ୍ୟାନ୍ୟ ସ୍ଥାନରେ ନିପୁଣ ଚିତ୍ରକଳାର ପରାକାଷ୍ଠା ଯେକୌଣସି ଭୂମିଆ ଗ୍ରାମରେ ସହଜରେ ଦେଖିହୁଏ । ଅନ୍ୟାନ୍ୟ ଜନସଂପ୍ରଦାୟ ଭୂମିଆ ଭାଷାରେ ମଧ ଏକାଧିକ ଲୋକକାହାଣୀ ଏବଂ ଲୋକବାଣୀ ପ୍ରଚଳିତ । ସେହି ସବୁର ଅନୁସନ୍ଧାନ ଏବଂ ବୈଜ୍ଞାନିକ ଗବେଷଣା ବର୍ତ୍ତମାନ ସମୟ ପାଇଁ ବହୁତ ବଡ଼ ଆହ୍ୱାନ । କାରଣ ଆଧୁନିକ ସମାଜର ବହୁଳ ପ୍ରସାର ଏବଂ ପ୍ରଭାବ ହେତୁ ବହୁ ପାରମ୍ପରିକ ଭୂମିଆ ଲୋକକଳା ଆଜି ସମୟ ଗର୍ଭରେ ନିଶ୍ଚିହ୍ନ ହେବାକୁ ବସିଛି । ସେଗୁଡ଼ିକର ପୁନରୁଦ୍ଧାର ଓ ସଠିକ୍ ସଂରକ୍ଷଣ ଆମର ନୈତିକ ଦାୟିତ୍ୱ ନୁହେଁକି ? ଆସନ୍ତୁ ଏକତ୍ରିତ ହୋଇ ଅଗଣିତ ବନବାସୀମାନଙ୍କ ହଜିଯାଇଥିବା ସଂସ୍କୃତିକୁ ବଞ୍ଚେଇ ରଖିବ ଏବଂ ସେମାନଙ୍କ ପରମ୍ପରା ପ୍ରତି ସମ୍ମାନ ପ୍ରଦାନ କରିବା ।

**ସହାୟକ ଗ୍ରନ୍ଥସୂଚୀ :**

୧. କୋରାପୁଟ ଆଦିବାସୀ ଲୋକ ସଂସ୍କୃତି –ଡକ୍ଟର ରାଜେନ୍ଦ୍ର ପାଢ଼ୀ
୨. ସ୍ମରଣିକା - ଜିଲ୍ଲା ସଂସ୍କୃତି ପରିଷଦ, କୋରାପୁଟ
୩. ପରବ - ଜିଲ୍ଲା ସଂସ୍କୃତି ପରିଷଦ, କୋରାପୁଟ

**ସାକ୍ଷାତକାର ଓ ତଥ୍ୟସଂଗ୍ରହ :**

୧. ସୁନାଧର - ଗାଡ଼ଗୁଣ୍ଡାଲ
୨. ଗୁରୁବାରୀ - ବାନୁଆଗୁଡ଼ା
୩. ଫୁଲମତୀ - ଦଶମନ୍ତ ପୁର
୪. ଖାତିଗୁଡ଼ା - ନବରଙ୍ଗପୁର

❖ ❖ ❖

DOI : https://doi.org/10.5281/zenodo.14835219 ମୂଳ ପ୍ରବନ୍ଧ

# ପଲ୍ଲୀକବିଙ୍କ ନାନାବାୟା ଗୀତର ଶିଶୁ ମନସ୍ତାତ୍ତ୍ୱିକ ଅଧ୍ୟୟନ

**ବସନ୍ତ କିଶୋର ସାହୁ**

**ସଂକ୍ଷିପ୍ତସାର :**

ଶିଶୁ ସାହିତ୍ୟର ସଂଜ୍ଞା ଅତି ବ୍ୟାପକ । ଏହାକୁ ବଡମାନେ ଲେଖିବେ ଓ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କମାନେ ପଢ଼ିବେ ଓ ସେଥିରୁ ନିର୍ମଳ ଆନନ୍ଦ ଲାଭ କରିବେ । ଓଡ଼ିଆ ସାହିତ୍ୟରେ ଶିଶୁ ସାହିତ୍ୟ ଏକ ଅର୍ବାଚୀନ କଳା । ଉନବିଂଶ ଶତାବ୍ଦୀରେ ପାଠ୍ୟ ପୁସ୍ତକ ମାଧ୍ୟମ ଦେଇ ଏହା ଓଡ଼ିଆ ସାହିତ୍ୟରେ ନିଜର ସ୍ଥିତିକୁ ସୁଦୃଢ଼ କରିଛି । ଇଂରାଜୀ Nursery Songs ବା Lulaaby Songs ପରି ଓଡ଼ିଆରେ କୌଣସି ପୁସ୍ତକ ନଥିଲା । ପଲ୍ଲୀକବି ନନ୍ଦକିଶୋର ସେହିପରି ଏକ ପୁସ୍ତକ ରଚନା କରିବାକୁ ସଂକଳ୍ପ କଲେ ଓ ତାକୁ ଚାରିରୁ ପାଞ୍ଚ ଘଣ୍ଟା ମଧ୍ୟରେ ରଚନା କରି ତାର ନାମ 'ନାନାବାୟା ଗୀତ' ରଖିଲେ । ପୁସ୍ତକଟି ୧୯୧୫ ମସିହାରେ ପ୍ରଥମେ ପ୍ରକାଶ ପାଇ ଜନପ୍ରିୟ ହୋଇ ପାରିଥିଲା । ତତ୍ ସହିତ ଶିଶୁ ମନସ୍ତତ୍ତ୍ୱ ହେଉଛି ସାଧୀନୋତ୍ତର କାଳର ସୃଷ୍ଟି । ଶିଶୁ ମନସ୍ତତ୍ତ୍ୱ ହେଉଛି ଶିଶୁ ମନରେ ଘଟୁଥିବା ସମସ୍ତ କ୍ରିୟା ପ୍ରକ୍ରିୟା ଅର୍ଥାତ୍ ତାର ହସ,କାନ୍ଦ, ରାଗ, ରୁଷା, ଅଭିମାନ, କଳ୍ପନା ଓ ସ୍ୱପ୍ନ । ବୟସ୍କମାନେ ଭାବନ୍ତି ଶିଶୁ ହେଉଛି ବୟସ୍କ ବ୍ୟକ୍ତିର କ୍ଷୁଦ୍ର ସଂସ୍କରଣ । କିନ୍ତୁ ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ୍ । ଯେଉଁ ଶିଶୁ ସାହିତ୍ୟରେ ଶିଶୁ ମନସ୍ତତ୍ତ୍ୱର ସମସ୍ତ କ୍ରିୟା ପ୍ରକ୍ରିୟା ସଫଳ ଭାବରେ ପ୍ରକାଶିତ ହୋଇଥାଏ ଶିଶୁ ତାକୁ ଆଗ୍ରହର ସହିତ ପାଠ କରି ନିର୍ମଳ ଆନନ୍ଦ ଲାଭ କରିଥାଏ । ଏହି ଶିଶୁ ମନସ୍ତତ୍ତ୍ୱ ସାଂପ୍ରତିକ କାଳର ସୃଷ୍ଟି ହେଲେ ହେଁ ପଲ୍ଲୀକବି ନନ୍ଦକିଶୋରଙ୍କ ରଚନାରେ ଏହାର ସ୍ୱରୂପ କିପରି ରହିଛି ତାହା ବିଭିନ୍ନ ଉଦାହରଣ ମାଧ୍ୟମରେ ନିମ୍ନ ଆଲୋଚନାରେ ଦର୍ଶାଇ ଦିଆଯାଇ ପ୍ରମାଣ କରାଯାଇଛି ।

**ପ୍ରମୁଖ ଶବ୍ଦାବଳୀ :**

ନାନାବାୟାଗୀତ, ଶିଶୁ ମନସ୍ତତ୍ତ୍ୱ, ଶିଶୁ ପରିବେଶ, ପରିଚୟବୋଧ ଓ ଧାରଣା, ଶିଶୁ ବିଶ୍ୱାସ, କଳ୍ପନା, ମୌଖିକ ଶିଶୁ ସାହିତ୍ୟ

ଉନବିଂଶ ଶତାବ୍ଦୀରେ ଯେଉଁମାନେ ଓଡ଼ିଆ ଭାଷା ସାହିତ୍ୟରେ ଲେଖନୀ ଚାଳନା କରି ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରିବାରେ ସଫଳ ହୋଇଥିଲେ ସେମାନଙ୍କ ମଧ୍ୟରେ ପଲ୍ଲୀକବି ନନ୍ଦକିଶୋର ଅନ୍ୟତମ । ରାଧାନାଥ ପାଶ୍ଚାତ୍ୟ ସାହିତ୍ୟ, ଗଙ୍ଗାଧର ପ୍ରାଚ୍ୟ ସାହିତ୍ୟ ଓ ଭକ୍ତକବି ମଧୁସୂଦନ ବିଭୁ କୃପାକୁ ନେଇ ସାହିତ୍ୟ ସର୍ଜନା କରୁଥିବା ବେଳେ ନନ୍ଦକିଶୋର ପଲ୍ଲୀମାଟିରୁ ପଲ୍ଲୀ ଲୋକଙ୍କ ମୁଖରୁ ଛାଣି ଆଣିଥିଲେ ତାଙ୍କ କାବ୍ୟ କବିତାର ଭାବ ସମ୍ପଦ । ଲୋକମୁଖରେ ପ୍ରଚଳିତ ଅନେକ ଲୋକଗୀତକୁ ସେ ନିଜ କାବ୍ୟକବିତାରେ ପ୍ରୟୋଗ କରି ସଫଳ ହୋଇଥିଲେ । ଅପାଂକ୍ତେୟ ଭାବରେ ପଡି ରହିଥିବା ଗାଆଁ ନଈ, ହାଟ,ବାଟ, ଘାଟ, ତୁଠ, ଗ୍ରାମ ଚାଟଶାଳୀ, ଶଶ୍ମାନ ଠାରୁ ଆରମ୍ଭ କରି ନିଜ ଗାଆଁର ଚାରୁଚିତ୍ରକୁ ସେ ସୁନ୍ଦର ଓ ସାବଲୀଳ ଭାବରେ ତାଙ୍କ କବିତାରେ ରୂପାୟିତ କରିଛନ୍ତି ।

ନାନାବାୟା ଗୀତ (୧୯୧୫) ପ୍ରକାଶ ପୂର୍ବରୁ ତାଙ୍କର ବିଭିନ୍ନ ରଚନାରେ ଏହାର ସ୍ୱରୂପ ପ୍ରକାଶ ପାଇଥିଲା । ଏ କଥା ମଧ୍ୟ କବି 'ପ୍ରଭାତ ସଙ୍ଗୀତ' ପୁସ୍ତକ ମୁଖବନ୍ଧରେ ସ୍ୱୀକାର କରି ଲେଖିଛନ୍ତି- 'ଭଲ ହେଉ ବା ମନ୍ଦ ହେଉ ମୁଁ ଯେଉଁ ଓଡ଼ିଆ ପଦ୍ୟ ଗୁଡ଼ିଏ ଲେଖିଅଛି ତହିଁରେ ଶୈଶବ ସ୍ମୃତି ଜଡିତ ରହିଅଛି ।' କଟକ ଅବସ୍ଥାନ କାଳରେ

**ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ**

**Quick Response Code:**

**Available online at :** https://pracheenews.com/

**DOI:** https://doi.org/10.5281/zenodo.14835219
Article No - BPP00253

**ଯୋଗାଯୋଗ :**
**ଡକ୍ଟର ବସନ୍ତ କିଶୋର ସାହୁ, ଅବସରପ୍ରାପ୍ତ ଅଧ୍ୟାପକ, ସାହିତ୍ୟିକ ଓ ଶିକ୍ଷାବିତ୍, କୁସୁପୁର, କୁଆଁପାଳ-୭୫୪୨୦୪, କଟକ**
**Email :** basantasahoo57@gmail.com
**ORCID ID :** https://orcid.org/0009-0009-8163-4649

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୫.୯.୨୦୨୪ | ୧୦.୧୦.୨୦୨୪ | ୨୫.୧୧.୨୦୨୪ | ୧.୦୧.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାହୁ, ବସନ୍ତ କିଶୋର; ୨୦୨୫ । : ପଲ୍ଲୀକବିଙ୍କ ନାନାବାୟା ଗୀତର ଶିଶୁ ମନସ୍ତାତ୍ତ୍ୱିକ ଅଧ୍ୟୟନ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା :ଡ଼; ପୃଷ୍ଠା :୧୭-୨୨।

ସେ 'ନାନାବାୟା ଗୀତ' ପୁସ୍ତକଟି ମାତ୍ର ଚାରି ପାଞ୍ଚ ଘଣ୍ଟା ମଧ୍ୟରେ ସୃଷ୍ଟି କରିଥିଲେ ବୋଲି ତାଙ୍କର ବନ୍ଧୁ ସୂର୍ଯ୍ୟମଣି ଜେନା 'ନନ୍ଦ କିଶୋର ଗ୍ରନ୍ଥାବଳୀର ମୁଖବନ୍ଧରେ ଲେଖିଛନ୍ତି । ଇଂରାଜୀ Nursery Songs ବା Lulaaby Songsର କୌଣସି ଓଡ଼ିଆ ରୂପାନ୍ତର ତାଙ୍କ ସମୟରେ ନଥିଲା । ତତ୍ ସହିତ ତାଙ୍କ ସମୟରେ ପିଲାଙ୍କ ପାଇଁ କୌଣସି ସ୍ୱତନ୍ତ୍ର ପୁସ୍ତକ ନଥିବା ସେ ଅନୁଭବ କରିଥିଲେ । ସୂର୍ଯ୍ୟମଣି ଜେନା ଲେଖିଛନ୍ତି– "ଦିନେ ଶିଶୁଙ୍କ ମନୋରଞ୍ଜନ ନିମିତ୍ତ ଖଣ୍ଡିଏ ଶିଶୁ ସଙ୍ଗୀତ ରଚନାର ସଂକଳ୍ପ କଲେ । କିନ୍ତୁ ତାଙ୍କର ଅଧ୍ୟବସାୟ ଏତେ ଦୃଢ଼ ଯେ ସେ ସେହିକ୍ଷଣି କାଗଜ କଲମ ଧରି ଲେଖିବାକୁ ବସିଗଲେ । ଗାଧୁଆ ନାହିଁ, ଖାଇବା ନାହିଁ, ପିଇବା ନାହିଁ ଦିନ ଦଶଟାରୁ ତିନିଟା ଯାଏଁ ବସି ଚାରି ପାଞ୍ଚ ଘଣ୍ଟା ଭିତରେ ନାନାବାୟା ଗୀତ ପୁସ୍ତକଟି ଶେଷ କଲେ ।" ଅର୍ଥାତ୍ ନନ୍ଦକିଶୋର ମାତ୍ର ଚାରି ପାଞ୍ଚ ଘଣ୍ଟା ମଧ୍ୟରେ "ନାନାବାୟା ଗୀତ"ଶିଶୁ କବିତା ପୁସ୍ତକ ରଚନା କରି ଏକ ଇତିହାସ ସୃଷ୍ଟି କରିଛନ୍ତି । ଏହି ପୁସ୍ତକଟିରେ ୫୦ଟି କବିତା ସ୍ଥାନ ପାଇଛି ଓ ଏହା ଦୁଇ ଭାଗରେ ବିଭକ୍ତ । ଆହୁରି ମଧ୍ୟ ସୂର୍ଯ୍ୟମଣି ଜେନା ଲେଖିଛନ୍ତି । "ଚାରି ପାଞ୍ଚ ଘଣ୍ଟା ମଧ୍ୟରେ ଏହା ଲେଖା ହୋଇଥିଲେ ସୁଦ୍ଧା ଅନେକ ଗୁଡ଼ିଏ କବିତା ଅତି ଉଚ୍ଚକୋଟୀର ଏବଂ ତନ୍ମଧ୍ୟରୁ ଅନେକ କବିତା କଲିକତା ବିଶ୍ୱବିଦ୍ୟାଳୟର ପ୍ରକାଶିତ ପାଠ୍ୟପୁସ୍ତକ (ସ୍ୱର୍ଗତ ବିଜୟଚନ୍ଦ୍ର ମଜୁମଦାରଙ୍କ ସମ୍ପାଦିତ) ଓଡ଼ିଆ 'ସାହିତ୍ୟ ସଂଗ୍ରହ'ରେ ବିଶିଷ୍ଟ ସ୍ଥାନ ପାଇଅଛି ।

ନନ୍ଦକିଶୋର ଉତ୍କଳମଣି ଗୋପବନ୍ଧୁଙ୍କର ସମସାମୟିକ ଥିଲେ ଓ ତାଙ୍କ ଘନିଷ୍ଠ ସମ୍ପର୍କରେ ଆସିଥିଲେ । ଗୋପବନ୍ଧୁ ମଧ୍ୟ ତାଙ୍କ ଡଗରପଡା ବାସଭବନକୁ ଆସୁଥିଲେ ବୋଲି ସୂର୍ଯ୍ୟମଣି ଜେନା ଲେଖିଛନ୍ତି । ଏହା ବ୍ୟତୀତ କବିବର ରାଧାନାଥ ଶିକ୍ଷାବିଭାଗର ଇନିସ୍‌ପେକ୍ଟର ଥିଲା ସମୟରେ ସେ ଛାତ୍ର ଥିଲେ । ଛାତ୍ରବସ୍ଥା ତଥା କର୍ମ ଜୀବନରେ ସେ ଭକ୍ତକବି ମଧୁସୂଦନ, ସ୍ୱଭାବକବି ଗଙ୍ଗାଧର, ବ୍ୟାସକବି ଫକୀରମୋହନ ଓ ବିଶ୍ୱାନାଥ କରଙ୍କ ଘନିଷ୍ଠ ସମ୍ପର୍କରେ ଆସିଥିଲେ । ତାଙ୍କ ସମୟକୁ ଉତ୍କଳ ଗୌରବ ମଧୁସୂଦନ ଖ୍ରୀଷ୍ଟାୟନ ଧର୍ମ ଗ୍ରହଣ କରି ସାରିଥିଲେ । ଭକ୍ତକବି ମଧୁସୂଦନ ଓ ବିଶ୍ୱାନାଥ କର ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ । ବ୍ରାହ୍ମଧର୍ମାବଲମ୍ବୀ ମାନେ ଓଡ଼ିଆ ଭାଷା ସାହିତ୍ୟକୁ ଭଲ ପାଉଥିଲେ ହେଁ ବଙ୍ଗଳା ଉପାସନା ପଦ୍ଧତି ଗ୍ରହଣ କରିବା ସହିତ ବଙ୍ଗାଳୀ ରମଣୀଙ୍କୁ ବିବାହ କରୁଥିଲେ । କାଳେ ନନ୍ଦକିଶୋର ସେମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ବିଧର୍ମୀ ହୋଇଯିବେ ସେଥିପାଇଁ ତାଙ୍କ ପରିବାର ଲୋକ ତାଙ୍କୁ କଟକରୁ ନେଇ କେନ୍ଦ୍ରାପଡା ସ୍କୁଲରେ ପାଠ ପଢ଼ିବା ପାଇଁ ନାମ ଲେଖାଇ ଦେଇଥିଲେ ।

ନନ୍ଦକିଶୋର ଥିଲେ ପଲ୍ଲୀପ୍ରିୟ ମଣିଷ । ତାଙ୍କ ଚେତନ ତଥା ଅବଚେତନ ମନ ତଳେ ସବୁବେଳେ ପଲ୍ଲୀର କଥା, ପଲ୍ଲୀର ମଣିଷ ଓ ସେମାନଙ୍କ ଆଚାର ବିଚାର, ଚାଲିଚଳନ, ରୁଚି କଥା ସ୍ଥାନ ପାଇଥିଲା । ତାଙ୍କ ଅନେକ ପଲ୍ଲୀଗୀତରେ ଶିଶୁରଞ୍ଜନ ବା ଶିଶୁ ମନଛୁଆଁ କବିତା ସ୍ଥାନ ପାଇଥିଲେ ହେଁ ସେ ସ୍ୱତନ୍ତ୍ର ଭାବରେ ଶିଶୁଙ୍କ ପାଇଁ 'ନାନାବାୟାଗୀତ'(୧୯୧୫) ରଚନା କରିଥିଲେ । ପୁସ୍ତକଟି ପ୍ରକାଶ ପାଇବା ପରେ ଜନପ୍ରିୟ ହୋଇ ପାରିଥିଲା । ଏକାଧିକ ସଂସ୍କରଣ ପ୍ରକାଶ ପାଇଥିଲା । ଏହି ଆଲୋଚନାରେ ଯେଉଁ ଉଦାହରଣ ଦିଆଯାଇଛି ତାହା ୬ଷ୍ଠ ସଂସ୍କରଣରୁ ଗୃହୀତ ହୋଇଛି । (୧୯୩୪, ମୂଲ୍ୟ ୬ ଅଣା) ଏଥିରୁ ପୁସ୍ତକଟିର ଲୋକପ୍ରିୟତା ସମ୍ପର୍କରେ ଅବହିତ କରିହେବ । ଏହି ଆଲୋଚନାରେ ଉକ୍ତ ପୁସ୍ତକରେ କିପରି ଶିଶୁ ମନସ୍ତତ୍ତ୍ୱ ରହିଛି ତାହା ଆଲୋଚନା କରାଯାଉଅଛି ।

ପୂର୍ବରୁ କୁହାଯାଇଛି ଯେ ନନ୍ଦକିଶୋର ତାଙ୍କ ନାନାବାୟାଗୀତ ପୁସ୍ତକଟି ମାତ୍ର ଚାରି ପାଞ୍ଚ ଘଣ୍ଟା ମଧ୍ୟରେ ରଚନା କରିଥିଲେ । କାରଣ ମୌଖିକ ଶିଶୁ ସାହିତ୍ୟ ଓ ଶିଶୁ ଉପଯୋଗୀ ଲୋକ ସାହିତ୍ୟରେ ପର୍ଯ୍ୟାପ୍ତ ପରିମାଣରେ ଶିଶୁଙ୍କ ଉପଯୋଗୀ ଗୀତ ରହିଥିଲେ ହେଁ ଶିଶୁଙ୍କ ପାଇଁ କୌଣସି ସ୍ୱତନ୍ତ୍ର ପୁସ୍ତକ ସେ ପର୍ଯ୍ୟନ୍ତ ପ୍ରକାଶ ପାଇନଥିଲା । ଉଚ୍ଚ ଶିକ୍ଷିତ ନନ୍ଦକିଶୋର ଇଂରାଜୀ ସାହିତ୍ୟରେ ଯାହାକୁ ନର୍ସରୀ ସଙ୍ଗସ୍ (Oriya Lulaaby Songs) ବୋଲି କୁହାଯାଏ, ଓଡ଼ିଆରେ ସେପରି ପୁସ୍ତକ ତାଙ୍କର ଦୃଷ୍ଟି ଗୋଚର ହୋଇନଥିଲା ବୋଲି ଅନୁଭବ କରି ଇଂରାଜୀ ନର୍ସରୀ ସଙ୍ଗସ୍ (Oriya Lulaaby Songs) ଅବଲମ୍ବନରେ ସେ ରଚନା କଲେ 'ନାନାବାୟା ଗୀତ' । ଏଥିରେ ତାଙ୍କ ପୁତ୍ର କୃଷ୍ଣ, ହେମନ୍ତ, ବସନ୍ତ ଓ ପାର୍ବତୀଙ୍କୁ ଚରିତ୍ର ଭାବରେ ପ୍ରକାଶ କରିବା ସହିତ ସେମାନଙ୍କ ମନୋରଞ୍ଜନ ପାଇଁ ମାନବେତର ଚରିତ୍ରମାନଙ୍କୁ ଆଣି ଉପସ୍ଥାପନ କରିଛନ୍ତି । ଯାହାକି ଶିଶୁ ମନସ୍ତତ୍ତ୍ୱର ମୁଖ୍ୟ ବିଭବ । କବିତାଗୁଡ଼ିକ ତତ୍ କାଳୀନ ସମୟରେ ଶିଶୁର ଚିନ୍ତାଧାରା ଯଥା ରାଗ, ରୁଷା, ହସ, କାନ୍ଦ, କ୍ରୋଧ, ଈର୍ଷା, କଳ୍ପନା, ଆଶା ଆକାଙ୍କ୍ଷା ଅତି ସୁନ୍ଦର ଓ ସାବଲୀଳ ଭାବରେ ପ୍ରକାଶ ପାଇଛି ।

ନନ୍ଦକିଶୋର ନାନାବାୟା ଗୀତ ରଚନା କରିବା ବେଳକୁ ଶିଶୁ ମନସ୍ତତ୍ତ୍ୱର ବିକାଶ ସାଧିତ ହୋଇନଥିଲା । ଶିଶୁ ମନୋବିଜ୍ଞାନର ଧାରଣା, ପରିଚୟବୋଧ, ଶିଶୁ ପରିବେଶ, କଳ୍ପନା, ଭାବାବେଗ, ସର୍ବପ୍ରାଣବାଦ, ବ୍ୟକ୍ତିତ୍ୱ ଆରୋପ ଆଦି ବିଭିନ୍ନ ବିଭାଗ ସହିତ ତାଙ୍କର ପରିଚିତ ହୋଇନଥିଲା ବୋଲି ଅନୁମାନ କରାଯାଏ । ଏ ସମ୍ପର୍କରେ ପୂର୍ବରୁ କୌଣସି ଆଲୋଚକ ଆଲୋଚନା କରିଥିବା ମୋର ଦୃଷ୍ଟିକୁ ଆସିନାହିଁ । ତେଣୁ ତାଙ୍କ ରଚନାରେ କିପରି ଶିଶୁ ମନସ୍ତାତ୍ତ୍ୱିକ ଉପାଦା ଉପଲବ୍ଧ ତାହା ଏହି ଆଲୋଚନାରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଉ ଅଛି । ଶିଶୁ ଯେଉଁ ସାହିତ୍ୟ ଅଧ୍ୟୟନ କରି ସେଥିରୁ ନିର୍ମଳ ଆନନ୍ଦ ଲାଭ କରେ ଓ ନିଜର ସ୍ୱରୂପକୁ ଦେଖିଥାଏ ତାହା ପଢ଼ିବାକୁ ଶିଶୁ ଆଗ୍ରହ ପକାଶ କରିଥାଏ ।

୧୯୭୯ ମସିହାରେ ଆନ୍ତର୍ଜାତୀୟ ଶିଶୁ ସମ୍ୱତ୍ସର ପାଳନ କରାଯାଇ ଶିଶୁର ଅଧିକାର, ମୂଲ୍ୟବୋଧ, ଚିନ୍ତା ଚେତାନା ଉପରେ ଗୁରୁତ୍ୱ ଦିଆଗଲା । ଶିଶୁ କେବଳ ପରିବାରର ନୁହେଁ ସେ ହେଉଛି ଦେଶ ଓ ଜାତିର ମୂଳ ଭିତ୍ତିଭୂମି ଓ ସମ୍ପତ୍ତି । ତାର ଅବସ୍ଥିତି ଓ କାର୍ଯ୍ୟକଳାପ ଦେଶ ଓ ଜାତି ପାଇଁ ମୂଲ୍ୟବାନ । କୁହାଯାଏ ଯେ ଆଜିର ଶିଶୁ ଆଗାମୀ କାଲିର ଭବିଷ୍ୟତ । ଆଜି ତାକୁ ଆମେ ଯେପରି ଗଢ଼ିବା ଆସନ୍ତା କାଲି ସେ ନିଜକୁ ସେହିପରି ଉପସ୍ଥାପନ କରିବ । ସେ ପିଲାବେଳୁ ପାଇଥିବା ସଂସ୍କାର, ବ୍ୟବହାର, କାର୍ଯ୍ୟକଳାପ ତାର ଭବିଷ୍ୟତ ଜୀବନକୁ ସୁରକ୍ଷିତ କରିବା ସହିତ ପରିବାରର ଉନ୍ନତି, ସମାଜର ଉନ୍ନତି ଓ ଦେଶର ଉନ୍ନତି ସହିତ ସୁରକ୍ଷା ଓ ସମୃଦ୍ଧି ପାଇଁ କାର୍ଯ୍ୟ କରିଥାଏ । ଉପରୋକ୍ତ ଚିନ୍ତାଧାରାକୁ ଗ୍ରହଣ କରି ରଚିତ ଶିଶୁ ସାହିତ୍ୟ ଶିଶୁକୁ ସୁନାଗରିକ କରି ଗଢ଼ିଥାଏ । ବର୍ତ୍ତମାନ ଶିଶୁ ଓ ଶିଶୁ ସାହିତ୍ୟ ଉପରେ ପ୍ରଦାନ କରାଯାଉଥିବା ସର୍ବେକ୍ଷଣ ଓ ଅନୁସନ୍ଧାନ ନନ୍ଦକିଶୋରଙ୍କ ସମୟରେ  ନଥିଲେ ମଧ୍ୟ ତାଙ୍କ ରଚନାରେ ଏହି ସବୁ ଭାବଧାରା ସଂରକ୍ଷିତ ହୋଇ ରହିଛି ବୋଲି ଗବେଷକ ଓ ସମୀକ୍ଷକମାନେ ମତବ୍ୟକ୍ତ କରିଥାନ୍ତି  । ଏବେ ଦେଖିବା କେତେଦୂର ତାଙ୍କ ରଚନାରେ ଶିଶୁ ମନସ୍ତତ୍ତ୍ୱ ସଂରକ୍ଷିତ ହୋଇ ରହିଛି ।

**ଶିଶୁ ପରିବେଶ, ପରିଚୟବୋଧ  ଓ ଧାରଣା ସୃଷ୍ଟ :**

ଶିଶୁ ତା ପରିବେଶକୁ  ଅଧିକ ଭଲ ପାଏ । ଶିଶୁ ପରିବେଶ କହିଲେ ଏଠି ଶିଶୁ ଯେଉଁମାନଙ୍କ ଗହଣରେ ଅଧିକ ସମୟ ଅତିବାହିତ କରେ ସେମାନଙ୍କ ବିଷୟରେ ସାହିତ୍ୟରେ ଅଧ୍ୟୟନ କଲେ ତାକୁ ପଢ଼ିବାକୁ ଆଗ୍ରହୀ ହୋଇଥାଏ । ସେ ଦୈନନ୍ଦିନ ଦେଖୁଥିବା ଜୀବଜନ୍ତୁଙ୍କ ସହିତ ସେଥିରେ ନିଜ ପ୍ରତିମ୍ବିବ ବା ନିଜ ନାମ ଥିଲେ ଶିଶୁ ସେଥିପ୍ରତି ଅଧିକ ଆକୃଷ୍ଟ ହୋଇଥାଏ । ନନ୍ଦକିଶୋର ଏ କଥା ଅନୁଭବ କରିଛନ୍ତି ଓ ସେ ନିଜର ପୁଅ କୃଷ୍ଣକୁ ଏକ ଚରିତ୍ର ଭାବରେ ଅବତାରଣା କରି ବାୟା ଚଢ଼େଇ କବିତା ରଚନା ଲେଖିଛନ୍ତି ।

ବାୟା ଚଢ଼େଇରେ   ବାୟା ଚଢ଼େଇ ତୁ   କୃଷ୍ଣ ଦୁଆରକୁ ଆ'
କୃଷ୍ଣ ସଙ୍ଗତରେ   ଖେଳିବୁଲି ସାରି   ଦୁଧ ପିଇ ଦେଇ ଯାଆ ।
ବାୟା ଚଢ଼େଇରେ   ବାୟା ଚଢ଼େଇ ତୁ   କୃଷ୍ଣ ସଙ୍ଗତରେ ଥିବୁ
ଆଖି ବୁଜିକରି   କୃଷ୍ଣ ଶୋଇଲେ ତୁ   ବସାକୁ ଉଡିଣ ଯିବୁ ।
ତୋ ବସା ବାଇଆ   ଉଚ୍ଚ ତାଳଗଛେ   ବାଆ କଲେ ଦୋହଲଇ
ଘୋର ବରଷାରେ   ତୋ ବସା ଭିତରେ   ପାଣି ପଶି ନପାରଇ ।
ନଇ ବଢ଼ି ଘୋର   ଗରଜନ କଲେ   ତୋତେ ନ ମାଡଇ ଡର
ଏଡେ ବିପଦରୁ   ତୋତେ ଯେ ରଖନ୍ତି   ଧନ୍ୟ ଧନ୍ୟ ସେ ଈଶ୍ୱର ।

(ବାୟା ଚଢ଼େଇ, ନାନାବାୟାଗୀତ, ପୃ.୨)

ଗ୍ରାମ୍ୟ ପରିବେଶରେ ଶିଶୁ ପରିବେଶର ସବୁଠାରୁ ଆପଣାର ଓ ନିକଟତର ଜୀବ ହେଉଛି ବିଲେଇ । ତାକୁ ବିଲେଇ ନାନୀ ବୋଲି ସମ୍ବୋଧନ କରାଯାଏ । ପ୍ରତ୍ୟେକ ଘରେ ମୂଷା ମାରିବା ପାଇଁ ବିଲେଇ ପୋଷା ଯାଇଥାଏ । ଏମିତି କେଉଁ ଘର ନାହିଁ ଯେଉଁଠି ବିଲେଇ ନଥାଏ । ଶିଶୁକୁ ତାଙ୍କ କବିତା ପ୍ରତି ଆକୃଷ୍ଟ କରିବା ପାଇଁ ନନ୍ଦକିଶୋର ମଧ୍ୟ ତାକୁ ଗ୍ରହଣ କରି ବିଲେଇ ନାନୀ କବିତା ରଚନା କରିଛନ୍ତି ।

ବିଲେଇନାନୀ ଲୋ ବିଲେଇ ନାନୀ
  ମୂଷା ମାରି ଖାଉ ପତଳା ନାନୀ
ବିଲେଇନାନୀ ଲୋ ବିଲେଇ ନାନୀ
  ଚୋରାଇ ଖାଉ ତୁ ସର ଲବଣୀ ।
*   *   *   *
ଦୁଧ ପିଏ ନାହିଁ କହ୍ନାଇ ଯେବେ
  ମିଆଁଉ ମିଆଁଉ ବୋବାଉ ତେବେ
ନାହିଁ ନାହିଁ ବିଲ ଆସିବୁ ନାହିଁ
  ପିଇଦେବ ସବୁ ଦୁଧ କହ୍ନାଇ ॥

(ବିଲେଇନାନୀ, ନାନାବାୟାଗୀତ, ପୃ.୫,୬)

ସେହିପରି ପୋଷା କୁକୁର ମଧ୍ୟ ଶିଶୁ ପରିବେଶର ଏକ ଜୀବ ଯାହା ସହିତ ଶିଶୁ ଖେଳିଥାଏ । କୁକୁର ଛୁଆଟିଏ ଦେଖିଲେ ତାକୁ ଶ୍ରଦ୍ଧାରେ କୋଳ କରି ନେଇଥାଏ । ଗ୍ରାମ୍ୟ ଜୀବନରେ ଲୋକେ ନିଜ ଘରେ ପ୍ରାୟତଃ କୁକୁର ପୋଷି ଥାଆନ୍ତି । ସେ ଚୋର ଜଗେ ବୋଲି ସମସ୍ତେ ଭାବି ଥାଆନ୍ତି । ନନ୍ଦକିଶୋରଙ୍କ ରଚନାରେ ଶିଶୁ ମନର ସେହି ପ୍ରଶ୍ନ ଉଙ୍କି ମାରିଛି ।

ଆରେ ମୋର ପୋଷା କୁକ   ତୋତେ କି କରୁଛି ଭୋକ ।
ଦାଣ୍ଡ ଆଡେ ଶୋଇ ଥାଉ   ଭାତ ଦେଲେ ଗୁଣ୍ଡେ ଖାଉ ।
ରାତି ଯାକ ଜଗିଥାଉ   ଭୁକୁ ଥାଉ ଭୋଉ ଭୋଉ ।
ବାଘ ଗରଜଇ ବଣେ   ଆମେ ଥାଉ ଘର କଣେ ।
ତୋତେ କି ନ ମାରେ ଡର   ଧନ୍ୟ ଧନ୍ୟ ଛାତି ତୋର ॥

(ପୋଷା କୁକୁର, ନାନାବାୟାଗୀତ, ପୃ.୩)

ଗ୍ରାମ୍ୟ ପରିବେଶରେ ସନ୍ଧ୍ୟା ହେଲେ ବିଲୁଆ ବୋବାଇବା ଏକ ସାଧାରଣ ଘଟଣା । ଶିଶୁ ଏହି ଡାକ ଶୁଣି ଭୟଭୀତ ହେଲେ ମଧ୍ୟ ସେ ବାପାବୋଉ ବା ଅନ୍ୟ ସଦସ୍ୟଙ୍କ କୋଳରେ ବସି ଏହି ଡାକ ଶୁଣିବାକୁ ଆଗ୍ରହ ପ୍ରକାଶ କରିଥାଏ । କବିଙ୍କ ମନରେ କାହିଁକି ବିଲୁଆ ବୋବାଏ ସେ କଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କବି ଏହି କଥା ତାଙ୍କ ବିଲୁଆ ନନା କବିତାରେ ପ୍ରକାଶ କରିବାକୁ ଭୁଲି ନାହାଁନ୍ତି–

ବିଲୁଆ ଭାଇରେ ବିଲୁଆ ଭାଇ
  ହୁକେ ହୁକେ ଛଡା ଗୀତ କି ନାହିଁ
ସ୍ୱଭାବ ଏ ତୋର ବିଲୁଆ ଭାଇ
  ଆଉ କିଛି କଥା ଏଥିରେ ନାହିଁ ।

ସଞ୍ଜ ବେଳେ ଭାତ ଖିଆ ପହରେ
ରାତି ଅଧେ, ପାହାନ୍ତିଆ ପହରେ
ପହରକେ ତୁହି ବୋବାଉ ଥରେ
ଚାରି ଥର ଡାକୁ ଚାରି ପହରେ ।
ପହର ଗଣି ତୁ ଡାକୁ କେମନ୍ତେ
ଆଚମ୍ବିତ ଲାଗେ ଏ କଥା ମତେ ॥

(ବିଲୁଆ ନନା, ନାନାବାୟାଗୀତ, ପୃ.୧୧)

ଏହି କବିତାରେ କବି ବିଲୁଆ କେତେବେଳେ ହୁକେ ହୋ ବୋବାଏ ସେ ସମ୍ପର୍କରେ ଶିଶୁ ମନରେ ଏକ ଧାରଣା ସୃଷ୍ଟି କିରବାକୁ ଭୁଲି ନାହାଁନ୍ତି ।

## ଲୋକ ବିଶ୍ୱାସ ଓ ଶିଶୁ ବିଶ୍ୱାସ :

କାଉକୁ ଆହାର ଦେବା ଏକ ସାମାଜିକ ଚଳଣି । ପୂର୍ବେ ଯେତେବେଳେ ଟେଲିଫୋନ, ମୋବାଇଲ୍ କି ଇଣ୍ଟରନେଟ ନଥିଲା ବା ଚିଠି ପତ୍ର ଦେବା ନବା ପ୍ରଥା ପ୍ରଚଳିତ ନଥିଲା ସେତେବେଳେ ଗାଆଁର ନାରୀମାନେ କାଉକୁ ଅଧାର ଦେଇ ତା ମାଧ୍ୟମରେ ଭଲ ମନ୍ଦ ଖବର ବୁଝୁଥିଲେ । ଏହା ଏକ କାଳ୍ପନିକ ଲୋକବିଶ୍ୱାସ । ଶିଶୁମାନେ ମଧ୍ୟ ନିଜ ପରିବାର ସଦସ୍ୟଙ୍କୁ ଏହା କରୁଥିବା ଦେଖି ନିଜେ ବିଶ୍ୱାସ କରିଥାଏ । କାଉ ଯଦି ଅଧାର ଖାଉଥିଲା ତେବେ ଘରକୁ କୁଣିଆ କିମ୍ବା ବିଦେଶରେ ଥିବା ନିଜ ପରିବାରର ସଦସ୍ୟ ଆସିବା ବିଶ୍ୱାସ କରାଯାଉଥିଲା । ନାରୀମାନେ କୁଣିଆ ସହିତ ନିଜ ପରିବାରର ଲୋକେ କେବେ ଆସିବେ ସେ କଥା ନିଜ କଳ୍ପନା ନେତ୍ରରେ ଦେଖି ଅନୁମାନ କରି ଆତ୍ମସନ୍ତୋଷ ଲାଭ କରୁଥିଲେ । ଏହି କଥା ନନ୍ଦକିଶୋରଙ୍କ କବିତା ତାଙ୍କ ଝିଅ ପାର୍ବତୀ ବିଶ୍ୱାସ କରିଛି । କବି ସେ କଥାକୁ ସୁନ୍ଦର ଭାବରେ ପ୍ରକାଶ କରିଛନ୍ତି । ନନ୍ଦକିଶୋର ସମ୍ବଲପୁରରେ ଚାକିରି କରୁଥିବା ବେଳେ ତାଙ୍କ ଝିଅ ପାର୍ବତୀ କାଉକୁ ଅଧାର ଦେଇ କାଉ ସହିତ କଥାବାର୍ତ୍ତା କରିଛି । କେବେ ବାପା ଘରକୁ ଆସିବେ ସେଥିପାଇଁ କାଉକୁ ପ୍ରଶ୍ନ ପଚାରି ନିଜର ଜିଜ୍ଞାସା ପ୍ରବୃତ୍ତିକୁ ପ୍ରଶମିତ କରିବା ପାଇଁ ଚେଷ୍ଟା କରିଛି । ବାପା ପ୍ରତି ଥିବା ଆକର୍ଷଣ ହେତୁ ଏଥରକ ବାପା ଘରକୁ ଆସିଲେ ଆଉ ସମ୍ବଲପୁର ନଯିବା ପାଇଁ କାଉକୁ କହିଛି । ଏହି କବିତା ହୃଦ୍ୟ ଓ ମନଛୁଆଁ ହୋଇ ପାରିଛି ।

| | |
|---|---|
| କୁଜି କାଉରେ କୁଜି କାଉ | କାଆ କାଆ ଗାଇ କଅଣ ଗାଉ । |
| ପାର୍ବତୀ ଦେଇଗୋ ପାର୍ବତୀ ଦେଇ | ବାରତା ଦିଅଇ ସଭିଙ୍କୁ ନେଇ । |
| ବନ ପରବତ ଡେଇଁ ମୁଁ ଯାଏ | ଘର କଥା ନେଇ ପ୍ରବାସେ ଦିଏ । |
| ମୋ ରାବ ଶୁଣନ୍ତି ପ୍ରବାସ ଜନ | ଘର କଥା ଭାଳି ବିରସ ମନ । |
| ବିଦେଶୀ ବାରତା ଶୁଣି ମୁଁ ଆସେ | ଉଡି ରାବେ ଆସି ତା ଘର ପାଶେ । |
| ଚାଉଳ ଅଧାର ପାଇଲେ ମୁହିଁ | ସବୁରି ବାରତା ଦିଅଇ କହି । |

(କୁଜି କାଉ, ନାନାବାୟାଗୀତ, ପୃ.୩୩)

## କଥୋପକଥନ ଶୈଳୀର ପ୍ରୟୋଗ :

ଶିଶୁ ମନସ୍ତତ୍ତ୍ୱରେ ଗପ ହେଉ କି ଗୀତ ସେଥିରେ ଚରିତ୍ରମାନେ ପରସ୍ପର ମଧ୍ୟରେ କଥାବାର୍ତ୍ତା ହେବା ପଢ଼ି ଶିଶୁ ସେଥିରୁ ନିର୍ମଳ ଆନନ୍ଦ ଲାଭ କରିଥାଏ । ପୁଣି ନିର୍ଜିବ ବସ୍ତୁ ଯଦି କଥାବାର୍ତ୍ତା କରେ ତେବେ ଶିଶୁ ମନସ୍ତତ୍ତ୍ୱରେ ତାକୁ ସର୍ବପ୍ରାଣବାଦ କୁହାଯାଏ । ମଣିଷମାନଙ୍କ ପରି ପଶୁପକ୍ଷୀ କଥାବାର୍ତ୍ତା କରିବାକୁ ଶିଶୁ ମନସ୍ତତ୍ତ୍ୱରେ ବ୍ୟକ୍ତିତ୍ୱ ଆରୋପ କୁହାଯାଏ । ଶିଶୁ ମନସ୍ତତ୍ତ୍ୱର ଏହି ସମସ୍ତ ବିଭବ ନନ୍ଦକିଶୋରଙ୍କ କବିତାରେ ପରିଲକ୍ଷିତ ହୋଇଥାଏ । କୁଜି କାଉ କବିତା ପରି ତାଙ୍କର କାଉ ଓ ବାଳିକା କବିତାରେ କାଉଟି ସହିତ ନନ୍ଦକିଶୋରଙ୍କ ଝିଅ ପାର୍ବତୀ ଯେଉଁ କଥାବାର୍ତ୍ତାର ଚିତ୍ର ପ୍ରକାଶ କରିଛନ୍ତି ତାହା ପଢ଼ିଲେ ଯେ କୌଣସି ଶିଶୁ ସେଥିରୁ ନିର୍ମଳ ଆନନ୍ଦ ଲାଭ କରିବ ।

ବାଳିକା- ଡାମରା କାଉରେ ଡାମରା କାଉ
କାଆ କାଆ ରାବି କୁଆଡେ ଯାଉ ?
କାଉ- ପାର୍ବତୀ ଦେଇଗୋ ପାର୍ବତୀ ଦେଇ
ବନ ପରବତେ ମୁହିଁ ରାବଇ ।
ବାଳିକା- ଡାମରା କାଉରେ ଡାମରା କାଉ
ନଈ ସମୁଦର କେମନ୍ତେ ଡେଉଁ ।
କାଉ- ପାର୍ବତୀ ଦେଇଗୋ ପାର୍ବତୀ ଦେଇ
ଉଚ୍ଚ ଆକାଶରେ ମୁହିଁ ଉଡ଼ଇ
ନଈ ସମୁଦର ରହନ୍ତି ତଳେ
ଉଡ଼ି ଚାଲିଯାଏ ମୁଁ ଜଳେ ଓ ଥଳେ ।

(କାଉ ଓ ବାଳିକା, ନାନାବାୟାଗୀତ, ପୃ.୧୮)

ନନ୍ଦକିଶୋରଙ୍କ ଅନେକ କବିତାରେ ପଶୁ ପକ୍ଷୀମାନେ ମଣିଷମାନଙ୍କ ପରି ଆଚରଣ ପ୍ରଦର୍ଶନ କରିବା ଓ କଥାବାର୍ତ୍ତା କରିବା ଦେଖାଯାଇଥାଏ ।

## ମୌଖିକ ଶିଶୁ ଗୀତର ପ୍ରୟୋଗ :

ଶିଶୁର ବୟସ ବଢ଼ିବା ସହିତ ସେ ତାର ପରିବେଶ ସହିତ ଅଧିକ ପରିଚିତ ହୋଇଥାଏ । ପିଲାବେଳେ ଜନନୀ ଠାରୁ ଶୁଣିଥିବା ନାନାବାୟା ଗୀତ ତାର କର୍ଣ୍ଣ ଗହ୍ୱରରେ ଅନୁରଣିତ ହେଉଥାଏ । ଯେତେବେଳେ ବର୍ଷା ହୁଏ ବା ପ୍ରଚଣ୍ଡ ଖରାରେ ଲୋକେ ଅସ୍ତବ୍ୟସ୍ତ ହୁଅନ୍ତି ସେତେବେଳେ ଶିଶୁ ଆଉ ସାଙ୍ଗସାଥୀଙ୍କ ସହିତ ବାହାରେ ଖେଳିବାକୁ ଯାଇପାରେ ନାହିଁ । ଏହି ସମୟରେ ସେ ନିଜ ଘର ପିଣ୍ଡାରେ ବସି ପୂର୍ବରୁ ଶୁଣିଥିବା ଅନେକ ମୌଖିକ ଗୀତକୁ ସ୍ୱର ଦେଇ ଗାନ କରିଥାଏ । ନନ୍ଦକିଶୋରଙ୍କ ରଚନାରେ ଏହି ମୌଖିକ ଶିଶୁ ଗୀତର ଅବିକଳ ପ୍ରୟୋଗ ଆମେ ଲକ୍ଷ୍ୟ କରିଥାଉ ।

ମେଘ ବରଷଇ ଟପର ଟପର କେଶୁର ମାଇଲା ଗଜା
କେଉଁ ରାଇଜରେ ରହିଲେ ରଜା ଗୋ ତେଲିଙ୍ଗି ବାଇଦ ବଜା ।
ମେଘ ବରଷଇ ଟପର ଟପର ସୁଅରେ ବହଇ ପାଣି
ପାଣିରେ ଡାକଇ କେଁ କଟର ହୋ ବେଙ୍ଗ ଓ ବେଙ୍ଗୁଲୀ ରାଣୀ ।
(ବର୍ଷାଗୀତ, ନାନାବାୟାଗୀତ, ପୃ.୧୫)

କିମ୍ବା

ଖରା କରୁଅଛି ମେଘ କରୁଛି
ବିଲୁଆ ପୁଅର ବାହା ହେଉଛି ।
ବିଲୁଆ ନନାରେ ବିଲୁଆ ନନା
ଘର ପୋଡିଗଲା ପଛକୁ ଅନା ।
(ବିଲୁଆଭାଇ, ନାନାବାୟାଗୀତ, ପୃ.୧୦/୧୧)

### ଅନର୍ଥକ ଶବ୍ଦ ତଥା ଗୀତର ପ୍ରୟୋଗ :

ଗୀତର ଅର୍ଥ ବୁଝୁକି ନବୁଝୁ ସେଥିରେ ଧ୍ୱନ୍ୟାତ୍ମକ ଶବ୍ଦ କିମ୍ବା ଅନର୍ଥକ ଶବ୍ଦର ପ୍ରୟୋଗ ହୋଇଥିଲେ ଶିଶୁ ସେଥିପ୍ରତି ଅଧିକ ଆକୃଷ୍ଟ ହୋଇଥାଏ । ଶବ୍ଦ ସହିତ ଗୀତର ପାଦ ଅନର୍ଥକ ହୋଇଥିଲେ ସେଥିରେ ସ୍ୱର ମାଧୁରୀର ଲାଳିତ୍ୟ ଶିଶୁକୁ ଅଧିକ ଆକୃଷ୍ଟ କରିଥାଏ । ଶିଶୁ ସେ ସବୁକୁ ପଢ଼ି ତାକୁ ଗାନ କରିବାକୁ ଆଗ୍ରହୀ ହୋଇଥାଏ । ନନ୍ଦକିଶୋରଙ୍କ ଶିଶୁ କବିତାରେ ଏହାର ସ୍ୱରୂପ ଆମେ ଲକ୍ଷ୍ୟ କରାଯାଏ ।

କାଶୀ ରଜା ଝିଅଲୋ ତୁ ନଳ ରଜା ବୋହୂ
ନଳ ରଜା ବୋହୂଲୋ ତୁ ନଈକୁ ଗାଧୋଇ ଯାଉ ।
ନଈକୁ ଗାଧୋଇ ଯାଉ ଯାଉ ପାଇଲୁ ଗୋଡ ବଳା
ଛେଳି କିଣିବାକୁ ନେଇଗଲୁ ସେହି ବଳା ।
ଟିପିଟିପିକା ଛେଳି ଅଛି ପାତାଳ ଭିତରେ
ରଜା ପୁଅ ଖୋଜୁଅଛି ବନସ୍ତ ମଧରେ ।
(ସୁନା ପଇତା, ନାନାବାୟାଗୀତ, ପୃ.୨୩)

କିମ୍ବା

ଡାମରା କାଉରେ ଡାମରା କାଉ ଉଞ୍ଚ ପରବତେ ବୋବାଉ ଥାଉ ।
ଉଞ୍ଚ ପରବତ କୁଞ୍ଚିକୁଞ୍ଚିକା ତହିଁରେ ବସିଛି ତିନି ମଞ୍ଚିକା ।
ତିନି ତିନି ପଣ ଅଠର ପଣ ଭାଇଙ୍କୁ ଡକାଇ କଉଡି ଗଣ ।
କଉଡି ଗଣାରେ ପାହିଲା ରାତି ଚୋର ନେଇଗଲା କଜଳପାତି ।
(ଡାମରା କାଉ, ନାନାବାୟାଗୀତ, ପୃ.୨୪)

### ଶିଶୁ ମନରେ ବିଭିନ୍ନ ଧାରଣା ଜ୍ଞାନ ବୃଦ୍ଧି :

ଶିଶୁ ମନସ୍ତତ୍ତ୍ୱରେ ଶିଶୁ ଜାଣିଥିବା କଥା ଓ ଘଟଣାକୁ ଆଉ ଥରେ ଶିଶୁ ସାହିତ୍ୟ ମାଧ୍ୟମରେ ତାକୁ ଜଣାଇ ଦେବାକୁ ଧାରଣା କୁହାଯାଏ । ଏହା ଶିଶୁର ଜ୍ଞାନ ବୃଦ୍ଧି ସହିତ ତାକୁ ନିର୍ମଳ ଆନନ୍ଦ ପ୍ରଦାନ କରିଥାଏ । ନିଜ ଚତୁପାର୍ଶ୍ୱରେ ଦେଖୁଥିବା ଜୀବଜନ୍ତୁଙ୍କ କଥା ସାହିତ୍ୟରେ ପଢ଼ିଲେ ତାର ଜିଜ୍ଞାସା ପ୍ରବୃତ୍ତି ମଧ ପ୍ରଶମିତ ହୋଇଥାଏ । ଚାଷୀ ଘରେ ଧାନ, ମୁଗ, ବିରି ବସ୍ତାରେ ପଶି ରହିଥାଏ । ରାତିରେ ଚୂଟିଆ ମୂଷା ବସ୍ତା କୁମ୍ଭା ଅମାର ଭିତରେ ପଶି ସେ ସବୁ ଖାଇଥାଏ । ମୂଷା ଗଣେଶଙ୍କ ବାହାନ ହୋଇଥିବାରୁ ନିଜର କ୍ଷତି ହେଲେ ମଧ ତାକୁ କେହି ମାରିବାକୁ ଚାହାଁନ୍ତି ନାହିଁ । ମଣିଷର ଏହି ଧାରଣାକୁ ନନ୍ଦକିଶୋର ଅନୁଭବ କରି ଲେଖିଛନ୍ତି ।

ଚୂଟିଆ ମୂଷାରେ ଚୂଟେଇ ମୂଷି ଧାନ ଅମାରକ ଖାଉଥା ବସି ।
କରୁଥା ଯାହା ତୋ ମନର ଖୁସି ଘର ଛାଡି ମୁହିଁ ଯାଉଛି ରଷି ।
ଟିକି ଟିକି ଧାନ ଶଏ ଭରଣ ସାତଟା ଅମାର କଲୁଣି ଶୂନ୍ୟ ।
ଗଣେଶ ବାହାନ ଅଟୁରେ ମୂଷା ତୋତେ ମାରିବାକୁ ନାହିଁ ଭରସା ।
(ଚୂଟିଆ ମୂଷା, ନାନାବାୟାଗୀତ, ପୃ.୬)

ବର୍ଷାଦିନେ ବେଙ୍ଗର କେଁ କଟର ଶବ୍ଦରେ ଚାରିଆଡ ପ୍ରତିଧ୍ୱନିତ ହୋଇଥାଏ । ସେହି ଶବ୍ଦ ଶୁଣି ଶିଶୁ ଭୟଭୀତ ହୋଇଥାଏ । ସେହିପରି ବେଙ୍ଗୁଲି ସନ୍ଧ୍ୟା ହେଲେ ନଳାରେ ପଶି ପୋକଜୋକ ଖାଇବା ଏକ ସାଧାରଣ ଘଟଣା । ରାତିସାରା ନଳା ପାଖରେ ମଧ ପୋକଜୋକ ପାଇଁ ଜଗି ରହେ । ଦିନରେ ତାର ଦର୍ଶନ ମିଳେନାହିଁ । ଦିନରେ ସେ ଆସି ଘର କଣରେ ଅବସ୍ଥାନ କରେ । ଯେଉଁ ଘରେ ବେଙ୍ଗ ରୁହେ ସେ ଘରକୁ ସାପ ପରି ବିଷଧର ପ୍ରାଣୀ ପଶି ତାକୁ ଶିକାର କରନ୍ତି । ଏହା ପରିବାର ପ୍ରତି ମଧ ବିପଦ ସୃଷ୍ଟି କରିଥାଏ । ଏହା ଏକ ସାଧାରଣ ଘଟଣା ହେଲେ ମଧ କବି ତାଙ୍କ କବିତା ମାଧ୍ୟମରେ ପୁନର୍ବାର ଶିଶୁକୁ ପରିଚିତ କରିବା ପାଇଁ ପ୍ରୟାସ କରିଛନ୍ତି ।

ନଳା ମୁହେଁ ପଶି ପିଉ ତୋରାଣି
ଏଡେ ଅସନୀ ତୁ ବେଙ୍ଗୁଲିରାଣୀ ?
ହୋଓ ପଛେ ଇନ୍ଦ୍ର ରଜାଙ୍କ ରାଣୀ
ନ ଆସିବୁ ଆମ ଘରକୁ ପୁଣି ।
ଭାଡି ତଳେ ଶୁଣି କେଁ କଟର
ରାତିରେ ମାଡ଼ଇ କୃଷ୍ଣକୁ ଡର ।
ଯେ ଘରେ ବେଙ୍ଗୁଲି ରହଇ ଯାଇଁ
ପଶେ ତହିଁ ସାପ ଅଧାର ପାଇଁ ॥
(ବେଙ୍ଗୁଲୀ ରାଣୀ, ନାନାବାୟାଗୀତ, ପୃ.୯)

### ଶିଶୁ କଳ୍ପନାର ସ୍ୱରୂପ :

ସାଧାରଣତଃ ଶିଶୁ କଳ୍ପନା ବିଳାସୀ ଓ ସ୍ୱପ୍ନ ପ୍ରବଣ । ତା କଳ୍ପନାରେ ସବୁ କିଛି ସମ୍ଭବ । ତା କଳ୍ପନାରେ ସବୁ କିଛି ଅସମ୍ଭବ ସମ୍ଭବ ହୋଇଥାଏ । ପାରାଙ୍କୁ ନଡିଆ ରସ ଖାଇବାକୁ ଦେବା, ପିଇବାକୁ

ବେଣ୍ଟ ପୋଖରୀର ପାଣି ଆଣି ଦେବା ଅସମ୍ଭବ ମନେ ହେଲେ ହେଁ କବି ଶିଶୁ କଳ୍ପନାକୁ ନିମ୍ନ ଗୀତରେ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି । ଖଟୁଲିରେ ପାରା ଶୋଇବା ଅସମ୍ଭବ ଲାଗୁଥିଲେ ମଧ୍ୟ କବି ଶିଶୁ କଳ୍ପନାରେ ତାହା ସମ୍ଭବ ବୋଲି କହିଛନ୍ତି । ଏହିପରି ଅନେକ କବିତାରେ ଶିଶୁ କଳ୍ପନା ଓ ସ୍ୱପ୍ନକୁ କବି ସୁନ୍ଦର ଓ ସାବଲୀଳ ଭାବରେ ପ୍ରକାଶ କରିବାରେ ସଫଳତା ଲାଭ କରିଛନ୍ତି ।

ଚାଲୁଣି ଚଲଉ ଚଲଉ ପାଇଲଇଁ ମୁଁ ଗୋଡ଼ି
କି ସୁନ୍ଦର ପାରା ଯୋଡ଼ିକ ଯାଉଅଛନ୍ତି ଉଡି ।
ଆସ ଆସ ପାରାଯୋଡ଼ିକ ମୋର ପିଣ୍ଡାରେ ବସ
ଖାଇବାକୁ ଦେବି ତୁମକୁ ମୁହିଁ ନଡିଆ ରସ ।
ପିଇବାକୁ ଦେବି ତୁମକୁ ବେଣ୍ଟ ପୋଖରୀ ପାଣି
ଶୋଇବାକୁ ଦେବି ଖଟୁଲି ମାଳିଘରୁ ମୁଁ ଆଣି ।
ମାଳିଘର ଖଟୁଲିରେ ଯେ ବାଉଁଶର ପାଟିଆ
ରଜାଘର ଝିଅ ଗୋଡରେ ରତନର ଝୁଣ୍ଟିଆ ॥

(ପାରାଯୋଡ଼ିକ, ନାନାବାୟା ଗୀତ, ପୃ.୧୯/୨୦)

**ପ୍ରାନ୍ତ କଥନ :**

ପଲ୍ଲୀ କବିଙ୍କ ବିଷୟବସ୍ତୁ ନିର୍ଦ୍ଧାରଣ ଅନନ୍ୟ । ବାସ୍ତବ ଜୀବନର ଅନେକ ଘଟଣାକୁ ନେଇ ସେ ସୁନ୍ଦର ସୁନ୍ଦର କବିତା ରଚନା କରିଛନ୍ତି । ବାଟୋଇ ଓ ନାଉରିଆ କବିତାରେ ଦୁଃଖର ଚିତ୍ର ଥିଲେ ହେଁ ତା ହୃଦୟକୁ ସ୍ପର୍ଶ କରିଥାଏ । କବି ତାଙ୍କ ଅନେକ କବିତାରେ ଶିଶୁମାନଙ୍କ ମନରେ ବିଭିନ୍ନ ଭାବାବେଗ ଯଥା ଶିଶୁର କଳ୍ପନା, ସ୍ୱପ୍ନ, ଆଶା, ଆକାଂକ୍ଷା, କ୍ରୋଧ ଆଦି ଭାବନା ପ୍ରକାଶ କରିବାରେ କୁଣ୍ଠିତ ହୋଇନାହାଁନ୍ତି । ତାଙ୍କ ରଚିତ 'ନାନାବାୟାଗୀତ' ଦୁଇ ଭାଗରେ ବିଭକ୍ତ । ପ୍ରଥମ ଭାଗ କବିତା କମ୍ ବୟସର ପିଲାଙ୍କ ପାଇଁ ଓ କ୍ଷୁଦ୍ର ହୋଇଥିବା ବେଳେ ଦ୍ୱିତୀୟ ଭାଗ କବିତା ଦୀର୍ଘ ଓ କିଶୋର ବୟସର ପିଲାଙ୍କ ପାଇଁ ଉଦ୍ଦିଷ୍ଟ । ଉଭୟ ବର୍ଗ ପାଇଁ ଉଦ୍ଦିଷ୍ଟ କବିତା ସମୂହ ଓଡ଼ିଆ ଶିଶୁ ସାହିତ୍ୟର ଅମୂଲ୍ୟ । ତାଙ୍କ ଶିଶୁ କବିତାରେ ଶିଶୁ ପ୍ରିତି ଓ ଶିଶୁ ମନସ୍ତତ୍ତ୍ୱ ଅନ୍ତସଲୀଳା ଫଲଗୁ ପରି ପ୍ରବହମାନ । ଯାହାକୁ ଶିଶୁ ମନସ୍ତତ୍ତ୍ୱ ସମ୍ପର୍କରେ ଧାରଣା ନଥିବା କୌଣସି ବ୍ୟକ୍ତି ବୁଝିବା ସମ୍ଭବ ନୁହେଁ । ଶିଶୁଙ୍କ ପାଇଁ ତାଙ୍କ କବିତାରେ ସ୍ୱତନ୍ତ୍ର ଛନ୍ଦ ପ୍ରୟୋଗ କରି ମଧ୍ୟ ସଙ୍ଗୀତ ପ୍ରତି ତାଙ୍କର ଆଗ୍ରହ ଓ ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି । ଯାହାକି ଏକ ସ୍ୱତନ୍ତ୍ର ଆଲୋଚନାରେ ପ୍ରକାଶ କରାଯାଇପାରେ । ଯେତେବେଳେ ଶିଶୁମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ସାହିତ୍ୟ ନଥିଲା ନନ୍ଦକିଶୋର 'ନାନାବାୟା ଗୀତ' ରଚନା କରି ଯୁଗାନ୍ତକାରୀ ପଦକ୍ଷେପ ସୃଷ୍ଟି କରିଥିଲେ ବୋଲି କହିଲେ ସତ୍ୟର ଅପଳାପ ହେବ ନାହିଁ ।

**ସହାୟକ ଗ୍ରନ୍ଥସୂଚୀ :**


୧. ଓଡ଼ିଆ ଶିଶୁ ସାହିତ୍ୟ ଆଲୋଚନା, ଡକ୍ଟର ବସନ୍ତ କିଶୋର ସାହୁ, ସରସ୍ୱତୀ ପ୍ରିଣ୍ଟିଂ ପ୍ରେସ, ୧୯୯୪
୨. ଓଡ଼ିଆ ମୌଖିକ ଶିଶୁ ସାହିତ୍ୟ,ଚିତ୍ରୋତ୍ପଳା ପବ୍ଲିକେଶନସ୍, ବଟେଶ୍ୱର, ସାଲେପୁର, ୧୯୯୬
୩. ବିନୋଦଚନ୍ଦ୍ର କର, ପିଲାଙ୍କ ମନ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ୧୯୬୫
୪. ପିଲାଙ୍କୁ କି ପ୍ରକାର ବହି ଦେବା, ଡକ୍ଟର ମନୀନ୍ଦ୍ର ମହାନ୍ତି, ଅପର୍ଣ୍ଣା ପ୍ରକାଶନୀ, ଇରମ, ବାଲେଶ୍ୱର, ୧୯୯୦
୫. ଓଡ଼ିଆ ଶିଶୁ ସାହିତ୍ୟ ଉନ୍ମେଷ ଓ ବିକାଶ, ଡକ୍ଟର ମନୀନ୍ଦ୍ର ମହାନ୍ତି, ମାଣିକ ବିଶ୍ୱନାଥ ଦାତବ୍ୟ ସ୍ମୃତିନ୍ୟାସ, ୧୯୯୨
୬. ନାନାବାୟାଗୀତ, ନନ୍ଦକିଶୋର ବଳ, ୬ଷ୍ଠ ସଂସ୍କରଣ, ରାଧାନାଥ ରଥ, ସତ୍ୟବାଦୀ ପ୍ରେସ, ୧୯୩୬


❖ ❖ ❖

DOI : https://doi.org/10.5281/zenodo.14835226 ମୂଳ ପ୍ରବନ୍ଧ

# ଓଡ଼ିଆ ରାମ ସାହିତ୍ୟ ପରମ୍ପରାରେ 'ଓଡ଼ିଆ ଉପନ୍ୟାସ' : ଏକ ଅଧ୍ୟୟନ

**ରଘୁନାଥ ଓଝା**

**ସଂକ୍ଷିପ୍ତସାର :**

ସାହିତ୍ୟ ସମାଜର ଅଙ୍ଗୀଭୂତ ବିଭବ। ମଣିଷର ସୁଖ-ଦୁଃଖ, ହସ-କାନ୍ଦ ସହ ଜଡ଼ିତ ରହି ସଚେତନ କରାଇବା ଏବଂ ଆନନ୍ଦଦାନ କରି ବଂଚିବାର ମାଧ୍ୟମ ସାଜିବା ସାହିତ୍ୟର ଶ୍ରେଷ୍ଠତମ ବୈଶିଷ୍ଟ୍ୟ। ମଣିଷ ସମାଜ ସୃଷ୍ଟି ଠାରୁ ଆରମ୍ଭ କରି ବିଶ୍ୱ ପ୍ରେକ୍ଷାପଟରେ ପ୍ରଥମ ସାହିତ୍ୟ ଗ୍ରନ୍ଥରୂପେ ରାମାୟଣ ପ୍ରତିଷ୍ଠିତ। ମହର୍ଷି ବାଲ୍ମୀକିଙ୍କ ଦ୍ୱାରା ରଚିତ ଏହି ଗ୍ରନ୍ଥରେ ରହିଛି ନୈତିକ ଜୀବନ ଦର୍ଶନ ଓ ବ୍ୟବସ୍ଥିତ ସମାଜ ଗଠନର ପ୍ରାରୂପ। ଭାରତୀୟ ସମାଜ ଯୁଗ ଯୁଗ ଧରି ରାମାୟଣର ଆଦର୍ଶ ଓ ଗୁଣାବଳୀ ଉପରେ ଗତିଶୀଳ। ଭାରତ ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛି ଏହାର ଆଧ୍ୟାତ୍ମିକ ପରିବେଶକୁ ନେଇ। କଳିଯୁଗ ବା ଇତିହାସ ଯୁଗର ଆରମ୍ଭ ଠାରୁ ଭାରତ ବିଶ୍ୱକୁ ଅହିଂସା, ଶାନ୍ତି ଓ ମୈତ୍ରୀର ମନ୍ତ୍ର ପ୍ରଦାନ କରିଆସିଛି। ରାମ, କୃଷ୍ଣଙ୍କ ପରେ ବୁଦ୍ଧ, ମହାବୀର, ନାନକ, କବୀର, ଶ୍ରୀଚୈତନ୍ୟ ଆଦି ମହାପୁରୁଷଗଣ ମାନବ ସମାଜକୁ ଅମରତ୍ୱ ପଥରେ ଆଗେଇ ନେବା ପାଇଁ ତଥା ଦୁଃଖଶୋକରୁ ମୁକ୍ତି ପ୍ରଦାନ ପାଇଁ ପ୍ରଦାନ କରିଛନ୍ତି ଦିବ୍ୟବାଣୀ। ଏହି ଧାରାରେ ଓଡ଼ିଆ ସାହିତ୍ୟରେ ରାମାୟଣର ପ୍ରଭାବ ପରିଦୃଶ୍ୟ ହୁଏ। ପଂଚଦଶ ଶତାବ୍ଦୀରେ ଆଦିକବି ସାରଳା ଦାସଙ୍କ ଲେଖନୀରେ ରାମ ସାହିତ୍ୟର ଦିବ୍ୟତା ପ୍ରକାଶ ପାଇବା ପରେ ପଂଚସଖା, ରୀତି ଓ ଆଧୁନିକ ସାହିତ୍ୟରେ ରାମାୟଣର ପ୍ରଭାବ ଲକ୍ଷ୍ୟକରାଯାଏ। ବିଶେଷ କରି ଆଧୁନିକ ସମୟରେ ଗଦ୍ୟ ସାହିତ୍ୟର ବିକାଶ ସହିତ ଉପନ୍ୟାସ ସାହିତ୍ୟର ବିକାଶ ମଧ୍ୟ ସମ୍ଭବ ହୋଇଥିଲା। ତେଣୁ ବିଂଶ ଶତାବ୍ଦୀର ଶେଷ ଭାଗ ଏବଂ ଏକବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଉପନ୍ୟାସ ସାହିତ୍ୟରେ ରାମାୟଣର ପ୍ରଭାବ ଲକ୍ଷ୍ୟକରାଯାଏ। ଔପନ୍ୟାସିକ ରାମାୟଣର ଚରିତ୍ର ଓ ଘଟଣାକୁ ଆଧାର କରି ଏକ ନବ୍ୟ ଇତିହାସବାଦ ପରିପ୍ରେକ୍ଷୀରେ ଉପନ୍ୟାସକୁ ରଚନା କରିଛନ୍ତି। ଏକବିଂଶ ଶତାବ୍ଦୀ ପରୀକ୍ଷା ନିରିକ୍ଷାର ସମୟ। ଲେଖକ ଚରିତ୍ର ଓ ଘଟଣାର ଉଭୟପାର୍ଶ୍ୱକୁ ତର୍ଜମା କରିବାକୁ ଚାହିଁଛନ୍ତି। ତେଣୁ ଔପନ୍ୟାସିକ ରାମାୟଣରେ ଚିତ୍ରିତ ଅସତ୍ ଚରିତ୍ରମାନଙ୍କର ସୁଗୁଣକୁ ଚିତ୍ରଣ କରି ସମାଜ ଆଗରେ ନୂତନଭାବ ଉପସ୍ଥାପନା କରିଛନ୍ତି।

**ପ୍ରମୁଖ ଶବ୍ଦାବଳୀ :**

ରାମ, ସାହିତ୍ୟ, ସଂସ୍କୃତି, ପୁରାଣ, ଉପନ୍ୟାସ

**ବିଷୟ :**

ଓଡ଼ିଆ ସାହିତ୍ୟର ସୃଷ୍ଟି ମୁଖ୍ୟତଃ ଧର୍ମ ଓ ଦର୍ଶନକୁ କେନ୍ଦ୍ର କରି ହୋଇଛି। ବୌଦ୍ଧ, ନାଥ, ବୈଷ୍ଣବ ଓ ଶାକ୍ତ ଉପାସକମାନେ ନିଜର ପରମାରାଧ୍ୟଙ୍କ ମହିମା ଓ ଜୀବତତ୍ତ୍ୱ ସମ୍ପର୍କିତ ଭାବକୁ ବ୍ୟକ୍ତ କରିବା ସହ ସମାଜ ସଂସ୍କାରକୁ ପ୍ରାଧାନ୍ୟ ଦେଇଥିଲେ। ତେଣୁ ଓଡ଼ିଆ ସାହିତ୍ୟର ପ୍ରାଚୀନ ସୃଷ୍ଟି ଧର୍ମୀୟ ଭାବଧାରାରେ ଆବଦ୍ଧ। ଭାରତୀୟ ଆଧ୍ୟାତ୍ମିକ ଜୀବନ ଓ ସାମାଜିକ ଜୀବନରେ ରାମାୟଣର ପ୍ରଭାବ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI : https://doi.org/10.5281/zenodo.14835226
Article No - BPP00254

**ଯୋଗାଯୋଗ : ଡକ୍ଟର ରଘୁନାଥ ଓଝା**
ଓଡ଼ିଆ ବିଭାଗ, ଓଡ଼ିଶା କେନ୍ଦ୍ରୟ ବିଶ୍ୱବିଦ୍ୟାଳୟ
କୋରାପୁଟ
**Email:** raghunathojha1990@gmail.com
**ORCID ID:** https://orcid.org/0009-0003-6298-1887

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୬.୯.୨୦୨୪ | ୧୦.୧୦.୨୦୨୪ | ୨୫.୧୧.୨୦୨୪ | ୧.୦୧.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଓଝା, ରଘୁନାଥ; ୨୦୨୫। ଓଡ଼ିଆ ରାମ ସାହିତ୍ୟ ପରମ୍ପରାରେ 'ଓଡ଼ିଆ ଉପନ୍ୟାସ' : ଏକ ଅଧ୍ୟୟନ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ଙ; ପୃଷ୍ଠା :୨୩-୨୯।

ଲକ୍ଷ୍ୟକରାଯାଏ। ସାଧାରଣତଃ ଭାରତୀୟ ସମାଜର ସୃଷ୍ଟି ଓ ବିକାଶ ନୈତିକ ମୂଲ୍ୟବୋଧ ଓ ଆଦର୍ଶ ଚରିତ୍ର ଉପରେ ଦଣ୍ଡାୟମାନ ହୋଇଛି। ସତ୍ୟ, ତ୍ରେତୟା, ଦ୍ୱାପର ଓ କଳି ଆଦି ଚାରିଯୁଗର ବର୍ଣ୍ଣନା ଭାରତୀୟ ପୁରାଣଶାସ୍ତ୍ର କରେ। ପ୍ରତ୍ୟେକ ଯୁଗର ଏକ ଶାଶ୍ୱତ ଦୃଷ୍ଟିକୋଣ ଓ ମହତ୍ୱକୁ ପୁରାଣ ବ୍ୟାଖ୍ୟା କରିଛି। ଇତିହାସ ଯୁଗର କାହିଁ କେଉଁ ଅନାଦି କାଳରୁ ଭାରତୀୟ ସଂସ୍କୃତିର ବିଦ୍ୟମାନତାକୁ ବିଜ୍ଞାନ ମଧ୍ୟ ସ୍ୱୀକାର କରୁଛି। ଏହି ପୁରାଣ ଗ୍ରନ୍ଥ ହିଁ ଭାରତ ବର୍ଷର ଐତିହ୍ୟର ଗାଥାକୁ ବଖାଣେ। ସାମ୍ପ୍ରତିକ ବିଜ୍ଞାନ ଯୁଗରେ ପରୀକ୍ଷା, ପ୍ରମାଣ ଉପରେ ନିର୍ଭରଶୀଳ ମଣିଷ ଭୁଲିଯାଇଛି ତାର ଅତୀତ ଗୌରବମୟ ଇତିହାସକୁ। ଭଗବତ୍ ଗୀତା ଆଜି ପ୍ରତ୍ୟେକ ମଣିଷ ପାଇଁ ଉପାଦେୟ। ରାମାୟଣ ମଣିଷକୁ ତ୍ୟାଗର ଭାବନା ଶିକ୍ଷା ଦେଲାବେଳେ ମହାଭାରତ ମଣିଷକୁ ନିଜର ଅସ୍ମିତାର ସୁରକ୍ଷା ପାଇଁ ସଂଘର୍ଷ କରି ସଫଳତା ପାଇବାକୁ ଶିଖାଏ। ସମ୍ପ୍ରତି ବିଜ୍ଞାନ ଯାହା ପ୍ରମାଣ କରୁଛି ତାହା ହଜାର ହଜାର ବର୍ଷପୂର୍ବେ ମହାନ୍ ମନ୍ତ୍ରଦ୍ରଷ୍ଟା ଋଷିମାନେ ପ୍ରମାଣିତ କରିଯାଇଛନ୍ତି। ବିଜ୍ଞାନ ଡାରଉନ୍‌ଙ୍କ 'ବିବର୍ତ୍ତନ' ବାଦକୁ ଆଧାର କରି ଜୀବଜଗତର ସୃଷ୍ଟି ବୋଲି ଏବେ ପ୍ରମାଣ କରୁଛି, ମାତ୍ର ଭାରତୀୟ ପୁରାଣ ଶାସ୍ତ୍ରରେ ମୁନୀଋଷିମାନେ ଏହି କଥା ଅନାଦି କାଳରୁ କହିଯାଇଛନ୍ତି। ଚାରିଯୁଗ ହିଁ ବିବର୍ତ୍ତନବାଦ ଉପରେ ନିର୍ଭର ଶୀଳ। ଜଳରୁ ଜୀବଜଗତ ସୃଷ୍ଟି ବୋଲି ଏବର ବିଜ୍ଞାନ ପ୍ରମାଣ କରୁଛି କିନ୍ତୁ ବିଷ୍ଣୁ ପୁରାଣରେ ଦଶାବତାର ପ୍ରସଙ୍ଗରେ ଏସବୁକୁ ବର୍ଣ୍ଣନା କରାଯାଇଛି। ପୁରାଣ ଅନୁଯାଇ ସୃଷ୍ଟି କ୍ରମଟି ହେଉଛି- ମତ୍ସ୍ୟ (ଜଳଚର), କଚ୍ଛପ (ଉଭୟଚର), ବରାହ(ପଶୁ), ନରସିଂହ (ଅଧାପଶୁ, ଅଧାମଣିଷ), ବାମନ (ମଣିଷ), ପର୍ଶୁରାମ (କ୍ରୋଧି ମଣିଷ) ଓ ରାମ (ଶାନ୍ତ ସ୍ୱଭାବର ମଣିଷ ) ଇତ୍ୟାଦିର ସୃଷ୍ଟି ହୋଇଛି। ଆଧୁନିକ ମଣିଷ ପାଶ୍ଚାତ୍ୟ ଶିକ୍ଷାକାରଣରୁ ନିଜର ପୂର୍ବଗୌରବକୁ ଭୁଲିଯିବା ଏବଂ ପ୍ରତିକ୍ଷେତ୍ରରେ ବିଦେଶୀ ବିଦ୍ୱାନଙ୍କ ଉକ୍ତିକୁ ଗ୍ରହଣ କରି ଧେୟବାକ୍ୟ ମେନକରିବା ଏକ ପରମ୍ପରାରେ ପରିଣତ ହୋଇଗଲାଣି। ତେଣୁ ସଚେତନଶୀଳ ଲେଖକ ନିଜର ଅସ୍ମିତାକୁ ସ୍ମରଣ କରି ହୃତଗୌରବକୁ ସଦୃଷ୍ଟାନ୍ତ ପରିପ୍ରକାଶ କରିଛନ୍ତି। ଏହି ଧାରାରେ ବିଚାର କଲେ ରାମାୟଣର ଘଟଣାକୁ କଳ୍ପନା ନୁହେଁ ବରଂ ପ୍ରାଚୀନ ଭାରତର ଇତିହାସ ବୋଲି ସ୍ୱୀକାର କରି ସାହିତ୍ୟରେ ତାର ନବୀନ ରୂପ ଉପସ୍ଥାପନା କରୁଛନ୍ତି।

### ରାମାୟଣର ପ୍ରାସଙ୍ଗିକତା :

ଭାରତୀୟ ସମାଜ ଉନ୍ନତ ପରମ୍ପରା, ନୈତିକ ମୂଲ୍ୟବୋଧ ଓ ବ୍ୟବସ୍ଥିତ ଜୀବନ ଶୈଳୀକୁ ନେଇ ପ୍ରତିଷ୍ଠିତ। ପୃଥିବୀରେ ଭାରତ ହେଉଛି ଏକମାତ୍ର ଦେଶ ଯେଉଁଠି ଧର୍ମ, ଦର୍ଶନ, ବିଜ୍ଞାନ, ରାଜନୀତି ଓ ସମାଜଶାସ୍ତ୍ର ସମଗ୍ର ବିଶ୍ୱର ମଙ୍ଗଳ କାମନା କରେ। ଏହା କେବଳ ସମ୍ଭବ ହୋଇପାରିଛି ଏହାର ଆଧ୍ୟାତ୍ମିକ ପରିବେଶକୁ ନେଇ। ଭାରତୀୟ ଧର୍ମଶାସ୍ତ୍ର କୌଣସି ଗୋଟିଏ ଜାତି ବା ସମ୍ପ୍ରଦାୟର ମଙ୍ଗଳ କାମନା କରିନାହିଁ, ବରଂ ସମଗ୍ର ବିଶ୍ୱର ମଙ୍ଗଳକାମନା କରିବାର ପ୍ରେରଣା ଦେଇଛି 'ବସୁଧୈବ କୁଟୁମ୍ବକମ୍' ବାଣୀ ମାଧ୍ୟମରେ। ରାମାୟଣ, ମହାଭାରତ, ଭଗବତ୍ ଗୀତା, ଶ୍ରୀମଦ୍ ଭାଗବତ ତଥା ଅଷ୍ଟାଦଶ ପୁରାଣରେ ବ୍ୟକ୍ତି ଜୀବନ ଓ ସମାଜ ଜୀବନ ପାଇଁ ନୈତିକ ଶିକ୍ଷା ଭରିରହିଛି। ଯେଉଁଥିରୁ ପ୍ରେରଣା ଲାଭ କରି ସାମାଜିକ ମଣିଷ ନିଜର କର୍ମମୟ ଜୀବନକୁ କ୍ଷୁବ୍ ଆନନ୍ଦରେ ଅତିବାହିତ କରିଥାଏ। ଆଧୁନିକ ବିଜ୍ଞାନ ସୃଷ୍ଟି ହେବା ଆଗରୁ ପୁରାଣ ଗ୍ରନ୍ଥରେ ହିଁ ବିଜ୍ଞାନର ସମସ୍ତ ତଥ୍ୟ ସଂଯୋଜିତ ହୋଇଥିଲା। ମନ୍ତ୍ରଦ୍ରଷ୍ଟା ଋଷିମାନେ ହିଁ ଥିଲେ ଜଣେ ଜଣେ ପ୍ରାଚୀନ ବୈଜ୍ଞାନିକ। ସେମାନେ ମଧ୍ୟ ପ୍ରମାଣକୁ ଆଧାର କରି ଜୀବନ ନିର୍ବାହ କରୁଥିଲେ ଏବଂ ଗ୍ରନ୍ଥ ରଚନା କରିଥିଲେ। କୌଣସି ଆଧୁନିକ ଲିଖନ, ମୁଦ୍ରଣ ଓ ସଂରକ୍ଷଣର ସୁବିଧା ନଥାଇ ମଧ୍ୟ ଶହ ଶହ ବର୍ଷ ଧରି ବେଦ, ପୁରାଣାଦିକୁ ସଂରକ୍ଷଣ କରି ରଖିବା କଣ ବୈଜ୍ଞାନିକ ପଦ୍ଧତି ନୁହେଁ କି ? ସାମ୍ପ୍ରତିକ ସମୟର ଘଟଣା ଦୁର୍ଘଟଣା ଯେମିତି ସାହିତ୍ୟ ଓ ସମ୍ବାଦ ପତ୍ରରେ ଐତିହାସିକ ପ୍ରାମାଣିକତାକୁ ପ୍ରତିପାଦନ କରୁଛି ଠିକ୍ ସେହିପରି ପ୍ରାଚୀନ କାଳରେ ରଚିତ ପୁରାଣ ଗ୍ରନ୍ଥ ସେହି ସମୟର ଘଟଣା ଓ ଚରିତ୍ରକୁ ଆଲୋକାୟିତ କରିଛି। ତେଣୁ ସାମ୍ପ୍ରତିକ ସମୟରେ ଭାରତୀୟ ପୁରାଣ ପରମ୍ପରା ଧାରାରେ 'ରାମାୟଣ'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କେହି କେହି ରାମାୟଣକୁ କପୋଳକଳ୍ପିତ କାହାଣି କହୁଛନ୍ତି ତ ପୁଣି କେହି କେହି ଏହାକୁ କବି କଳ୍ପନା କହି ତାଚ୍ଛଲ୍ୟ କରିବା ପାଇଁ ଚେଷ୍ଟା କରିଛନ୍ତି କିନ୍ତ ବିନା ପରୀକ୍ଷା ପ୍ରମାଣ ବିନା ଏହାକୁ ମିଚ୍ୟା ପ୍ରମାଣିତ କରିବା କ'ଣ ଯୁକ୍ତି ଯୁକ୍ତ କି ? ସମ୍ପ୍ରତି ଜଗତିକରଣ ପର୍ଯ୍ୟାୟରେ ଏକବିଂଶର ମଣିଷ ନାନା ସମସ୍ୟା ଦେଇ ଗତିକରୁଛି। ଶାନ୍ତି ପାଇଁ ତ୍ରାହୀ ତ୍ରାହୀ ଡାକୁଛି। ମାନସିକ ଦୁଶ୍ଚିନ୍ତାରୁ ମୁକ୍ତି ପାଇବାକୁ ଅହରହ ପ୍ରୟାସ କରୁଛି। ମାତ୍ର ତାହା ସମ୍ଭବ ହୋଇପାରୁଛି କି ? ବିଜ୍ଞାନ ଯେଉଁଠି ହାର୍ ମାନୁଛି ମଣିଷ ସେଠି ଈଶ୍ୱରଙ୍କ ସରଣାପନ୍ନ ହେଉଛି। ବାସ୍ତବରେ କହିବାକୁ ଗଲେ ଧର୍ମ, ବିଶ୍ୱାସ ଓ ଆଧ୍ୟାତ୍ମିକତାକୁ ବିଜ୍ଞାନ ଦ୍ୱାରା ପ୍ରମାଣ କରିବା କଠିନକର କଥା। ଆଜିର ସାମାଜିକ ଚଳଣୀ, ପାରିବାରିକ ଜୀବନର ବିପର୍ଯ୍ୟସ୍ତ ଅବସ୍ଥା, ସମ୍ବୋଦନହୀନ ମନୋଭାବ, ପ୍ରକୃତିର ଅବକ୍ଷୟ, ବ୍ୟକ୍ତି କୈନ୍ଦ୍ରୀକ ଚିନ୍ତାଧାରା ଦ୍ୱାରା ସମଗ୍ର ବିଶ୍ୱ ଜର୍ଜରିତ ହେଉଥିବା ବେଳେ ଏହାକୁ କେବଳ ଭାରତୀୟ ପୁରାଣ ଶାସ୍ତ୍ର ହିଁ ସଜାଡ଼ି ପାରିବ। ସମ୍ପ୍ରତି ମଣିଷ ଯଦି 'ରାମାୟଣ' ପାଠ କରି ଏହାର ଆଧାରରେ ନିଜ ଜୀବନକୁ ଗଢ଼ିବାକୁ ପ୍ରୟାସ କରେ ତେବେ ଆଜି ଭୁଶୁଡ଼ି ପଡ଼ିଥିବା ପାରିବାରିକ ଜୀବନ, ସାମାଜିକ ବ୍ୟବସ୍ଥା ସବୁ ସୁଧୁରି ଯିବ। କାରଣ ରାମାୟଣ ଏକ ଆଦର୍ଶ ମଣିଷ ଜୀବନ କିପରି ହେବା ଆବଶ୍ୟକ

ଏବଂ ବ୍ୟକ୍ତିର କର୍ତ୍ତବ୍ୟ କ'ଣ ହେବା ଉଚିତ୍ ତାହା ଶିକ୍ଷା ଦେଇଥାଏ। ତେଣୁ ରାମାୟଣର ପ୍ରାସଙ୍ଗିକତା ଆଜିର ସମୟରେ ସର୍ବାଧିକ ରହିଛି।

**ରାମାୟଣ ଅବଲମ୍ବନରେ ରଚିତ ଓଡ଼ିଆ ସାହିତ୍ୟ :** ଯୁଗେ ଯୁଗେ ରାମାୟଣ ସମାଜକୁ କରିଛି ପ୍ରଭାବିତ। ଆଦିକବି ସାରଳା ଦାସଙ୍କ ଠାରୁ ଆରମ୍ଭ କରି ଏକବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ରାମାୟଣକୁ ଆଧାର କରି ରଚନା କରାଯାଇଛି ଅନେକ ସାହିତ୍ୟ। କାବ୍ୟ, କବିତା, ଗୀତିନାଟ୍ୟ, ଲୀଳା, ନାଟକ, ଗଳ୍ପ, ପ୍ରବନ୍ଧ ଓ ଉପନ୍ୟାସ ମାଧ୍ୟମରେ ରାମକଥାର ହୋଇଛି ବହୁଳ ପ୍ରସାର। ବିଶେଷ କରି ପ୍ରାଚୀନ ଓ ମଧ୍ୟଯୁଗକୁ ଛାଡ଼ିଦେଲେ ଆଧୁନିକ ସମୟରେ ରାମାୟଣର ଚରିତ୍ର ଓ ଘଟଣାକୁ ଆଧାରକରି ଲେଖକମାନେ ଆଧୁନିକ ଦୃଷ୍ଟିକୋଣରୁ ବିଚାର କରି ସୃଷ୍ଟି କରିଛନ୍ତି ଅନୁପମ ରାମ ସାହିତ୍ୟ। ଓଡ଼ିଆ ସାହିତ୍ୟର ଆଦିକବି ସାରଳା ଦାସ ରାମାୟଣକୁ ଆଧାର କରି ରଚନା କରିଛନ୍ତି 'ବିଲଙ୍କା ରାମାୟଣ' ଓ 'ସପ୍ତକାଣ୍ଡ ରାମାୟଣ' ଏବଂ ପଂଚସଖାଯୁଗରେ ବଳରାମ ଦାସ 'ଦାଣ୍ଡିରାମାୟଣ' ଓ 'ଶ୍ରୀରାମ କୋଇଲି' ରଚନା କରିଥିବାବେଳେ ରୀତିଯୁଗରେ ରଚିତ ହୋଇଛି ଏକାଧିକ ରାମସାହିତ୍ୟ। ରୀତିଯୁଗର ପ୍ରଥମକବି ଭାବରେ ପରିଚିତ କବି ଅର୍ଜ୍ଜୁନ ଦାସଙ୍କ ସୃଷ୍ଟିରେ ପ୍ରକାଶ ପାଇଛି ପ୍ରଥମ ପୌରାଣିକ ରୀତିକାବ୍ୟ 'ରାମବିଭା', ଧନଞ୍ଜୟ ଭଞ୍ଜଙ୍କ 'ରଘୁନାଥ ବିଳାସ', ଉପେନ୍ଦ୍ର ଭଞ୍ଜଙ୍କ 'ବୈଦେହୀଶ ବିଳାସ', 'ରାମଲୀଳାମୃତ' ଓ 'ଅବନା ରସତରଙ୍ଗ', କବି ବିଶ୍ୱନାଥ ଖୁଣ୍ଟିଆଙ୍କ 'ବିଚିତ୍ର ରାମାୟଣ', କୃପାସିନ୍ଧୁ ଦାସଙ୍କ 'ସିନ୍ଧୁ ରାମାୟଣ', କେଶବ ପଟ୍ଟନାୟକଙ୍କ 'କେଶବ ରାମାୟଣ', ଈଶ୍ୱର ଦାସଙ୍କ 'ରାମଲୀଳା', ରଘୁନାଥ ଦାସଙ୍କ 'ରାମଲୀଳା', ବାରାନିଧି ଦାସଙ୍କ 'ବିଲଙ୍କା ରାମାୟଣ', ହଳଧର ଦାସଙ୍କ 'ଅଧ୍ୟାତ୍ମ ରାମାୟଣ', କାହ୍ନୁ ଦାସଙ୍କ 'ରାମରସାମୃତ ସିନ୍ଧୁ', ବନମାଳୀ ଦାସଙ୍କ 'ସୁଚିତ୍ର ରାମାୟଣ', ମାଗୁଣୀ ପଟ୍ଟନାୟକଙ୍କ 'ଶ୍ରୀରାମ ବିହାର', ପଦ୍ମନାଭ ମଙ୍ଗରାଜଙ୍କ 'ରାମକଲ୍ଲୋଳ' ଏବଂ ଯଦୁମଣି ମହାପାତ୍ରଙ୍କ 'ରାଘବ ବିଳାସ'। ଆଧୁନିକ ସମୟରେ ରାମାୟଣ ଆଧାରରେ ରଚିତ ହୋଇଛି ସତ୍ୟବାଦୀ ସାମନ୍ତରାୟଙ୍କ 'ସୀତା ବିଳାସ', କେଶବ ତ୍ରିପାଠୀଙ୍କ 'ପୂର୍ଣ୍ଣ ରାମାୟଣ', ଜଗନ୍ନାଥ ପାଣିଙ୍କ 'ଲକ୍ଷ୍ମଣ ଶକ୍ତିଭେଦ', ଦାଶରଥି ଷଡ଼ଙ୍ଗୀଙ୍କ 'ପ୍ରେମ ରାମାୟଣ', କପିଳେଶ୍ୱର ବିଦ୍ୟାଭୂଷଣ ନନ୍ଦଶର୍ମାଙ୍କ 'ରାମ ବନବାସ', ରାମଶଙ୍କର ରାୟଙ୍କ 'ରାମାଭିଷେକ', ଗଙ୍ଗାଧର ମେହେରଙ୍କ 'ତପସ୍ୱିନୀ', ମଧୁସୂଦନ ରାଓଙ୍କ 'ବାଳ ରାମାୟଣ', ରାଧାନାଥ ରାୟଙ୍କ 'ଦଶରଥ ବିୟୋଗ', ଲୋକନାଥ ପଟ୍ଟନାୟକଙ୍କ 'ଛାନ୍ଦ ରାମାୟଣ', ଶ୍ରୀ ଭାଗୀରଥୀ ସାଠିୟାଙ୍କ 'ସୁଚିତ୍ର ରାମାୟଣ', ଚୌଧୁରୀ ଶ୍ୟାମଚରଣ ଦାସଙ୍କ 'ଅଧ୍ୟାତ୍ମ ରାମାୟଣ', କୃଷ୍ଣ ସିଂହଙ୍କ 'ଶ୍ରୀରାମରସାୟନ', ଶ୍ରୀ ବିକ୍ରମଦେବ ବର୍ମାଙ୍କ 'ତୁଳସୀ-ବିକ୍ରମ ରାମାୟଣ', ଲକ୍ଷ୍ମଣ ମିଶ୍ରଙ୍କ 'ବିଚିତ୍ର ରାମରସ', ଫକୀର ମୋହନ ସେନାପତିଙ୍କ 'ରାମାୟଣ', କବି ଶ୍ରୀ ମାଧବ ଚନ୍ଦ୍ର ମିଶ୍ର ଶର୍ମାଙ୍କ 'ସତୀ ଚନ୍ଦ୍ରିକା', କବି ନିରଞ୍ଜନ ରଥଙ୍କ 'ମହୀୟସୀ କୈକେୟୀ', ସନ୍ତୋଷ କୁମାର ରଥଙ୍କ 'ସଂକ୍ଷିପ୍ତ ରାମାୟଣ', ଦୟାନିଧି ଦାଶଙ୍କ ଦ୍ୱାରା ସାତକାଣ୍ଡରେ ରଚିତ 'ମୀମାଂସା ରାମାୟଣ' ଇତ୍ୟାଦି ପଦ୍ୟରେ ରଚିତ ହୋଇଛି। ଏହି ସମୟରେ ନାଟକ କ୍ଷେତ୍ରରେ ମଧ୍ୟ ରାମାୟଣର ପ୍ରଭାବ ଲକ୍ଷ୍ୟ କରାଯାଏ। କାମପାଳ ମିଶ୍ରଙ୍କ ସୀତା ବିବାହ, ଶ୍ରୀ ଗୋପୀନାଥ ନନ୍ଦଶର୍ମାଙ୍କ ଦ୍ୱାରା ରଚିତ ନାଟକ 'ଜାନକୀ ପରିଣୟ', ଶ୍ରୀ ନାରାୟଣ ଚନ୍ଦ୍ର ଦାସଙ୍କ ଦ୍ୱାରା ରଚିତ ନାଟକ 'ସୀତାଦେବୀଙ୍କର ପାତାଳ ପ୍ରବେଶ', ରମେଶ ପ୍ରସାଦ ପାଣିଗ୍ରାହୀଙ୍କ ଦ୍ୱାରା ରଚିତ ନାଟକ 'ଉର୍ମିଳା' ଆଦି ରଚିତ ହୋଇଥିବାବେଳେ କାଳିଆ ପାଣିଗ୍ରାହୀଙ୍କ ଦ୍ୱାରା ରଚିତ ହୋଇଛି ଉପନ୍ୟାସ ଶୈଳୀରେ 'ନିର୍ବାସିତା', ଶ୍ରୀ ଶୁକଦେବ ସାହୁଙ୍କ ଦ୍ୱାରା ରାମାୟଣର ୧୦ଜଣ ମହାପୁରୁଷଙ୍କ ଜୀବନୀ ଚରିତକୁ ନେଇ 'ପୁରାଣ ଚରିତ ଗ୍ରନ୍ଥମାଳା' ପ୍ରକାଶ ପାଇଛି। ଏତଦବ୍ୟତୀତ ଅଧ୍ୟାପକ ଶ୍ରୀଧର ଦାସଙ୍କ 'ରାମାୟଣ କାହାଣୀ', ବିକ୍ରମ ଦାସଙ୍କ 'ଅସୁର ରାମାୟଣ' କାହାଣୀ, ଶଶି ଭୂଷଣ ମିଶ୍ରଙ୍କ ଦ୍ୱାରା ରଚିତ 'ରାମାୟଣ ଏକ ଅନ୍ୱେଷା' ପ୍ରବନ୍ଧ ଆଦି ପ୍ରକାଶ ପାଇଥିବାବେଳେ ଅଧିରାଜମୋହନ ସେନାପତିଙ୍କ 'ରାମରାଜ୍ୟ' ଗଳ୍ପ ପ୍ରକାଶ ପାଇଛି। ଏହିଧାରାରେ ସ୍ୱାଧୀନତା ପରବର୍ତ୍ତୀ ସମୟ ତଥା ଏକବିଂଶ ଶତାବ୍ଦୀରେ ରାମାୟଣ ଆଧାରରେ ରଚିତ ହୋଇଛି ଅନେକ ଉପନ୍ୟାସ।

**ଓଡ଼ିଆ ଉପନ୍ୟାସ ଓ ପୁରାଣର ପରିଭାଷା :**

ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରୁ ଆଧୁନିକ ସମୟରେ ସୃଷ୍ଟି ହୋଇଥିବା ଗଦ୍ୟ ମହାକାବ୍ୟ ଭାବରେ 'ଉପନ୍ୟାସ' ସାହିତ୍ୟ ପ୍ରତିଷ୍ଠିତ। ଓଡ଼ିଆ ଉପନ୍ୟାସ ଅର୍ବାଚୀନ ସୃଷ୍ଟି ହୋଇଥିବାରୁ ସାମାଜିକ ବାସ୍ତବତାକୁ କେନ୍ଦ୍ରକରି ପରିପୁଷ୍ଟ ହୋଇଛି। ବ୍ୟକ୍ତି ଓ ସମାଜ ଆଧୁନିକତାର ସ୍ପର୍ଶରେ ହିଲ୍ଲୋଳିତ ହୋଇ ନୂତନ ଦୃଷ୍ଟିକୋଣ ଓ ନୂତନ ଚିନ୍ତାଧାରା ଦ୍ୱାରା ବହୁମାତ୍ରାରେ ପ୍ରଭାବିତ ହୋଇଛି। ତେଣୁ ସମାଜରେ ସଂଗଠିତ ଓ ବ୍ୟକ୍ତି ଜୀବନରେ ପ୍ରତିଫଳିତ ଭାବରାଜି ହିଁ ଉପନ୍ୟାସର କଳେବରକୁ ନୂତନ ଭାବରେ କରିଛି ପରିପ୍ରକାଶ। ଫଳସ୍ୱରୂପ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଉପନ୍ୟାସ ସାହିତ୍ୟର କଳେବର ସହ ଭାବବସ୍ତୁ ଓ ରଚନା ଶୈଳୀରେ ଆସିଛି ଅନେକ ପରିବର୍ତ୍ତନ।

ସ୍ୱାଧୀନୋତ୍ତର ଓଡ଼ିଆ ଉପନ୍ୟାସ ସାହିତରେ ସମାଜର ଅବକ୍ଷୟର ଚିତ୍ର ସହିତ ଜାତି-ଧର୍ମ-ସମ୍ପ୍ରଦାୟକୁ ନେଇ ଦଙ୍ଗା, ନକ୍ସଲ ସମସ୍ୟା, ଆଦିବାସୀ ସମସ୍ୟା, ନାରୀ ନିର୍ଯ୍ୟାତନା, ଭଣ୍ଡ ବାବାମାନଙ୍କର ବ୍ୟଭିଚାର, ଜଗତୀକରଣର ପ୍ରଭାବ ଆଦି ପରିଦୃଶ୍ୟ ହେଇଛି। ଏହି ସମୟରେ ପୁରାଣର କଥାବସ୍ତୁକୁ ଉପଜୀବ୍ୟ କରି ମଧ୍ୟ ଉପନ୍ୟାସ ସମୃଦ୍ଧ ହୋଇଛି। ସାଧାରଣତଃ ସାହିତ୍ୟରେ ସତ୍ୟ-ଶିବ-ସୁନ୍ଦରର

ଭାବ ପ୍ରକାଶ ପାଏ। ସମାଜ ସଂସ୍କାର ଓ ସମାଜ ପରିବର୍ତ୍ତନର ସୂତ୍ର ସାହିତ୍ୟରେ ଥାଏ। ପୁରାଣ ଯେହେତୁ ନୀତି ଆଦର୍ଶର କଥା କହେ, ଜୀବନକୁ ମାର୍ଜିତ ତଥା ସଂସ୍କାରିତ କରାଇବାରେ ସହାୟକ ହୋଇଥାଏ, ସେହେତୁ ଉପନ୍ୟାସକାର ପୁରାଣର ଚରିତ୍ର ଓ ଘଟଣା ମଧ୍ୟରେ ସେହି ନୀତି ଓ ଆଦର୍ଶର କଥା କହି ସାମାଜିକ ସଂସ୍କାର ଆଣିବାକୁ ଚେଷ୍ଟା କରିଥାନ୍ତି। "ପୁରାଣ ସ୍ମୃତି ମଧ୍ୟରେ ପ୍ରଧାନ, ଶ୍ରୁତି ପରି ପ୍ରତ୍ୟକ୍ଷ ପ୍ରମାଣ। କିନ୍ତୁ ଶ୍ରୁତି ପରି ଅପୌରୁଷେୟ ନୁହେଁ। ମଣିଷର ସୀମାବଦ୍ଧ ପରିବର୍ତ୍ତନଶୀଳ ମତି ଓ ବୁଦ୍ଧିର ସୃଷ୍ଟି।" (ଶ୍ରୀଅରବିନ୍ଦ) ପୁରାଣରେ ଯାହା ବର୍ଣ୍ଣିତ ହୋଇଛି ତାହା ପ୍ରାଚୀନ ଭାରତର ଇତିହାସ। ପୁରାଣର ଆତ୍ମାରେ ନୂତନ ଶରୀରର ସଂଯୋଗ, ନିତ୍ୟନୂତନ ଶୈଳୀ, ବିଷୟ ବିନ୍ୟାସ କରି ଔପନ୍ୟାସିକ ଉପନ୍ୟାସ ସୃଷ୍ଟି କରେ। ପୌରାଣିକ ଉପନ୍ୟାସ ପୁରାଣ ନୁହେଁ; ବରଂ ପୁରାଣର ଚରିତ୍ର ତଥା କଥାବସ୍ତୁ ଆଧାରରେ ପରିକଳ୍ପିତ ଏକ ସ୍ୱୟଂସଂପୂର୍ଣ୍ଣ କାଳ୍ପନିକ ଗ୍ରନ୍ଥ। ପୁରାଣର ସଂଜ୍ଞା ହେଉଛି:- "ଅତି ପ୍ରାଚୀନ କାଳରେ ପ୍ରସିଦ୍ଧ ବ୍ୟକ୍ତି, ସମାଜ, ଧର୍ମ ଓ ଦେବତା ଆଦିଙ୍କ ଜନ୍ମ ଓ କ୍ରିୟାକଳାପାଦି ଅବଲମ୍ବନରେ ରଚିତ ଆଖ୍ୟାୟିକା। (ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ, ଚତୁର୍ଥ ଖଣ୍ଡ, ପୃ-୪୯୦୯) 'ପୁରାଣ' ଶବ୍ଦଟି ପ୍ରାଚୀନ ବିଷୟବସ୍ତୁ ସମ୍ବଳିତ ହୋଇଥିଲେ ମଧ୍ୟ ଏହା ହେଉଛି ପ୍ରେରଣାଦାୟୀ। ଏଥିରୁ ପରବର୍ତ୍ତୀ ପିଢି ନିଜ କର୍ମମୟ ଜୀବନକୁ ଯଥାର୍ଥ ଭାବରେ ନିର୍ବାହ କରିବାକୁ ପ୍ରେରଣା ପାଇପାରିବେ। ବେଦକୁ ସରଳୀକରଣ କରାଯାଇ ଲୋକମାନଙ୍କୁ ନୀତିଶିକ୍ଷା ତଥା ଜୀବନ ଧାରଣର ମାର୍ଗ ନିର୍ଦ୍ଧାରଣ ନିମନ୍ତେ ପୁରାଣ ରଚନା କରାଯାଇଥିଲା। ସଂସ୍କୃତ ସାହିତ୍ୟରେ ଅଷ୍ଟାଦଶ ପୁରାଣ ବ୍ୟତୀତ ରାମାୟଣ ଏବଂ ମହାଭାରତ ଦୁଇ ମହାକାବ୍ୟକୁ ମଧ୍ୟ ପୁରାଣ ଭାବେ ଗ୍ରହଣ କରାଯାଇଥାଏ। ପୁରାଣରେ ମାନବଜାତିର ଇତିହାସ ଏବଂ ବିଶେଷତଃ ପ୍ରାଚୀନ ଭାରତର ଇତିହାସକୁ ବର୍ଣ୍ଣନା କରାଯାଇଛି। ଏଥିରେ ଭାରତର ଐତିହାସିକ, ସାମାଜିକ ଏବଂ ସାଂସ୍କୃତିକ ଇତିହାସର ପ୍ରାମାଣିକରୂପ ସହ ପ୍ରାଚୀନ ସଭ୍ୟତାର ପରିଚୟ ମିଳିଥାଏ।

**ପୌରାଣିକ ଓଡ଼ିଆ ଉପନ୍ୟାସର ବିକାଶକ୍ରମ :** ଓଡ଼ିଆ ପୌରାଣିକ ଉପନ୍ୟାସର ସୃଷ୍ଟି ବିଧିବଦ୍ଧ ଭାବରେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଆରମ୍ଭ ହୋଇଛି। ପୌରାଣିକ ଉପନ୍ୟାସ ରଚନା କରିବା ପରିପ୍ରେକ୍ଷୀରେ ଔପନ୍ୟାସିକ ପୁରାଣରେ ବର୍ଣ୍ଣିତ ଚରିତ୍ରମାନଙ୍କର ପୁନର୍ନ୍ୟାସ କରିବା ସହିତ ଚରିତ୍ରମାନଙ୍କୁ ନୂଆ ରୂପ ପ୍ରଦାନ କରିବାକୁ ଚେଷ୍ଟା କରିଥାନ୍ତି। ପ୍ରତିଟି ଘଟଣା ବା ଚରିତ୍ରର ଚିକିନିଖି ପର୍ଯ୍ୟାଲୋଚନା କରି ପୁରାଣରେ ବର୍ଣ୍ଣିତ କୁଚରିତ୍ରମାନଙ୍କର ସୁଗୁଣକୁ ପ୍ରକାଶ କରି ସାମ୍ପ୍ରତିକ ପରିପ୍ରେକ୍ଷୀରେ ବର୍ଣ୍ଣନା କରିଥାନ୍ତି। ପୁରାଣକାର ବର୍ଣ୍ଣନା କରିଥିବା ଚରିତ୍ର ଓ ଘଟଣାର ପୁର୍ନନ୍ୟାସ କରି ଔପନ୍ୟାସିକ ନୂତନ ଭାବରେ ପୁରାଣକୁ ଗଦ୍ୟ ଆକାରରେ ସର୍ଜନା କରି ସମାଲୋଚନାତ୍ମକ ଦୃଷ୍ଟିକୋଣକୁ ପ୍ରକାଶ କରିଥାନ୍ତି। ମଣିଷ କେବଳ କୁଗୁଣକୁ ନେଇ ଜନ୍ମ ଲାଭ କରିନଥାଏ; ବରଂ ତା ମଧ୍ୟରେ ସୁଗୁଣ ମଧ୍ୟ ଲୁକାୟିତ ଅବସ୍ଥାରେ ଥାଏ। ଆଧୁନିକ ଲେଖକ ବିଶେଷ କରି ଔପନ୍ୟାସିକମାନେ ପୁରାଣର ପୁର୍ନଲିଖନ କରି ଚରିତ୍ରମାନଙ୍କୁ ବିଶ୍ଳେଷଣ କରିଥାନ୍ତି। କିଏ ଭଲ କିଏ ମନ୍ଦ ତର୍ଜମା ନକରି ଚରିତ୍ରମାନଙ୍କର ଗୁଣାବଳୀକୁ ଉଲ୍ଲେଖ କରି ନିରପେକ୍ଷ ଆଲୋଚନା କରିଥାନ୍ତି। ବ୍ୟକ୍ତିର ସଦ୍ ଓ ଅସଦ୍ ଉଭୟ ଗୁଣକୁ ଗୁରୁତ୍ୱ ଦେଇ ଚିତ୍ରଣ କରିବା ଜଣେ ସଫଳ ଔପନ୍ୟାସିକର କର୍ତ୍ତବ୍ୟ।

ସାଧାରଣତଃ ପୌରାଣିକ ଉପନ୍ୟାସ ରଚନାର ପ୍ରବଣତା ୧୯୮୦ ମସିହା ପରବର୍ତ୍ତୀ ସମୟରେ ଆରମ୍ଭ ହୋଇଛି। କିନ୍ତୁ ୧୯୮୦ ମସିହା ପୂର୍ବବର୍ତ୍ତୀ ସମୟରେ ଶଶିଭୂଷଣ ରଥଙ୍କ 'ଶକୁନ୍ତଳା' (୧୯୨୦), ଦୟାନିଧି ମିଶ୍ରଙ୍କ 'ସୁଭଦ୍ରା' (୧୯୨୭), ଶ୍ରୀକାନ୍ତ ଶତପଥୀଙ୍କ 'ଯଯାତି' (୧୯୨୭), ଗୋବିନ୍ଦ ଦାଶଶର୍ମାଙ୍କ 'ବିଦୁର' (୧୯୩୦), କାଳିଆ ପାଣିଗ୍ରାହୀଙ୍କ 'ନିର୍ବାସିତା' (୧୯୩୦) ଓ ରାଧାନାଥ ରଥଙ୍କ 'ଶୈବ୍ୟା' (୧୯୫୪) ଆଦି ପୁରାଣର ଚରିତ୍ରମାନଙ୍କୁ ନେଇ ରଚିତ ହୋଇଥିଲେ ହେଁ ଏହାକୁ ପୌରାଣିକ ଉପନ୍ୟାସର ମାନ୍ୟତା ଦିଆଯାଇନାହିଁ। କାରଣ ଏଗୁଡ଼ିକ ଉପନ୍ୟାସର ଗୁଣଧର୍ମ ରକ୍ଷାକରିପାରି ନାହାନ୍ତି। ଫଳରେ ଏଗୁଡ଼ିକୁ ଉପନ୍ୟାସ ପର୍ଯ୍ୟାୟଭୁକ୍ତ କରାଯାଇନାହିଁ। ତେଣୁ କାହ୍ନୁଚରଣ ମହାନ୍ତିଙ୍କ 'ସତ୍ୟବତୀ' (୧୯୮୦) ଉପନ୍ୟାସକୁ ପ୍ରଥମ ପୌରାଣିକ ଉପନ୍ୟାସର ମାନ୍ୟତା ମିଳିଥାଏ। ପରବର୍ତ୍ତୀ ସମୟରେ ଯେଉଁ କଥାକାରମାନେ ପୌରାଣିକ ଉପନ୍ୟାସରେ ମନୋନିବେଶ କରିଛନ୍ତି ସେମାନଙ୍କ ମଧ୍ୟରେ ନୃସିଂହ ଚରଣ ପଣ୍ଡା (ବିଶ୍ୱାମିତ୍ର ଉବାଚ), ବିଜୟିନୀ ଦାସ(ଦେବଦାସୀ), ରୋଜାଲି ନନ୍ଦ (କର୍ଣ୍ଣ), ସୁରେନ୍ଦ୍ରନାଥ ଶତପଥୀ (ଶର୍ମିଷ୍ଠା, ଯୋଜନଗନ୍ଧା, କର୍ଣ୍ଣ, କୃଷ୍ଣା, ରାବଣ, ଜାନକୀ, କୁନ୍ତୀ) ଅନାଦି ସାହୁ (ଜରାସନ୍ଧ, ମୟ, ବରୁଣ), ପ୍ରତିଭା ରାୟ (ଯାଜ୍ଞସେନୀ, ମହାମୋହ), ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ (ପିତାମହ ଭୀଷ୍ମ, ମହାନାୟକ ଶ୍ରୀକୃଷ୍ଣ, କୁନ୍ତୀପୁତ୍ର, ଉତ୍ତରା, ଦ୍ରୋଣ, ଦମୟନ୍ତୀ), ବଳରାମ ଦାସ (ଜନକନନ୍ଦିନୀ), ଯୋଗେନ୍ଦ୍ର ନାଥ ଦାସ (ତପସ୍ୱିନୀ ରାଜବଧୂ, ଅନ୍ୟ ଏକ ଉତ୍ତରା), ବିଧୁପ୍ରଭା ରଥ(ଶୁଣ ଫାଲ୍‌ଗୁନି), ଶାନ୍ତି ମହାପାତ୍ର ବଳ (ମୁଁ କୈକେୟୀ କହୁଛି, ଦେବଯାନୀ), ରବି ନାୟକ(କୃଷ୍ଣାର ଆତ୍ମଲିପି, ଶ୍ରୀରାଧା), ଭାଗବତ ବେହେରା(ପୁତନା, କଂସ, ସୁଦାମା, କୁବ୍‌ଜା), ନରସିଂହ ମିଶ୍ର (ଶକୁନି. କାର୍ତ୍ତିକେଶ୍ୱର ପାତ୍ର (ଭୀମ), ଅର୍ଜ୍ଜୁନ ଚରଣ ପଣ୍ଡା (ଭରତ), ଯୋଗେନ୍ଦ୍ରନାଥ ଦାସ (ଅନ୍ୟ ଏକ ଉତ୍ତରା) ଏବଂ କନକଲତା ମହାନ୍ତି (ଭକ୍ତ ସୁଦାମା) ଇତ୍ୟାଦି ଅନ୍ୟତମ। ଏହି ଉପନ୍ୟାସକାରମାନେ କଳ୍ପନା ଅପେକ୍ଷା ଜୀବନ ଓ ମନୋରଞ୍ଜନ ଅପେକ୍ଷା ସଚେତନତାର ବୀଜ ରୋପଣ

କରି ଆଧୁନିକ ମଣିଷର ଜୀବନମାର୍ଗ ସୁଗମ କରିବା ପାଇଁ ଚେଷ୍ଟା କରିଛନ୍ତି । ଏକବିଂଶ ଶତାବ୍ଦୀରେ ଉପନ୍ୟାସ ଆଉ କେବଳ ମନୋରଂଜନର ମାଧ୍ୟମ ହୋଇ ରହିନାହିଁ; ବରଂ ପଥପ୍ରଦର୍ଶକ ହୋଇପାରିଛି ।

ସାମ୍ପ୍ରତିକ ସମୟରେ ସାହିତ୍ୟରେ ବିଭିନ୍ନ ପରିବର୍ତ୍ତନର ସ୍ୱର ଝଙ୍କୃତ ହୋଇଛି । ସାମାଜିକ ମଣିଷର ଭାବ ଓ ଚରିତ୍ରକୁ ଲକ୍ଷ୍ୟ କରି ଏହି ସମୟରେ ଉପନ୍ୟାସକାର ଉପନ୍ୟାସର କଳେବର ଓ ଭାବଚିତ୍ରରେ ଆଣିଛନ୍ତି ପରିବର୍ତ୍ତନ । ସାମ୍ପ୍ରତିକ ସମୟରେ ପୁରାଣର କଥାବସ୍ତୁ ଓ ଚରିତ୍ରକୁ ତଉଲି ସତ୍ୟ-ଅସତ୍ୟର ଚିତ୍ର ଉନ୍ମୋଚନ କରିଛନ୍ତି । ରାମାୟଣର କଥାବସ୍ତୁ ଓ ଚରିତ୍ରକୁ ଉପଜୀବ୍ୟ କରି ଅନେକ ଉପନ୍ୟାସ ଏହି ସମୟରେ ରଚନା କରାଯାଇଛି ।

## ରାମାୟଣର କଥାବସ୍ତୁ ଓ ଚରିତ୍ର ଆଧାରିତ ଉପନ୍ୟାସ (ଖଳ ଚରିତ୍ର, ମହତ ଚରିତ୍ର) :

ଭାରତୀୟ ଦୃଷ୍ଟିକୋଣରେ ରାମାୟଣ ଏକ ଆଦର୍ଶସ୍ଥାନୀୟ ପୌରାଣିକ ଗ୍ରନ୍ଥ । ସାମାଜିକ ମଣିଷ ଜୀବନରେ ଶୃଙ୍ଖଳା, ଆଦର୍ଶ, ନୈତିକତା ଓ ଧୈର୍ଯ୍ୟଶୀଳତାର ଶିକ୍ଷା ଏଇଥିରୁ ପାଇଥାଏ । ମର୍ଯ୍ୟାଦାର ପରାକାଷ୍ଠା ରାମଚନ୍ଦ୍ର, ଭାତୃ ଆଜ୍ଞାକାରୀ ଲକ୍ଷ୍ମଣ, ସହନଶୀଳତାର ଉଦାର ଚରିତ୍ର ସତୀସୀତା ଓ ତ୍ୟାଗ-ସମର୍ପିତ ବ୍ୟକ୍ତିତ୍ୱର ଅଧିକାରୀ ଭରତଙ୍କ ପରି ଚରିତ୍ର ସାମାଜିକ ଜୀବନକୁ ପ୍ରଭାବିତ କରିଥାଏ । ଏହା ବ୍ୟତୀତ ଗର୍ବ, ଅହଂକାର, ଦର୍ପ ଓ ଐଶ୍ୱର୍ଯ୍ୟର ପ୍ରତିନିଧିତ୍ୱ କରୁଥିବା ରାବଣ ଚରିତ୍ରର ପ୍ରଭାବ ମଧ୍ୟ ସମକାଳୀନ ସମାଜରେ ପରିଦୃଶ୍ୟ । ଏଣୁ ପୁରାଣକାର ରାମାୟଣର ଏହି ଆଦର୍ଶ ଓ ଅନାଦର୍ଶ ଚରିତ୍ରମାନଙ୍କୁ ଯେଉଁ ଭାବରେ ଚିତ୍ରଣ କରିଛନ୍ତି ଆଧୁନିକ ସମୟରେ ଔପନ୍ୟାସିକ ତାହାକୁ ସମୀକ୍ଷାତ୍ମକ ଭାବରେ ଅବତାରଣା କରିଛନ୍ତି । ପୌରାଣିକ ଉପନ୍ୟାସ ଅବିକଳ ପୁରାଣ ନୁହେଁ ବରଂ, ପୁରାଣର ଛାଂଚରେ ରଚିତ ଆଧୁନିକ ମଣିଷର ପ୍ରତିଲିପି । ପୁରାଣର ଚରିତ୍ର ମଧ୍ୟରେ ଆଧୁନିକ ମଣିଷ ନିଜକୁ ଖୋଜେ ବା ଦୁଷ୍ଟ ଚରିତ୍ରର କ୍ରିୟାକଳାପକୁ ସମୀକ୍ଷା କରେ । ଏଣୁ ରାମାୟଣର କଥାବସ୍ତୁ ଓ ଚରିତ୍ରକୁ କେନ୍ଦ୍ର କରି ରଚିତ ହୋଇଥିବା କେତୋଟି ଉପନ୍ୟାସ ହେଉଛି –ଯୋଗେନ୍ଦ୍ରନାଥ ଦାସଙ୍କ 'ତପସ୍ୱିନୀ ରାଜବଧୂ', ସୁରେନ୍ଦ୍ରନାଥ ଶତପଥୀଙ୍କର ମନ୍ଥରା (୧୯୯୪), 'ରାବଣ' (୨୦୦୫), ଜାନକୀ (୨୦୦୬), ଜଗନ୍ନାଥ ଧଳଙ୍କ 'ନିର୍ଦ୍ଦୋଷ ଦଶାନନ' (୨୦୦୮), କୁମ୍ଭକର୍ଣ୍ଣ , ଶୁକଦେବ ସାହୁଙ୍କ 'ରାବଣ' (୨୦୦୯), 'ଜାନକୀ' (୨୦୦୮), ଅର୍ଜୁନ ଚରଣ ପଣ୍ଡାଙ୍କ 'ଭରତ' (୨୦୧୧), 'ତାରା ମହାଦେଇ' (୨୦୧୧), ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟଙ୍କ 'ନିଭୃତ ସଂଳାପ ମୈଥିଳୀ' (୨୦୧୧), 'ଲଙ୍କାଧିପତି ଦଶାନନ' (୨୦୧୪) ଓ ଭାଗବତ ବେହେରାଙ୍କ 'ବୈଦେହୀ' (୨୦୧୭) ଇତ୍ୟାଦି ଅନ୍ୟତମ ।

ରାମାୟଣରେ 'ରାବଣ' ଏକ ଖଳ ତଥା ଦୁଷ୍ଟ ଚରିତ୍ର ରୂପରେ ଚିତ୍ରିତ । ଆର୍ଯ୍ୟଋଷି ବିଶ୍ରବା ନନ୍ଦନ ହୋଇ ଅନାର୍ଯ୍ୟ କାର୍ଯ୍ୟ ତାଙ୍କୁ ନିନ୍ଦିତ କରିଛି । ବାଲ୍ମିକୀଙ୍କ 'ରାମାୟଣ' ହେଉ କି ତୁଳସୀ ଦାସଙ୍କ 'ରାମଚରିତ ମାନସ' ହେଉ ଅବା ବଳରାମ ଦାସଙ୍କ 'ଦାଣ୍ଡି ରାମାୟଣ' ହେଉ ସବୁଥିରେ ରାବଣ ଜଣେ ପ୍ରତିନାୟକ ରୂପେ ଚିତ୍ରିତ । ସ୍ୱର୍ଣ୍ଣମୟୀ ଲଙ୍କା ଓ ଦେବଶକ୍ତି ତାଙ୍କର ପଦାଶ୍ରିତ ଥିଲେ ମଧ୍ୟ ସେ ଯେଉଁ ଘୃଣ୍ୟ କାର୍ଯ୍ୟ କରିଥିଲେ ସେଥିପାଇଁ ସେ ସମାଜ ଆଖିରେ ନିନ୍ଦିତ ଚରିତ୍ର । ମାତା ସୀତାଙ୍କୁ ହରଣ କରି ନିଜର ବୃଥା ବୀରତ୍ୱ ଓ ଅହଂକାରକୁ ପ୍ରକାଶ କରି ଶେଷରେ ଶ୍ରୀରାମଙ୍କ ହାତରେ ମୃତ୍ୟୁ ବରଣ କରିଥିବା ଦୁଷ୍ଟ ଚରିତ୍ର ହେଉଛି ରାବଣ । ଏହି 'ରାବଣ' ଚରିତ୍ରକୁ ଆଧାରକରି ବିଂଶ ଶତାବ୍ଦରେ ଯେଉଁ ଉପନ୍ୟାସ ରଚନା ହୋଇଛି ସେଥିମଧ୍ୟରୁ- ସୁରେନ୍ଦ୍ରନାଥ ଶତପଥୀଙ୍କ 'ରାବଣ', ଶୁକଦେବ ସାହୁଙ୍କ 'ରାବଣ', ଜଗନ୍ନାଥ ଧଳଙ୍କ 'ନିର୍ଦ୍ଦୋଷ ଦଶାନନ' ଓ ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟଙ୍କ 'ଲଙ୍କାଧିପତି ଦଶାନନ' ଆଦି ଅନ୍ୟତମ । ସୁରେନ୍ଦ୍ର ନାଥ ଶତପଥୀଙ୍କ 'ରାବଣ' ଆତ୍ମକଥନ ଶୈଳୀରେ ରଚିତ । ଏଥିରେ ରାବଣ ନିଜର କର୍ମ ପାଇଁ ଅନୁତପ୍ତ । "ମୁଁ କ'ଣ ସେଇ ବ୍ରାହ୍ମଣ, ଯାହାଙ୍କର କାମ୍ୟ ହେଉଛି ସାରା ଜଗତ୍‌ର ମଙ୍ଗଳ ? ଯେ ଖାଲି ଦିଅନ୍ତି, କିନ୍ତୁ କିଛି ନିଅନ୍ତି ନାହିଁ ? ଅଥବା ମୁଁ କ'ଣ ସେଇ ରାକ୍ଷାସ, ଯେ ଖାଲି ନେଇ ଜାଣେ, ପୁଣି ବଳପୂର୍ବକ, କିନ୍ତୁ କିଛି ହେଲେ ଦେଇ ଜାଣେ ନାହିଁ ? ପ୍ରାଣ ମୋର ବାରମ୍ବାର ପ୍ରଶ୍ନ କରୁଥାଏ, ମୁଁ କିଏ ? କ'ଣ ଅମୃତର ଏକ ପିଣ୍ଡ ? ନା ବିଷର ଏକ ପ୍ରମୂର୍ତ୍ତ ବିଗ୍ରହ ?" (ସୁରେନ୍ଦ୍ର ନାଥ ଶତପଥୀ, ରାବଣ, ପୃ-୩୦୬) ଏହି ଉପନ୍ୟାସରେ ରାବଣ ନିଜର ଆତ୍ମଜ୍ଞାନ ଲାଭ କରିଛି । ଯେଉଁଥି ପାଇଁ ସେ ପଶ୍ଚାତ୍ତାପ ଅଗ୍ନିରେ ବାରମ୍ବାର ଜଳିଛି । ଅନ୍ୟପକ୍ଷରେ ଶୁକଦେବ ସାହୁଙ୍କ 'ରାବଣ'ରେ ରାବଣ ନିଜର ମୂଲ୍ୟାୟନ କରିଛି । ସେ ଏଠି ଅନୁତପ୍ତ ନୁହେଁ । ସେ ଯେଉଁ କର୍ମ କରିଛି ସେଥିପାଇଁ ତାକୁ ମୃତ୍ୟୁ ଦଣ୍ଡ ମିଳିବ ଜାଣି ମଧ୍ୟ ସେ ଅନୁଶୋଚନା କରିନାହିଁ ବରଂ ବୀରତ୍ୱର ସହ ଯୁଦ୍ଧ କରିବାକୁ ଶ୍ରେୟ ମଣିଛି । ସେ ଜଣେ ବ୍ରାହ୍ମଣ । ଏକ ପକ୍ଷଭୁକ୍ତ ହୋଇ ବିଭିନ୍ନ ପୁରାଣରେ ତାର କେବଳ ନିନ୍ଦା ହିଁ କରାଯାଇଛି, ଯେଉଁଥି ପାଇଁ ସେ କ୍ଷୋଭ ପ୍ରକାଶ କରିଛି । ତାର ଉତ୍ତମ ଗୁଣର ପରିପ୍ରକାଶ ଘଟିନଥିବାର ଅନୁଶୋଚନା ହିଁ ଏହି ଉପନ୍ୟାସର ଆଧାର ।

ଜଗନ୍ନାଥ ଧଳଙ୍କ 'ନିର୍ଦ୍ଦୋଷ ଦଶାନନ' ମଧ୍ୟ ଆତ୍ମ କଥନ ଶୈଳୀରେ ରଚିତ । ଏଥିରେ ଦଶାନନ ନିଜ ପ୍ରତି ହୋଇଥିବା ଅବିଚାରର କୈଫତ୍ ମାଗିବା ସହ ପତ୍ନୀ ମନ୍ଦୋଦରୀଙ୍କ ନିକଟରେ କ୍ଷୋଭ ପ୍ରକାଶ କରିଛି । ବିଭିନ୍ନ ପ୍ରଶ୍ନ ମାଧ୍ୟମରେ ନିଜର ନିର୍ଦ୍ଦୋଷତା ପ୍ରମାଣ କରିବା ପାଇଁ ଚେଷ୍ଟା କରିଛି । ମନ୍ଦୋଦରୀଙ୍କ ନିକଟରେ ପ୍ରକାଶ କରିଥିବା ନିଜର ବ୍ୟଥା ହେଉଛି- "ମନ୍ଦୋଦରୀ ! ରାବଣ

ରାମାୟଣ ନାଟକର ଖଳନାୟକ ନୁହେଁ; ପ୍ରକୃତ ଖଳନାୟକ ଲୋକଲୋଚନକୁ ଆସିବାର ସମ୍ଭାବନା ମ ନାହିଁ। X X X ରାବଣର ନିନ୍ଦା ପ୍ରଚାର କରାନଗଲେ ଶ୍ରୀରାମଙ୍କ ଚରିତ୍ର ଯଶ ମଣ୍ଡିତ ହେବ କେମିତି ?" (ଜଗନ୍ନାଥ ଧଳ, 'ନିର୍ଦ୍ଦୋଷ ଦଶାନନ', ପୃ-୯) ଔପନ୍ୟାସିକା ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟଙ୍କ 'ଲଙ୍କାଧିପତି ଦଶାନନ' ଏକ ଭିନ୍ନ ଧରଣର ବ୍ୟକ୍ତିତ୍ୱ। ସେ ଜାଣିଛି ତାର ମୃତ୍ୟୁ ଜଣେ ନାରୀ ପାଇଁ ହିଁ ହେବ। ମାନବରୂପୀ ପରଂବ୍ରହ୍ମ ଶ୍ରୀରାମଙ୍କ ଦ୍ୱାରା ମୃତ୍ୟୁ ଲଭିଲେ ସେ ମୋକ୍ଷ ଲାଭ କରିବ। ଔପନ୍ୟାସିକା ଏଥିରେ ରାବଣକୁ ଜଣେ ସ୍ୱାଭୀମାନୀ ବ୍ୟକ୍ତି ରୂପରେ ଅବତାରିତ କରିଛନ୍ତି। ଲକ୍ଷ୍ମୀପ୍ରିୟା ରାବଣକୁ କେତେବେଳେ ପ୍ରେମିକ ଭୂମିକାରେ ଅବତୀର୍ଣ୍ଣ କରାଇଛନ୍ତି ତ ପୁଣି କେତେବେଳେ ପ୍ରଚଣ୍ଡ ପରାକ୍ରମଶାଳୀ ଭାବରେ।

'ଭରତ' ଜଣେ ଆଦର୍ଶ ଭ୍ରାତା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ। ନିଜର ସର୍ବସ୍ୱ ତ୍ୟାଗ କରି ଭାଇଙ୍କ ପାଇଁ ଜୀବନ ଉତ୍ସର୍ଗ କରିପାରୁଥିବା ଜଣେ ବ୍ୟକ୍ତିତ୍ୱକୁ ରାମାୟଣକାର ଉଲ୍ଲେଖ କରି ଯୁଗ ଯୁଗ ପାଇଁ ଉଦାହରଣ ସୃଷ୍ଟି କରିଯାଇଛନ୍ତି। ସାମ୍ପ୍ରତିକ ସମାଜରେ ରାଜନୀତି ଓ ରାଜନେତାମାନଙ୍କର ସ୍ୱରୂପ ଲକ୍ଷ୍ୟ କରି ଲେଖକ ଅର୍ଜ୍ଜୁନ ଚରଣ ପଣ୍ଡା ରଚନା କରିଛନ୍ତି 'ଭରତ' ଉପନ୍ୟାସ। ରାମଙ୍କ ଆଜ୍ଞାନୁଶାରେ ଭରତ କିପରି ପ୍ରଜାଙ୍କୁ ପାଳନ କରି ଆଦର୍ଶ ସ୍ଥାପନ କରିଥିଲେ ଏବଂ ସମାଜ ପାଇଁ ନିଜ ସୁଖକୁ ତୁଚ୍ଛ ମନେ କରିଥିଲେ ତାହା ଆଜିର ରାଜନେତାମାନଙ୍କ ପାଇଁ ପ୍ରେରଣା ହେବା ଆବଶ୍ୟକ। "ମୁଁ ନୁହେଁ ସମୂହ" ଏହି ଭାବ ଜଣେ ଉତ୍ତମ ଶାସକର ଲକ୍ଷଣ। ଭରତ ଏହି ଭାବପୋଷଣ କରି ରାଜ୍ୟ ଶାସନ କରୁଥିଲେ। ଭରତଙ୍କ ପରି ଚରିତ୍ରକୁ ରାମାୟଣରୁ ଉଦ୍ଧାର କରି ତାଙ୍କର ବ୍ୟକ୍ତିତ୍ୱ, ଚରିତ୍ର ଓ ଅନୁଶାସନକୁ ସମକାଳୀନ ଦୃଷ୍ଟିକୋଣରୁ ବିଚାର କରିଛନ୍ତି ଲେଖକ। ଭରତଙ୍କୁ ଅଯୋଧ୍ୟାର ରାଜସିଂହାସନ ମିଳିଥିଲେ ମଧ୍ୟ ସେ ତାହାକୁ ସ୍ୱୀକାର ନକରି ବଡ଼ ଭାଇଙ୍କ ପାଇଁ ଉତ୍ସର୍ଗ କରିଛନ୍ତି। 'କୁମ୍ଭକର୍ଣ୍ଣ' ଚରିତ୍ର ରାମାୟଣର ଏକ ଭିନ୍ନଧରଣର ଚରିତ୍ର। ରାବଣର ସମସ୍ତ କୁକର୍ମ ସମ୍ପର୍କରେ ସେ ଅବଗତ ଥାଇବି ଭାଇଙ୍କ ପଦାଙ୍କ ଅନୁସରଣ କରି ନିଜେ କୁକର୍ମରେ ଲିପ୍ତ ରହିଛି। ବ୍ରାହ୍ମଣ ବିଶ୍ରବା ନନ୍ଦନ ହୋଇଥିଲେ ମ ଆସୁରିକ ପ୍ରବୃତି ପାଇଁ ଇତିହାସରେ ସେ ନିନ୍ଦିତ। ଭରତଙ୍କ ଭଳି ଭାତୃପ୍ରେମରେ ସେ ଥିଲା ଅନ୍ଧ। ଭାଇ ରାବଣର ସମସ୍ତ ଅସତ କର୍ମରେ ସେଥିଲା ସହଭାଗୀ। ସତ୍ ଅସତ୍‌ର ଜ୍ଞାତ ଥିଲେ ମଧ୍ୟ ସେ ଭାଇପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଦେଇଛି। କୁମ୍ଭକର୍ଣ୍ଣର ଏପରି ସମର୍ପଣ ଭାବକୁ ଲକ୍ଷ୍ୟ କରି ଜଗନ୍ନାଥ ଧଳ ରଚନା କରିଛନ୍ତି ଉପନ୍ୟାସ 'କୁମ୍ଭକର୍ଣ୍ଣ'। ଲେଖକ ସାମ୍ପ୍ରତିକ ଦୃଷ୍ଟି କୋଣରୁ ବିଚାର କରି କୁମ୍ଭକର୍ଣ୍ଣର ଉଭୟ ଭଲ ଓ ମନ୍ଦକୁ ଉଲ୍ଲେଖ କରିଛନ୍ତି।

ରାମାୟଣର ନାୟିକା ତଥା ଲକ୍ଷ୍ମୀସ୍ୱରୂପା ସତୀସୀତାଙ୍କ ଚରିତ୍ରକୁ ନେଇ ଓଡ଼ିଆ ଉପନ୍ୟାସ ସମୃଦ୍ଧ ହୋଇଛି। ସୀତାଙ୍କ ଚରିତ୍ରକୁ ନେଇ ସୁରେନ୍ଦ୍ରନାଥ ଶତପଥୀଙ୍କ 'ଜାନକୀ', ଶୁକଦେବ ସାହୁଙ୍କ 'ଜାନକୀ', ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟଙ୍କ 'ନିଭୃତ ସଂଳାପ ମୈଥିଳୀ' ଓ ଭାଗବତ ବେହେରାଙ୍କ 'ବୈଦେହୀ' ଆଦି ରଚିତ। ଭାରତୀୟ ଜନମାନସରେ ସୀତା ଜଣେ ଆଦର୍ଶନାରୀ ଚରିତ୍ର। "ବାଲ୍ମୀକି ଦେଖିଛନ୍ତି ତାଙ୍କୁ ତ୍ୟାଗମୟୀ, ସ୍ନେହମୟୀ ଓ କୁଳୀନ ନାରୀ ଭାବେ। କୃଷି ପ୍ରଧାନ ସଭ୍ୟତାରେ ନାରୀର ତ୍ୟାଗ, ନିଷ୍ଠା ସୀତାଙ୍କ ଜୀବନରେ ପୂର୍ଣ୍ଣ ପ୍ରତିଫଳିତ। ଫଳତଃ ସେ ହୋଇ ଉଠିଛନ୍ତି ସତୀ ଓ ପତିବ୍ରତା। ପ୍ରେମ ଓ ପାତିବ୍ରତ୍ୟ ପାଇଁ ବାରମ୍ବାର ପରୀକ୍ଷା, କିମ୍ବା ବିଚ୍ଛେଦର ସମ୍ମୁଖୀନ ହୋଇଛନ୍ତି। ତେଣୁ ଜୀବନରେ କାରୁଣ୍ୟ ମୁଖ୍ୟ ଅବଲମ୍ବନ ହୋଇ ଉଠିଛି।" (ଶତପଥୀ, ନଟବର, ପୁରାଣ ପରିଶୀଳନ, ପୃ-୨୯୨) ଔପନ୍ୟାସିକ ସୁରେନ୍ଦ୍ରନାଥ ଶତପଥୀଙ୍କ 'ଜାନକୀ' ଏବଂ ଶୁକଦେବ ସାହୁଙ୍କ 'ଜାନକୀ'ରେ ସୀତା ଜଣେ ଆଦର୍ଶ ସ୍ଥାନୀୟା ନାରୀ। ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟଙ୍କ 'ନିଭୃତ ସଂଳାପ ମୈଥିଳୀ'ରେ ସୀତା ନିଜକୁ ବାରମ୍ବାର ପ୍ରଶ୍ନ କରିଛନ୍ତି ଜଣେ ଆଦର୍ଶ ସ୍ଥାନୀୟ ରାଜା ଏବଂ କୃପାଳୁ ପୁରୁଷ କାହିଁକି ବିନା ଦୋଷରେ ତାଙ୍କୁ ଦଣ୍ଡ ବିଧାନ କଲେ ? ନାରୀ ଅବଳା ଦୁର୍ବଳା ହେଲେ ବି ସେ ସକ୍ତି ସ୍ୱରୂପିଣୀ। ସେ ସ୍ନେହ, ପ୍ରେମର ମୂର୍ତ୍ତିମନ୍ତ ପ୍ରତୀକ ତ ପୁଣି କେତେବେଳେ କାତ୍ୟାୟିନୀ ରୂପରେ ସଂହାରକାରିଣୀ। ଔପନ୍ୟାସିକା ପୁରାଣରେ ଦଣ୍ଡିତା ସୀତାଙ୍କର ମାନସିକ ପ୍ରତିକ୍ରିୟାକୁ ଅବଲମ୍ବନ କରି ଆଧୁନିକ ନାରୀ ମନସ୍ତତ୍ତ୍ୱକୁ ମାର୍ମିକ ଭାବରେ ରୂପପ୍ରଦାନ କରିଛନ୍ତି।

**ନିଷ୍କର୍ଷ :**

ସାଧାରଣତଃ ଇତିହାସ ସତ୍ୟାଶ୍ରୟୀ, ପୁରାଣ ବିଶ୍ୱାସାଶ୍ରୟୀ। ସାହିତ୍ୟ ଇତିହାସ ଓ ପୁରାଣର ଘଟଣା ଭିତରୁ ଜୀବନକୁ ଉନ୍ମୋଚିତ କରିଥାଏ। ସାମାଜିକ ମଣିଷର ଅବକ୍ଷୟ ଜୀବନରେ ସଂଜୀବନୀ ସଂଚାର କରେ ପୁରାଣ। ତେଣୁ ପୁରାଣକୁ ଭିନ୍ନ ଭାବରେ ଅବତାରଣା କରି ଲେଖକ ପୌରାଣିକ ଉପନ୍ୟାସର ପରିକଳ୍ପନା କରିଛି। ପୁରାଣ ପରମ୍ପରାରେ 'ରାମାୟଣ'ର ବିଶେଷ ମହତ୍ତ୍ୱ ରହିଛି। କାରଣ ଆଦର୍ଶ ସମାଜ ଗଠନ ଓ ନୈତିକ ଜୀବନ ନିର୍ମାଣରେ ରାମାୟଣର ପ୍ରମୁଖ ଭୂମିକାକୁ ଏ ସମାଜ ସ୍ୱୀକାର କରିଛି। ବହୁକାଳଧରି ଭାରତୀୟ ତଥା ବିଶ୍ୱ ସାହିତ୍ୟକୁ ପ୍ରଭାବିତ କରିଥିବା 'ରାମାୟଣ' ଓଡ଼ିଆ ସାହିତ୍ୟକୁ ମଧ୍ୟ କରିଛି ପ୍ରଭାବିତ। ପ୍ରାଚୀନ ଓ ମଧ୍ୟଯୁଗ ଦେଇ ଆଧୁନିକ ସମୟ ପର୍ଯ୍ୟନ୍ତ ରାମାୟଣର ପ୍ରାସଙ୍ଗିକତା ଓ ଆବଶ୍ୟକତାକୁ ଅନୁଭବ କରି ଲେଖକମାନେ ଏହାର ପୁନର୍ନିର୍ମାଣ କରିଛନ୍ତି। ଲେଖକ ଜଣେ ଦ୍ରଷ୍ଟା ହୋଇଥିବାରୁ ରାମାୟଣର ବିଶେଷତାକୁ ଉପଲବ୍ଧି କରି ସାହିତ୍ୟର ବିଭାନ୍ନ ବିଭାଗରେ ଏହାର ପ୍ରତିଫଳନ କରାଇଛନ୍ତି। ଯଥା– କବିତା, ଗଳ୍ପ ଓ ଉପନ୍ୟାସ, ପ୍ରବନ୍ଧ ଓ ନାଟକ ପରି ବିଭାଗରେ ରାମାୟଣ ଓ

ପୁରାଣର ଘଟଣା ବିସ୍ତୃତ ଭାବରେ ଅବତାରିତ ହୋଇଛି । ଅନ୍ୟ ବିଭାଗରେ ପୁରାଣ ମିଥ୍ ରୂପରେ ଅବତାରିତ ହେବା ବେଳେ ଉପନ୍ୟାସରେ ଅବିକଳ ଚିତ୍ରଣ ହୋଇଛି । ଔପନ୍ୟାସିକ ପୁନର୍ମୂଲ୍ୟାୟନ ପରିପ୍ରେକ୍ଷୀରେ ଉପନ୍ୟାସକୁ ପରିକଳ୍ପନା କରିଥାନ୍ତି । ବାସ୍ତବିକ୍ ଏହି ପୌରାଣିକ ଉପନ୍ୟାସ ଗୁଡ଼ିକରେ ଆମେ ପୁରାଣର ଲୌକିକତା ବଦଳରେ ସାମ୍ପ୍ରତିକ ସମୟର ପରୀକ୍ଷା ନିରୀକ୍ଷାକୁ ଲକ୍ଷ୍ୟ କରିଥାଉ । ଗାଲୁଗଳ୍ପ ବଦଳରେ ବାସ୍ତବତାକୁ ଅଧିକ ଉପଲବ୍ଧି କରିଥାଉ । କିଏ ମିଛ, କିଏ ସତ, କିଏ ପୁଣି କୁହେଳିକାମୟ ହୋଇପାରେ, ମାତ୍ର ଔପନ୍ୟାସିକ ମିଛସତ ମଧ୍ୟରେ ଆପଣାର ଦାର୍ଶନିକ ଓ ବୈଜ୍ଞାନିକ ମନକୁ କେନ୍ଦ୍ରାୟିତ କରିଛନ୍ତି ପୌରାଣିକ ବିଷୟବସ୍ତୁ ଉପରେ । ଯାହା ଫଳରେ ଔପନ୍ୟାସିକ ପୌରାଣିକ ଚରିତ୍ରର ପୁନର୍ନ୍ୟାସ କରି ସେମାନଙ୍କ ସ୍ୱରୂପକୁ ଉଦ୍‌ଘାଟନ କରିବାସହ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଛନ୍ତି ।

**ସହାୟକ ଗ୍ରନ୍ଥସୂଚୀ :**


୧. ପାଣିଗ୍ରାହୀ, ସୁରେନ୍ଦ୍ରନାଥ : ଓଡ଼ିଆ ଉପନ୍ୟାସର କ୍ରମବିକାଶ, ମହାଦେବୀ ପବ୍ଲିକେସନ୍, ବ୍ରହ୍ମପୁର-୩, ପ୍ରଥମ ସଂସ୍କରଣ, ୨୦୦୬

୨. ମହାରଣା, ଡ.ସୁରେନ୍ଦ୍ର କୁମାର : ଓଡ଼ିଆ ସାହିତ୍ୟର ଇତିହାସ, ତୃତୀୟ ସଂସ୍କରଣ, ଓଡ଼ିଶା ବୁକ୍ ଷ୍ଟୋର, କଟକ, ୨୦୧୫

୩. ମିଶ୍ର, ଡକ୍ଟର କାହ୍ନୁଚରଣ, ପୂର୍ବ ଭାରତରେ ରାମାୟଣ, ଓଡ଼ିଶା ସଂସ୍କୃତି ପରିଷଦ, ଭୁବନେଶ୍ୱର, ୧୯୮୭

୪. ମିଶ୍ର, ପଣ୍ଡିତ ନୀଳମଣି, ଓଡ଼ିଆ ରାମ ସାହିତ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ୧୯୬୦

୫. ଶତପଥୀ ଡ.ନଟବର, ପୁରାଣ ପରିଶୀଳନ ଏସ.ବି ପବ୍ଲିକେଶନସ୍, କଟକ, ୧୯୯୦

୬. ସାହୁ, ଡ.ନୃସିହଂ ଚରଣ : ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ, ଓଡ଼ିଶା ବୁକ୍ ଷ୍ଟୋର, କଟକ, ୨୦୧୧

7. Aiyar, C.P.ramaswami:The Cultural Heritage of India, Vol-II, The Ramakrushna Mission, Culcutta, 1982


❖ ❖ ❖

DOI : https://doi.org/10.5281/zenodo.14835231 ମୂଳ ପ୍ରବନ୍ଧ

# ଓଡ଼ିଶାରେ ଅଭିଧାନ ପରମ୍ପରା

**ମୋନାଲିସା ବାରିକ ଓ**

**ରୁଦ୍ରନାରାୟଣ ମହାପାତ୍ର**

**ସଂକ୍ଷିପ୍ତସାର :**

କାଳକ୍ରମେ ପାଶ୍ଚାତ୍ୟ ଓ ପ୍ରାଚ୍ୟ ଅଭିଧାନ ପ୍ରଣୟନ ପରଂପରାରେ ଅଭିଧାନର ବିଭିନ୍ନ ପ୍ରକାର ସଂପର୍କରେ (ଧବନ – ୨୦୨୨, ସିଂହ-୨୦୨୨, ଖୁସେନୋଭା-୨୦୨୧, ବନ୍ଦ୍ୟୋପାଧ୍ୟାୟ- ପରିଚ୍ଛେଦ ୧,୨- ୧୯୯୯, ଗୁପ୍ତା-ପରିଚ୍ଛେଦ-୧-୨୦୧୯, ପରିଚ୍ଛେଦ-୨,୨୦୧୩ IGNOU, ପରିଚ୍ଛେଦ -୬,୨୦୧୭, IGNOU, ପରିଚ୍ଛେଦ-୩-୨୦୧୭ TNOU, ଇଂରାଜୀ, ହିନ୍ଦୀ, ବଙ୍ଗଳା, ଅସମୀୟା ଇତ୍ୟାଦି ଭାଷାରେ ବିଶେଷଭାବରେ ଆଲୋଚନା କରାଯାଇଥିଲେ ମଧ୍ୟ ଓଡ଼ିଆ ଅଭିଧାନ ରଚନା ପରଂପରା କ୍ଷେତ୍ରରେ ବିଶେଷଭାବରେ ଆଲୋଚନା କରାଯାଇନାହିଁ। ଓଡ଼ିଆ ଭାଷାର ଅଭିଧାନଗୁଡ଼ିକ ମୁଖ୍ୟତଃ କାଳାନୁକ୍ରମିକ (Periodically), ସ୍ୱତନ୍ତ୍ର (Specifically) ଓ ଭାଷାଗତ ଭାବରେ (Linguistically) (ଗୌରାଙ୍ଗ ଚରଣ, ପ୍ରଦୀପ କୁମାର ପଟ୍ଟନାୟକ–୨୦୧୭, ବିଜୟାନନ୍ଦ ସିଂହ– ୨୦୨୩, ବସନ୍ତ କୁମାର ପଣ୍ଡା–୨୦୨୪) ପ୍ରଦାନକରି ଆଲୋଚନା କଲାବେଳେ ଅଭିଧାନକୁ ଭାଷା, ସଂରଚନା, ତାତ୍ତ୍ୱିକ, ବିଷୟମୂଳକ ଓ କାଳଦୃଷ୍ଟିରୁ ବିଭାଗୀକରଣ କରି ଆଧୁନିକ ଅଭିଧାନ ସଂପର୍କରେ ମୌଳିକ ତଥ୍ୟ ପ୍ରଦାନ କରାଯାଇଥିଲେ ମଧ୍ୟ କେବଳ ଭାଷାଗତ ଦୃଷ୍ଟିରୁ ଓଡ଼ିଆ ଅଭିଧାନର ପ୍ରକାରଭେଦକୁ ବିଶେଷଭାବରେ ବିଶ୍ଳେଷଣ ପୂର୍ବକ ଓ ପ୍ରତ୍ୟେକ ଅଭିଧାନକୁ ସ୍ୱତନ୍ତ୍ରଭାବରେ ବିଚାର କରାଯାଇଛି (ରବୀନ୍ଦ୍ର କୁମାର ଦାସ-୨୦୨୩)। ଅଭିଧାନଟିଏ ପ୍ରତିଷ୍ଠାହେବାର ଭିତ୍ତିଭୂମିର ବିଭିନ୍ନ ଦିଗ ଯଥା- ଆଞ୍ଚଳିକ, ସାହିତ୍ୟିକ, ଗ୍ରାମ୍ୟ, ପାରିଭାଷିକ, ବ୍ୟାବହାରିକ ପ୍ରଭୃତି ଦିଗ ସଂପର୍କରେ ସାମାନ୍ୟ ସୂଚନାପ୍ରଦାନ କରାଯାଇ ଅଭିଧାନକୁ ଭାଷା-ବିଜ୍ଞାନଦୃଷ୍ଟିରୁ ଆଲୋଚନା କରାଯାଇଛି (ବିଜୟ ପ୍ରସାଦ-୨୦୧୪)। ମାତ୍ର ଓଡ଼ିଆ ଅଭିଧାନଗୁଡ଼ିକ ଏହିସବୁର ବିଭିନ୍ନଦିଗକୁ ନେଇ କିପରି ଅଭିଧାନର ବିକାଶ ପରଂପରାରେ ନିଜକୁ ସାମିଲ କରିଛି, ସେ ସଂପର୍କରେ ସୂଚନାପ୍ରଦାନ କରାଯାଇଥିଲେ ମଧ୍ୟ ଅଭିଧାନ ରଚନା ହେବାର ବିଭିନ୍ନକ୍ଷେତ୍ର ବା ଅନ୍ୟବିଷୟକ, ଯଥା – ଭାଷା, ପଲ୍ଲୀ, ଅଞ୍ଚଳ, ସାହିତ୍ୟ, ସଂସ୍କୃତି, ଧର୍ମ-ପୁରାଣ, ବିଜ୍ଞାନ, ପରିଭାଷା, ଜନଜାତି, ଅନ୍‌ଲାଇନ୍‌ଭିତ୍ତିକ ଓ ବିଶ୍ୱକୋଷୀୟ ଅଭିଧାନଗୁଡ଼ିକ ସଂପର୍କରେ ବିଶେଷଭାବରେ ଆଲୋଚନା କରାଯାଇନାହିଁ। ଏହି ପ୍ରବନ୍ଧରେ ଅଭିଧାନଗୁଡ଼ିକରେ ପ୍ରଚଳିତ ଶବ୍ଦଗୁଡ଼ିକର ନିର୍ଦ୍ଦିଷ୍ଟ ବିଷୟ ଏବଂ ଏହାର ବିଶେଷତ୍ୱକୁ ଲକ୍ଷ୍ୟରଖି ଆଲୋଚନା ପରିସରଭୁକ୍ତ କରାଯାଇଛି।

**ମୁଖ୍ୟ ଶବ୍ଦାବଳୀ :**

ଅଭିଧାନ, ଓଡ଼ିଆ ଅଭିଧାନର କ୍ରମ, ବିଷୟଭିତ୍ତିକ ଅଭିଧାନ, ବିଶ୍ୱକୋଷୀୟ ଅଭିଧାନ

**ଉପକ୍ରମ :**

ଅଭିଧାନ ଗୋଟିଏ ଭାଷାର ପ୍ରାଣ, ଶବ୍ଦର ଇତିହାସ, ଜାତିର ଗୌରବାପନ୍ନ ତଥ୍ୟ ଓ ତତ୍ତ୍ୱଭିତ୍ତିକ ସ୍ୱରୂପ। ଶବ୍ଦତତ୍ତ୍ୱ ହେଉଛି ଭାଷାର ମୂଳ ଓ ସାହିତ୍ୟର ପଥପ୍ରଦର୍ଶକ। କୌଣସି ଭାଷା କେତେ ସମୃଦ୍ଧଶାଳୀ,

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.14835231

Article No - BPP00255

**ଯୋଗାଯୋଗ :**

**ମୋନାଲିସା ବାରିକ,** ଗବେଷିକା,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

**Email:** barikmonalisa4@gmail.com

**ORCID ID:** https://orcid.org/0009-0003-0894-3767

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୮.୯.୨୦୨୪ | ୧୦.୧୦.୨୦୨୪ | ୨୫.୧୧.୨୦୨୪ | ୧.୦୧.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବାରିକ, ମୋନାଲିସା ଓ ମହାପାତ୍ର, ରୁଦ୍ରନାରାୟଣ; ୨୦୨୫। ଓଡ଼ିଶାରେ ଅଭିଧାନ ପରମ୍ପରା। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ୫; ପୃଷ୍ଠା :୩୦-୪୨।

କେତେ ବିକଶିତ, ଏହା ତାହାର ଅଭିଧାନ ବା ଶବ୍ଦକୋଷରୁ ହିଁ ଜଣାପଡ଼ିଥାଏ। ଅଭିଧାନ ଶବ୍ଦର ପ୍ରତିଶବ୍ଦ ଭାବରେ କୋଷ, ଶବ୍ଦକୋଷ, ପରିଭାଷା, ଶବ୍ଦସାଗର ଇତ୍ୟାଦି ଶବ୍ଦର ପ୍ରୟୋଗ କରାଯାଇଛି ଓ 'ଅଭିଧାନ'ପାଇଁ ମୁଖ୍ୟତଃ 'Dictionary' ବା 'Lexicography'ର ବ୍ୟବହାର ରହିଛି। ଅଭିଧାନ ତତ୍ତ୍ୱରେ ଅଭିଧାନପାଇଁ ଇଂରାଜୀ 'Lexicon','Thesaurus', 'Dictionary', 'Glossary' ଏବଂ 'Vocabulary' ଶବ୍ଦର ବ୍ୟବହାର କରାଯାଇଥାଏ। ଏହି ଶବ୍ଦଗୁଡିକ ମଧ୍ୟରେ ସାଦୃଶ୍ୟଗତ ବା ବୈସାଦୃଶ୍ୟଗତ ପାର୍ଥକ୍ୟ ରହିଅଛି। ଯଥା -'Lexicon' ଏଥିରେ ଗୋଟିଏ ନିର୍ଦ୍ଦିଷ୍ଟ ଭାଷାର ସମସ୍ତ ଶବ୍ଦ ଏବଂ ବାକ୍ୟାଂଶକୁ ଗର୍ଭିତ କରାଯାଇଥାଏ ଓ ଶବ୍ଦଗୁଡିକ ନିର୍ଦ୍ଦିଷ୍ଟ ବିଷୟକ ମଧ୍ୟ ହୋଇପାରେ ଏଥିରେ ଅକ୍ଷରାନୁକ୍ରମିକ ରୀତି ଅନୁସୃତ ହୋଇଥାଏ 'Thesaurus' ଏହା ଏଭଳି ଏକ ବିଷୟମୂଳକ ଗ୍ରନ୍ଥବିଶେଷ; ଯେଉଁଥିରେ ଶବ୍ଦଗୁଡିକ ସାଦୃଶ୍ୟାତ୍ମକ ଅର୍ଥସହିତ ଏକତ୍ର ବର୍ଗଭୁକ୍ତ ହୋଇଥାନ୍ତି। ଏଥିରେ ଶବ୍ଦଗୁଡିକୁ ଏକ ନିର୍ଦ୍ଦିଷ୍ଟ ବର୍ଗରେ ସଜ୍ଜୀକୃତ କରାଯାଇଥାଏ। (ରବୀନ୍ଦ୍ର କୁମାର ଦାସ , ପୃ-୧୪,୧୫ )

'Dictionary' ଏକ ଅଭିଧାନ ଯେଉଁଥିରେ ଏକ ନିର୍ଦ୍ଦିଷ୍ଟ ଭାଷାର ଶବ୍ଦ ଏବଂ ଏମାନଙ୍କର ଗ୍ରହଣୀୟ ସଂଜ୍ଞା , ଉତ୍ପତ୍ତି , ବାକ୍ୟାଂଶର ବିଭାଗୀକରଣ ଏବଂ କେତେକ କ୍ଷେତ୍ରରେ ଏମାନଙ୍କର ବ୍ୟବହାରର ନମୁନା ପ୍ରଦତ୍ତ ଥାଏ। (Henning Bergenholtz –P-26, 2012) ଏଥିରେ ଏହିପ୍ରକାର ଆଭିଧାନିକ ଅର୍ଥ ନିହିତ ଥିବାରୁ ଏହାକୁ ଅଭିଧାନ ବା ଡିକ୍ସନାରୀ କୁହାଯାଏ ଓ ଏଥିରେ କୌଣସି ଭାଷାର ଶବ୍ଦ ଏବଂ ବାକ୍ୟାଂଶଗୁଡିକୁ ମଧ୍ୟ ଅନ୍ୟଭାଷାରେ ଅନୁବାଦ କରି ସ୍ଥାନିତ କରାଯାଇଥାଏ। ଏହା ବିଭିନ୍ନ ଭେଦରେ ପ୍ରାଚୀନ, ଆଧୁନିକ, ମଧ୍ୟଯୁଗୀୟ ଆଦି ବିଭିନ୍ନ ପ୍ରକାରର ହୋଇଥାଏ। (ରବୀନ୍ଦ୍ର କୁମାର ଦାସ - ପୃ-୧୪,୧୫ )

'Glossary' ଏଥିରେ ଏକ ନିର୍ଦ୍ଦିଷ୍ଟବିଷୟ ଓ ବିଭିନ୍ନ ଭୌଗୋଳିକ କ୍ଷେତ୍ରରେ ବ୍ୟବହୃତ ଶବ୍ଦ ଏବଂ ଏହାର ଅର୍ଥର ତାଲିକା ବର୍ଣ୍ଣାନୁକ୍ରମିକ ଭାବରେ ରହିଥାଏ। 'Vocabulary' ଏହାର ପ୍ରୟୋଗ ସାଧାରଣତଃ ଶବ୍ଦ ଏବଂ ବାକ୍ୟାଂଶଗୁଡିକର ସଂଗ୍ରହ ନିମିତ୍ତ କରାଯାଇଥାଏ। ଯାହାର ସଂକ୍ଷିପ୍ତ ବିବରଣ ଏବଂ ଅର୍ଥ କୌଣସି ଗୋଟିଏ କାର୍ଯ୍ୟ କିମ୍ବା ଲେଖକଙ୍କ ଭିତରେ ସୀମିତ ରହିବା ସହିତ ବର୍ଣ୍ଣାନୁକ୍ରମିକ ଭାବରେ ରହିଥାଏ। (Unit-6 Dictionaries,P-8,IGNOU,2017) 'ମେରିୟମ୍ ୱେବଷ୍ଟ'ର ଅଭିଧାନକୁ ପରିଭାଷିତ କରି କହିଛନ୍ତି, ପ୍ରିଣ୍ଟ କିମ୍ବା ଇଲେକ୍ଟ୍ରୋନିକ୍ ଫର୍ମରେ ଥିବା ଏକ ରେଫରେନ୍ସ ଉତ୍ସ ଯେଉଁଥିରେ ସାଧାରଣତଃ ଶବ୍ଦଗୁଡିକ ବର୍ଣ୍ଣାନୁକ୍ରମିକ ଭାବରେ ସେମାନଙ୍କର ଗଠନ, ଉଚ୍ଚାରଣ, କାର୍ଯ୍ୟ, ଶବ୍ଦପ୍ରକରଣ, ବାକ୍ୟପ୍ରକରଣ ଏବଂ ରୁଢ଼ି ସମ୍ବନ୍ଧୀୟ ବ୍ୟବହାର ବିଷୟରେ ସୂଚନା ସହିତ ସଜ୍ଜିତହୋଇ ରହିଥାଏ। (Merriam Webster-2003,P-353) ଯଥାର୍ଥରେ କୁହାଯାଇପାରେ ଅଭିଧାନ କୌଣସି ଭାଷାର ଶାବ୍ଦିକ ଉପାଦାନ ଓ ସେଗୁଡିକର ତାତ୍ପର୍ଯ୍ୟ ସୂଚୀବଦ୍ଧ ହୋଇଥିବା ଗ୍ରନ୍ଥ। ଅଭିଧାନ ମାଧ୍ୟମରେ ଭାଷାବିଭବରୁ ଭାବକୁ ଆବିଷ୍କାର କରି ଶବ୍ଦମାଧ୍ୟମରେ ସାହିତ୍ୟର ସାର୍ଥକତାକୁ ଉପଲବ୍ଧି କରିବାକୁ ହୁଏ। ଭାଷାର ସର୍ବନିମ୍ନ ଏକକ ଶବ୍ଦକୁ ସଂଗ୍ରହକରି ଶବ୍ଦର ଇତିହାସ, ଶବ୍ଦର ବ୍ୟୁତ୍ପତ୍ତି ଶବ୍ଦର ପ୍ରକରଣ,ଉଚ୍ଚାରଣ ବିଧି, ଅର୍ଥ, ବ୍ୟବହାର ପ୍ରଭୃତି ସଂପର୍କରେ ସବିଶେଷ ତଥ୍ୟ ପ୍ରତୀତ କରାଇବା ନିମନ୍ତେ ଅଭିଧାନ ପ୍ରଣୟନ କରାଯାଇଥାଏ।

ଅଭିଧାନ ପ୍ରଣୟନର ଇତିହାସ ବହୁ ପୁରାତନ ବିପୁଳ ଏବଂ ବିଚିତ୍ର। ପୃଥିବୀର ସବୁଠାରୁ ପୁରୁଣା ଅଭିଧାନର ସୂଚନା ମିଳେ ମେସୋପଟାମିଆ ସଭ୍ୟତାରେ 'ନାଇନଭେ'ଠାରେ ଥିବା ଆସିରିଆ ସମ୍ରାଟ 'ଅଶୁରବାନିପାଲ'ଙ୍କ ଲାଇବ୍ରେରୀରେ। ଖ୍ରୀ.ପୂ ସପ୍ତମ ଶତାବ୍ଦୀରେ ମାଟିର ଇଟା ଉପରେ କୁନେଇଫର୍ମ (କ୍ୟୁନିଫର୍ମ) ଧାରାରେ ଲେଖା ହୋଇଥିଲା। (ଗୌରାଙ୍ଗ ଚରଣ ଦାସ – ପୃ-୧) ସଂସ୍କୃତରେ ଖ୍ରୀ.ପୂ ସପ୍ତମ ଶତାବ୍ଦୀରୁ ଯାସ୍କଙ୍କ 'ନିଘଣ୍ଟୁ ନିରୁକ୍ତ'ର ବୈଦିକ ଶବ୍ଦମାଳାରୁ ସଂସ୍କୃତ ଅଭିଧାନ ପ୍ରଣୟନର ସୂତ୍ରପାତ ଘଟିଛି। ଖ୍ରୀ.ପୂ ପଞ୍ଚମ ଶତାବ୍ଦୀରେ ପାଣିନୀଙ୍କ 'ଅଷ୍ଟାଧ୍ୟାୟୀ', ରଚନାର ପରବର୍ତ୍ତୀ ସମୟରେ କାତ୍ୟାୟନଙ୍କ 'ଭାର୍ତ୍ତିକକାର' (Vârttikakâla) ଏବଂ ପତଞ୍ଜଳୀଙ୍କ 'ମହାଭାସ୍ୟ'ରେ ଶବ୍ଦ ବ୍ୟାଖ୍ୟାର ପ୍ରୟାସ ଦେଖିବାକୁ ମିଳେ। ଏହାର ପରବର୍ତ୍ତୀ ସମୟରେ ଅମରକୋଷ ବା ନାମଲିଙ୍ଗାନୁ-ଶାସନ, ଧନ୍ୱନ୍ତରୀନିଘଣ୍ଟୁ, ହଲାୟୁଧକୋଷ, ବୈଜୟନ୍ତୀକୋଷ, ଶାଶ୍ୱତକୋଷ, ମେଦିନୀକୋଷ, ଯାଦବପ୍ରକାଶ, ଅନେକାର୍ଥନାମମାଳା, ଅନେକାର୍ଥନିଘଣ୍ଟୁ ବୈଦିକକୋଷ ଇତ୍ୟାଦି ଅଭିଧାନ ପରଂପରାର ବିକାଶକୁ ତ୍ୱରାନ୍ୱିତ କରିଛନ୍ତି (ବସନ୍ତ କୁମାର ପଣ୍ଡା-ପୃ-୪୪,୪୫, ୨୦୨୪)। ଊନବିଂଶ ଶତାବ୍ଦୀର ପ୍ରସିଦ୍ଧ 'ବାଚସ୍ପତ୍ୟମ୍ ଏବଂ ଶବ୍ଦକଳ୍ପଦ୍ରୁମ' ନାମକ ଦୁଇଟି ବୃହତ୍ ଅଭିଧାନ ଯାହା ଆଧୁନିକ ଶୈଳୀ ଏବଂ କୌଶଳରେ ରଚିତ ହୋଇଛି (Karambelkar-P- 97 , 2015) ଓ ଏହିସବୁ ଅଭିଧାନଗୁଡିକ ଥିଲା ମୁଖ୍ୟତଃ ଆବୃତ୍ତିଧର୍ମୀ ପଦ୍ୟକୋଷ ; କିନ୍ତୁ ଭାରତରେ ଇଂରେଜମାନଙ୍କ ଆଗମନ, ମିଶନାରୀମାନଙ୍କ ଖ୍ରୀଷ୍ଟଧର୍ମ ପ୍ରଚାରରେ ଆଧୁନିକ ଶୈଳୀରେ ବା ପ୍ରାଚ୍ୟ ପଦ୍ୟରୀତିରେ ଅଭିଧାନ ପ୍ରଣୟନ ପରଂପରାରେ ବ୍ୟତିକ୍ରମ ଘଟି ପାଶ୍ଚାତ୍ୟରୀତିରେ ଅଭିଧାନ ପ୍ରଣୟନ କରାଗଲା। ହିନ୍ଦୀଭାଷାରେ ଜେ.ଫରଗୁସନଙ୍କ 'ଏ ଡିକ୍ସନାରୀ ଅଫ୍ ହିନ୍ଦୁସ୍ତାନୀ ଲାଙ୍ଗୁଏଜ୍', ହେନେରୀ ହରିଶଙ୍କ 'ଏ ଡିକ୍ସନାରୀ ଅଫ୍ ଇଂଲିଶ୍ ଆଣ୍ଡ ହିନ୍ଦୁସ୍ତାନୀ', କର୍କ ପୋଟ୍ରିକଙ୍କ 'ଏ ନିଉ ଗ୍ରାମାର ଆଣ୍ଡେ ଡିକ୍ସନାରୀ', ଉଇଲିୟମ

ହଣ୍ଟରଙ୍କ 'ହିନ୍ଦୁସ୍ତାନୀ ଅଂରେଜୀ କୋଷ', ଜନ୍ ରୋବକଙ୍କ 'ଡିକ୍ସନାରୀ ଇଂଲିଶ୍ ହିନ୍ଦୁସ୍ତାନୀ', ଜନ୍ ସେକ୍ସପିୟରଙ୍କ 'ହିନ୍ଦୁସ୍ତାନୀ ଇଂଲିଶ୍ ଡିକ୍ସନାରୀ', ଫାଦର ମାଥ୍ୟୁ ଥମ୍ପସନଙ୍କ 'ଡିକ୍ସନାରୀ ହିନ୍ଦୀ ଟୁ ହିନ୍ଦୀ' ଏହି ଅଭିଧାନରେ ପ୍ରଥମଥର ହିନ୍ଦୀ ଶବ୍ଦର ଅର୍ଥ ହିନ୍ଦୀରେ ଦିଆଯାଇଥିଲା ଓଏହା ବ୍ୟତୀତ ହିନ୍ଦୀଭାଷାର ସର୍ବବୃହତ୍ ଅଭିଧାନ 'ହିନ୍ଦୀ ଶବ୍ଦସାଗର' ୧୯୧୨ ରୁ ୧୯୨୮ ମଧ୍ୟରେ ଆଠ ଖଣ୍ଡରେ ପ୍ରକାଶିତ ହୋଇଅଛି ଏଥିରେ ୯୩୧୧୫ଟି ଶବ୍ଦ ରହିଅଛି ଏବଂ ପରବର୍ତ୍ତୀ ମୁହୂର୍ତ୍ତରେ ଏହା ପରିବର୍ଦ୍ଧିତ ହୋଇ ୧୧ଖଣ୍ଡରେ ସର୍ବମୋଟ ୨,୦୩,୦୦୦ ଶବ୍ଦଦ୍ୱାରା ସଂକଳନ କରାଯାଇଛି (ଅଭିଷେକ୍ ଅବତଂସ-ଚ-୧୮୦)। ଇଂରାଜୀଭାଷାର ସର୍ବପ୍ରଥମ ଅଭିଧାନ ରବର୍ଟ କାଡ୍ରେଙ୍କ 'A Table Alphabetical'(Nadira,Darmanjan & Anjella – 2021) ସାମୁଏଲ୍ ଜନସନଙ୍କ 'A Dictionary of the English Language', ଥୋମାସ୍ ସେରିଡ୍ନଙ୍କ 'A General Dictionary Of The English Language', ଜନ୍ ୱାକରଙ୍କ 'The Critical Pronouncing Dictionary and Expositor Of The English Language' ଊନବିଂଶ ଶତାବ୍ଦୀରେ ଇଂଲିଶ୍ ଫିଲୋଲଜିକାଲ୍ ସୋସାଇଟି (English Philological Society)ଦ୍ୱାରା ଆମେରିକା ଏବଂ ଇଂଲଣ୍ଡର ଭାଷାତତ୍ତ୍ୱବିତ୍ମାନେ 'New English Dictionary On Historical Principles' (NED)କୁ ନୂତନଭାବରେ ସଂକଳନ କାର୍ଯ୍ୟ ଆରମ୍ଭ କରିଥିଲେ, ଯାହା ପରବର୍ତ୍ତୀ ସମୟରେ ଅକ୍ସଫୋର୍ଡ ଡିକ୍ସନାରୀ (Oxford Dictionary) ନାମରେ ପରିଚିତ ହେଲା। ଅଭିଧାନର ମୁଖବନ୍ଧରେ ଶବ୍ଦଗୁଡ଼ିକର ସଜ୍ଞୀକରଣ,ଉତ୍ପତ୍ତିତତ୍ତ୍ୱ,ଉଚ୍ଚାରଣ ଓ କାଳାନୁକ୍ରମିକ ବ୍ୟବହାର ବିଧି ସଂପର୍କରେ ନାନାବିଷୟ ଉଲ୍ଲେଖ ରହିଛି (Nadira,Darmanjan & Anjella,P- 1284)। ଏହିପରିଭାବରେ ଅଭିଧାନର ପରଂପରା କ୍ରମଶଃ ବିକଶିତହୋଇ ମିଶନାରୀମାନଙ୍କଦ୍ୱାରା ଆସି ଓଡ଼ିଆ ଭାଷାରେ ପ୍ରବେଶ କରିଛି।

ମିଶନାରୀମାନଙ୍କଦ୍ୱାରା ଛାପାକଳ ସ୍ଥାପନ ହେବାଦ୍ୱାରା ପ୍ରାଚୀନ ଅଭିଧାନ ପ୍ରଣୟନକ୍ଷେତ୍ରରେ ପରିବର୍ତ୍ତନ ଦେଖାଗଲା। ଆଧୁନିକ ପାଶ୍ଚାତ୍ୟ 'ଲେକ୍ସିକୋ ଗ୍ରାଫିକାଲ୍' ପଦ୍ଧତିର ପ୍ରୟୋଗ କରାଗଲା। ଯାହାଫଳରେ, ଭାରତରେ ବିଭିନ୍ନ ଆଞ୍ଚଳିକ ଭାଷାରେ ଦ୍ୱୈଭାଷିକ, ତ୍ରୈଭାଷିକ, ଚାତୁର୍ଭାଷିକ ଅଭିଧାନମାନ ପ୍ରଣୟନ କରାଗଲା। ବିଶେଷଭାବରେ ଦ୍ୱୈଭାଷିକ ଅଭିଧାନ ଯଥା 'ସଂସ୍କୃତ ଇଂରାଜୀ ଶବ୍ଦକୋଷ'(ଏଚ୍.ଉଇଲସନ୍,୧୮୧୮) 'ଆସାମୀ ଇଂରାଜୀ ଶବ୍ଦକୋଷ' (ଏନ୍. ବ୍ରନସନ୍,୧୮୬୭),'ଗୁଜୁରାଟୀ ଇଂରାଜୀ ଶବ୍ଦକୋଷ' (ଆର୍ ଡ୍ରମ୍ମଣ୍ଡ,୧୮୦୮),'ମରହଟ୍ଟୀ ଇଂରାଜୀ ଶବ୍ଦକୋଷ'(ଡବ୍ଲୁ କ୍ୟାରୀ,୧୮୧୦) ଏବଂ 'ଓଡ଼ିଆ ଇଂରାଜୀ ଶବ୍ଦକୋଷ' (ମୋହନ ପ୍ରସାଦ ଠାକୁର,୧୮୧୧)(ରବୀନ୍ଦ୍ର କୁମାର ଦାସ, ପୃ-୨୪) ପ୍ରଭୃତି ଭାରତୀୟ ଅଭିଧାନ ରଚନା ପରଂପରାକୁ ସମୃଦ୍ଧ କରିବାସହିତ ଏହିସମୟରେ ଶିଥୀଳ ପଡ଼ିଥିବା ଓଡ଼ିଆ ଭାଷାର ଅଭିଧାନ ପରଂପରା କ୍ରମଶଃ ବିକାଶପଥରେ ଅଗ୍ରସର ହୋଇଛି।

ଓଡ଼ିଆ ଅଭିଧାନ ରଚନା ପରଂପରାରେ ସର୍ବପ୍ରଥମେ ଉପେନ୍ଦ୍ର ଭଞ୍ଜଙ୍କ 'ଗୀତାଭିଧାନ'କୁ ଗ୍ରହଣ କରାଯାଏ, କାରଣ ଦଶମ ଶତାବ୍ଦୀଠାରୁ ଓଡ଼ିଆ ଭାଷାର ସ୍ଥିତି ସ୍ୱୀକାର କରାଯାଇଥିଲେ ମଧ୍ୟ ଅଷ୍ଟାଦଶ ଶତାବ୍ଦୀର ଚତୁର୍ଥ ଦଶକ ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଅଭିଧାନ ଗ୍ରନ୍ଥ ପ୍ରଣୟନ ହୋଇପାରି ନଥିଲା। ଅଷ୍ଟାଦଶ ଶତାବ୍ଦୀର ପଞ୍ଚମ ଦଶକ ବେଳକୁ ଉପେନ୍ଦ୍ର ଭଞ୍ଜଙ୍କ 'ଗୀତାଭିଧାନ'କୁ ଛାଡ଼ିଦେଲେ ଅନ୍ୟ କୌଣସି ଅଭିଧାନ ରଚନା କରିବାର ଦୃଷ୍ଟାନ୍ତ ଦୃଷ୍ଟିଗୋଚରକୁ ଆସେନାହିଁ (ହରପ୍ରସାଦ ମିଶ୍ର, ପୃ – ୫୯) ଏହା ପୂର୍ବରୁ ଓଡ଼ିଶାରେ ରାଜା ପୁରୁଷୋତ୍ତମ ଦେବ 'ତ୍ରିକାଣ୍ଡଶେଷ', 'ହାରାବଳୀ', 'ଏକାକ୍ଷରକୋଷ', ଓ 'ଦ୍ୱିରୂପକୋଷ' ପ୍ରଭୃତି କୋଷ ବା ଅଭିଧାନ ନିର୍ମାଣ କରିଥିଲେ ମଧ୍ୟ ଏହା ଓଡ଼ିଆ ଭାଷା ପରିବର୍ତ୍ତେ ସଂସ୍କୃତ ଭାଷାରେ ରଚିତ ହୋଇଅଛି (କେ. ଏନ୍ ମହାପାତ୍ର,ପୃ-୫୩, କୃପାସିନ୍ଧୁ ମିଶ୍ର,ପୃ-୧୩୮)। ଗୀତାଭିଧାନରେ କବି 'ଅମରକୋଷ', 'ତ୍ରିକାଣ୍ଡଶେଷ','ଯାଦବପ୍ରକାଶ','ଶାଶ୍ୱତକୋଷ', 'ମେଦିନୀକୋଷ', 'ବିଶ୍ୱପ୍ରକାଶ' ଆଦି କୋଷଗ୍ରନ୍ଥ ଅନୁସରଣରେ ରଚନା କରିଛନ୍ତି। (ଜୟକୃଷ୍ଣ ମିଶ୍ର, ପୃ -୨୪୪) 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ପ୍ରାନ୍ତାକ୍ଷରାନୁକ୍ରମରେ 'ବଙ୍ଗଳାଶ୍ରୀ ରାଗ'ରେ ଗୀତାକାରରେ ରଚିତ ଏକ ଶବ୍ଦର ନାନାର୍ଥ ଶବ୍ଦାବଳୀର ସହଜ ପ୍ରୟୋଗରେ ପ୍ରାଚ୍ୟ ଅଭିଧାନ ରୀତି ଶୈଳୀରେ ରଚିତ ଶ୍ରେଷ୍ଠ ଅଭିଧାନ ଗ୍ରନ୍ଥଭାବରେ ପରିଚିତ। (ପ୍ରଦୀପ କୁମାର ପଟ୍ଟନାୟକ, ପୃ -୩୩) ଏହାକୁ ଆମେ ଓଡ଼ିଆଭାଷାର ଅଭିଧାନ ପରଂପରାର ଅୟମାରମ୍ଭ ବା ଆଦ୍ୟପ୍ରୟାସ ଭାବରେ ଗ୍ରହଣ କରିବା ଯଥାର୍ଥ। ଏହାର ଦୀର୍ଘ ୧୦୧ ବର୍ଷପରେ ଅର୍ଥାତ୍ ୧୮୧୧ ମସିହାରେ ପାଶ୍ଚାତ୍ୟ ରୀତିରେ ମୋହନପ୍ରସାଦ ଠାକୁରଙ୍କ ପ୍ରଥମ ଦ୍ୱିଭାଷୀ ଶବ୍ଦକୋଷ 'A Vocabulary Oriya And English For the use of Students' ପ୍ରଣୀତ ହୁଏ।

ଆଧୁନିକ ଭାରତୀୟ ସାହିତ୍ୟ ବିକାଶ ଇତିହାସରେ ପ୍ରାୟ ପ୍ରତ୍ୟେକ ଭାରତୀୟ ସାହିତ୍ୟର ଭାଷା, ସାହିତ୍ୟ,ଶିକ୍ଷା ସଂପର୍କୀୟ ପୁସ୍ତକ, ଆଧୁନିକ ମୁଦ୍ରଣ ଶିଳ୍ପ, ବିଦେଶୀ ଧର୍ମ ପ୍ରଚାରକ ମିଶନାରୀମାନଙ୍କ ପ୍ରଚେଷ୍ଟାରେ ସଂମୃଦ୍ଧ ହୋଇଉଠିଲା। ଭାଷାରେ ବ୍ୟାକରଣ ତଥା ତାର ଅଭିଧାନ ବ୍ୟତିରେକ ଭାଷାଜ୍ଞାନ ପରିପୂର୍ଣ୍ଣ ହୋଇପାରେ ନାହିଁ, ତେଣୁ ଧର୍ମପ୍ରଚାରର ଏକ ପ୍ରଧାନ ଉପାଦାନ

ଭାଷାଜ୍ଞାନ ଉପରେ ପ୍ରଥମେ ଦୃଷ୍ଟିନିକ୍ଷେପ ହୋଇଥିଲା। ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ ପର୍ଯ୍ୟାଲୋଚନା କରିବା ସମୟରେ ମିଶ୍ନାରୀମାନେ ପ୍ରଥମେ ଓଡ଼ିଆ ପାଠ୍ୟପୁସ୍ତକର ପ୍ରଚଳନ ଓ ଶିକ୍ଷାର ପ୍ରସାର ଦିଗରେ ସର୍ବଦା ଚେଷ୍ଟାରତ ଥିଲେ। ଦେଶରେ ଧର୍ମପ୍ରଚାର ଉଦ୍ଦେଶ୍ୟରେ ବିଭିନ୍ନ ଭାଷା ମାଧ୍ୟମରେ ବାଇବେଲ୍ ଓ ତା'ର ଅଂଶବିଶେଷକୁ ଅନୁବାଦ କରିବା,ଭାଷାଶିକ୍ଷା ପାଇଁ ବ୍ୟାକରଣ ଓ ଅଭିଧାନ ସଂକଳନ କରିବା, ବିଦ୍ୟାଳୟପାଇଁ ନୂତନ ପାଠ୍ୟପୁସ୍ତକ ପ୍ରସ୍ତୁତକରିବା, ସର୍ବଶେଷରେ ଇଂରାଜୀରେ ଲିଖିତ ସରକାରଙ୍କ ନିୟମକାନୁନ୍‌କୁ ଦେଶଭାଷାରେ ଅନୁବାଦ କରିବା ଏହି ଚାରୋଟି କ୍ଷେତ୍ରରେ ମିଶ୍ନାରୀମାନଙ୍କ ଅବଦାନ ଚିରସ୍ମରଣୀୟ। ତେଣୁ ଓଡ଼ିଶାରେ ପାଠ୍ୟପୁସ୍ତକ ପ୍ରଣୟନ ସମୟରେ ସାହିତ୍ୟ, ବିଜ୍ଞାନ, ଗଣିତ, ଭୂଗୋଳ,ବ୍ୟାକରଣ ରଚନା ପ୍ରଭୃତି ବିଭାଗ ମଧ୍ୟରେ ଅଭିଧାନ ମଧ୍ୟ ଏକ ପ୍ରମୁଖ ସ୍ଥାନ ଗ୍ରହଣକରିଛି।(ନଟବର ସାମନ୍ତରାୟ, ପୃ- ୨,୩) ଓଡ଼ିଆ ଭାଷା ଶିକ୍ଷାକୁ ସହଜ ଓ ତ୍ୱରାନ୍ୱିତ କରି ଖ୍ରୀଷ୍ଟଧର୍ମ ପ୍ରଚାରରେ ସହାୟତା କରିବା ଲକ୍ଷ୍ୟନେଇ ବ୍ୟାକରଣ ରଚନା,ଇଉରୋପୀୟମାନଙ୍କ ଓଡ଼ିଆ ଭାଷା-ଶିକ୍ଷାରେ ସହାୟତା କରିବାପାଇଁ ସେମାନଙ୍କୁ ଆଖିଆଗରେ ରଖି ଭାଷାଚର୍ଚ୍ଚା ଯାହା ସଟନ୍(Sutton)ଙ୍କ 'English-Oriya' ଓ 'Oriya-English' ଅଭିଧାନ ଦ୍ୱୟର ଉଦ୍ଦେଶ୍ୟ ଥିଲା,ଏହାବ୍ୟତୀତ ଦେଶରେ ନୂଆହୋଇ ସ୍ଥାପିତ ହୋଇଥିବା ଏବଂ ହେଉଥିବା ବିଦ୍ୟାଳୟର ଛାତ୍ରମାନଙ୍କୁ ଆଖି ଆଗରେ ରଖି ଭାଷାଚର୍ଚ୍ଚାର ନୂଆ ଦୃଷ୍ଟାନ୍ତରୂପେ ନିଆଗଲା। ଦିଗ ଉନ୍ମୋଚିତ ହୋଇଥିଲା। (ଗଗନେନ୍ଦ୍ରନାଥ ଦାସ, ପୃ - ୩୭) କ୍ରମଶଃ ଏହିପରି ଭାବରେ ଓଡ଼ିଶାରେ ଅଭିଧାନ ପ୍ରଣୟନର ପରଂପରା ଆଗକୁ ବଢ଼ିଚାଲିଲା। ଆଧୁନିକ ରୀତିରେ ବା ପାଶ୍ଚାତ୍ୟ ରୀତିରେ ଅଭିଧାନଗୁଡ଼ିକ ବହୁମୁଖୀ ଭାବରେ ପ୍ରସାରଲାଭ କଲା ।

ଓଡ଼ିଆ ଅଭିଧାନ ରଚନା ଶହଶହ ବର୍ଷ ଅତିକ୍ରମକରି ବିଭିନ୍ନ ସ୍ତରଦେଇ ଭିନ୍ନଭିନ୍ନ ବିଶେଷତ୍ୱକୁ ନିର୍ବାହ କରି ଆଗେଇ ଚାଲିଛି। ଅଭିଧାନ ବା ଶବ୍ଦକୋଷଗୁଡ଼ିକରେ ପ୍ରଚଳିତ ଶବ୍ଦଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ବିଷୟକ ହୋଇଥାଏ। ଓଡ଼ିଆ ଭାଷାରେ ପ୍ରଣୀତ ଅଭିଧାନଗୁଡ଼ିକୁ ନିମ୍ନମତେ ଆଲୋଚନା କରାଯାଇପାରେ –

ଭାଷାଭିତ୍ତିକ ଅଭିଧାନ : ଗୋଟିଏ ଭାଷାର କୋଷ, ଯେଉଁଥିରେ ଅର୍ଥ ସେହି ଭାଷାରେ କିମ୍ବା ଅନ୍ୟଭାଷାରେ ରହିବା ସହିତ ବର୍ଣନାତ୍ମକ, ତୁଳନାତ୍ମକ ଏବଂ ଐତିହାସିକଦୃଷ୍ଟିରୁ ପ୍ରଦାନ କରାଯାଇଥାଏ। (ଅଭିଷେକ ଅବତଂସ,ଚ-୧୮୧) ଭାଷା ଦୃଷ୍ଟିରୁ ପ୍ରଚଳିତ ଅଭିଧାନକୁ ଏକଭାଷୀ ବା ସମଭାଷୀ, ଦ୍ୱିଭାଷୀ, ତ୍ରିଭାଷୀ, ଚତୁର୍ଭାଷୀ ଓ ବହୁଭାଷୀ ଭେଦରେ ଆଲୋଚନା କରାଯାଇପାରେ।

**ଏକଭାଷୀ ବା ସମଭାଷୀ ଅଭିଧାନ :**

ଏଥିରେ କେବଳ ଗୋଟିଏ ଭାଷାର ଶବ୍ଦ ଏବଂ ସେହି ଭାଷାରେ ତାହାର ଅର୍ଥ ତଥା ଅନ୍ୟାନ୍ୟ ସୂଚନା ପ୍ରଦାନ କରାଯାଇଥାଏ। ଏକଭାଷୀ ଅଭିଧାନର ଦୃଷ୍ଟାନ୍ତ ବହୁତ ରହିଅଛି, ସେଥିମଧ୍ୟରୁ ଅଭିଧାନ ପ୍ରଣୟନ ପରଂପରାର ପ୍ରଥମ ପର୍ଯ୍ୟାୟର କେତେକ ଅଭିଧାନକୁ

**ଏକଭାଷୀ ବା ସମଭାଷୀ**

| ଅଭିଧାନ | ଭାଷା | କୋଷକାର | ସମୟ |
|---|---|---|---|
| ଗୀତାଭିଧାନ | ଓଡ଼ିଆ | ଉପେନ୍ଦ୍ର ଭଞ୍ଜ | ୧୭୧୦ |
| An Oriya Dictionary with Synonyms Vol.2 | ଓଡ଼ିଆ | ଆମସ୍ ସଟନ୍,ଭୁବନାନନ୍ଦ ନ୍ୟାୟାଳଙ୍କାର | ୧୮୪୩ |
| ସାଧୁଭାଷାର୍ଥଭିଧାନ | ଓଡ଼ିଆ | ଆମସ୍ ସଟନ୍ | ୧୮୪୪ |
| ଉତ୍କଳ ଭାଷାର୍ଥଭିଧାନ | ଓଡ଼ିଆ | ଉଇଲିୟମ୍ ମିଲର୍ ଓ ରଘୁନାଥ ମିଶ୍ର | ୧୮୬୮ |
| ଶବ୍ଦନିଧି | ଓଡ଼ିଆ | ଚତୁର୍ଭୁଜ ପଟ୍ଟନାୟକ | ୧୮୮୩ |
| ଉତ୍କଳ ଅଭିଧାନ | ଓଡ଼ିଆ | ଜଗନ୍ନାଥ ରାଓ | ୧୮୯୧ |
| ସୁଖବୋଧ ଅଭିଧାନ | ଓଡ଼ିଆ | ମଧୁସୂଦନ ରାଓ | ୧୯୧୨ |
| ଶବ୍ଦତତ୍ତ୍ୱବୋଧ ଅଭିଧାନ | ଓଡ଼ିଆ | ପଣ୍ଡିତ ଗୋପୀନାଥ ନନ୍ଦଶର୍ମା | ୧୯୧୬ |
| ସରଳ ଉତ୍କଳ ଅଭିଧାନ | ଓଡ଼ିଆ | ପଣ୍ଡିତ କୁଳମଣି ଦାସ | ୧୯୩୨ |

| | | | |
|---|---|---|---|
| ପ୍ରମୋଦ ଅଭିଧାନ | ଓଡ଼ିଆ | ଶ୍ରୀ ପ୍ରମୋଦ ଚନ୍ଦ୍ରଦେବ ପଟ୍ଟାୟତ | ୧୯୪୨ |

**ଦ୍ୱିଭାଷୀ ଅଭିଧାନ :**

ଏହି ପ୍ରକାର ଅଭିଧାନ ଶବ୍ଦ କିମ୍ବା ବାକ୍ୟାଂଶକୁ ଗୋଟିଏ ଭାଷାରୁ ଅନ୍ୟଏକ ଭାଷାରେ ନିରୂପିତ ବା ଅନୁବାଦିତ କରିଥାଏ ।

| ଅଭିଧାନ | ଭାଷା | କୋଷକାର | ସମୟ |
|---|---|---|---|
| A vocabulary Oriya and English | ଓଡ଼ିଆ ଇଂରାଜୀ | ମୋହନ ପ୍ରସାଦ ଠାକୁର | ୧୮୧୧ |
| An Oriya Dictionary Vol.1 | ଇଂରାଜୀ ଓଡ଼ିଆ | ଆମସ୍ ସଟନ୍ | ୧୮୪୧ |
| An Oriya andDictionary Vol.3 | ଓଡ଼ିଆ ଇଂରାଜୀ | ଆମସ୍ ସଟନ୍ | ୧୮୪୩ |
| An English and Oriya Dictionary | ଇଂରାଜୀ ଓଡ଼ିଆ | ମିଲର୍ | ୧୮୭୩ |
| An Oriya And English Dictionary | ଓଡ଼ିଆ ଇଂରାଜୀ | ଉଇଲିୟମ୍ ବ୍ରୁକ୍ସ | ୧୮୭୪ |
| ଦ୍ୱିଭାଷୀ (ନିର୍ବାଚିତ ଓଡ଼ିଆ ଶବ୍ଦର ଇଂରାଜୀ ଅନୁବାଦ ଓ ଇଂରାଜୀ ଶବ୍ଦ ଉଚ୍ଚାରଣ) | ଓଡ଼ିଆ ଇଂରାଜୀ | | ୧୮୮୯ |
| The Concise Oriya – English Dictionary | ଓଡ଼ିଆ ଇଂରାଜୀ | ଆର୍.କେ ଗୁଣ୍ଡି | ୧୯୧୬ |
| A comprehensive English Oriya Dictionary | ଇଂରାଜୀ ଓଡ଼ିଆ | ଜେ.ଜି ପାଇକ୍ ଓ ଗର୍ଡନ୍ ଏସ୍. ୱିକନ୍ସ | ୧୯୧୬ |
| ତ୍ରିପାଠୀଙ୍କ ସଂକ୍ଷିପ୍ତ ଓଡ଼ିଆ ଅଭିଧାନ | ଓଡ଼ିଆ ଓଡ଼ିଆ ଇଂରାଜୀ | ଜଗନ୍ନାଥ ତ୍ରିପାଠୀ | ୧୯୪୮ |
| ବୃହତ୍ ଓଡ଼ିଆ ଅଭିଧାନ | ଓଡ଼ିଆ ଓଡ଼ିଆ ଇଂରାଜୀ | ବାବା ବୈଦ୍ୟନାଥ ପାଢ଼ୀ | ୧୯୬୪ |
| ସମ୍ବଲପୁରୀ ଓଡ଼ିଆ ଶବ୍ଦକୋଷ | ସମ୍ବଲପୁରୀ ଓଡ଼ିଆ | ପ୍ରଫୁଲ୍ଲ କୁମାର ତ୍ରିପାଠୀ | ୧୯୮୭ |
| ବିଦ୍ୟାପୁରୀ ଓଡ଼ିଆ ଇଂରାଜୀ ଅଭିଧାନ | ଓଡ଼ିଆ ଇଂରାଜୀ | ସର୍ବେଶ୍ୱର ଦାଶ | ୨୦୦୧ |
| Bureau's English Oriya Dictionary | ଇଂରାଜୀ ଓଡ଼ିଆ | | ୨୦୦୧ |
| ନବ ଅଭିଧାନ | ଓଡ଼ିଆ ଓଡ଼ିଆ<br>ଓଡ଼ିଆ ଇଂରାଜୀ | ଶ୍ରୀଧର ଦାସ | ୨୦୦୧ |
| ଜ୍ଞାନଯୁଗ ଋଦ୍ଧିକୋଷ | ଓଡ଼ିଆ ଇଂରାଜୀ | ନାରାୟଣ ସାହୁ | ୨୦୦୨ |
| ସଚିତ୍ର ସଂକ୍ଷିପ୍ତ ଓଡ଼ିଆ ଅଭିଧାନ | ଓଡ଼ିଆ ଇଂରାଜୀ | ନୃସିଂହ ପ୍ରସାଦ ମିଶ୍ର | ୨୦୦୫ |
| ଓଡ଼ିଆ ହିନ୍ଦୀ ୱାର୍ଡ଼ବୁକ୍ | ଓଡ଼ିଆ ହିନ୍ଦୀ | କାଳୀଚରଣ ଚୌଧୁରୀ | ୨୦୦୭ |
| ଦ୍ୱିଭାଷୀ ହିନ୍ଦୀ ସମାର୍ଥକୋଷ | ଓଡ଼ିଆ ଇଂରାଜୀ | ପ୍ରଫୁଲ୍ଲ କୁମାର ତ୍ରିପାଠୀ | ୨୦୧୦ |
| ସାରସ୍ୱତ ଓଡ଼ିଆ ଭାଷାକୋଷ | ଓଡ଼ିଆ ଓଡ଼ିଆ ଇଂରାଜୀ | କୃପାସିନ୍ଧୁ ବିଶ୍ୱାଳ | ୨୦୧୪ |
| କ୍ଳୃପ୍ତାଭିଧାନ | ଓଡ଼ିଆ ଓଡ଼ିଆ ଇଂରାଜୀ | ଡ.ସୁଧୀର କୁମାର ମହାନ୍ତ | ୨୦୧୪ |
| କୋଶଳି ଓଡ଼ିଆ ଅଭିଧାନ | କୋଶଳି ଓଡ଼ିଆ | ନରସିଂହ ପ୍ରସାଦ ଗୁରୁ | ୨୦୧୬ |
| The New Light of Pocket Dictionary | ଇଂରାଜୀ ଓଡ଼ିଆ ଇଂରାଜୀ | | ୨୦୧୭ |
| Ajanta's Standard dictionary | ଇଂରାଜୀ ଇଂରାଜୀ ଓଡ଼ିଆ | ଭଗବାନ୍ ବେହେରା | |
| Oxford English English Oriya dictionary | ଇଂରାଜୀ ଇଂରାଜୀ ଓଡ଼ିଆ | ବି.କେ ତ୍ରପାଠୀ କେ.ଏମ୍ ପଟ୍ଟନାୟକ | |

| | | |
|---|---|---|
| Ajanta's Learner's English | ଇଂରାଜୀ | |
| English Oriya Dictionary | ଇଂରାଜୀ ଓଡ଼ିଆ | ଜଗନ୍ନାଥ ମଲ୍ଲିକ |

**ତ୍ରିଭାଷୀ ଅଭିଧାନ :** ଏହିପ୍ରକାର ଅଭିଧାନରେ ତିନିପ୍ରକାର ଭାଷାର ଶବ୍ଦ ଓ ଏହାର ଅର୍ଥକୁନେଇ ଅଭିଧାନ ସଂପାଦନ କରାଯାଇଥାଏ ମୂଳ ଶବ୍ଦର ଅର୍ଥଭାବରେ ଅନ୍ୟ ଦୁଇଟି ଭାଷାରେ ଶବ୍ଦର ଅର୍ଥ ପ୍ରଦାନ କରାଯାଇଥାଏ।

| ଅଭିଧାନ | ଭାଷା | କୋଷକାର | ସମୟ |
|---|---|---|---|
| The New Dictionary | ହିନ୍ଦୀ ଓଡ଼ିଆ ଇଂରାଜୀ | ଜେ. ପାଇକରାୟ | ୧୯୯୯ |

**ଚତୁର୍ଭାଷୀ ଅଭିଧାନ :** ଚାରିପ୍ରକାର ଭାଷା ସହ ଏହାର ଅର୍ଥ ସଂଯୋଜିତ ହୋଇ ଏହି ପ୍ରକାର ଅଭିଧାନରେ ରହିଥାଏ।

| ଅଭିଧାନ | ଭାଷା | କୋଷକାର | ସମୟ |
|---|---|---|---|
| ପୂର୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ (୧-୭ ଖଣ୍ଡ) | ଓଡ଼ିଆ ଓଡ଼ିଆ ଇଂରାଜୀ ବଙ୍ଗଳା ହିନ୍ଦୀ | ଗୋପାଳଚନ୍ଦ୍ର ପ୍ରହରାଜ | ୧୯୩୧-୧୯୪୦ |
| ଓଡ଼ିଆ ଭାଷାକୋଷ (୧-୧୦ ଖଣ୍ଡ) | ଓଡ଼ିଆ ଓଡ଼ିଆ ଇଂରାଜୀ ବଙ୍ଗଳା ହିନ୍ଦୀ | ଆର୍ଯ୍ୟ ପ୍ରକାଶନ | |

**ବହୁଭାଷୀ ଅଭିଧାନ :** ବହୁଭାଷାର ସମନ୍ୱୟରେ ଗଠିତ ହୋଇଥାଏ। ଏପରି ଅଭିଧାନର ଦୃଷ୍ଟାନ୍ତ ସ୍ୱଳ୍ପ ଉପଲବ୍ଧ ହୁଏ।

| ଅଭିଧାନ | ଭାଷା | କୋଷକାର | ସମୟ |
|---|---|---|---|
| ବହୁଭାଷୀ ଅଭିଧାନ | ହିନ୍ଦୀ-ଇଂରାଜୀ-ଓଡ଼ିଆ-ସମ୍ବଲପୁରୀ- କୋଶଳି | ଗୋପବନ୍ଧୁ ରଥ | ୨୦୧୮ |

**ସାହିତ୍ୟ ଶବ୍ଦଭିତ୍ତିକ ଅଭିଧାନ :** ଏହି ଅଭିଧାନରେ ଥିବା ଶବ୍ଦର ସାହିତ୍ୟିକ ଦିଗଟିକୁ ଗୁରୁତ୍ୱ ଦିଆଯାଇଥାଏ। ସାହିତ୍ୟରେ ରହିଥିବା ବିଭିନ୍ନ ବିଭାଗ କାବ୍ୟ,କବିତା,ଗଦ୍ୟ, ନାଟକ, ଲୋକସାହିତ୍ୟ ତଥା ପ୍ରବାଦ, ପ୍ରବଚନ, ରୂଢ଼ି ଓ ବ୍ୟାକରଣକୁ କେନ୍ଦ୍ରକରି ଆବଦ୍ଧିତ ଶବ୍ଦ ଏବଂ ଏହାର ଅର୍ଥ ଏହି ପର୍ଯ୍ୟାୟଭୁକ୍ତ।

| ଅଭିଧାନ | କୋଷକାର | ସମୟ |
|---|---|---|
| ମୂଳଶବ୍ଦବୋଧିକା | ଶ୍ରୀ ମୃତ୍ୟୁଞ୍ଜୟ ରଥ | ୧୯୦୧ |
| ବିପରୀତାର୍ଥବୋଧିନୀ | ଶ୍ରୀ ଶ୍ରୀଧର ଗର୍ଗବଟୁ | ୧୯୧୩ |
| ଶୁଦ୍ଧିବୋଧକ | ଆର୍ତ୍ତତ୍ରାଣ ଶତପଥୀ ଓ ଜଗନ୍ନାଥ ରଥ | ୧୯୧୫ |
| ବ୍ୟାବହାରିକ ବିଦ୍ୟାର୍ଥୀ ଅଭିଧାନ | ବୈକୁଣ୍ଠନାଥ ଆଚାର୍ଯ୍ୟ | ୧୯୮୪ |
| ଶବ୍ଦନିଧି(ଓଡ଼ିଆ ସମାର୍ଥ ଶବ୍ଦକୋଷ) | ପ୍ରଫୁଲ୍ଲ କୁମାର ତ୍ରିପାଠୀ | ୧୯୯୫ |
| ଓଡ଼ିଆ ନାଟକ କୋଷ | ହେମନ୍ତ କୁମାର ଦାସ | ୧୯୯୬ |
| ଓଡ଼ିଆ ସାହିତ୍ୟ କୋଷ | ବଂଶୀଧର ବିଶ୍ୱାଳ | ୧୯୯୮ |
| ସଂକ୍ଷିପ୍ତ ପ୍ରବାଦ ଓ ପ୍ରବଚନ କୋଷ | ସର୍ବେଶ୍ୱର ଦାଶ | ୨୦୦୩ |
| ଜ୍ଞାନଯୁଗ ସାହିତ୍ୟ ଶବ୍ଦକୋଷ | ରମେଶ ଚନ୍ଦ୍ର ପାଣି | ୨୦୦୭ |
| ସ୍ୱତନ୍ତ୍ର ଓଡ଼ିଆ ଶବ୍ଦକୋଷ | ଯୁଧିଷ୍ଠିର ସାହୁ | ୨୦୧୦ |

| | | |
|---|---|---|
| ଓଡ଼ିଆ ପ୍ରବାଦ ପ୍ରବଚନ ରୂଢ଼ିକୋଷ | ନାରାୟଣ ସାହୁ | ୨୦୧୧ |
| ଓଡ଼ିଆ ବନାନ ଅଭିଧାନ | ପ୍ରଫୁଲ୍ଲ କୁମାର ତ୍ରିପାଠୀ | ୨୦୧୩ |
| ଓଡ଼ିଆ ପ୍ରତିଶବ୍ଦ ଅଭିଧାନ | ଦିନବନ୍ଧୁ ବିଶ୍ୱାଳ | ୨୦୧୪ |
| ଓଡ଼ିଆ ସମାର୍ଥ କୋଷ | ପ୍ରଫୁଲ୍ଲ କୁମାର ତ୍ରିପାଠୀ | ୨୦୧୪ |
| ଓଡ଼ିଆ ବନାନ ଅଭିଧାନ | ନୀଳାଦ୍ରି ଭୂଷଣ ହରିଚନ୍ଦନ | ୨୦୧୪ |
| ଅର୍ଥମୂଳକ ଶବ୍ଦକୋଷ | ପ୍ରଫୁଲ୍ଲ କୁମାର ତ୍ରିପାଠୀ | ୨୦୧୭ |
| ଓଡ଼ିଆ ଲିଙ୍ଗ ପରିବର୍ତ୍ତନ ଓ ବିପରୀତାର୍ଥବୋଧକ ଶବ୍ଦକୋଷ | | ୨୦୨୧ |

**ସଂସ୍କୃତିଭିତ୍ତିକ ଶବ୍ଦାଭିଧାନ :** ସାଂସ୍କୃତିକ ଶବ୍ଦାବଳୀକୁ ନେଇ ସ୍ୱତନ୍ତ୍ର ଭାବରେ ଶବ୍ଦକୋଷର ବା ଅଭିଧାନର ପରିଚୟ ସ୍ୱଳ୍ପମାତ୍ରାରେ ଦେଖିବାକୁ ମିଳିଥାଏ। ଓଡ଼ିଆରେ ପ୍ରକାଶିତ କେତେକ ସଂସ୍କୃତିଭିତ୍ତିକ ଶବ୍ଦାଭିଧାନ ଯଥା–

| **ଅଭିଧାନ** | **କୋଷକାର** | **ସମୟ** |
|---|---|---|
| ଜ୍ଞାନଯୁଗ ସାଂସ୍କୃତିକ ଶବ୍ଦକୋଷ | ରମେଶ ପାଣି | ୨୦୦୨ |
| ଓଡ଼ିଆ ଲୋକସଂସ୍କୃତି ଶବ୍ଦକୋଷ | ଅଜୟ କୁମାର ମିଶ୍ର | ୨୦୦୮ |
| ଓଡ଼ିଆ ସାଂସ୍କୃତିକ ଶବ୍ଦାବଳୀ | ଓଡ଼ିଆ ଭାଷା ପ୍ରତିଷ୍ଠାନ | ୨୦୧୦ |
| ଶ୍ରୀମନ୍ଦିର ଶବ୍ଦକୋଷ | ସୁରେନ୍ଦ୍ର ନାଥ ଦାଶ | ୨୦୧୫ |

**ଧର୍ମ ଓ ପୁରାଣଭିତ୍ତିକ ଅଭିଧାନ :** ଧର୍ମକୁ ଭିତ୍ତିକରି ଏବଂ ପୁରାଣମାନଙ୍କରେ ପ୍ରଚଳିତ ଶବ୍ଦାବଳୀକୁ ନେଇ ସଂକଳିତ ଏହି ଶ୍ରେଣୀୟ ଅଭିଧାନ।

| **ଅଭିଧାନ** | **କୋଷକାର** | **ସମୟ** |
|---|---|---|
| ଚରିତ ଚିନ୍ତାମଣି ପୌରାଣିକ ଶବ୍ଦକୋଷ | ନୀଳକଣ୍ଠ ରଥ | ୧୯୬୨ |
| ସନ୍ଥ ସାହିତ୍ୟ ଶବ୍ଦକୋଷ | ରତ୍ନାକର ଚଇନି | ୧୯୯୪ |
| ବୌଦ୍ଧ ଶବ୍ଦକୋଷ | ଭଗବାନ ପଣ୍ଡା | ୧୯୯୭ |
| ସାରଳା ଶବ୍ଦ ଓ ସୂକ୍ତିକୋଷ | ନଟବର ଶତପଥୀ | ୧୯୯୭ |
| ଧର୍ମସିନ୍ଧୁ ଶବ୍ଦକୋଷ | କ୍ଷୀରୋଦ୍ରା ପରିଜା | |

**ସଂଖ୍ୟାଭିତ୍ତିକ ଅଭିଧାନ :** ଓଡ଼ିଆ ସଂସ୍କୃତିର ବିଭିନ୍ନ ସଂଖ୍ୟାବାଚକ ଶବ୍ଦ ପରିଦୃଷ୍ଟ ହୋଇଥାଏ। ସଂସ୍କୃତି ସହିତ ଗଣନ, ଗଣିତ, ଜ୍ୟୋତିଷବିଦ୍ୟା ଜୀବନର ବିଭିନ୍ନ କ୍ଷେତ୍ରରେ ଆବଶ୍ୟକ ପଡୁଥିବା ହିସାବ ଇତ୍ୟାଦି କ୍ଷେତ୍ରରେ ସଂପୃକ୍ତ ହୋଇଥାଏ। ସଂଖ୍ୟା ଏବଂ ଏହା ସହ ସଂଶ୍ଳିଷ୍ଟ ଥିବା ଶବ୍ଦକୁ ଆମେ ବ୍ୟବହାର କରିଥାଉ। ସେହି ସଂଖ୍ୟାଭିତ୍ତିକ ଅଭିଧାନ ଯଥା –

| ଅଭିଧାନ | କୋଷକାର | ସମୟ |
|---|---|---|
| ସଂଖ୍ୟାଭିଧାନ | ବନମାଳୀ ପଟ୍ଟନାୟକ | ୧୯୮୫ |
| ସାଂଖ୍ୟିକ ଶବ୍ଦକୋଷ | ଦୀନବନ୍ଧୁ ବିଶ୍ୱାଳ | ୨୦୦୩ |
| ସଂଖ୍ୟା ଶବ୍ଦାଭିଧାନ | ଅଜୟ କୁମାର ମିଶ୍ର | ୨୦୧୨ |

**ପଲ୍ଲିଭିତ୍ତିକ ଅଭିଧାନ :** ପଲ୍ଲି ବା ଗାଁ ଗହଳି ଲୋକଙ୍କ ଜୀବନରେ ପ୍ରଚଳିତ ଶବ୍ଦଗୁଡ଼ିକୁ ଏକତ୍ର କରିବା , ଲୁପ୍ତପ୍ରାୟ ଶବ୍ଦଗୁଡ଼ିକୁ ପୁନରୁଦ୍ଧାର କରି ସଂଗୃହୀତ କରି ରଖିବା, ବୈଦେଶିକ ଶବ୍ଦର ଭାରାକ୍ରାନ୍ତକୁ ପରିହାର କରି ନିଜର ମୂଳଶବ୍ଦ ବା କଥିତ ଶବ୍ଦସହ ପରିଚିତ କରାଇବା ଏହିପ୍ରକାର ଅଭିଧାନର ଉଦ୍ଦେଶ୍ୟ।

| ଅଭିଧାନ | କୋଷକାର | ସମୟ |
|---|---|---|
| ପଲ୍ଲି ଶବ୍ଦକୋଷ | ଯୁଧିଷ୍ଠିର ସାହୁ | ୨୦୦୮ |

**ଚିତ୍ରଭିତ୍ତିକ ଅଭିଧାନ :** ଚିତ୍ରମାଧ୍ୟମରେ ଶବ୍ଦର ଅର୍ଥ ପ୍ରତୀତ ହୁଏ, ଚିତ୍ର ବା ଛବି ଶବ୍ଦର ପ୍ରତିନିଧିତ୍ୱହିଁ ଏଠାରେ କରିଥାଏ। ଏହା ସାଧାରଣତଃ ଶିଶୁପୋଯୋଗୀ ଅଭିଧାନ ଶିଶୁର ଜ୍ଞାନର ଦିଗନ୍ତକୁ ପ୍ରସାରକରିବା ଉଦ୍ଦେଶ୍ୟରେ ଏହିପ୍ରକାର ଅଭିଧାନର ପରିକଳ୍ପନା।

| ଅଭିଧାନ | କୋଷକାର | ସମୟ |
|---|---|---|
| ଓଡ଼ିଆ ଚିତ୍ରାଭିଧାନ | ଭାରତୀୟ ଭାଷା ସଂସ୍ଥାନ,ମହୀଶୂର | |
| ଛବିଳ ଅଭିଧାନ | ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ, ଓଡ଼ିଶା | ୧୯୮୩ |
| ପ୍ରାରମ୍ଭିକ ଛବିଳ ଅଭିଧାନ | ବିଜୟଲକ୍ଷ୍ମୀ ମହାନ୍ତି, ତୃପ୍ତି ମହାନ୍ତି | ୨୦୧୧ |

**ବିଜ୍ଞାନଭିତ୍ତିକ ଅଭିଧାନ :** ଏ ଯୁଗ ବିଜ୍ଞାନର ଶବ୍ଦ ମଧ୍ୟ ବିଜ୍ଞାନର ଏଣୁ ଆମର ଦୈନନ୍ଦୀନ ଜୀବନରେ ପ୍ରୟୋଗ ହେଉଥିବା ବିଜ୍ଞାନଭିତ୍ତିକ ଶବ୍ଦର ଅର୍ଥକୁ ଜାଣିବା ଏବଂ ବୁଝିବାନିମନ୍ତେ ଏପରି ଅଭିଧାନର ଉଦ୍ଦେଶ୍ୟ।

| ଅଭିଧାନ | କୋଷକାର | ସମୟ |
|---|---|---|
| ବୈଜ୍ଞାନିକ ପାରିଭାଷିକ ଶବ୍ଦାବଳୀ | ବିଜ୍ଞାନ ପ୍ରଚାର ସମିତି,ରେଭେନ୍ସା କଲେଜ୍ | ୧୯୮୬ |
| ରସାୟନ ଶବ୍ଦକୋଷ | ଗୋକୁଳାନନ୍ଦ ମହାପାତ୍ର | ୧୯୯୭ |
| ବିଜ୍ଞାନ ଜ୍ଞାନକୋଷ (ଅ-କ୍ଷ) | ସୁରେଶ ଚନ୍ଦ୍ର ମହାପାତ୍ର | ୨୦୦୧ |
| କୃଷି ଶବ୍ଦସାଗର | ଦାମୋଦର ଲେଙ୍କା | ୨୦୦୩ |
| ବୈଜ୍ଞାନିକ ଜ୍ଞାନକୋଷ<br>୧ମ ଭାଗ (ଅ-ଦ)<br>୨ୟ ଭାଗ (ଧ-କ୍ଷ) | ଗୋକୁଳାନନ୍ଦ ମହାପାତ୍ର | ୨୦୦୫ |
| ବୈଜ୍ଞାନିକ ଜ୍ଞାନକୋଷ | ଗୋକୁଳାନନ୍ଦ ମହାପାତ୍ର | ୨୦୧୦ |

**ପ୍ରଶାସନିକ ଅଭିଧାନ:** ସରକାରୀ ସ୍ତରରେ ପ୍ରଶାସନିକ ପରିଚାଳନା କ୍ଷେତ୍ରରେ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷା ପ୍ରଚଳନର ପୂର୍ଣ୍ଣ ଓ ସଫଳ ରୂପାୟନ ନିମନ୍ତେ ପ୍ରଶାସନିକ ଅଭିଧାନର ଆବଶ୍ୟକତା ରହିଅଛି। ନିତ୍ୟ ବ୍ୟବହୃତ ବୋଧଗମ୍ୟ ଶବ୍ଦ ସହ ନୂତନଭାବେ ପ୍ରଶାସନିକ ବ୍ୟବସ୍ଥା ମଧ୍ୟକୁ ଆସୁଥିବା ଶବ୍ଦାବଳୀର ସଠିକ୍ ଭାଷାନ୍ତର ନିମନ୍ତେ ଏହି ପ୍ରକାର ଅଭିଧାନ ବହୁ ଉପଯୋଗୀ।

| ଅଭିଧାନ | କୋଷକାର | ସମୟ |
|---|---|---|
| ପ୍ରଶାସନ ଶବ୍ଦକୋଷ | ଧ୍ରୁବ ଚରଣ ରାଉତ | ୨୦୦୫ |
| ପ୍ରଶାସନ ଶବ୍ଦକୋଷ | ଓଡ଼ିଆ ଭାଷା ପ୍ରତିଷ୍ଠାନ | ୨୦୧୬ |

**ଅଞ୍ଚଳଭିତ୍ତିକ ଅଭିଧାନ :** ବିଭିନ୍ନ ଆଞ୍ଚଳିକ ଶବ୍ଦାବଳୀ ସହ ପରିଚିତ ହେବା ନିମନ୍ତେ ଅଞ୍ଚଳାନୁଯାୟୀ ଶବ୍ଦଗୁଡ଼ିକର ଅର୍ଥ ଭିନ୍ନଭିନ୍ନ ଭାବରେ ବ୍ୟବହାର କରାଯାଇଥାଏ।

| ଅଭିଧାନ | କୋଷକାର | ସମୟ |
|---|---|---|
| An Anchalika Sabdakosha of the Oriya Language Vol.1 (Western & Southern oriya) | କୁଞ୍ଜବିହାରୀ ତ୍ରିପାଠୀ | ୧୯୭୪ |
| ସମ୍ବଲପୁରୀ ଓଡ଼ିଆ ଶବ୍ଦକୋଷ | ପ୍ରଫୁଲ୍ଲ କୁମାର ତ୍ରିପାଠୀ | ୧୯୮୭ |
| ପୁରୀବୋଲି | ସିଦ୍ଧେଶ୍ୱର ମହାପାତ୍ର | ୧୯୯୬ |
| ଦେଶିଆ ଜ୍ଞାନକୋଷ | ରାଜେନ୍ଦ୍ର ପାଢ଼ୀ | ୨୦୧୦ |
| କୋଶଲି ଓଡ଼ିଆ ଅଭିଧାନ | ନରସିଂହ ପ୍ରସାଦ ଗୁରୁ | ୨୦୧୬ |
| କଳାହାଣ୍ଡିଆ ଶବ୍ଦକୋଷ | ପରମେଶ୍ୱର ମୁଣ୍ଡ | ୨୦୨୧ |

**ଜନଜାତିଭିତ୍ତିକ ଅଭିଧାନ :** ଓଡ଼ିଶାରେ ବସବାସ କରୁଥିବା ବିଭିନ୍ନପ୍ରକାର ଜନଜାତିମାନଙ୍କର ଭାଷାକୁ ନେଇ 'ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ'ର ପ୍ରଚେଷ୍ଟାରେ ପ୍ରକାଶ ପାଇଛି । ଅନେକ ଜନଜାତିଭିତ୍ତିକ ଅଭିଧାନ ଜନଜାତି ଅଞ୍ଚଳର ପ୍ରମୁଖ ୨୧ଗୋଟି ଭାଷାକୁ ନେଇ ପ୍ରକାଶ ପାଇଥିବା ଅଭିଧାନ ଯଥା –

| ଅଭିଧାନ | କୋଷକାର | ସମୟ |
|---|---|---|
| କୁଭିଁ ବା କନ୍ଧ ଭାଷା | କୃଷ୍ଣଚନ୍ଦ୍ର ଝାଲିଆ | ୧୯୮୩ |
| ବୃହତ ସାନ୍ତାଳୀ ଓଡ଼ିଆ ଅଭିଧାନ | ଲାସ ମାଝୀ | ୧୯୯୫ |
| ଓଡ଼ିଆ କୁଭି ଶବ୍ଦକୋଷ | ପରମାନନ୍ଦ ପଟେଲ | ୨୦୧୩ |
| ଓଡ଼ିଆ କୋୟା ଶବ୍ଦକୋଷ | | ୨୦୧୩ |
| ଓଡ଼ିଆ କୁଇ ଶବ୍ଦକୋଷ | | ୨୦୧୩ |
| ଓଡ଼ିଆ ସଉରା ଶବ୍ଦକୋଷ | | ୨୦୧୪ |
| ଓଡ଼ିଆ ହୋ ଶବ୍ଦକୋଷ | | ୨୦୧୪ |
| ଓଡ଼ିଆ ଓରାଓଁ କିସାନ୍ ଶବ୍ଦକୋଷ | | ୨୦୧୫ |
| ଓଡ଼ିଆ ବିଂଝାଲ୍ କନ୍ଧାନ୍ ଶବ୍ଦକୋଷ | | ୨୦୧୬ |
| ଓଡ଼ିଆ ସାଦରୀ ଶବ୍ଦକୋଷ | | ୨୦୧୬ |
| ଓଡ଼ିଆ ମୁଣ୍ଡା ଶବ୍ଦକୋଷ | | ୨୦୧୬ |
| ଓଡ଼ିଆ ଖଡ଼ିଆ ଶବ୍ଦକୋଷ | | ୨୦୧୬ |
| ଜୁଆଙ୍ଗ ଶବ୍ଦ ମୁଇଁ ଟାଣ ଜୁଆଙ୍ଗ ଶବ୍ଦକୋଷ | ନୀଳାଦ୍ରି ବିହାରୀ ମିଶ୍ର | ୨୦୧୮ |
| ଓଡ଼ିଆ ଜୁଆଙ୍ଗ ଶବ୍ଦକୋଷ | | ୨୦୧୮ |
| ଓଡ଼ିଆ ବଣ୍ଡା ଶବ୍ଦକୋଷ | | ୨୦୧୮ |
| କୁଇ ଓଡ଼ିଆ ଅଭିଧାନ | ପ୍ରଫୁଲ୍ଲ କୁମାର ପ୍ରଧାନ | ୨୦୧୮ |
| ଓଡ଼ିଆ ଗୋଣ୍ଡି ଶବ୍ଦକୋଷ | | ୨୦୧୮ |

| | |
|---|---|
| ଓଡ଼ିଆ ଗଦବା ଶବ୍ଦକୋଷ | ୨୦୧୮ |
| ଓଡ଼ିଆ ଭୂୟାଁ ଶବ୍ଦକୋଷ | ୨୦୧୮ |
| ଓଡ଼ିଆ ଭୁଂଜିଆ ଶବ୍ଦକୋଷ | ୨୦୧୮ |
| ଓଡ଼ିଆ ଭୂମିଜ ଶବ୍ଦକୋଷ | ୨୦୧୮ |
| ଓଡ଼ିଆ ଦେଶିଆ ଶବ୍ଦକୋଷ | ୨୦୧୯ |

**ପାରିଭାଷିକ ଅଭିଧାନ :** ଇଂରେଜମାନଙ୍କ ଶାସନ କାଳରେ ପ୍ରଶାସନିକ କଳ ମାଧ୍ୟମରେ ଏବଂ ବିଜ୍ଞାନ ଓ ବୈଷୟିକ ବିଦ୍ୟାର ପ୍ରସାର ଫଳରେ ଯେଉଁ ନୂତନ ଶବ୍ଦାବଳୀ ଓଡ଼ିଆ ଭାଷାକୁ ଆସିଲା, ତାହାର ବୋଧଗମ୍ୟତାପାଇଁ ପାରିଭାଷିକ ଶବ୍ଦକୋଷର ଆବଶ୍ୟକତା ଦେଖାଦେଲା । 'ଓଡ଼ିଶା ରାଜ୍ୟ-ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା' ବିଭିନ୍ନ ବିଷୟରେ ପାରିଭାଷିକ ଶବ୍ଦକୋଷ ପ୍ରଣୟନ କରିଛନ୍ତି। ଏଥିରେ ପ୍ରକାଶିତ ପ୍ରତ୍ୟେକ ଶବ୍ଦକୋଷ ଦ୍ୱିଭାଷୀଧର୍ମୀ (ଇଂରାଜୀ ଓଡ଼ିଆ)।

| ଅଭିଧାନ | କୋଷକାର | ସମୟ |
|---|---|---|
| କେମିକାଲ୍ ଇଂଞ୍ଜିନିୟରିଂ ପରିଭାଷା | | ୧୯୭୪ |
| ଇଲେକ୍ଟ୍ରୋନିକ୍ ଇଂଞ୍ଜିନିୟରିଂ ପରିଭାଷା | | ୧୯୭୪ |
| ଯାନ୍ତ୍ରିକ ଇଂଞ୍ଜିନିୟରିଂ ପରିଭାଷା | | ୧୯୭୪ |
| ଇଲେକ୍ଟ୍ରିକାଲ୍ ଇଂଞ୍ଜିନିୟରିଂ ପରିଭାଷା | | ୧୯୭୫ |
| ପଦାର୍ଥବିଜ୍ଞାନ ଅଭିଧାନ | କୁଳମଣି ସାମଲ | ୧୯୭୬ |
| ଗ୍ରନ୍ଥାଳୟ ବିଜ୍ଞାନ ପରିଭାଷା | | ୧୯୮୫ |
| ଅର୍ଥଶାସ୍ତ୍ର ପରିଭାଷା | | ୨୦୦୨ |
| ଗଣିତ ପରିଭାଷା | | ୨୦୦୨ |
| ରାଜନୀତିବିଜ୍ଞାନ ପରିଭାଷା | | ୨୦୦୨ |
| ଇତିହାସ ପରିଭାଷା | | ୨୦୦୨ |
| ଦର୍ଶନଶାସ୍ତ୍ର ପରିଭାଷା | | ୨୦୦୨ |
| ଭେଷଜ ପରିଭାଷା ଆୟୁର୍ବିଜ୍ଞାନ ପରିଭାଷା | | ୨୦୦୨ |
| ବାଣିଜ୍ୟ ପରିଭାଷା | | ୨୦୦୨ |
| ଜୈବ-ପ୍ରଯୁକ୍ତିବିଦ୍ୟା ପରିଭାଷା | | ୨୦୦୩ |
| ସମାଜବିଜ୍ଞାନ ପରିଭାଷା | | ୨୦୦୩ |
| କୃଷିବିଜ୍ଞାନ ପରିଭାଷା | | ୨୦୦୩ |
| ପ୍ରତ୍ନତତ୍ତ୍ୱ ପରିଭାଷା | | ୨୦୦୩ |
| ନୃତତ୍ତ୍ୱିକ ପରିଭାଷା | | ୨୦୦୩ |
| ଶିକ୍ଷା ପରିଭାଷା | | ୨୦୦୩ |

| | |
|---|---|
| କମ୍ପ୍ୟୁଟର ବିଜ୍ଞାନ ପରିଭାଷା | ୨୦୦୩ |
| ମୁଦ୍ରଣ ବିଜ୍ଞାନ ପରିଭାଷା | ୨୦୦୩ |
| ସଂସ୍କୃତିର ତାତ୍ତ୍ୱିକତାରେ ପରିଭାଷା | ୨୦୦୩ |
| ଭାଷାତତ୍ତ୍ୱ ପରିଭାଷା | ୨୦୦୫ |
| ଗୃହବିଜ୍ଞାନ ପରିଭାଷା | ୨୦୦୫ |
| ଭୂତତ୍ତ୍ୱ ପରିଭାଷା | ୨୦୦୫ |
| ସାମ୍ବାଦିକତା ପରିଭାଷା | ୨୦୦୫ |
| ଜୀବ ରସାୟନ ବିଜ୍ଞାନ ପରିଭାଷା | ୨୦୦୫ |
| ଅନ୍ତରୀକ୍ଷ ବିଜ୍ଞାନ ପରିଭାଷା | ୨୦୦୫ |
| ଭୂଗୋଳ ପରିଭାଷା | ୨୦୦୫ |
| ଜ୍ୟୋତିଷଶାସ୍ତ୍ର ପରିଭାଷା | ୨୦୦୬ |
| ଲୋକସାହିତ୍ୟ ଓ ଲୋକସଂସ୍କୃତି ଶବ୍ଦକୋଷ | ୨୦୧୩ |
| ଓଡ଼ିଶାର ଉପଯୋଗୀ ଉଦ୍ଭିଦର ପରିଭାଷା | ୨୦୧୪ |
| ଓଡ଼ିଆ ସାହିତ୍ୟିକ ପରିଭାଷା | ୨୦୧୫ |

**ବିଶ୍ୱକୋଷୀୟ ଅଭିଧାନ :** ଅଭିଧାନ ବ୍ୟତୀତ ଓଡ଼ିଆରେ କେତେକ ଜ୍ଞାନକୋଷ ବା ବିଶ୍ୱକୋଷ (Encyclopaedia) ପ୍ରକାଶ ପାଇଛି । ଏକ ଅଭିଧାନ ଏବଂ ବିଶ୍ୱକୋଷ ମଧ୍ୟରେ ପାର୍ଥକ୍ୟ କହିବା ସହଜ କିନ୍ତୁ ବ୍ୟବହାରିକ ଉପାୟରେ ପାର୍ଥକ୍ୟ ନିର୍ଦ୍ଧାରଣ କରିବା କଷ୍ଟକର । ଅଭିଧାନ ଶବ୍ଦକୁ ବ୍ୟାଖ୍ୟାକରିବା ସ୍ଥଳେ ବିଶ୍ୱକୋଷ ଶବ୍ଦର ଅର୍ଥକୁ ବ୍ୟାଖ୍ୟା କରିଥାଏ । (Michael Hancher P-113) ଜ୍ଞାନର ବିଭିନ୍ନ ବିଭାଗ ଉପରେ ଏହା ଆଲୋଚନା କରୁଥିବାରୁ ଏହାକୁ ଅଭିଧାନ ଅନ୍ତର୍ଭୁକ୍ତ କରାନଯାଇ ଜ୍ଞାନକୋଷ କୁହାଯାଇଥାଏ । (ରବୀନ୍ଦ୍ର କୁମାର ଦାସ,ପୃ୨୧) ମାତ୍ର, There are some dictionaries having both Lexicographical and Encyclopaedic features,They are known as Encyclopaedic Dictionary. (Dictionaries,P-8 IGNOU) ଜ୍ଞାନବିଜ୍ଞାନର ଯେତେ କ୍ଷେତ୍ର ରହିଛି, ସମସ୍ତଜ୍ଞାନକୁ ବର୍ଣ୍ଣମାଳାକ୍ରମରେ ସଂକ୍ଷିପ୍ତ ବା ବିସ୍ତୃତ ଭାବରେ ଗୋଟିଏ ପୁସ୍ତକ କଳେବର ମଧ୍ୟରେ ସନ୍ନିବେଶିତ କରିବା ହେଉଛି 'ବିଶ୍ୱକୋଷ ବା ଜ୍ଞାନମଣ୍ଡଳ' । (ଧନେଶ୍ୱର ସାହୁ, ପୃ-୧୦୭,୧୦୮) ଏଥିରେ ଉଭୟ ବିଶ୍ୱକୋଷୀୟ ଓ ଶବ୍ଦକୋଷୀୟ ବିଶେଷତ୍ୱ ପରିଲକ୍ଷିତ ହେଉଥିବାରୁ ଏହାକୁ 'ବିଶ୍ୱକୋଷୀୟ ଅଭିଧାନ' (Encyclopaedic Dictionary) ବା ଜ୍ଞାନର ଅଭିଧାନ ବୋଲି ଅଭିହିତ କରିପାରିବା । (ଧନେଶ୍ୱର ସାହୁ, ପୃ-୧୮୪) ଏହିପରି ଓଡ଼ିଆରେ କେତେକ ବିଶ୍ୱକୋଷ ପ୍ରଣୟନ କରାଯାଇଛି, ଯାହା ଜ୍ଞାନକୋଷ ଓ ଜ୍ଞାନମଣ୍ଡଳ ନାମରେ ପରିଚିତ । ବିନୋଦ କାନୁନ୍‌ଗୋଙ୍କ 'ଓଡ଼ିଆ ଜ୍ଞାନମଣ୍ଡଳ' ଏକ ଅପୂର୍ଣ୍ଣାଙ୍ଗ ବିଶ୍ୱକୋଷୀୟ ଅଭିଧାନ । ୭୫ଖଣ୍ଡରେ ଏହାକୁ ପ୍ରକାଶ କରିବାର ପରିକଳ୍ପନା କରିଥିଲେ ମଧ୍ୟ 'ଅ' ଠାରୁ 'ଜ' ପର୍ଯ୍ୟନ୍ତ ଅଠରଗୋଟି ଅକ୍ଷରାନୁକ୍ରମରେ ୪୦ଖଣ୍ଡରେ ଏହା ପ୍ରକାଶ ପାଇଛି । ପିଲାଙ୍କପାଇଁ ଦୁଇଖଣ୍ଡ 'ଶିଶୁଜ୍ଞାନମଣ୍ଡଳ' ପୂର୍ଣ୍ଣାଙ୍ଗ ରୂପରେ ପ୍ରକାଶ ପାଇଛି । ପ୍ରଥମଖଣ୍ଡରେ ଓଡ଼ିଆ ବର୍ଣ୍ଣମାଳାର ସ୍ୱରବର୍ଣ୍ଣ ଉପରେ ଓ ଦ୍ୱିତୀୟଖଣ୍ଡରେ ବ୍ୟଞ୍ଜନବର୍ଣ୍ଣ ଉପରେ ଆଧାରିତ । (ଧନେଶ୍ୱର ସାହୁ ପୃ-୧୮୯) ଏତଦ୍‌ବ୍ୟତୀତ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରୟାସରେ ଚାରିଖଣ୍ଡରେ ପୂର୍ଣ୍ଣାଙ୍ଗ 'ସଂକ୍ଷିପ୍ତ ଓଡ଼ିଆ ଜ୍ଞାନକୋଷ' ଓ ବିଶ୍ୱକୋଷ ଫାଉଣ୍ଡେସନ୍‌ଦ୍ୱାରା 'ଓଡ଼ିଆ ବିଶ୍ୱକୋଷ ଦର୍ପଣ' ପ୍ରକାଶ ପାଇଅଛି ।

**ଅନ୍‌ଲାଇନ୍ ଅଭିଧାନ:** ଏକବିଂଶ ଶତାବ୍ଦୀକୁ ଆମେ ଇ-ଯୁଗ ବା ଇଣ୍ଟରନେଟ୍ ଯୁଗ ବୋଲି ଗ୍ରହଣ କରିଅଛୁ । ଏପରି ପରିସ୍ଥିତିରେ ଯେକୌଣସି ଜିନିଷ ବା ବସ୍ତୁ ନିଜକୁ ଇ ଯୁଗରେ ପ୍ରତିଷ୍ଠିତ କରିପାରେନାହିଁ, ତାହା ସବୁଦିନପାଇଁ ପଛରେ ରହିଯାଏ । (ବିକ୍ରମ ଗୁପ୍ତା ପୃ -୨୭) ଅଭିଧାନଗୁଡ଼ିକ ମଧ୍ୟ ବର୍ତ୍ତମାନ ପରିସ୍ଥିତିରେ ଇଣ୍ଟରନେଟ୍ ସହ ନିଜକୁ ସାମିଲ କରିପାରିଛି । ପୂର୍ବରୁ ପ୍ରକାଶିତ ବହୁ

ପୁରୁଣା ଓ ଦୁଷ୍ପ୍ରାପ୍ୟ ମୁଖ୍ୟ ଅଭିଧାନଗୁଡ଼ିକୁ ଡିଜିଟାଇଜେସନ କରାଯାଇଛି ଏବଂ ବିଭିନ୍ନ ୱେବ୍‌ସାଇଟ୍ ଅନ୍‌ଲାଇନ୍ ଅଭିଧାନମାନ ପ୍ରସ୍ତୁତ କରିବାରେ ସକ୍ଷମ ହୋଇପାରିଛି । ଯଥା– odiabibhab.in , odia.org , archive.org , ova.gov.in , dictionary.odiaportal.in, lexilogos.com , glosbe.com , translate. Google.co.in ଇତ୍ୟାଦି ମାଧ୍ୟମରେ ଯୋଡ଼ି ଦିଆଯାଇଛି । ଶବ୍ଦର ବନାନ୍ , ଅର୍ଥ, ଉଚ୍ଚାରଣ, ଗଠନ, ଉତ୍ପତ୍ତି ଆଦି ଅତିରିକ୍ତ ସୂଚନାକୁ ଏକତ୍ର କରି ଅନ୍‌ଲାଇନ୍ ଅଭିଧାନ କେତେକ ୱେବ୍‌ସାଇଟ୍ ବ୍ୟତୀତ ପ୍ଲେଷ୍ଟୋରରେ ଉପଲବ୍ଧ କେତେଗୁଡ଼ିଏ ସ୍ୱତନ୍ତ୍ର ଆପ୍ (Aap)ରେ ମଧ୍ୟ ନିଜକୁ ସଂଯୋଜିତ କରିଦେଇଛି । ପ୍ଲେଷ୍ଟୋରରେ ଉପଲବ୍ଧ କେତେଗୁଡ଼ିଏ ଅଭିଧାନ ଆପ୍, ଯଥା– ମୋ ଅଭିଧାନ – Odia Dictionary (2015) , Odia Dictionary (Language World, 2016) , English to Odia Dictionary with Odia Translator (2016) , Odia Hindi Dictionary (2017) , English to Odia Dictionary (2018) , Odia Dictionary (2020) , Odia Dictionary – Learn Odia,translate and improve vocabulary (2020) , Odia Bhasakosh (2020) , Odia to Hindi Dictionary (2022) , Purnachandra Odia Bhasakosh (2024) ଇତ୍ୟାଦି ଅଭିଧାନମାନଙ୍କରେ ଶବ୍ଦ ଓ ଏହା ସଂପର୍କିତ ବିଭିନ୍ନ ତଥ୍ୟର ଉପଲବ୍ଧି ରହିଛି ।

**ଉପସଂହାର:**

ପରିଶେଷରେ, ଓଡ଼ିଆଭାଷାରେ ଉପଲବ୍ଧ ରହିଥିବା ପ୍ରାୟ ସମସ୍ତ ଅଭିଧାନକୁ ଏହି ପ୍ରବନ୍ଧର ଆଲୋଚନା ପରିସରଭୁକ୍ତ କରାଯାଇଛି ଏବଂ ପ୍ରଚଳିତ ଶବ୍ଦଗୁଡ଼ିକୁ ନେଇ ସ୍ୱତନ୍ତ୍ର ଭାବରେ ବିଭିନ୍ନ ବିଷୟଭିତ୍ତିକ ଅଭିଧାନଗୁଡ଼ିକର ବିଭାଗୀକରଣ କରାଯାଇ ଅଭିଧାନ ପ୍ରଣୟନ ପରଂପରାର ମାର୍ଗ ସଂପର୍କରେ ବିଶେଷ ଧାରଣା ପ୍ରଦାନ କରାଯାଇଛି । ଓଡ଼ିଆ ଅଭିଧାନ ରଚନାର ପୃଷ୍ଠଭୂମି ସଂପର୍କରେ ତଥ୍ୟ ପ୍ରଦାନ କରିବାସହ ଓଡ଼ିଆ ଭାଷାରେ ଅଭିଧାନ ପ୍ରଣୟନର ଧାରା ପ୍ରାଚୀନ ଛନ୍ଦୋବଦ୍ଧ ରୀତିରୁ ଆସି ପାଶ୍ଚାତ୍ୟ ରୀତିରେ ପ୍ରବେଶ କରି ବିଭିନ୍ନ ପ୍ରକାର ଅଭିଧାନ ବା ଶବ୍ଦକୋଷ, ଭାଷାକୋଷ, ପାରିଭାଷିକ ଅଭିଧାନ, ଆଞ୍ଚଳିକ ଅଭିଧାନ, ଜନଜାତିଭିତ୍ତିକ ଅଭିଧାନ, କମ୍ପ୍ୟୁଟର ଓ ମୋବାଇଲ୍‌ରେ ଉପଲବ୍ଧ ଅନେକ ଅନ୍‌ଲାଇନ୍ ଅଭିଧାନ ଜରିଆରେ ଓଡ଼ିଆ ଭାଷାରେ ପ୍ରଣୀତ ଅଭିଧାନର ପରଂପରା ଓଡ଼ିଆ ଭାଷାର ବିଭିନ୍ନ କ୍ଷେତ୍ରକୁ ସମୃଦ୍ଧ କରିବା ସହିତ ବିଶ୍ୱମୁଖୀ ହେବାର ପ୍ରଚେଷ୍ଟା ଜାରିରଖିଛି ।

**ସହାୟକ ଗ୍ରନ୍ଥସୂଚୀ :**


୧. ଦାସ, ରବୀନ୍ଦ୍ର କୁମାର – କୋଷବିଜ୍ଞାନର ଆଲୋକରେ ସମଭାଷୀ ଓଡ଼ିଆ ଶବ୍ଦକୋଷ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ କଟକ, ପ୍ରଥମ ସଂସ୍କରଣ – ୨୦୨୩

୨. ମହାପାତ୍ର, ବିଜୟପ୍ରସାଦ – ଓଡ଼ିଆ ଭାଷାତାତ୍ତ୍ୱିକ ପ୍ରବନ୍ଧ, ଗ୍ରନ୍ଥମନ୍ଦିର, ବିନୋଦବିହାରୀ , କଟକ ,ଦ୍ୱିତୀୟ ସଂସ୍କରଣ – ୨୦୨୩

୩. ମିଶ୍ର, ହରପ୍ରସାଦ - ଓଡ଼ିଆ ଭାଷାତାତ୍ତ୍ୱିକ ପ୍ରବନ୍ଧ ଆଲୋଚନା , ଅଗ୍ରଦୂତ, ବାଙ୍କାବଜାର,କଟକ, ପ୍ରଥମ ସଂସ୍କରଣ – ୨୦୧୧

୪. ମିଶ୍ର, କୃପାସିନ୍ଧୁ – ଉତ୍କଳ ଇତିହାସ, କଟକ ଟ୍ରେଡିଂ କମ୍ପାନୀ,କଟକ ଓ ପୁରୀ ବ୍ରାଞ୍ଚ, ପ୍ରଥମ ସଂସ୍କରଣ – ୧୯୨୬

୫. ମିଶ୍ର, ଜୟକୃଷ୍ଣ – କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଏକ ସମୀକ୍ଷା, ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର, ପ୍ରଥମ ପ୍ରକାଶନ – ୧୯୭୭

୬. ସାମନ୍ତରାୟ, ନଟବର – ଆଧୁନିକ ଓଡ଼ିଆ ସାହିତ୍ୟ ବିକାଶର ପୃଷ୍ଠଭୂମି, ଶ୍ରୀମତୀ ଗଙ୍ଗାବାଈ ସାମନ୍ତରାୟ, ବାଣୀଭବନ, ସାମନ୍ତରାପୁର, ଭୁବନେଶ୍ୱର , ପ୍ରଥମ ସଂସ୍କରଣ – ୧୯୭୯

୭. ଦାଶ, ଗଗନେନ୍ଦ୍ରନାଥ – ଓଡ଼ିଆ ଭାଷା ଚର୍ଚ୍ଚାର ପରଂପରା, ଓଡ଼ିଆ ଗବେଷଣା ପରିଷଦ, ସାରସ୍ୱତ ନିଳୟ, ଶ୍ରୀ ଅରବିନ୍ଦନଗର, ମଧୁପାଟଣା, କଟକ, ପ୍ରଥମ ସଂସ୍କରଣ – ୧୯୮୩

୮. ସାହୁ , ଧନେଶ୍ୱର – ବିନୋଦ୍ କାନୁନ୍‌ଗୋ , ନ୍ୟାସନାଲ୍ ବୁକ୍‌ଟ୍ରଷ୍ଟ , ଇଣ୍ଡିଆ , ପ୍ରଥମ ସଂସ୍କରଣ – ୨୦୧୬

୯. ସିଂହ , ବିଜୟାନନ୍ଦ , ଅତୀତ ଓ ଅସ୍ମିତା , ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ , କଟକ ,ପ୍ରଥମ ସଂସ୍କରଣ – ୨୦୨୩

୧୦. ପଣ୍ଡା, ବସନ୍ତ କୁମାର , ଝଙ୍କାର – ୭୬ତମ ବର୍ଷ , ବିଷୁବ ବିଶେଷାଙ୍କ , ୨୦୨୪

୧୧. ପଟ୍ଟନାୟକ ,ପ୍ରଦୀପ କୁମାର – ୧ମ ବର୍ଷ ,୯ମ ସଂଖ୍ୟା , ମାର୍ଚ୍ଚ – ୨୦୧୭

୧୨. ଦାଶ, ଗୌରାଙ୍ଗ ଚରଣ – ଅଭିଧାନର ଇତିବୃତ୍ତି , ଓଡ଼ିଆ ବିଭବ

୧୩. Karambelkar,Manjri - Technical study of the dictionaries published in Sanskrit Language since 1800 AD, Department Of Library & Information Science ,Tilak

Maharashtra,Vidyapeeth, Sodhganga @INFLIBNET, 2015

୧୪. Nadira Kerimbaeva, Darmanjan Seytnazarova, Anjella Reymova – Historical Progress Of English Dictionary , 2021

୧୫. Mohapatra , K.N – PURUSOTTAMA DEVA The Lexicographer Vol.II , September 1953 & January 1954 No.3 & 4 , The Orissa Historical Research Journal , Published by P. Acharya Superintedent Of Research and Museum , Bhubaneswar

୧୬. Bandyopadhayay,Sucharita – Lexicography in Bengali an analysis of of Methodology and concept , Dept Of Linguistics , University of Calcutta , Sodhganga@INFLIBNET , 1999

୧୭. Types and Traditions of Dictionaries , Block – 1 , Dictionary and Lexicography : Concept and Dimenssion , IGNOU ,New Delhi , 2023

୧୮. Types of Dictionaries , MAL -25 Lexicography , School of Humanities TNOU,577, Anna Salai ,Saidapet , Chennai – 600015

୧୯. Dictionaries Block- 2 Categories of Reference Sources , IGNOU, New Delhi ,2017

୨୦. Gupta ,Vikram – Hindi Shabdkosh Parampara ka Vishleshan , Department of Hindi , University of Delhi , Sodhganga@INFLBNET, 2019

୨୧. Henning , Bergenholtz – What is Dictionary , Lexikos 22 (AFRILEX-reeks / series 22 : 2012) : 20 – 30

୨୨. Mallick , Jhuni – Growth and Development of Odia Dictionaries : an Introductory Study , Language in India , ISSN 1930 – 2940 Vol.24 : 4 April 2024

୨୩. तिवारि भोलानाथ - कोशबिज्ञान, प्रकाशक - शब्दकार – 2203, गलि डकौतान तुर्कान गेट दिल्ली, संस्करण -1979

୨୪. सिंह राघबेन्द्र प्रताप , शब्दकोश की अबधारणा उसका उदगम ,विकास,महत्व एबं उसमे शब्दार्थ व्युत्पति , International Journal of Applied Research , 2022 , 8(2),10-11,ISSN 2394-5869

୨୫. धवन ममता , कोश विज्ञान शव्दकोश और विश्वकोश , श्री नटराज प्रकाशन , प्रकाशन, ए- 507112, साउथ् गांवड़ी एक्स , दिल्ली, संस्करण – 2022

୨୬. M31 : कोशविज्ञान, इ-५-भाषाविज्ञान, e-PG Pathshala , MHRD,NME-ICT;UGC

୨୭. अवंतस् , अभिषेक् – 8.21 हिन्दी कोश निर्नाण का विकास और चिंताएँ , LRIL - 2007

❖ ❖ ❖

DOI :https://doi.org/10.5281/zenodo.14835243 ମୂଳ ପ୍ରବନ୍ଧ

# ହଜିଯାଇଥିବା ଇତିହାସ: ବଞ୍ଚିରହିଥିବା ସଂସ୍କୃତି

**ମଙ୍ଗରାଜ ମହାପାତ୍ର**

**ସଂକ୍ଷିପ୍ତସାର :**

ଢେଙ୍କାନାଳର ଇତିହାସ ସମ୍ପର୍କରେ ପ୍ରାୟ ଅଧିକାଂଶ ପାଠକ ଜାଣନ୍ତି। ଢ଼େଙ୍କାନାଳର ଐତିହ୍ୟ ଓ ସଂସ୍କୃତି ଅତି ପ୍ରାଚୀନ। ଅବିଭକ୍ତ ଢେଙ୍କାନାଳ ଜିଲ୍ଲାରେ ଥିବା ପ୍ରାଚୀନ ନଗର ଗୁଡ଼ିକ ମଧ୍ୟରେ ଭୀମନଗର ଦଣ୍ଡପାଟ ଅନ୍ୟତମ। ଅତୀତରେ ଏହା ଭୌମ୍ୟକର, ଗଙ୍ଗ ବଂଶ ଓ ସୂର୍ଯ୍ୟବଂଶୀ ରାଜାମାନଙ୍କର ଏକ ରାଜଧାନୀ ଥିଲା। ଅନଙ୍ଗଭୀମ ଦେବ ଏହିଠାରୁ ଯାଇ ଚୌଦ୍ୱାର କଟକରେ ରାଜା ହୋଇଥିଲେ। ପ୍ରାଚୀନ ଓଡ଼ିଆ ସାହିତ୍ୟ, ଲୋକକଥା ଓ କିମ୍ବଦନ୍ତୀରୁ ଏହି ନଗର ସମ୍ପର୍କରେ ସୂଚନା ମିଳିଥାଏ। ଆଲୋଚ୍ୟ ପ୍ରବନ୍ଧରେ କୋଦାଳକ ମଣ୍ଡଳୀ, କରମୂଳ ଓ ଭୀମନଗର ଦଣ୍ଡପାଟ ସମ୍ପର୍କରେ ଏବଂ ନାଧରା ରାମଚଣ୍ଡୀଙ୍କ ବହୁ ପୁରାତନ ପର୍ବ ଦୁର୍ଗାଷ୍ଟମୀ ସମ୍ପର୍କରେ ଆଲୋଚନା କରାଯାଇଛି।

**ପ୍ରମୁଖ ଶବ୍ଦାବଳୀ:**

ଢେଙ୍କାନାଳ, ଭୀମନଗର ଦଣ୍ଡପାଟ, କୋଦାଳକ ମଣ୍ଡଳ, କରମୂଳ, ରାମଚଣ୍ଡୀ, ରଣେଶ୍ୱର, ବଳଦେବ, ତଳମୂଳ, ବ୍ରାହ୍ମଣୀନଦୀ, ଦୁର୍ଗାଷ୍ଟମୀ, ଅନଙ୍ଗଭୀମ ଦେବ।

ଇତିହାସ କେବଳ ଅତୀତର ଇସ୍ତାହାର ନୁହେଁ, ଇତିହାସ ହେଉଛି ଦେଶ ନିର୍ମାଣର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଯେଉଁ ଜାତିର ଇତିହାସ ଯେତେ ସମୃଦ୍ଧ ସେ ଜାତି ସେତେ ଅଧିକ ବିକଶିତ ହୋଇପାରିବ। କାରଣ ଇତିହାସ ଆମକୁ ଠିକ୍ ଭୁଲ୍ ଶିଖାଏ। ଆମ ସମାଜକୁ ଉନ୍ନତିର ଦିଗ ଦେଖାଏ। ଭାରତର ଇତିହାସ ହିଁ ଭାରତୀୟ ସଂସ୍କୃତି ଓ ପରମ୍ପରାର ପରିଚୟ। ମନ୍ଦିର, ଗୁମ୍ଫା, ବୌଦ୍ଧସ୍ତୁପ ପ୍ରଭୃତିରେ ଚିତ୍ର ଓ ଅଭିଲେଖ ଆକାରରେ ଆମ ଇତିହାସ ବଞ୍ଚିରହିଛି। ଭାରତ ପରି ଓଡ଼ିଶାର ଇତିହାସ ମଧ୍ୟ ବହୁ ପ୍ରାଚୀନ। ଅତୀତରେ ବର୍ତ୍ତମାନର ଓଡ଼ିଶା କଳିଙ୍ଗ, ଉଡ୍ର, ଉତ୍କଳ, କୋଶଳ, ତୋଷାଳୀ ଆଦି ବିଭିନ୍ନ ନାମରେ ପରିଚିତ ଥିଲା।

ଚୀନ ପରିବ୍ରାଜକ ହୁଏନସାଂ ସପ୍ତମ ଶତାବ୍ଦୀରେ ହର୍ଷବର୍ଦ୍ଧନଙ୍କ ରାଜତ୍ୱ ସମୟରେ ଭାରତ ଭ୍ରମଣରେ ଆସି ଓଡ଼ିଶା ଆସିଥିବାର ତାଙ୍କ ବିବରଣୀରୁ ଜଣାଯାଏ। ସେ ଦେଖିଥିବା ଓଡ଼ିଶା ସେତେବେଳେ ଭିନ୍ନ ଭିନ୍ନ ରାଜ୍ୟରେ ବିଭକ୍ତ ହୋଇଥିଲା। ପ୍ରଥମେ ସେ ଓଡ଼ିଶାର ଯେଉଁ ଅଞ୍ଚଳରେ ପହଞ୍ଚିଥିଲେ ତାହା 'ଉଡ୍ର ଦେଶ' ନାମରେ ପରିଚିତ ଥିଲା। ହୁଏନସାଂ ଏହାକୁ 'ଉଚ୍ଛ' ବୋଲି ନାମକରଣ କରିଛନ୍ତି। ଏହା ବର୍ତ୍ତମାନର ବାଲେଶ୍ୱର, ମୟୂରଭଞ୍ଜ, କଟକ ଓ ପୁରୀ ପ୍ରଭୃତି ଉପକୂଳ ଅଞ୍ଚଳକୁ ନେଇ ଗଠିତ ହେଇଥିଲା। ଏହି ଦେଶରେ ସେ ସମୟରେ ପ୍ରାୟ ଏକଶତ ବୌଦ୍ଧ ବିହାର ଥିଲା। ହୁଏନସାଂ ଏଠାରେ ପୁଷ୍ପଗିରି ବିହାର (ପୁ- ସି- ପୋ- କି- ଲି) ଓ ଚରିତ୍ର ବନ୍ଦର ଦେଖିଥିଲେ ବୋଲି ତାଙ୍କ ବିବରଣୀରୁ ଜଣାଯାଏ। ଏହାପରେ ହୁଏନସାଂ କଙ୍ଗୋଦ ରାଜ୍ୟ ଅଭିମୁଖେ ଯାତ୍ରା କରିଥିଲେ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.14835243
Article No - BPP00256

**ଯୋଗାଯୋଗ : ମଙ୍ଗରାଜ ମହାପାତ୍ର,** ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟ, ହିନ୍ଦୋଳରୋଡ଼, ଢ଼େଙ୍କାନାଳ
**Email:** mangarajmohapatra1998@gmail.com
**ORCID ID:** https://orcid.org/0009-0003-9260-7458

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୧.୯.୨୦୨୪ | ୧୦.୧୦.୨୦୨୪ | ୨୫.୧୧.୨୦୨୪ | ୧.୦୧.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମହପାତ୍ର, ମଙ୍ଗରାଜ ; ୨୦୨୫। ହଜିଯାଇଥିବା ଇତିହାସ: ବଞ୍ଚିରହିଥିବା ସଂସ୍କୃତି। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ଙ; ପୃଷ୍ଠା :୪୩-୪୮।

ହୁଏନସାଂ ଏହି ରାଜ୍ୟକୁ 'କଙ୍ଗ୍- ଉ- ତୋ' ନାମରେ ନାମିତ କରିଛନ୍ତି। ଏହି ରାଜ୍ୟଟି ବର୍ତ୍ତମାନର ଚିଲିକାଠାରୁ ମହେନ୍ଦ୍ର ପର୍ବତ ପର୍ଯ୍ୟନ୍ତ ବିସ୍ତୃତ ଥିଲା ବୋଲି ଆଲୋଚକମାନେ ମତଦିଅନ୍ତି। ଏହି ରଜ୍ୟର ଗୋଟିଏ ପାର୍ଶ୍ୱରେ ସମୁଦ୍ର ଓ ଅନ୍ୟ ପାର୍ଶ୍ୱରେ ଉଚ୍ଚ ପର୍ବତମାଳା ଅବସ୍ଥିତ ଥିଲା ବୋଲି ହୁଏନସାଂଙ୍କ ବିବରଣୀରୁ ଜଣାଯାଏ। ଏହାପରେ ହୁଏନସାଂ କଳିଙ୍ଗ ରାଜ୍ୟରେ ପହଞ୍ଚିଥିଲେ। ସେ ତାଙ୍କ ବିବରଣୀରେ କଳିଙ୍ଗର ନାମ 'କି- ଲିଙ୍ଗ୍- କିଆ' ଭାବରେ ଉଲ୍ଲେଖ କରିଛନ୍ତି। ତାଙ୍କ ସମୟରେ ଏହି ରାଜ୍ୟର ସୀମା ମହେନ୍ଦ୍ର ପର୍ବତଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା। ଏଠାରେ ମହାଯାନୀ ବୌଦ୍ଧ ଧର୍ମର ପ୍ରଚାର ପ୍ରସାର ଘଟିଥିଲା। ହୁଏନସାଂ ଏହି ରାଜ୍ୟରେ ଦଶଟି ସଂଘାରାମ ଥିବାର ଉଲ୍ଲେଖ କରିଛନ୍ତି।[୧] ଅଶୋକଙ୍କ ସମୟରେ କିନ୍ତୁ କଳିଙ୍ଗର ସୀମା ବର୍ତ୍ତମାନର ଭୁବନେଶ୍ୱରଠାରୁ ଆନ୍ଧ୍ର ପ୍ରଦେଶ ପର୍ଯ୍ୟନ୍ତ ବିସ୍ତୃତ ଥିବାର ଜଣାଯାଏ। କାରଣ ଅଶୋକ କଳିଙ୍ଗ ବିଜୟ ପରେ ଶାସନଗତ ସୁବିଧା ପାଇଁ କଳିଙ୍ଗରେ ଦୁଇଟି ରାଜଧାନୀ ସ୍ଥାପନ କରିଥିଲେ। ସେଥି ମଧ୍ୟରୁ ଗୋଟିଏ ଥିଲା 'ତୋଷାଳୀ'( ବର୍ତ୍ତମାନର ଭୁବନେଶ୍ୱର ନିକଟସ୍ଥ ଶିଶୁପାଳ ଗଡ଼) ଏବଂ ଅନ୍ୟଟି ହେଉଛି 'ସମାପା' (ବର୍ତ୍ତମାନର ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ନିକଟସ୍ଥ ଜଉଗଡ଼)।[୨] ପରବର୍ତ୍ତୀ ସମୟରେ ଗଙ୍ଗା ନଦୀଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ କଳିଙ୍ଗର ସୀମା ବିସ୍ତୃତ ଥିବାର ମଧ୍ୟ ଜଣାଯାଏ। ହୁଏନସାଂ ତାଙ୍କ ବିବରଣୀରେ ଆଉ ଗୋଟିଏ ରାଜ୍ୟ ସମ୍ପର୍କରେ ଉଲ୍ଲେଖ କରିଛନ୍ତି ତାହା ହେଉଛି କୋଶଳ। ଏହି ରାଜ୍ୟଟି ବର୍ତ୍ତମାନର ପଶ୍ଚିମ ଓଡ଼ିଶା ଓ ପୂର୍ବ ମଧ୍ୟପ୍ରଦେଶକୁ ନେଇ ଗଠିତ ହୋଇଥିଲା। ବର୍ତ୍ତମାନର ଢେଙ୍କାନାଳ ଅଞ୍ଚଳଟି ପ୍ରାଚୀନ ସମୟରେ ଉଡ୍ର ଦେଶର ଅନ୍ତର୍ଭୁକ୍ତ ଥିଲା।

ଶାସନଗତ ସୁବିଧା ପାଇଁ ବିଭିନ୍ନ ସମୟରେ ରାଜାମାନେ ନିଜର ସାମ୍ରାଜ୍ୟକୁ କେତୋଟି କ୍ଷୁଦ୍ର କ୍ଷୁଦ୍ର ରାଜ୍ୟରେ ବିଭକ୍ତ କରିଥିଲେ। ଏହି କ୍ଷୁଦ୍ର ରାଜ୍ୟ ଗୁଡ଼ିକ ମଣ୍ଡଳ ରାଜ୍ୟ ନାମରେ ପରିଚିତ ଥିଲା। ଓଡ଼ିଶାରେ ମଧ୍ୟ ଅତୀତରେ ଅନେକ ଗୁଡ଼ିଏ ମଣ୍ଡଳ ରାଜ୍ୟ ଥିଲା। ଏହି ରାଜ୍ୟ ଗୁଡ଼ିକ ହେଉଛି-୧- ଖିଞ୍ଜିଳି ମଣ୍ଡଳ, ୨- ଖିଜିଙ୍ଗ ମଣ୍ଡଳ, ୩- କୋଦାଳକ ମଣ୍ଡଳ, ୪- ଯମଗର୍ତ୍ତ ମଣ୍ଡଳ, ୫- ଐରାବତ ମଣ୍ଡଳ, ୬- ବଣାଇ ମଣ୍ଡଳ, ୭- ଶ୍ୱେତକ ମଣ୍ଡଳ।[୩] ଐରାବତ ମଣ୍ଡଳର କିଛି ଅଞ୍ଚଳ ଓ କୋଦାଳକ ମଣ୍ଡଳ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ଅନ୍ତର୍ଭୁକ୍ତ ଥିଲା।

## ଢେଙ୍କାନାଳର ପ୍ରାଚୀନ ଇତିହାସ :

**ଢେଙ୍କାନାଳର ନାମକରଣ :** ସ୍ଥାନୀୟ କିମ୍ବଦନ୍ତୀରୁ ଜଣାଯାଏ ଯେ ବର୍ତ୍ତମାନର ଢେଙ୍କାନାଳର ରାଜପ୍ରାସାଦ ନିକଟବର୍ତ୍ତୀ ଅଞ୍ଚଳଟି ଘଞ୍ଚ ଅରଣ୍ୟ ପରିବେଷ୍ଟିତ ଥିଲା। ଏଠାରେ ଧେକଟା (ଢେଙ୍କା) ଶବର ଶାସନ କରୁଥିଲେ। ପ୍ରଥମେ ଭଞ୍ଜ ବଂଶର ରାଜା ଶ୍ରୀଧର ଭଞ୍ଜ ଚକ୍ରାନ୍ତ କରି ତାଙ୍କୁ ପରାସ୍ତ କରିଥିଲେ। ଢେଙ୍କା ଶବର ମୃତ୍ୟୁ ପୂର୍ବରୁ କହିଯାଇଥିଲେ ଯେ, ଯଦି ତାଙ୍କ ନାମରେ ଶାସନ କରାନଯିବ ତେବେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଅଞ୍ଚଳରେ କେହି ଶାସନ କରିପାରିବେ ନାହିଁ। ଶ୍ରୀଧର ଭଞ୍ଜ ଏହି କଥାକୁ ପାଳନ କରିନଥିଲେ। ମାତ୍ର ହିରିସିଂହ ବିଦ୍ୟାଧର ଶ୍ରୀଧର ଭଞ୍ଜଙ୍କୁ ପରାସ୍ତ କଲା ପରେ ଶ୍ରୀଧର ଭଞ୍ଜ ମୃତ୍ୟୁ ପୂର୍ବରୁ ତାଙ୍କୁ ଢେଙ୍କା ଶବର କହିଯାଇଥିବା କଥା ଶୁଣାଇଥିଲେ। ତେଣୁ ସମ୍ଭବତଃ ହରିସିଂହ ବିଦ୍ୟାଧର ଢେଙ୍କା ଶବରର ନାମ ଅନୁସାରେ ରାଜ୍ୟର ନାମ ଢେଙ୍କାନାଳ ରଖିଥାଇପାରନ୍ତି। ଏହି ଘଟଣାର ଐତିହାସିକ ସତ୍ୟ ଖୋଜିଲେ ପାଠକେ ନିରାଶ ହେବେ। କାରଣ ଇତିହାସ ଅନୁଯାୟୀ ହରିସିଂହ ବିଦ୍ୟାଧର ଗଜପତି ମହାରାଜା ପୁରୁଷୋତ୍ତମ ଦେବ ଓ ରାଣୀ ପଦ୍ମାବତୀଙ୍କ ପୁତ୍ର ଗଜପତି ପ୍ରତାପରୁଦ୍ର ଦେବଙ୍କର ଜଣେ ବିଶ୍ୱସ୍ତ କର୍ମଚାରୀ ଥିଲେ। ପ୍ରତାପରୁଦ୍ର ଦେବ ତାଙ୍କୁ କରମୂଳ ପାଟଣାର ଶାସନ ଦାୟିତ୍ୱ ଅର୍ପଣ କରିଥିଲେ। ହରିସିଂହ ପ୍ରଥମେ କରମୂଳ ଓ ପରେ ଢେଙ୍କାନାଳ ଅଞ୍ଚଳକୁ ନିଜ ଅଧୀନକୁ ଆଣିଥିଲେ। ବର୍ତ୍ତମାନ ପାଣିଓହଳା ପର୍ବତର ପାଦଦେଶରେ ଯେଉଁ ରାଜବାଟୀ ରହିଛି ତାହା ହରି ସିଂହ ବିଦ୍ୟାଧରଙ୍କ କୀର୍ତ୍ତି ବୋଲି ଆଲୋଚକମାନେ କୁହନ୍ତି। ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ତାଙ୍କ ରଚିତ 'ଢେଙ୍କାନାଳର ଐତିହ୍ୟ ଓ ସଂସ୍କୃତି' ପୁସ୍ତକରେ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି –"ଢେଙ୍କାନାଳର ଦକ୍ଷିଣାଞ୍ଚଳରେ ପ୍ରାଚୀନ କାଳରୁ ଶବରମାନେ ରାଜତ୍ୱ କରୁଥିଲେ। ବର୍ତ୍ତମାନ ଏହି ଶବରମାନଙ୍କ ରାଜ୍ୟର କେନ୍ଦ୍ରସ୍ଥଳ 'ଢେଙ୍କା ପୀଢ଼'ରେ ଢେଙ୍କାନାଳ ସହର ଗଢ଼ି ଉଠିଛି। ପାଣିଓହଳା ପର୍ବତର ପାର୍ବତ୍ୟ ଉପତ୍ୟାକାରେ ପରବର୍ତ୍ତୀକାଳରେ ଢେଙ୍କାନାଳର ରାଜପ୍ରାସାଦ ନିର୍ମିତ। ଏହାର ଅନତି ଦୂରରେ, ବର୍ତ୍ତମାନର ଜିଲ୍ଲାପାଳଙ୍କ ବାସଭବନ ସମ୍ମୁଖରେ ଶବରମାନଙ୍କ ଦ୍ୱାରା ନିର୍ମିତ ଜଳାଶୟ ଗୋଡ଼ି ପୋଖରୀ ନାମ ଧରି ଶବର ସଭ୍ୟତାର ସାକ୍ଷୀ ରୂପେ ବିଦ୍ୟମାନ। ଏହି ଗୋଡ଼ି ପୋଖରୀରେ ପୂର୍ବ ହୁଡ଼ାରେ ଶବର ଆରାଧିତା ଦେବୀ ଜେନାଦେଇ ବିରାଜିତା। ପ୍ରାଚୀନ କାଳରୁ ଏଠାରେ ଶବରପଲ୍ଲୀ ଥିବା ବିଶ୍ୱାସ କରାଯାଏ। ଏହି ଶବର ପଲ୍ଲୀଗୁଡ଼ିକ ହେଉଛି– ଢେଙ୍କାନାଳୀ, ଗୁଡ଼ିଆନାଳୀ, କଣ୍ଟାନାଳୀ, ଦୁଧିଆନାଳୀ, ଗୁଣ୍ଡିଚାନାଳୀ, ମଥୁରାନାଳୀ ଓ ଚାରନାଳୀ। ତନ୍ମଧ୍ୟରୁ 'ଢେଙ୍କାନାଳୀ' ଥିଲା ମୁଖ୍ୟ ଶବରପଲ୍ଲୀ, ଯାହାର ଅବସ୍ଥିତି ଗୋଡ଼ିପୋଖରୀ ସନ୍ନିକଟରେ ଥିଲା। ଅନ୍ୟାନ୍ୟ ଶବରପଲ୍ଲୀମାନଙ୍କ ମଧ୍ୟରୁ ଗୁଡ଼ିଆନାଳୀ ସଂପ୍ରତି ଢେଙ୍କାନାଳ ସହରର ଏକ ୱାର୍ଡ଼ ଭାବେ ଏବଂ 'କଣ୍ଟାନାଳୀ' ବନମାଳୀ ପ୍ରସାଦ ନାମରେ ବିଦ୍ୟମାନ। ଏହି ଶବର ପଲ୍ଲୀରେ ରାଜୁତି କରୁଥିବା ଶବର ରାଜାମାନଙ୍କ ମଧ୍ୟରେ 'ଢେଙ୍କା' ଅମିତ ବଳଶାଳୀ ଥିଲା। ଦକ୍ଷିଣାଞ୍ଚଳର ସମସ୍ତ ଶବର ରାଜା ଢେଙ୍କା ଶବରର ଅଧୀନସ୍ଥ ଥିଲେ। ପ୍ରାଚୀନକାଳରୁ ଅଷ୍ଟମ

ଶତାବ୍ଦୀ ପର୍ଯ୍ୟନ୍ତ ଶବରମାନେ ଢେଙ୍କାନାଳର ଦକ୍ଷିଣାଞ୍ଚଳରେ ନିରବଚ୍ଛିନ୍ନ ଆଧିପତ୍ୟ ବିସ୍ତାର କରିଥିଲେ ହେଁ 'ଢେଙ୍କା' ସେମାନଙ୍କ ମଧ୍ୟରେ ଶ୍ରେଷ୍ଠ ଥିଲା। ତାହାରି ନାମାନୁସାରେ ବଡ଼ ବସ୍ତିଟି ଢେଙ୍କାନାଳୀ ନାମରେ ଖ୍ୟାତ ଥିଲା। ଢେ଼ଙ୍କାନାଳ ରାଜବଂଶର ପ୍ରତିଷ୍ଠାତା ଉଦୀୟମାନ ହରି ବିଦ୍ୟାଧର ଷୋଡ଼ଶ ଶତାବ୍ଦୀର ଶେଷ ଭାଗରେ ଢେଙ୍କା ଶବରର ରାଜଧାନୀ 'ଢେଙ୍କା' ପୀଢ଼ ସନ୍ନିକଟରେ ରାଜଧାନୀ ସ୍ଥାପନ କଲେ ଏବଂ ତାହାରି ନାମାନୁସାରେ ରାଜ୍ୟର ନାମ 'ଢେଙ୍କାନାଳ' ରଖିଲେ। କିମ୍ବଦନ୍ତୀ ଅନୁଯାୟୀ ଢେଙ୍କାପୀଢ଼ ସନ୍ନିକଟରେ ବର୍ତ୍ତମାନର ବିଜ୍ଞାନ ଉପବନ ଦକ୍ଷିଣ ପଶ୍ଚିମରେ ଥିବା ବୃହତ୍ ପ୍ରସ୍ତର ଖଣ୍ଡକୁ ସ୍ଥାନୀୟ ଲୋକେ ଢେଙ୍କା ମୁଣ୍ଡ ପଥର କହୁଛନ୍ତି।[୪] ଢେଙ୍କାନାଳର ନାମକରଣ ସହିତ ଢେଙ୍କା ଶବରର ସମ୍ପୃକ୍ତି ରହିଛି ଏକଥାକୁ ଗ୍ରହଣ କରାଯାଇପାରେ।

## ଢେଙ୍କାନାଳର ପ୍ରମୁଖ ପ୍ରାଚୀନ ନଗର

**କୋଦାଳକ ମଣ୍ଡଳ:** ବର୍ତ୍ତମାନର ଢେଙ୍କାନାଳ ଜିଲ୍ଲା ଓ ଅନଗୁଳ ଜିଲ୍ଲାର ତାଳଚେର ଅଞ୍ଚଳକୁ ନେଇ କୋଦଳକ ମଣ୍ଡଳ ଗଠିତ ହୋଇଥିଲା। ଏହାର ରାଜଧାନୀ ଥିଲା କୋଦାଳକ ନଗରୀ। ଏହା ବର୍ତ୍ତମାନର କୁଆଲୋ ଗ୍ରାମ ବୋଲି ଆଲୋଚକମାନେ ମତ ଦିଅନ୍ତି। ଏହି କୋଦାଳକ ମଣ୍ଡଳରେ ଶୁଲ୍କୀ ବଂଶର ରାଜାମାନେ ଶାସନ କରୁଥିଲେ। ଏମାନେ ଯାଜପୁର ଅଞ୍ଚଳରେ ଶାସନ କରୁଥିବା ଭୌମ୍ୟକର ରାଜାମାନଙ୍କର କରଦ ରାଜା ଥିଲେ। ମାତ୍ର ଏମାନେ ସ୍ୱତନ୍ତ୍ର ଭାବରେ ରାଜ୍ୟ ଶାସନ କରିପାରୁଥିଲେ। ଏହି ବଂଶର ପ୍ରଥମ ରାଜା ଥିଲେ କାଞ୍ଚନ ସ୍ତମ୍ଭ। ତାଙ୍କର ପୁତ୍ର ଥିଲେ କଳହସ୍ତମ୍ଭ। କଳହସ୍ତମ୍ଭଙ୍କ ପୁତ୍ର ରଣସ୍ତମ୍ଭ ଭୌମ୍ୟବଂଶର ସାମନ୍ତ ରାଜା ଥିଲେ। ସେ ଭୌମ୍ୟବଂଶର ରାଜା ତୃତୀୟ ଶୁଭକର ଦେବଙ୍କ ସମସାମୟିକ ଓ ସାମନ୍ତ ଥିଲେ। ସାରଳା ଦାସଙ୍କ ରଚିତ ମହାଭାରତର ସଭାପର୍ବରେ ଅର୍ଜୁନ ରଣସ୍ତମ୍ଭ ଗଡ଼ର ରାଜା ବୀରବରଙ୍କ ସହିତ ଯୁଦ୍ଧ କରିଥିବା ପ୍ରସଙ୍ଗ ବର୍ଣ୍ଣିତ ହୋଇଛି। ପୁନଶ୍ଚ ରଣସ୍ତମ୍ଭ ରାଜ୍ୟର ଇଷ୍ଟଦେବୀ ଭାବରେ ହିଙ୍ଗୁଳାଙ୍କର ବର୍ଣ୍ଣନା ରହିଛି।

"ଚଳଇ ଧନୁର୍ଜୟେ ରୁଦ୍ରପାଦ ଗଙ୍ଗାତୀରେ
ପ୍ରବେଶ ଅର୍ଜୁନ ଯାଇଂ ରଣସ୍ତମ୍ଭ ରାଜ୍ୟରେ।
ବୀରତୂର ଶବଦ ବଜାଇ ଫାଲଗୁନି
ଗଣସ୍ତମ୍ଭ ଗଡେ ଯାଇଂ ପ୍ରବେଶ ରୟଣୀ।
ସେ ରାଜ୍ୟର ରାଜା ବୀରବର ଚକ୍ରବ୍ରତୀ
ବଡ଼ାଇ ପ୍ରତାପୀ ସେ ଉତ୍ତର କୋଶଳେ ମହାଛତ୍ରୀ
ସେ ଗଡ଼ ଭିତରେ ଯେ ବିଜୟେ ହିଙ୍ଗୁଳା
ଯୋଗ୍ନୀ ମାତାଙ୍ଗୀ ସେ ପ୍ରସନ୍ନେ ମହାଖଳା।"
(ସାରଳା ମହାଭାରତ, ସଭାସଭାପର୍ବ)

ସ୍ୱର୍ଗାରୋହଣ ପର୍ବରେ ମଧ୍ୟ ରଣସ୍ତମ୍ଭ ଓ ହିଙ୍ଗୁଳାଙ୍କ ନାମ ଦେଖିବାକୁ ମିଳିଥାଏ। ହିଙ୍ଗୁଳା ବର୍ତ୍ତମାନର ତାଳଚେର ଅଞ୍ଚଳର ପ୍ରତିଷ୍ଠାତ୍ରୀଦେବୀ ଅଟନ୍ତି ଏବଂ ରଣସ୍ତମ୍ଭଙ୍କ ସମୟ ବେଳକୁ ଓଡ଼ିଶାରେ ସ୍ତମ୍ଭେଶ୍ୱରୀ ଉପାସନା ଆରମ୍ଭ ହୋଇସାରିଥିଲା। ରଣସ୍ତମ୍ଭ ସ୍ଥାନୀୟ ଧେକଟା(ଢେଙ୍କା) ନାମକ ଶବରକୁ ପରାସ୍ତ କରିଥିବାର ଜଣାଯାଏ। ଏହି ଧେକଟା ବା ଢେଙ୍କା ଶବରର ନାମରେ ପରବର୍ତ୍ତୀ ସମୟରେ ଢେଙ୍କାନାଳ ରାଜ୍ୟ ସୃଷ୍ଟି ହୋଇଥିଲା।

**କରମୂଳ ନଗରୀ :** ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ଅନ୍ୟତମ ପ୍ରାଚୀନ ନଗରୀ ହେଉଛି କରମୂଳ। ଏହା ବର୍ତ୍ତମାନର ଯୋରନ୍ଦାଠାରୁ ପ୍ରାୟ ଦଶ କି.ମି ଦୂରରେ ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ। ଏହାର ପାର୍ଶ୍ୱବର୍ତ୍ତୀ ବଣିଆପଡ଼ା, ଅତିଣ୍ଡା(ଆୟ ତଣ୍ଡ), ହଦଗଡ଼, ନାଗାନା ନଗରୀ ପ୍ରଭୃତିର ସାମନ୍ତ ରାଜାମାନଙ୍କୁ ନିଜ ଅଧୀନକୁ ଆଣି ହରିସିଂହ ବିଦ୍ୟାଧର ଏକ ସମୃଦ୍ଧ ରାଜ୍ୟ ଗଠନ କରିଥିଲେ। ସେ ପ୍ରଥମେ କରମୂଳ ନଗରୀର ଶାସନ ଭାର ନିଜ ହାତକୁ ନେଇଥିଲେ। ଏଠାରେ ଥିବା ଦୌଡେଶ୍ୱର ମହାଦେବ ମନ୍ଦିର ଏହାର ପ୍ରାଚୀନତାର ପ୍ରମାଣ ବହନ କରେ। କୁହାଯାଏ ଗଙ୍ଗବଂଶର ରାଜା ଅନଙ୍ଗଭୀମ ଦେବ ବ୍ରହ୍ମ ହତ୍ୟା ପାପରୁ ମୁକ୍ତି ପାଇବା ପାଇଁ ପବିତ୍ର ବ୍ରାହ୍ମୀ(ବ୍ରାହ୍ମଣୀ) ନଦୀ କୂଳରେ ଅନେକ ଗୁଡ଼ିଏ ଶିବ ମନ୍ଦିର ନିର୍ମାଣ କରାଇଥିଲେ। ସେଥିମଧ୍ୟରୁ କରମୂଳର ଦୌଡେଶ୍ୱର ମହାଦେବ ମନ୍ଦିର ଅନ୍ୟତମ। ଏହି ମନ୍ଦିରଟି ବର୍ତ୍ତମାନ ନଦୀ ଗର୍ଭରେ ଲୀନ ହେବାକୁ ବସିଲାଣି। ଏହି ମନ୍ଦିର ପରିସରରୁ ମିଳିଥିବା ପ୍ରାଚୀନ ମୂର୍ତ୍ତି ଗୁଡ଼ିକ ଅଷ୍ଟମ, ନବମ ଶତାବ୍ଦୀର ବୋଲି ଅନୁମାନ କରାଯାଏ। ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଦେଖିଲେ ଏହି କରମୂଳ ନଗରୀଠାରୁ କିଛି ଦୂରରେ ବ୍ରାହ୍ମଣୀ ନଦୀର ଅପର ପାର୍ଶ୍ୱରେ ଭୁବନ ଗ୍ରାମ ଅବସ୍ଥିତ। ପୁନଶ୍ଚ ଏହିଠାରୁ କଟକ ଓ ଯାଜପୁର ଜିଲ୍ଲାକୁ ଯିବା ପାଇଁ ମଧ୍ୟ ରାସ୍ତା ରହିଛି। ପ୍ରାଚୀନ କାଳରେ ବ୍ରାହ୍ମଣୀ ନଦୀ ଯୋଗାଯୋଗର ମାଧ୍ୟମ ସାଜିଥିଲା। ତେଣୁ ଏହି ଅଞ୍ଚଳରେ ଯେ, ପ୍ରାଚୀନ ଜନବସତି ଗଢ଼ିଉଠିଥିଲା ଏକଥାକୁ ବିଶ୍ୱାସ କରାଯାଇପାରେ।

**ଭୀମନଗର ଦଣ୍ଡପାଟ:** ଓଡ଼ିଶା ଇତିହାସରେ ଢେଙ୍କାନାଳ ଜିଲ୍ଲାର କଥା ଆଲୋଚନା କଲାବେଳେ କୋଦାଳକ ମଣ୍ଡଳ, ଢେଙ୍କାନାଳର କଥା ପ୍ରାୟ ସମସ୍ତେ ଜାଣନ୍ତି। ମାତ୍ର ଭୌମ୍ୟକରମାନଙ୍କଠାରୁ ମରହଟ୍ଟା ଶାସନ ପର୍ଯ୍ୟନ୍ତ ଏକ ସମୃଦ୍ଧଶାଳୀ ନଗର ଭାବରେ ପରିଚିତ ଥିବା ଭୀମନଗର ସମ୍ପର୍କରେ ପ୍ରାୟ କୌଣସି ଆଲୋଚନା ଦେଖିବାକୁ ମିଳେ ନାହିଁ। ପ୍ରାଚୀନ ଓଡ଼ିଆ ସାହିତ୍ୟରେ କିନ୍ତୁ ଏହି ନଗର ସମ୍ପର୍କରେ ସୂଚନା ମିଳିଥାଏ। ଏହି ସମୃଦ୍ଧଶାଳୀ ନଗରଟି ବର୍ତ୍ତମାନର ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ବ୍ଲକ୍ ଅନ୍ତର୍ଗତ ଧଳପୁର, ନାଧରା ଓ ଏକଘରିଆ ଗ୍ରାମର ସୀମାରେ ବ୍ରାହ୍ମଣୀ

ନଦୀକୂଳରେ ଗଢ଼ିଉଠିଥିଲା। ଅଷ୍ଟମ ନବମ ଶତାବ୍ଦୀ ବେଳକୁ ଭୌମକରମାନେ ଯାଜପୁର ଅଞ୍ଚଳରେ ଶାସନ କରୁଥିବା ସମୟରେ ସମ୍ଭବତଃ କୋଦାଳକ ମଣ୍ଡଳ ଓ ହିନ୍ଦୋଳ ଅଞ୍ଚଳର ଶାସନ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ଏହିଠାରେ ଏକ ରାଜଧାନୀ ସ୍ଥାପନ କରିଥିଲେ। ଏହି ଭୌମ୍ୟନଗରୀ ଗଙ୍ଗବଂଶର ରାଜା ଅନଙ୍ଗଭୀମ ଦେବଙ୍କ ଶାସନ ସମୟରେ ଭୀମନଗର ନାମରେ ନାମିତ ହୋଇଥିଲା। ମାଦଳାପାଞ୍ଜିରୁ ଜଣାଯାଏ ଯେ ଅନଙ୍ଗଭୀମ ଦେବ ଏହି ଭୀମନଗର ଦଣ୍ଡପାଟରୁ ଯାଇ ଚୌଦ୍ୱାର କଟକରେ ଶାସନ ଭାର ଗ୍ରହଣ କରିଥିଲେ। ମାଦଳା ପାଞ୍ଜିରେ ଉଲ୍ଲେଖ ଅଛି –"ଏ ଉତ୍ତାରେ ଅନଙ୍ଗଭୀମ ଦେବଙ୍କ ସାନଭାଇ ଭୀମ ପରିରାଏଙ୍କୁ ଭୀମନଗର ଦଣ୍ଡପାଟୁଂ ଆଣି ରାଜା କଲେ। ଏ ଦୁତି ଅନଙ୍ଗଭୀମ ଦେବ ହୋଇଲେ।"[୪] ଏହି ରାଜାଙ୍କ ସମୟରେ ଗଙ୍ଗବଂଶର ରାଜଧାନୀ ଥିଲା ଚୌଦ୍ୱାର କଟକ। ବାରବାଟୀଠାରେ ଏହି ରାଜା ନୂତନ ରାଜଧାନୀ ପ୍ରତିଷ୍ଠା କରିଥିଲେ। ପୁନଶ୍ଚ ମାଦଳା ପାଞ୍ଜିରେ ଏହି ଅନଙ୍ଗଭୀମ ଦେବ ରାଜା, ମହାରାଜାମାନଙ୍କୁ ନିଜର ଆଦେଶବାଣୀ ଶୁଣାଇବା ପ୍ରସଙ୍ଗରେ ଭୀମନଗରର ନାମ ଉଲ୍ଲେଖ ଅଛି। "ପୂର୍ବଦିଗେ ଅର୍କକ୍ଷେତ୍ର ସୋମୋଦ୍ର ତୀରଠାରୁ ପଶ୍ଚିମେ ଭୀମନଗର ଦଣ୍ଡପାଟ ସରିକି ଦକ୍ଷିଣେ ଆଏ ହେଉଥିଲା। ପଶ୍ଚିମେ ଆଏ କଲୁ ଭୀମନଗର ଦଣ୍ଡପାଟଠାରୁ ବଉଦ ସୀମା ସୁନୁପୁର ସରିକି।"[୬] ଚୌଦ୍ୱାର କଟକର ପଶ୍ଚିମ ଦିଗରେ ଢେଙ୍କାନାଳ ଜିଲ୍ଲା ଅବସ୍ଥିତ। ତେଣୁ ମାଦଳା ପାଞ୍ଜିରେ ବର୍ଣ୍ଣିତ ଭୀମନଗର ଦଣ୍ଡପାଟ ଯେ ଢେଙ୍କାନାଳ ଜିଲ୍ଲାର ବ୍ରାହ୍ମଣୀ ନଦୀକୂଳରେ ଅବସ୍ଥିତ ଥିଲା, ଏକଥାକୁ ସ୍ୱୀକାର କରାଯାଇ ପାରେ।

ଭୀମନଗର ଦଣ୍ଡପାଟର ଲୋକମାନେ ସଭ୍ୟ, ଶିକ୍ଷିତ ଓ ଜ୍ଞାନବନ୍ତ ଥିଲେ। ଗୁରୁ, ବୈଷ୍ଣବ ଓ ବ୍ରାହ୍ମଣମାନଙ୍କର ସେବା କରୁଥିଲେ। ଏମାନଙ୍କ ଭାଷା ଝାଡ଼ଖଣ୍ଡ ( ବର୍ତ୍ତମାନର ହିନ୍ଦୋଳ, ଅନୁଗୁଳ ଜିଲ୍ଲାର ତଳମୂଳ ପ୍ରଭୃତି ଅଞ୍ଚଳ ପୂର୍ବେ ଝାଡ଼ଖଣ୍ଡ ଦେଶ ନାମରେ ପରିଚିତ ଥିଲା) ଅଞ୍ଚଳର ଲୋକମାନଙ୍କ ଭାଷା ଅପେକ୍ଷା ଉନ୍ନତ ଥିଲା। ବର୍ତ୍ତମାନ ଢେଙ୍କାନାଳର ରାଜବାଟୀ ନିକଟରେ ଥିବା ବଳଦେବଙ୍କ ମନ୍ଦିରରେ ଯେଉଁ ପ୍ରତିମା ପୂଜା ପାଉଛନ୍ତି, ସେ ପ୍ରଥମେ ତଳମୂଳ ଅଞ୍ଚଳରେ ପୂଜା ପାଉଥିଲେ। ପରବର୍ତ୍ତୀ ସମୟରେ ସେ ଭୀମନଗର ଦଣ୍ଡପାଟରେ ପୂଜା ପାଇଲେ। ସେତେବେଳକୁ ବ୍ରାହ୍ମୀ(ବ୍ରାହ୍ମଣୀ) ନଦୀ କୂଳରେ ଅବସ୍ଥିତ ଭୀମନଗରରେ ଅନଙ୍ଗଭୀମ ଦେବ ରହୁଥିଲେ। ତାଙ୍କ ପିତାଙ୍କ ବିୟୋଗ ପରେ ସେ ଯେତେବେଳ ଏଠାରୁ ଚୌଦ୍ୱାର କଟକକୁ ରାଜା ହେବା ପାଇଁ ଗଲେ, ସେତେବେଳେ ନିଜର ଆରାଧ୍ୟ ବଳଦେବଙ୍କୁ ହାତୀପିଠିରେ ବସାଇ ନେଉଥିଲେ। ମାତ୍ର ପ୍ରଭୁ ଝାଡ଼ଖଣ୍ଡ ଅଞ୍ଚଳ ଛାଡ଼ି ଯିବେ ନାହିଁ ବୋଲି ରାଜାଙ୍କୁ ସ୍ୱପ୍ନାଦେଶ କରି କହିଲେ। ଏହାପରେ ଅନଙ୍ଗଭୀମ ଦେବ ବଳଦେବ ପ୍ରଭୁଙ୍କୁ ଢେଙ୍କାନାଳ ଅଞ୍ଚଳରେ ଛାଡ଼ିଦେଇଗଲେ। ପରବର୍ତ୍ତୀ ସମୟରେ ହରିସିଂହ ବିଦ୍ୟାଧର ଢେଙ୍କାନାଳ ରାଜ୍ୟ ପ୍ରତିଷ୍ଠା କରି ସେଠାରେ ମନ୍ଦିର ନିର୍ମାଣ କରି ବଳଦେବଙ୍କୁ ପୂଜାର୍ଚ୍ଚନା କଲେ। ଏହି କଥାଟି 'ବଳଭଦ୍ରବୋଲି'ରେ ଦେଖିବାକୁ ମିଳେ।

"ଭୀମନଗ୍ରି କୋଟ ବ୍ରାହ୍ମୀନଦୀ ତଟ ସେହିଠାରେ ବିଜେ କଲେ
ସେହିଠାରେ ଅନଙ୍ଗଭୀମ ଦେବ ବୋଲି ରାଜା ଏକ ଥିଲେ ରହି
ସେ ସ୍ଥାନେ ପଥର ମଣ୍ଡପ ତୋଳାଇ ବିଜେ କଲେ ତହିଁ।
ତାଙ୍କର ମନ ଜାଣନ୍ତି ଅନ୍ତର୍ଯ୍ୟାମୀ ଏଠାରେ ରହିବ ନାହିଁ
ରାତ୍ର ଅର୍ଦ୍ଧମାନେ ରାଜାକୁ କହିଲେ ଓଡ଼ିଶାକୁ ଯାଅ ତୁହି।
ଏଥି ଉତ୍ତାରେ କେତେ ଦିନ ଅନ୍ତରେ ଅନଙ୍ଗଭୀମ ନୃପତି
ଓଡ଼ିଶାକୁ ରାଜା ହୋଇବାକୁ ଗଲା ପ୍ରଭୁଙ୍କୁ ସଙ୍ଗତେ ଘେତି।"[୭]

ସମ୍ଭବତଃ ପୂର୍ବରୁ ଓଡ଼ିଶା ରାଜ୍ୟ କହିଲେ ମୁଖ୍ୟତଃ କଟକ, ଯାଜପୁର, ଖୋର୍ଦ୍ଧା, ପୁରୀ ପ୍ରଭୃତି ଅଞ୍ଚଳକୁ ବୁଝାଉଥିଲା ଏବଂ ଢେଙ୍କାନାଳ, ଅନୁଗୁଳ, ଓ ପଶ୍ଚିମ ଓଡ଼ିଶାର କିଛି ଅଞ୍ଚଳକୁ ଝାଡ଼ଖଣ୍ଡ ବୋଲି କୁହାଯାଉଥିଲା। ଏଠାରେ ଯେଉଁ 'କୋଟ' ଶବ୍ଦର ଉଲ୍ଲେଖ କରାଯାଇଅଛି ତାହାର ଅର୍ଥ ହେଉଛି ଦୁର୍ଗ। ସୂର୍ଯ୍ୟବଂଶୀ ସମ୍ରାଟ ଗଜପତି କପିଳେନ୍ଦ୍ର ଦେବଙ୍କ ଶାସନ ସମୟରେ ଭୀମନଗର ଦଣ୍ଡପାଟ ତାଙ୍କ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ଥିଲା। ଆଲୋଚକ ସୁରେନ୍ଦ୍ର ମହାନ୍ତି ତାଙ୍କ ରଚିତ 'ଓଡ଼ିଆ ସାହିତ୍ୟର ଆଦି ପର୍ବ' ଗ୍ରନ୍ଥରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।[୮]

ଏହି ଭୀମନଗର ଦଣ୍ଡପାଟ ଅନ୍ତର୍ଗତ ଏକଘାରିଆ ଗ୍ରାମରେ ମଧ୍ୟଯୁଗର ବହୁ ପରିଚିତ କବି ଦୀନକୃଷ୍ଣ ଦାସ ବାସ କରୁଥିଲେ। ଦୀନକୃଷ୍ଣ ଦାସଙ୍କ ସମ୍ପର୍କରେ ବିଭିନ୍ନ ଆଲୋଚକ ଭିନ୍ନ ଭିନ୍ନ ମତ ଦେଇଥାନ୍ତି। ମାତ୍ର 'ରସବିନୋଦ' ଗ୍ରନ୍ଥରୁ ଜଣାଯାଏ ଯେ ଏହି ଗ୍ରନ୍ଥର ରଚୟିତା ଦୀନକୃଷ୍ଣ ଦାସ ଜଳେଶ୍ୱର ଅଞ୍ଚଳରୁ ଆସି ବ୍ରାହ୍ମଣୀ ନଦୀ କୂଳରେ ଏକାଘରିଆ ଗ୍ରାମରେ ବାସ କରୁଥିଲେ।

"ଏ ଗ୍ରନ୍ଥ ଯୋଡ଼ିବାର ବେଳେ
ଘର ବ୍ରାହ୍ମଣୀ ନଦୀ କୂଳେ।
କନକେଶ୍ୱର ଲିଙ୍ଗ ପାଶ।
ଏକ ଘରିଆ ନାମେ ଦେଶ।
ତହିଁ ମୋହର ନିଜ ସ୍ଥିତି
କରୁଣା କଲେ ଲକ୍ଷ୍ମୀପତି।" (ରସବିନୋଦ)

ପୁନଶ୍ଚ କବି ଉକ୍ତ ଗ୍ରନ୍ଥରେ ହଦଗଡ଼ର ରାଜା ବଳରାମ ସାମନ୍ତସିଂହାରଙ୍କ ବିଷୟରେ ବର୍ଣ୍ଣନା କରିବା ସମୟରେ ଭୀମନଗରର ନାମ ଉଲ୍ଲେଖ କରିଛନ୍ତି।

"ଭୀମ ଯେ ନଗ୍ରି ଦଣ୍ଡପାଟ
ତହିଁକି ଚାରି କୋଶ ବାଟ।

ସେ ହଦଗଡ଼ କରି ଘର
ପୁରୁଷୋତ୍ତମ ବିଦ୍ୟାଧର ।
ତାହାଙ୍କ ପୁତ୍ର ଅନୁପମ
ଯୁକତେ ନୀଳକଣ୍ଠ ନାମ ।
x x x
ତାହାଙ୍କ ପୁତ୍ର ଅନୁପମ
ମୁକତେ ବଳରାମ ନାମ ।"( ରସବିନୋଦ)

ଏଠାରେ ବର୍ଣ୍ଣିତ ପୁରୁଷୋତ୍ତମ ବିଦ୍ୟାଧରଙ୍କ ବଂଶରେ ବଳରାମ ସାମନ୍ତ ସିଂହାର ବୋଲି ଜଣେ ରାଜା ଥିଲେ । ଦୀନକୃଷ୍ଣ ଦାସ ସେହି ରାଜାଙ୍କ ଅନୁଗ୍ରହ ଲାଭ କରିଥିଲେ । ରସବିନୋଦ ଗ୍ରନ୍ଥରେ କବି ଯେଉଁ ଏକଘରିଆ ଗ୍ରାମ, କନକେଶ୍ୱର ଶିବ ଲିଙ୍ଗ କଥା ବର୍ଣ୍ଣନା କରିଛନ୍ତି, ତାହା ବର୍ତ୍ତମାନ ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ବ୍ଲକ୍ ଅନ୍ତର୍ଗତ ଏକଘରିଆ ଗ୍ରାମ ଅଟେ । ଏହି ଗ୍ରାମଟି ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ । ଏଠାରେ କବିଙ୍କ ବର୍ଣ୍ଣିତ କନକେଶ୍ୱର ମହାଦେବ ମନ୍ଦିର ରହିଛି । ଏହି ମନ୍ଦିରଠାରୁ ଦୁଇ କି.ମି ଦୂରରେ ପଶ୍ଚିମ ଦିଗରେ ରାମଚଣ୍ଡୀ ମନ୍ଦିର ଅବସ୍ଥିତ ଏବଂ ରାମଚଣ୍ଡୀ ମନ୍ଦିରର ପଶ୍ଚିମକୁ ଭୀମନଗର ଅବସ୍ଥିତ ଥିଲା ।

**ଢେଙ୍କାନାଳର ପ୍ରାଚୀନ ସଂସ୍କୃତି:**

ଗୋଟିଏ ଜାତିର ପରିଚୟ ତା'ର ଇତିହାସ ଓ ସଂସ୍କୃତିରୁ ମିଳିଥାଏ । ପ୍ରତ୍ୟେକ ଅଞ୍ଚଳର ସଂସ୍କୃତି ଭିତରେ ଭିନ୍ନତା ପରିଲକ୍ଷିତ ହୁଏ । ମାତ୍ର ସ୍ୱଭାବତଃ ସଂସ୍କୃତି ଏକ ଓ ଅଭିନ୍ନ ଅଟେ । ଭୌଗୋଳିକ ସ୍ଥିତି ଅନୁସାରେ କେବଳ ଏହା ବଦଳି ଥାଏ । ଢେଙ୍କାନାଳ ଏକ ଅରଣ୍ୟ ପରିବେଷ୍ଟିତ ଅଞ୍ଚଳ ହେଲେ ମଧ୍ୟ ଏଠାରେ ବହୁ ପ୍ରାଚୀନ କାଳରୁ ଆର୍ଯ୍ୟ ଓ ଦ୍ରାବିଡ ସଂସ୍କୃତିର ମିଶ୍ରଣ ଦେଖିବାକୁ ମିଳିଛି । କାରଣ ଢେଙ୍କାନାଳର ପାର୍ବତ୍ୟ ଅଞ୍ଚଳ ଗୁଡ଼ିକରେ ନାଗ ଉପାସନା ସହିତ ଶବରମାନଙ୍କର ପ୍ରକୃତି ପୂଜା ଦେଖିବାକୁ ମିଳିଥାଏ । ସେହିପରି ବ୍ରାହ୍ମଣୀ ନଦୀକୂଳରେ ବିଭିନ୍ନ ସ୍ଥାନରୁ ବୌଦ୍ଧ ମୂର୍ତ୍ତି ମଧ୍ୟ ମିଳିଛି, ଯାହା ଏ ଅଞ୍ଚଳରେ ବୌଦ୍ଧ ଧର୍ମର ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥାଏ । ଢେଙ୍କାନାଳ ଜିଲ୍ଲାର ଭୁବନ ଗ୍ରାମଠାରୁ ତାଳଚେର ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀ ଅବବାହିକାରେ ଅନେକ ଗୁଡ଼ିଏ ଶିବ ଓ ବିଷ୍ଣୁ ମନ୍ଦିର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରାଜାମାନଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବାର ଜଣାଯାଏ । କୁଆଲୋ (କୋଦାଳକ ମଣ୍ଡଳ)ର ଅଷ୍ଟଶମ୍ଭୁ ମନ୍ଦିର, କପିଳାସର ଚନ୍ଦ୍ରଶେଖର ମହାଦେବ ମନ୍ଦିର, ଭୁବନର ବୃଦ୍ଧେଶ୍ୱର, ମାର୍ଥାପୁର ଶାସନର ବାଲୁଙ୍କେଶ୍ୱର, କରମୂଳର ଦୌଡେଶ୍ୱର, ଧଳପୁରର ରଣେଶ୍ୱର, ଏକଘରିଆର କନକେଶ୍ୱର, କମଳାଙ୍ଗର କମଳେଶ୍ୱର ମହାଦେବ ମନ୍ଦିର ଢେଙ୍କାନାଳର ଶୈବସଂସ୍କୃତିର ପରିଚୟ ପ୍ରଦାନ କରିଥାଏ ।

ସପ୍ତମ ଶତାବ୍ଦୀଠାରୁ ଦଶମ ଶତାବ୍ଦୀ ମଧ୍ୟରେ ଢେଙ୍କାନାଳ ମାଟିରେ ଶୈବ ଓ ବୈଷ୍ଣବ ସଂସ୍କୃତିର ମିଳନ ଘଟିଥିଲା । ବ୍ରାହ୍ମଣୀ ଉପତ୍ୟକାର ସରାଙ୍ଗ ଓ ଭୀମକାଣ୍ଡଠାରେ ନିର୍ମିତ ବିଶାଳକାୟ ବିଷ୍ଣୁମୂର୍ତ୍ତି ଏହି ସମୟର କୀର୍ତ୍ତୀ । ଶୈବ ଓ ବୈଷ୍ଣବ ସଂସ୍କୃତିର ମିଳନାତ୍ମକ ପ୍ରକ୍ରିୟାରେ ପ୍ରଭାବିତ ହୋଇ ସୋମବଂଶୀ ରାଜା ଚନ୍ଦ୍ରକେଶରୀ ଚାନ୍ଦପୁର (ଚନ୍ଦ୍ରପୁର) ଠାରେ ଏକ ହରିହରମନ୍ଦିର ନିର୍ମାଣ କରିଥିଲେ । ପରବର୍ତ୍ତୀ କାଳରେ ମନ୍ଦିରଟି ଭାଙ୍ଗି ଯାଇଥିଲେ ହେଁ ହରିହର ମୂର୍ତ୍ତି ଅଦ୍ୟାବଧି ନାଧରା ରାମଚଣ୍ଡୀ ପୀଠରେ ବିରାଜିତ । କପିଳାସ ପୀଠରେ ମଧ୍ୟ ଚନ୍ଦ୍ରକେଶରୀ ପ୍ରଥମ ଶିବମନ୍ଦିର ନିର୍ମାଣ ପୂର୍ବକ ହରିହର ଉପାସନା ପ୍ରବର୍ତ୍ତନ କରିଥିଲେ ।[୯] ଢେଙ୍କାନାଳରେ ହରିହର ଉପାସନା ମୁଖ୍ୟତଃ ବ୍ରାହ୍ମଣୀ ନଦୀ ଅବବାହିକା ଅଞ୍ଚଳରେ ଦେଖିବାକୁ ମିଳିଥାଏ ।

ଢେଙ୍କାନାଳରେ ଶାକ୍ତ ପରମ୍ପରା ମଧ୍ୟ ବହୁ ପ୍ରାଚୀନ ସମୟରୁ ପ୍ରଚଳିତ ହୋଇଆସୁଛି । ନାଧରାର ରାମଚଣ୍ଡୀ, କୁଆଲୋ ଗ୍ରାମର ସ୍ତମ୍ଭେଶ୍ୱରୀ, କପିଳାସର ପାର୍ବତୀ ଓ ଭୁବନେଶ୍ୱରୀ, ଢେଙ୍କାନାଳର ଜେନାଦେଈ, ମାର୍ଥାପୁରରେ ବ୍ରାହ୍ମଣୀ ଦେବୀ, ଶିବୁଲାଗଡ଼ରେ କାଳୁଣୀ ପ୍ରଭୃତି ଶକ୍ତିପୀଠ ସଂସ୍ଥାପିତ ହୋଇ ଢେଙ୍କାନାଳ ମାଟିରେ ଶାକ୍ତ ସଂସ୍କୃତିର ପ୍ରସାର ଘଟିଥିଲା ।[୧୦] ଢେଙ୍କାନାଳ ଜିଲ୍ଲାର ଶୈବ ଓ ଶାକ୍ତ ସଂସ୍କୃତିର ପରିଚୟ ମୁଖ୍ୟତଃ କପିଳାସ, କୋଦାଳକ ନଗରୀ, ଭୀମନଗରୀ ଓ କରମୂଳ ନଗରୀ ପ୍ରଭୃତି ଅଞ୍ଚଳରୁ ମିଳିଥାଏ ।

**ଭୀମନଗରର ପ୍ରାଚୀନ ପର୍ବ: ଦୁର୍ଗାଷ୍ଟମୀ**

ଢେଙ୍କାନାଳ ଜିଲ୍ଲାର ଶାକ୍ତ ପରମ୍ପରା ସମ୍ପର୍କରେ ଆଲୋଚନା କଲାବେଳେ ପ୍ରାଚୀନ ଭୀମନଗରର ଦୁର୍ଗାଷ୍ଟମୀ ପର୍ବ ସମ୍ପର୍କରେ ପାଠକେ ଜାଣିବା ଉଚିତ ମନେକରି ଏଠାରେ ଏହି ପ୍ରସଙ୍ଗର ଅବତାରଣା କରାଯାଉଛି । ଦୁର୍ଗାଷ୍ଟମୀ ଭାରତର ବିଭିନ୍ନ ଶକ୍ତିପୀଠରେ ପ୍ରାୟ ସମାନ ରୀତିରେ ପାଳନ କରାଯାଇଥାଏ । ଭୀମନଗରଗଡ଼ର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା'ରାମଚଣ୍ଡୀ । ଏହି ମନ୍ଦିରଟି ସମ୍ପ୍ରତି ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ବ୍ଲକ୍ ଅନ୍ତର୍ଗତ ନାଧାରା ଗ୍ରାମ ନିକଟରେ ବ୍ରାହ୍ମଣୀ ନଦୀକୂଳରେ ଅବସ୍ଥିତ । ଏହାର ପଶ୍ଚିମକୁ ଭୀମନଗର ଦଣ୍ଡପାଟ ଅବସ୍ଥିତ ଥିଲା । ସମ୍ଭବତଃ କୋଦାଳକ ମଣ୍ଡଳରେ ମା'ସ୍ତମ୍ଭେଶ୍ୱରୀ, ଯାଜପୁରରେ ମା'ବିରଜା ଓ ଭୀମନଗରରେ ମା'ରାମଚଣ୍ଡୀ ଗଡ଼ର ଇଷ୍ଟଦେବୀ ଭାବେ ପୂଜାପାଉଥିଲେ ।

ଦୁର୍ଗାଷ୍ଟମୀ ମା'ରାମଚଣ୍ଡୀଙ୍କର ଏକ ମୁଖ୍ୟ ପର୍ବ ଅଟେ । ଏହି ପର୍ବ ସମ୍ପର୍କରେ ରାମଚଣ୍ଡୀ ମନ୍ଦିରର ମୁଖ୍ୟପୂଜକ ବାଙ୍କନିଧି ମହାପାତ୍ର କୁହନ୍ତି –"ରାଜାରାଜୁଡ଼ା ଅମଳରୁ ମା'ରାମଚଣ୍ଡୀଙ୍କ ଠାରେ ଷୋଳ ଉପଚାର ପୂଜା ପାଳନ ହୋଇଆସୁଛି । ମୂଳାଷ୍ଟମୀ ଠାରୁ ଦଶହରା ପର୍ଯ୍ୟନ୍ତ ମା'ଙ୍କର ପୂଜା ଅନୁଷ୍ଠିତ ହୁଏ । ମୂଳାଷ୍ଟମୀ ଦିନ ମା'ରାମଚଣ୍ଡୀ ଧଣ୍ଡା (ବାଉଁଶରେ ତିଆରି ଦେବୀଙ୍କ ଶକ୍ତିର ପ୍ରତୀକ)

ଆକାରରେ ସ୍ଥାନୀୟ ମୃଦଙ୍ଗାପଲ୍ଲୀ ଗ୍ରାମକୁ ଯାତ୍ରା କରିଥାନ୍ତି। ଏହି ଗ୍ରାମର ଦେବୀ ଘର (ଖଣ୍ଡା ଘର) ଠାରେ ମା'ଙ୍କୁ ପୂଜାର୍ଚ୍ଚନା କରାଯାଏ। ଏହି ଦେବୀ ଘରେ ଦୁଇ ପତ୍ର ବିଶିଷ୍ଟ ଖଣ୍ଡା ରହିଛି। ପ୍ରଥମ ପତ୍ରରେ ଚାରିଜଣ ଦେବୀ ଓ ଦ୍ୱିତୀୟ ପତ୍ରରେ ଚାରି ଜଣ ଦେବୀ ପୂଜା ପାଆନ୍ତି। ଦେବୀମାନଙ୍କୁ ୧୦୮ ଚାଉଳ ପୁଞ୍ଜି ଅର୍ପଣ କରାଯାଇଥାଏ। ମୂଳାଷ୍ଟମୀ ପୂର୍ବରୁ ଦେବୀ ଶୟନ କରିଥାନ୍ତି। ମୂଳାଷ୍ଟମୀ ଦିନ ଦେବୀ ନିଦ୍ରାରୁ ଜାଗ୍ରତ ହେବା ପରେ ତାଙ୍କୁ ୧୦୮ ଗରା ପାଣିରେ ସ୍ନାନ କରାଯାଇ ନିକଟସ୍ଥ ମୃଦଙ୍ଗାପଲ୍ଲୀ ଗ୍ରାମକୁ ନିଆଯାଏ। ମୂଳାଷ୍ଟମୀରୁ ଦୁର୍ଗାଷ୍ଟମୀ ପର୍ଯ୍ୟନ୍ତ ମା'ରାମଚଣ୍ଡୀ ମୃଦଙ୍ଗାପଲ୍ଲୀର ଦେବୀ ଘର ବା ଖଣ୍ଡା ଘରଠାରେ ପୂଜା ପାଆନ୍ତି। ଦୁର୍ଗାଷ୍ଟମୀ ଦିନ ଅର୍ଦ୍ଧରାତ୍ରୀରେ ମା'ରାମଚଣ୍ଡୀ ବର୍ତ୍ତମାନ ଧଳପୁର ଗ୍ରାମର ସୀମାନ୍ତରେ ବ୍ରାହ୍ମଣୀ ନଦୀକୂଳରେ ଥିବା ରଣେଶ୍ୱର ମହାଦେବଙ୍କ ମନ୍ଦିରକୁ ଯାତ୍ରା କରନ୍ତି। ଶୀତଳ ଷଷ୍ଠୀରେ ଶିବ ବିବାହ ନିମନ୍ତେ ପାର୍ବତୀଙ୍କ ନିକଟକୁ ଯାଇଥାଆନ୍ତି। ମାତ୍ର ଭୀମନଗରୀର ଦୁର୍ଗାଷ୍ଟମୀ ପର୍ବରେ ମା'ରାମଚଣ୍ଡୀ ଶିବଙ୍କ ନିକଟକୁ ଯାତ୍ରା କରନ୍ତି। ଏହାକୁ ଲୋକମାନେ ଶିବ ଓ ପାର୍ବତୀଙ୍କ ବିବାହ ପର୍ବ ବୋଲି ମଧ୍ୟ କହିଥାନ୍ତି। ମାତ୍ର ଏହା ବିବାହ ନୁହେଁ ଏହା ଭଗବାନ ଶିବ ଓ ମା'ରାମଚଣ୍ଡୀଙ୍କର ମିଳନର ପର୍ବ ଅଟେ।"[୧୧] ଏହି ଦିନ ଦୂରଦୂରାନ୍ତରୁ ଭକ୍ତମାନେ ମାନସିକ ରଖି ରଣେଶ୍ୱର ଓ ରାମଚଣ୍ଡୀଙ୍କ ମିଳନକୁ ଦର୍ଶନ କରିବା ପାଇଁ ଆସିଥାନ୍ତି। ଏହି ପର୍ବ କେବେଠାରୁ ଆରମ୍ଭ ହୋଇଛି ତାହାର କୌଣସି ପ୍ରମାଣ ନାହିଁ। ତେବେ ଏହା ବହୁ ପ୍ରାଚୀନ କାଳରୁ ପ୍ରଚଳିତ ହୋଇଆସୁଛି ବୋଲି ରାମଚଣ୍ଡୀ ଓ ରଣେଶ୍ୱର ମନ୍ଦିରର ପୂଜକମାନେ କହିଥାନ୍ତି।

**ଉପସଂହାର:**

ଓଡ଼ିଶା ଇତିହାସରେ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଢେଙ୍କାନାଳ ଜିଲ୍ଲାର ବ୍ରାହ୍ମଣୀ ନଦୀ ଅବବାହିକାରେ ଆର୍ଯ୍ୟ ସଂସ୍କୃତି ଓ ଅରଣ୍ୟ ପରିବେଷ୍ଟିତ ଅଞ୍ଚଳରେ ଦ୍ରାବିଡ଼ ସଂସ୍କୃତିର ବିକାଶ ଘଟିଥିଲା। ଏବେ ମଧ୍ୟ ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଶବର, ଗଣ୍ଡ, ଡମ ପ୍ରଭୃତି ସମ୍ପ୍ରଦାୟର ଲୋକମାନେ ବସବାସ କରୁଛନ୍ତି। ଏମାନେ ଯେ ଦିନେ ଢେଙ୍କାନାଳରେ ଶାସନ କରିଥିଲେ ତାହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଢେଙ୍କା ଶବର। ଯାହାଙ୍କ ନାମରେ ଗଢା ହୋଇଛି ଆଜିର ଢେଙ୍କାନାଳ। ଭୀମନଗର ଦଣ୍ଡପାଟ ଅନ୍ତର୍ଗତ ଧଳପୁର ଗ୍ରାମ, ପାଟରପଦା ଗ୍ରାମ, କୋଦାଳକ ମଣ୍ଡଳର କୁଆଳୋ ଓ ତାଳଚେର ପ୍ରଭୃତି ଅଞ୍ଚଳରୁ ପ୍ରାଚୀନ ସନନ୍ଦ, ତାମ୍ରଫଳକ ଓ ପୁରାତନ ସାମଗ୍ରୀ ଆବିଷ୍କାର ହୋଇଛି। ତେଣୁ ଢେଙ୍କାନାଳ ଜିଲ୍ଲାର ଏକ ସମୃଦ୍ଧମୟ ଇତିହାସ ରହିଛି, ଏକଥାକୁ ଅସ୍ୱୀକାର କରାଯାଇପାରିବ ନାହିଁ।

ସମୟର ପରିବର୍ତ୍ତନ ସହିତ ବଦଳି ଗଲାଣି ଭୂମିରୂପ। ହଜିଗଲାଣି ଅତୀତର ସେହି ଗୌରବମୟ ଇତିହାସ। ଯେଉଁ ଭୀମନଗର ଦଣ୍ଡପାଟ ଦିନେ ଅତୀତ ଉତ୍କଳର ଗୌରବମୟ ଇତିହାସର ମୂକ ସାକ୍ଷୀ ଥିଲା ସେ ଆଜି ଜରାଜୀର୍ଣ୍ଣ। କୋଦାଳକ ମଣ୍ଡଳ ଓ କରମୂଳ ନଗରୀର ଅବସ୍ଥା ମଧ୍ୟ ସମାନ। ଏବେବି ଏହି ପବିତ୍ର ମାଟିକୁ ଆଡେଇ ଦେଖିଲେ ଦିଶିଥାଏ ତା'ର ଇତିହାସ। ଇତିହାସ ଲୁଚି ଯାଇଛି ସତ, ମାତ୍ର ମରି ନାହିଁ। ବଞ୍ଚିରହିଛି କିନ୍ତୁ ସଂସ୍କୃତି। ଏହି ସଂସ୍କୃତି ହିଁ ଯୁଗଯୁଗ ଧରି ପ୍ରାଚୀନ ଓଡ଼ିଶାର ଇତିହାସକୁ ବଞ୍ଚାଇ ରଖିଛି। କେବଳ ଢେଙ୍କାନାଳ ନୁହେଁ ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳର ଗୌରବମୟ ଐତିହ୍ୟ ଓ ସଂସ୍କୃତି ରହିଛି। ଏସବୁ ସମ୍ପର୍କରେ ଗବେଷଣା ଓ ଆଲୋଚନା କରାଯାଇ ପାରିଲେ ଅନେକ ତଥ୍ୟ ଲୋକଲୋଚନକୁ ଆସିପାରିବ, ଯାହା ଓଡ଼ିଶାର ଇତିହାସକୁ ଆବଶ୍ୟକ ପଡିଲେ ଭିନ୍ନ ରୂପ ଦେବ।

**ସହାୟକ ଗ୍ରନ୍ଥସୂଚୀ :**


୧. ସାହୁ, ଡକ୍ଟର ଯଜ୍ଞ କୁମାର, ଓଡ଼ିଶା ଇତିହାସ (ଦ୍ୱିତୀୟ ଭାଗ), କଟକ,ନାଳନ୍ଦା, ପୃ-୭-୮, ପ୍ରଥମ ସଂସ୍କରଣ ୧୯୮୭।

୨. ଆଚାର୍ଯ୍ୟ ପ୍ରୀତିଶ,(ସମ୍ପାଦନା), ଓଡ଼ିଶା ଇତିହାସ, ଭୁବନେଶ୍ୱର, ଆମ ଓଡ଼ିଶା, ପୃ-୨୧, ପ୍ରଥମ ସଂସ୍କରଣ୨୦୧।

୩. ସେହିଠାରେ, ପୃ -୫୪।

୪. ମିଶ୍ର ପଣ୍ଡିତ ଅନ୍ତର୍ଯ୍ୟାମୀ,ଢ଼େଙ୍କାନାଳର ଐତିହ୍ୟ ଓ ସଂସ୍କୃତି, କଟକ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ପୃ -୨୭-୨୮, ପ୍ରଥମ ସଂସ୍କରଣ ୨୦୧୨।

୫. ମହାନ୍ତି ଡକ୍ଟର ଆର୍ତ୍ତବଲ୍ଲଭ,( ସମ୍ପାଦନା), ମାଦଳାପାଞ୍ଜି, ପୃ-୧୮, ପ୍ରାଚୀ ସମିତି,୧୯୩୨, ପୁନର୍ମୁଦ୍ରଣ, ଓଡ଼ିଶା ସାହିତ୍ୟ ଏକାଡେମୀ,୨୦୦୧।

୬. ସେହିଠାରେ, ପୃ- ୧୯-୨୦।

୭. ଜେନା ଶ୍ରୀସୁରେଶଚନ୍ଦ୍ର,(ସମ୍ପାଦନା), ଓଡ଼ିଆ ବୋଲି ସାହିତ୍ୟ( ଦ୍ୱିତୀୟ ଖଣ୍ଡ),ଭୁବନେଶ୍ୱର, ସଂସ୍କୃତି ନିର୍ଦ୍ଦେଶାଳୟ, ପୃ-୨୪୦, ପ୍ରଥମ ସଂସ୍କରଣ ୧୯୮୮।

୮. ମହାନ୍ତି ସୁରେନ୍ଦ୍ର, ଓଡ଼ିଆ ସାହିତ୍ୟର ଆଦି ପର୍ବ, ପୃ-୧୫୨,କଟକ, କଟକ ଷ୍ଟୁଡେଣ୍ଟ୍ ଷ୍ଟୋର, ଅଷ୍ଟମ ସଂସ୍କରଣ ୨୦୦୪।

୯. ମିଶ୍ର ପଣ୍ଡିତ ଅନ୍ତର୍ଯ୍ୟାମୀ,ଢ଼େଙ୍କାନାଳର ଐତିହ୍ୟ ଓ ସଂସ୍କୃତି, କଟକ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ପୃ -୩୨୮, ପ୍ରଥମ ସଂସ୍କରଣ ୨୦୧୨।

୧୦.ସେହିଠାରେ, ପୃ -୩୨୭।

୧୧.ଭୀମନଗର ରାମଚଣ୍ଡୀ ମନ୍ଦିରର ମୁଖ୍ୟପୂଜକ ବାଙ୍କନିଧି ମହାପାତ୍ରଙ୍କ ସହ ସାକ୍ଷାତକାର।


❖ ❖ ❖

DOI : https://doi.org/10.5281/zenodo.14835245 ମୂଳ ପ୍ରବନ୍ଧ

# ଓଡ଼ିଆ-ବଙ୍ଗଳା-ଅସମୀୟା ଭାଗବତର ତୁଳନାତ୍ମକ ଅଧ୍ୟୟନ

**କଳ୍ପତରୁ ନାୟକ**

**ସଂକ୍ଷିପ୍ତସାର :**

ତୁଳନାତ୍ମକ ସାହିତ୍ୟ ଏକ ପଦ୍ଧତି ବା ଶୃଙ୍ଖଳ ଯହିଁରେ ଯେକୌଣସି ଭାଷାରେ ରଚିତ ସାହିତ୍ୟର ସ୍ୱରୂପ ତଥା ସଂପର୍କକୁ ବିଶ୍ଳେଷଣ କରାଯାଇ ମୂଲ୍ୟାଙ୍କନ କରାଯାଇଥାଏ । ତୁଳନାତ୍ମକ ସାହିତ୍ୟ ହେଉଛି ଏକାଧିକ ସାହିତ୍ୟ ଅଧ୍ୟୟନର ପ୍ରଧାନ ସାଧନ । ରେନେୱେଲେକ୍ 'The Name And Nature Of Comparative Literature(୧୯୭୦) ପ୍ରବନ୍ଧରେ ଉଲ୍ଲେଖ କରିଛନ୍ତି କୌଣସି ଭାଷା, ନୀତି ଓ ରାଜନୀତିର ଊର୍ଦ୍ଧ୍ୱରେ ସାହିତ୍ୟର ସବୁ ବିଭାଗକୁ ଏକ ଆନ୍ତର୍ଜାତୀୟ ଦୃଷ୍ଟିକୋଣରୁ ଆଲୋଚନା କରିବାର ଆଭିମୁଖ୍ୟ ଘେନି ଯେଉଁ ସାହିତ୍ୟ ଗବେଷଣା ପ୍ରବୃତ୍ତ ରହେ ତାହା ହିଁ ତୁଳନାତ୍ମକ ସାହିତ୍ୟ ପଦବାଚ୍ୟ । କାରଣ ସକଳ ସୃଷ୍ଟିଶୀଳ ଅନୁଭୂତି ଓ ରଚନା କର୍ମରେ ଐକ୍ୟ ଥାଏ ।

ସମସ୍ତ ବେଦରୁ ସାରାଂଶ ଆଣି ସ୍ତ୍ରୀ-ଶୂଦ୍ରମାନଙ୍କ ନିମନ୍ତେ ବ୍ୟାସଦେବ ମହାଭାରତ ରଚନା କରିବା ପରେ ମନରେ ଶାନ୍ତି ପାଇନଥିଲେ । ପରବର୍ତ୍ତୀ ସମୟରେ ବ୍ୟାସ ନିଜ ମନ କଥା ନାରଦଙ୍କୁ କହିବାରୁ ନାରଦ ଶ୍ରୀକୃଷ୍ଣ ଲୀଳା ବିଷୟକ ଏକ ପୁରାଣ ଗ୍ରନ୍ଥ ରଚନା କରିବାକୁ ପରାମର୍ଶ ଦେଇଥିଲେ । ନାରଦଙ୍କ ପରାମର୍ଶରେ ବ୍ୟାସଦେବ କୃଷ୍ଣ ମହିମା ବିଷୟକ ଭାଗବତ ପୁରାଣ ରଚନା କରିଥିଲେ । ଭାବ-ଗ୍ୟାନ-ବ୍ରହ୍ମ-ତତ୍ତ୍ୱର ସମାହାର ଭାଗବତ ହେଲେ ହେଁ ତହିଁରେ ଭକ୍ତିରସର ପ୍ରାଧାନ୍ୟ ରହିଛି । ଯେଉଁମାନେ ଭଗବତ୍ ସଧନା କରନ୍ତି ତାହାଙ୍କୁ ପରମ ଭାଗବତ କୁହାଯାଏ । ଭାଗବତରେ ଏହି ଭଗବତ୍ ପ୍ରାଣ ବ୍ୟକ୍ତିଙ୍କ ବର୍ଣ୍ଣନା ରହିଛି । ସେମାନେ ହେଲେ ଧ୍ରୁବ, ପ୍ରହ୍ଲାଦ, ଅମ୍ବରୀଶ, ଭରତ, ପୃଥୁ, ନାରଦ, ଶୁକ, ପରୀକ୍ଷିତ ଆଦି ।

**ପ୍ରମୁଖ ଶବ୍ଦାବଳୀ:**

ତୁଳନାତ୍ମକ ସାହିତ୍ୟ, ଭାଗବତ, ସମ୍ବାଦ, ପଦ, ଶ୍ଳୋକ, ଜଗନ୍ନାଥ ଦାସ, ଶଙ୍କର ଦେବ, ସନାତନ ଘୋଷାଲ, ଓଡ଼ିଆ, ବଙ୍ଗଳା, ଅହମୀୟା ।

**ବର୍ଣ୍ଣନା:**

ପଞ୍ଚଦଶ ଶତାବ୍ଦୀ ବେଳକୁ ଭାରତୀୟ ପ୍ରାନ୍ତୀୟ ଭାଷାରେ ସଂସ୍କୃତ ଶାସ୍ତ୍ର, ପୁରାଣ, ମହାପୁରାଣ ଆଦିର ଅନୁବାଦର ପ୍ରାଧାନ୍ୟ ଦୃଷ୍ଟିଗୋଚର ହୁଏ । ଏହାର କାରଣ ଅନେକ ହୋଇପାରେ, ଯେପରି- ବ୍ରାହ୍ମଣ୍ୟବାଦର ପ୍ରବଳତା ଅର୍ଥାତ୍ ଶାସ୍ତ୍ର ଉପରେ ସେମାନଙ୍କ ଏକଚାଟିଆ ଅଧିକାରକୁ ବ୍ୟାହତ କରିବା, ଲୋକମାନଙ୍କୁ ଧର୍ମାନ୍ତରିକରଣରୁ ନିବୃତ୍ତ କରିବା, ଅନ୍ୟ ଧର୍ମର ହିନ୍ଦୁ ଧର୍ମଗ୍ରନ୍ଥ ଓ ଶାସ୍ତ୍ର ଉପରେ ଆକ୍ରମଣ, ନିଜ ଜାତିର ବୈଶିଷ୍ଟ୍ୟ, ମୌଳିକତାକୁ ପ୍ରକାଶ କରିବା, ଆତ୍ମୀୟଙ୍କ ଅନୁରୋଧ କିମ୍ବା ପରାମର୍ଶ କ୍ରମେ ପ୍ରାନ୍ତୀୟ ଭାଷାରେ ରଚନା କରିବା, ଜ୍ଞାନର ପ୍ରଚାର ଏବଂ ପ୍ରସାର ନିମନ୍ତେ, ସାଧାରଣ ଲୋକଙ୍କର ଅବଗତି ନିମନ୍ତେ,

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.14835245
Article No - BPP00257

**ଯୋଗାଯୋଗ :**
**ଲେଫ୍ଟନାଣ୍ଟ ଡ଼.କଳ୍ପତରୁ ନାୟକ,** ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ବୌଦ୍ଧ
**Email:** nayakchintu1988@gmail.com
**ORCID ID:** https://orcid.org/0009-0003-8820-1957

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୨.୯.୨୦୨୪ | ୧୦.୧୦.୨୦୨୪ | ୨୫.୧୧.୨୦୨୪ | ୧.୦୧.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ନାୟକ, କଳ୍ପତରୁ ;୨୦୨୫ । ଓଡ଼ିଆ-ବଙ୍ଗଳା-ଅସମୀୟା ଭାଗବତର ତୁଳନାତ୍ମକ ଅଧ୍ୟୟନ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ୫, ପୃଷ୍ଠା :୪୯-୫୫ ।

ପ୍ରାନ୍ତୀୟ ଭାଷାକୁ ଗୁରୁତ୍ୱଦେବା ନିମନ୍ତେ ସେ ଭାଷାରେ ଧାର୍ମିକ ଗ୍ରନ୍ଥ ରଚନା କରିବା, ଭଗବାନଙ୍କ ସ୍ୱପ୍ନାଦେଶ ଆଦି।

ଭାଗବତର ଦ୍ୱିତୀୟ ସ୍କନ୍ଧ, ନବମ ଅଧ୍ୟାୟରେ ଚତୁଃଶ୍ଳୋକୀ ଭାଗବତର ବର୍ଣ୍ଣନା ରହିଛି, ଯାହା ଭଗବାନ ବିଷ୍ଣୁ ବ୍ରହ୍ମାଙ୍କୁ କହିଥିଲେ। ଭାଗବତର ସୃଷ୍ଟି ଏବଂ ବିକାଶ ସଂପର୍କରେ କୁହାଯାଏ-

ଶ୍ରୀମଦ୍ ଭାଗବତ ଭଗବାନଂ ଚ ମୁଖ ନିସୃତ ଅକ୍ଷରମ୍
ତ୍ରି ଅକ୍ଷରମ୍ ମହାବୀଜଂ ଅନନ୍ତଂ ତଂ ନିଜୋଜୟେତ୍
ଚତୁଃବିଂଶତି ବ୍ରହ୍ମାଣାଂ ଚତୁଃ ଶ୍ଳୋକେ ଚ ନାରାୟଣମ୍
ନାରଦ ଦଶ ଶ୍ଳୋକେଣ ବ୍ୟାସ ଚୈବ ଶତାନିଚ
ଅଷ୍ଟାଦଶ ଶହସ୍ରେସୁ କୃତ୍ୱା ସତ୍ୟବତୀ ସୁତ
ଶୁକଭ୍ୟମୁପଦେଶେନ ପରୀକ୍ଷିତଂ ନିଜୋଜୟେତ୍ ।

ସମସ୍ତେ ଜାଣନ୍ତି ଶୁକମୁନି ପରୀକ୍ଷିତଙ୍କୁ ଯାହା କହିଛନ୍ତି ଏବଂ ପରୀକ୍ଷିତ ଯାହା ଶୁଣିଛନ୍ତି ତାହା ହିଁ ଭାଗବତ କିନ୍ତୁ ଭାଗବତର ବକ୍ତା ଏବଂ ଶ୍ରୋତା ଭାବରେ ପ୍ରଥମେ ସୂତ ଏବଂ ଶୌନକ ଦୃଷ୍ଟିଗୋଚର ହୁଅନ୍ତି । ଶୌନକ-ଆଦି ମୁନି ଶ୍ରୀସୂତଙ୍କୁ ନୈମିଷ୍ୟାରଣ୍ୟରେ ଯେଉଁ ଛଅଟି ପ୍ରଶ୍ନ ପଚାରିଥିଲେ ଏବଂ ସୂତ ଯାହା ଉତ୍ତର ଦେଇଥିଲେ ତାହାହିଁ ଭାଗବତ । ୧। ପୁରୁଷର ଐକାନ୍ତିକ ଶ୍ରେୟ କଣ?, ୨। ଆତ୍ମା କିପରି ସୁପ୍ରସନ୍ନ ହୁଏ?, ୩। କେଉଁ କାରଣ ନିମନ୍ତେ ଭଗବାନ ଦେବକୀ ଏବଂ ବସୁଦେବଙ୍କଠାରୁ ଜନ୍ମଗ୍ରହଣ କରିଥିଲେ?, ୪। ଅବତାର ନେବାପରେ କୃଷ୍ଣ କି କି ଲୀଳା କରିଥିଲେ?, ୫। ଭଗବାନ କେଉଁକେଉଁ ଅବତାର ନେଇଥିଲେ?, ୬। କୃଷ୍ଣଙ୍କ ବୈକୁଣ୍ଠ ଗମନ ପରେ ଧର୍ମ ଅଧୁନା କାହାର ଆଶ୍ରିତ?

ସମ୍ବାଦ ଶୈଳୀରେ ଭାଗବତ ରଚିତ ହୋଇଛି। ଅନେକ ସମ୍ବାଦ ଥିଲେ ହେଁ ଛଅଟି ସମ୍ବାଦକୁ ମୁଖ୍ୟଭାବେ ଗ୍ରହଣ କରାଯାଇଛି। ଯଥା- ଶୁକ-ପରୀକ୍ଷିତ ସମ୍ବାଦ, ନାରଦ-ବସୁଦେବ ସମ୍ବାଦ, କବି-ନିମି ସମ୍ବାଦଂ, ଅବଧୂତ-ଯଦୁରାଜା ସମ୍ବାଦ, କୃଷ୍ଣ-ଉଦ୍ଧବ ସମ୍ବାଦ, ସୂତ-ଶୌନକ ସମ୍ବାଦ।

ଭାଗବତର ବିଷୟବସ୍ତୁ ମଧ୍ୟରେ ସୂତ-ଶୌନକ ମୁନିଙ୍କ କଥୋପକଥନ, ପରୀକ୍ଷିତଙ୍କ ଶାପ ଗ୍ରହଣ, ଭୀଷ୍ମଙ୍କ ଉପଦେଶ, ବ୍ରହ୍ମା-ନାରଦଙ୍କ କଥୋପକଥନ, ବିଦୁର-ମୈତ୍ରେୟ ଉପାଖ୍ୟାନ, ସୃଷ୍ଟି ବର୍ଣ୍ଣନା, କପିଳଙ୍କ ଜ୍ଞାନୋପଦେଶ, ଦକ୍ଷଙ୍କ ଗର୍ବଭଙ୍ଗ, ଧ୍ରୁବ-ପ୍ରହଲ୍ଲାଦ ଚରିତ, ପୃଥ୍ୟୁ-ପୃଥିବୀ ଦୋହନ ପ୍ରସଙ୍ଗ, ଅଜାମିଳ ମୋକ୍ଷଣ, ଦଧୀଚି ଉପାଖ୍ୟାନ, ନହୁଷ ଉପାଖ୍ୟାନ, ଗଜରାଜ ମୋକ୍ଷ ପ୍ରସଙ୍ଗ, ସିନ୍ଧୁ ମନ୍ଥନ, ବଳିର ପାତାଳ ଗମନ, ଅମ୍ବରୀଶ ଉପାଖ୍ୟାନ, ସଗର ବଂଶ ନାଶ, ଗଙ୍ଗାଙ୍କ ଧରାପୃଷ୍ଠକୁ ଆଗମନ, ସୂର୍ଯ୍ୟ-ସୋମ-ଯାଦବ ଆଦି ସପ୍ତ ବଂଶର ବର୍ଣ୍ଣନା, ପର୍ଶୁରାମ ଓ ରାମ ଚରିତ, ଗୋପ ଓ ଦ୍ୱାରିକା ଲୀଳା, ଯଦୁବଂଶ ଧ୍ୱଂସ, କଳିଯୁଗ ଆଗମନ ଏବଂ ଭବିଷ୍ୟତ ବର୍ଣ୍ଣନା ଆଦି ପ୍ରଧାନ ।

## ଭାରତର ବିଭିନ୍ନ ପ୍ରାନ୍ତୀୟ ଭାଷାରେ ଭାଗବତ ରଚନା :

ଶ୍ରୀମଦ୍ ଭାଗବତର ରଚୟିତା ମହର୍ଷି ବ୍ୟାସଦେବ ଏବଂ ଏହା ସଂସ୍କୃତରେ ଲିଖିତ । ପରବର୍ତ୍ତୀ ସମୟରେ ଅନୁସରଣ ପୂର୍ବକ ଭାଗବତ ଧର୍ମଗ୍ରନ୍ଥକୁ ବିଭିନ୍ନ ଆଞ୍ଚଳିକ ଭାଷାରେ ଅନୁଦିତ କରାଯାଇଛି। ପଞ୍ଚଦଶ ଶତାବ୍ଦୀରେ ବମେରା ପୋଟନ୍ନା 'ତେଲଗୁ' ଭାଷାରେ, ଷୋଡଶ ଶତାବ୍ଦୀରେ ଜଗନ୍ନାଥ ଦାସ 'ଓଡ଼ିଆ'ରେ, ଶଙ୍କର ଦେବ ଏବଂ ତାଙ୍କର ଶିଷ୍ୟଗଣ 'ଅସମୀୟା' ଭାଷାରେ, ଭେଙ୍କୟା ଅରୟ 'କନ୍ନଡ' ଭାଷାରେ, ସପ୍ତଦଶ ଶତାବ୍ଦୀରେ ନାୟର ଟୁଞ୍ଚତୁ ରାମାନୁଜ 'ମାଲାୟଲମ' ଭାଷାରେ, ସାହିବ କଉଲ ଭାଗବତର ଦଶମ ସ୍କନ୍ଧକୁ 'କାଶ୍ମିରୀ' ଭାଷାରେ, ଏକନାଥ 'ମରାଠୀ' ଭାଷାରେ ଏବଂ ସନାତନ ଘୋଷାଲ ବିଦ୍ୟାବାଗୀଶ 'ବଙ୍ଗଳା' ଭାଷାରେ ଭାଗବତ ରଚନା କରିଥିଲେ।

ଭାଗବତ ଏକ ଗ୍ରନ୍ଥ ଯାହା ପ୍ରତ୍ୟେକ ପ୍ରାଦେଶିକ ଭାଷାରେ ଅନୁଦିତ ହୋଇ ମାନବ ଧର୍ମ ଏବଂ କର୍ମର କଥା କହିଛି। ଭାରତୀୟ ସଂସ୍କୃତିକୁ ତିଆରି କରିଛି, ପ୍ରତିଷ୍ଠା ଦେଇଛି।

ଭାଗବତ ରଚନା କ୍ଷେତ୍ରରେ ଓଡ଼ିଶାର ଅତିବଡ଼ ଜଗନ୍ନାଥ ଦାସ ଏବଂ ଆସାମର ଶଙ୍କର ଦେବ ବେଶ୍ ପରିଚିତ। ଜଗନ୍ନାଥ ଦାସ ୧୪୯୨ ମସିହା ଅନୁରାଧା ନକ୍ଷତ୍ର ଅଷ୍ଟମୀ ତିଥି(ରାଧାଷ୍ଟମୀ)ରେ ପୁରୀ ଜିଲ୍ଲାର କପିଳେଶ୍ୱରପୁର ଶାସନରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଭଗବାନ ପଣ୍ଡା ଏବଂ ମାତାଙ୍କ ନାମ ପଦ୍ମାବତୀ ଦେବୀ। ଶଙ୍କର ଦେବ ୧୪୪୯ ମସିହାରେ ନାଭାଗଂଜ ସହର ନିକଟସ୍ଥ ଆଲିପୁଖୁରୀ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ କୁସୁମ୍ବର ଭୂୟାଁ ଏବଂ ମାତାଙ୍କ ନାମ ସତ୍ୟସନ୍ଧ୍ୟା ଦେବୀ। ଜଗନ୍ନାଥ ଦାସ ଭାଗବତ ନିମନ୍ତେ ଓଡ଼ିଶାରେ ଭାଗବତ ଘର ଏବଂ ଶଙ୍କର ଦେବ ଭାଗବତ ପଠନ ନିମନ୍ତେ ନାମଘର ପ୍ରତିଷ୍ଠା କରିଥିଲେ। କଲିକତାର ଘୋଷାଲ ବଂଶରେ ଜନ୍ମ ହୋଇଥିଲେ ସନାତନ ଘୋଷାଲ ବିଦ୍ୟାବାଗୀଶ। ପିତାଙ୍କ ନାମ ରାମଚନ୍ଦ୍ର। ସେ ପିତାଙ୍କର ମଧ୍ୟମ ପୁତ୍ର ଥିଲେ।

## ଓଡ଼ିଆ-ବଙ୍ଗଳା-ଅହମୀୟା ଭାଗବତର ତୁଳନା ସାମ୍ୟ:

ବ୍ୟାସଦେବଙ୍କ ସଂସ୍କୃତ ଭାଗବତ ହେଉଛି ମୂଳପାଠ, ଯାହାକୁ ନେଇ ଓଡ଼ିଆ-ବଙ୍ଗଳା-ଅସମୀୟା ଭାଗବତ ରଚନା କରାଯାଇଛି। ତିନୋଟି ଭାଷାର ଭାଗବତକାରମାନେ ଶ୍ରୀଧରସ୍ୱାମୀଙ୍କର ଭାଗବତ ଟୀକାର ଅନୁସରଣ କରିଛନ୍ତି। ପ୍ରତ୍ୟେକ ଭାଗବତର ଖଣ୍ଡକୁ ସ୍କନ୍ଧରେ ବିଭକ୍ତ କରିଛନ୍ତି। ସଂସ୍କୃତ ଭାଗବତରୁ ଅନୁବାଦ ହୋଇଥିବାରୁ କଥାବସ୍ତୁ ସମାନ ରହିଛି ଏବଂ ପ୍ରତ୍ୟେକରେ ଜାତୀୟ ଭାବନା ସ୍ଥାନ ପାଇଛି। ତିନୋଟିଯାକ ଭାଗବତରେ ଭାଗବତକାର ଅଧ୍ୟାୟ ଆରମ୍ଭ ଏବଂ ଶେଷରେ ଠାଏଠାଏ କିଛି ମୌଳିକ ବକ୍ତବ୍ୟ ପ୍ରଦାନ କରିଛନ୍ତି। ଜଗନ୍ନାଥ ଦାସ ଓ ସନାତନ ଗୋସ୍ୱାମୀ ଦୁହେଁ ଓଡ଼ିଶାରେ ଭାଗବତ ରଚନା

କରିଛନ୍ତି କିନ୍ତୁ ଶଙ୍କରଦେବ ଆସାମରେ ରହି ଭାଗବତ ରଚନା କରିଛନ୍ତି। ସମସ୍ତ ଭାଗବତରେ ଭାରତୀୟ ସଂସ୍କୃତି ପ୍ରତିଫଳିତ।

**ବୈଷମ୍ୟ:**

ବ୍ୟାସଦେବ ବାରସ୍କନ୍ଧ ବିଶିଷ୍ଟ ସଂସ୍କୃତ ଭାଗବତ ରଚନା କିରଥିଲେ। ଓଡ଼ିଆ ଭାଷା ଭାଗବତର ସ୍କନ୍ଧ ସଂଖ୍ୟା ତେର। ଜଗନ୍ନାଥ ଦାସ ପ୍ରଥମରୁ ଏକାଦଶ ସ୍କନ୍ଧ ପର୍ଯ୍ୟନ୍ତ ଭାଗବତ ରଚନା କରିଥିଲେ। ଭାଗବତ କୃଷ୍ଣଭକ୍ତି ରସର ଗ୍ରନ୍ଥ। ଏକାଦଶ ସ୍କନ୍ଧରେ ଭଗବାନ କୃଷ୍ଣଙ୍କ ବୈକୁଣ୍ଠ ପ୍ରାପ୍ତି ହେତୁ ସେ ଦ୍ୱାଦଶ ସ୍କନ୍ଧ ରଚନା କରିନଥିଲେ। ଜଗନ୍ନାଥ ଦାସଙ୍କ ମୃତ୍ୟୁ ପରେ ମହାଦେବ ଦାସ ଭାଗବତର ଦ୍ୱାଦଶ ସ୍କନ୍ଧ ଏବଂ ଦ୍ୱାଦଶ ସ୍କନ୍ଧରେ ଉଦ୍ଧବଙ୍କୁ ମୁକ୍ତି ମିଳି ନ ଥିବାରୁ ଦ୍ୱାରକା ଦାସ ତ୍ରୟୋଦଶ ଅଧ୍ୟାୟ ବିଶିଷ୍ଟ ତ୍ରୟୋଦଶ ସ୍କନ୍ଧ ରଚନା କରିଥିଲେ।

ସନାତନ ଘୋଷାଲ ବିଦ୍ୟାବାଗୀଶ ବଙ୍ଗଳା ଭାଷାରେ ଦଶମ ସ୍କନ୍ଧ ପର୍ଯ୍ୟନ୍ତ ଭାଗବତର ଅନୁବାଦ କରିଥିଲେ। କିନ୍ତୁ ଦୀନେଶଚନ୍ଦ୍ର ସେନ୍ ଓ ବସନ୍ତ ରଂଜନରାୟ ମତ ଦିଅନ୍ତି ଯେ ସନାତନ ଗୋସ୍ୱମୀ ସମସ୍ତ ସ୍କନ୍ଧର ଅନୁବାଦ କରିଛନ୍ତି। କିନ୍ତୁ ତାଙ୍କ ପ୍ରବନ୍ଧର କୌଣସି ସ୍ଥାନରେ ଏକାଦଶ-ଦ୍ୱାଦଶ ସ୍କନ୍ଧର ଉଦ୍ଧୃତି ଦେଖାଯାଏ ନାହିଁ। ତେଣୁ ସିଦ୍ଧେଶ୍ୱର ଭଟ୍ଟାଚାର୍ଯ୍ୟ ମତ ଦିଅନ୍ତି ଯେ, ସନାତନ ଗୋସ୍ୱାମୀ ଦଶମ ସ୍କନ୍ଧ ପର୍ଯ୍ୟନ୍ତ ଅନୁବାଦ କରିଛନ୍ତି।(ବଙ୍ଗଳା ଭାଗବତର ଭୂମିକା, ପ୍ରଥମ ଖଣ୍ଡ, ପୃ-୨)

ଅସମୀୟା ଭାଷାରେ ରଚିତ ଭାଗବତ ଦ୍ୱାଦଶ ସ୍କନ୍ଧ ବିଶିଷ୍ଟ। ମହାପୁରୁଷ ଶଙ୍କର ଦେବଙ୍କ ଦ୍ୱାରା ପ୍ରଥମ ସ୍କନ୍ଧ, ଦ୍ୱିତୀୟ ସ୍କନ୍ଧ, ତୃତୀୟ ସ୍କନ୍ଧ (ଅନାଦିପାତନ) ଉପବିଭାଗର ୫ଟି ଅଧ୍ୟାୟ, ଷଷ୍ଠ ସ୍କନ୍ଧ (ଅଜାମିଳ ଉପାଖ୍ୟାନ), ଅଷ୍ଟମ ସ୍କନ୍ଧ (ଅମୃତ ମନ୍ଥନ, ବଳିଛଳନ), ଦଶମ ସ୍କନ୍ଧ (ଆଦ୍ୟଭାଗ,କୁରୁକ୍ଷେତ୍ର), ଏକାଦଶ ସ୍କନ୍ଧ ଏବଂ ଦ୍ୱାଦଶ ସ୍କନ୍ଧ ରଚିତ। ଗୋପାଳଚରଣ ଦ୍ୱିଜ ତୃତୀୟ ସ୍କନ୍ଧର ୪୨ଟି ଅଧ୍ୟାୟ ଏବଂ ଅଷ୍ଟମ ସ୍କନ୍ଧର (ଗଜେନ୍ଦ୍ରୋପାଖ୍ୟାନ), ଜୟରାମ ଚତୁର୍ଥ ସ୍କନ୍ଧର ପ୍ରଥମ ୫ଟି ଅଧ୍ୟାୟ, କଳାପଚନ୍ଦ୍ର ଦ୍ୱିଜ ଚତୁର୍ଥ ସ୍କନ୍ଧର ଷଷ୍ଠରୁ ଅଷ୍ଟାଦଶ ଅଧ୍ୟାୟ ପର୍ଯ୍ୟନ୍ତ ୧୩ଟି ଅଧ୍ୟାୟ, ବିଷ୍ଣୁଭାରତୀ ଚତୁର୍ଥ ସ୍କନ୍ଧର ଧ୍ରୁବ ଚରିତ ୪୫ ଅଧ୍ୟାୟ ଏବଂ ରତ୍ନାକର ମିଶ୍ର ଚତୁର୍ଥ ସ୍କନ୍ଧର ପୁରଞ୍ଜନ କଥା ୧୪ ଅଧ୍ୟାୟକୁ ରଚନା କରଥିଲେ। ଅନିରୁଦ୍ଧ ଦେର୍ ଭାଗବତର ପଞ୍ଚମ ସ୍କନ୍ଧ ରଚନା କରିଥିଲେ। ଭାଗବତର ବହୁଅଂଶ ଶଙ୍କରଦେବ ଅନୁବାଦ କରିଥିବାରୁ ଅହମୀୟା ଭାଗବତର ରଚୟିତା ଭାବେ ସେ ପରିଚିତ।

ଅନନ୍ତ କନ୍ଦଳୀ (ବିଦ୍ୟାଭାରତୀ) ଭାଗବତ ଷଷ୍ଠ ସ୍କନ୍ଧ ବୃତ୍ତାସୁର ବଧ ପ୍ରସଙ୍ଗରେ ୨୧ଟି ଅଧ୍ୟାୟ, ଦଶମ ସ୍କନ୍ଧ ମଧ୍ୟ ଦଶମର ୧୨୧ଟି ଅଧ୍ୟାୟ, ଏବଂ ଅନ୍ତ୍ୟ ଦଶମର ୧୮ଟି ଅଧ୍ୟାୟ ରଚନା କରିଥିଲେ। ନିତ୍ୟାନନ୍ଦ ଦେର୍ ଅଷ୍ଟମ ସ୍କନ୍ଧ ଭଗବନ୍ତର ମତ୍ସ୍ୟ ଅବତାର ପ୍ରସଙ୍ଗ ରଚନା କରିବାକୁ ଯାଇ ୧୬ଟି ଅଧ୍ୟାୟ ରଚନା କରିଥିଲେ। କେଶବ ଚରଣ ଦେର୍ ନବମ ସ୍କନ୍ଧ ଭାଗବତ ରଚନା କରିଥିଲେ।

ଓଡିଆ ଭାଗବତର ପ୍ରଥମ ସ୍କନ୍ଧରେ ୧୯ଟି, ଦ୍ୱିତୀୟ ସ୍କନ୍ଧରେ୧୦ଟି, ତୃତୀୟ ସ୍କନ୍ଧରେ ୩୩ଟି,ଚତୁର୍ଥ ସ୍କନ୍ଧରେ ୩୧ଟି ପଞ୍ଚମ ସ୍କନ୍ଧରେ ୨୬ଟି, ଷଷ୍ଠ ସ୍କନ୍ଧରେ ୧୯ଟି, ସପ୍ତମ ସ୍କନ୍ଧରେ ୧୫ଟି, ଅଷ୍ଟମ ସ୍କନ୍ଧରେ ୨୩ଟି, ନବମ ସ୍କନ୍ଧରେ ୨୪ଟି, ଦଶମ ସ୍କନ୍ଧରେ ୯୬ଟି, ଏକାଦଶ ସ୍କନ୍ଧରେ ୩୨ଟି, ଦ୍ୱାଦଶ ସ୍କନ୍ଧରେ ୧୩ଟି ଏବଂ ତ୍ରୟୋଦଶ ସ୍କନ୍ଧରେ ୧୩ଟି ଅଧ୍ୟାୟ ରହିଛି । ସମୁଦାୟ ଓଡିଆ ଭାଗବତର ଅଧ୍ୟାୟ ସଂଖ୍ୟା ୩୫୪। କେବଳ ଜଗନ୍ନାଥ ଦାସଙ୍କ ଦ୍ୱାରା ରଚିତ ଭାଗବତର ଅଧ୍ୟାୟ ସଂଖ୍ୟା ୩୨୮।

ଅସମୀୟା ଭାଗବତର ପ୍ରଥମ ସ୍କନ୍ଧରେ ୧୪ଟି, ଦ୍ୱିତୀୟ ସ୍କନ୍ଧରେ୧୧ଟି, ତୃତୀୟ ସ୍କନ୍ଧରେ ୪୭ଟି, ଚତୁର୍ଥ ସ୍କନ୍ଧରେ ୬୭ଟି, ପଞ୍ଚମ ସ୍କନ୍ଧରେ ୨୪ଟି, ଷଷ୍ଠ ସ୍କନ୍ଧରେ ୪୪ଟି, ସପ୍ତମ ସ୍କନ୍ଧରେ ୩୫ଟି, ଅଷ୍ଟମ ସ୍କନ୍ଧରେ ୯୩ଟି, ନବମ ସ୍କନ୍ଧରେ ୩୯ଟି, ଦଶମ ସ୍କନ୍ଧରେ ୨୬୦ଟି, ଏକାଦଶ ସ୍କନ୍ଧରେ ୪୪ଟି ଏବଂ ଦ୍ୱାଦଶ ସ୍କନ୍ଧରେ ୨୨ଟି ଅଧ୍ୟାୟ ରହିଛି । ଅସମୀୟା ଭାଗବତର ଅଧ୍ୟାୟ ସଂଖ୍ୟା ୭୦୦। କେବଳ ଶଙ୍କର ଦେବଙ୍କ ଦ୍ୱାରା ରଚିତ ଅଧ୍ୟାୟ ସଂଖ୍ୟା ୩୦୭।

ଓଡ଼ିଆ ଭାଗବତର ସ୍କନ୍ଧରେ ରହିଛି ଅନେକ ଉପବିଭାଗ। ଏହା ଅଧ୍ୟାୟ ନାମରେ ନାମିତ। ଅସମୀୟା ଭାଗବତର ସ୍କନ୍ଧଗୁଡ଼ିକୁ ମୁଖ୍ୟ ପ୍ରସଙ୍ଗ ଅନୁସାରେ ବିଭିନ୍ନ ଭାଗରେ ଭାଗ କରାଯାଇଛି। ଯେପେରି ଅମୃତ ମନ୍ଥନ, ଅଜାମିଳ ଉପାଖ୍ୟାନ, ଆଦ୍ୟ ଦଶମ, ମଧ୍ୟ ଦଶମ ଏବଂ ଅନ୍ତ୍ୟ ଦଶମ ଆଦି। ପ୍ରତ୍ୟେକ ପ୍ରସଙ୍ଗରେ ସ୍ଥାନ ପାଇଛି ଅନେକ ଅଧ୍ୟାୟ।

ସ୍କନ୍ଧ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ ଅସମୀୟା ଭାଗବତର ସ୍କନ୍ଧଠାରୁ ଓଡିଆ ଭାଗବତର ସ୍କନ୍ଧ ସଂଖ୍ୟା ଅଧିକ କିନ୍ତୁ ଅଧ୍ୟାୟ ଦୃଷ୍ଟିରୁ ଦେଖିଲେ ଅସମୀୟା ଭାଗବତର ଅଧ୍ୟାୟ ସଂଖ୍ୟା ଓଡିଆ ଏବଂ ବଙ୍ଗଳାଠାରୁ ଅଧିକ ।

ଜଗନ୍ନାଥ ଦାସ ନବାକ୍ଷରୀ ବା ଗୁଜରୀ ଛନ୍ଦରେ ଭାଗବତ ରଚନା କରିଛନ୍ତି। ଏହାର ଦୁଇ ଚରଣରେ ଗୋଟିଏ ପାଦ ହୁଏ। ପ୍ରତ୍ୟେକ ପଦରେ ନଅଟି ଲେଖାଏଁ ଅକ୍ଷର ରହିଥାଏ।

ନମଇ ନୃସିଂହ ଚରଣ। ଅନାଦି ପରମ କାରଣ।। ୧/୧/୧

ଶଙ୍କର ଦେବଙ୍କ ଭାଗବତରେ ଆଠଟି (୮) ଛନ୍ଦର ବ୍ୟବହାର ଲକ୍ଷ୍ୟକରାଯାଏ । ଯଥା-ପଦ, ଛବି, ଦୁଲଡୀ, ଝୁନା, ଝୁମୁରୀ, ଲେସାରୀ, ଝମକ ଏବଂ ମୁକ୍ତାବଳୀ ।

'ପଦ' ଛନ୍ଦରେ ଦୁଇ ଚରଣରେ ଗୋଟିଏ ପଦ ହୁଏ । ପ୍ରତ୍ୟେକ ଚରଣର ଅକ୍ଷର ସଂଖ୍ୟା ଚଉଦ(୧୪) ।

ଜୟ ଜୟ କୃଷ୍ଣ କୃପାମୟ ମହେଶ୍ୱର ।
ଯାର ଆଜ୍ଞା ଶିରେ ବହେ ବ୍ରହ୍ମା ହରିହର ।।

'ଝୁନା' ଛନ୍ଦରେ ଦୁଇ ଚରଣରେ ଗୋଟିଏ ପଦ ହୁଏ । ପ୍ରତ୍ୟେକ ଚରଣର ଅକ୍ଷର ସଂଖ୍ୟା ଏଗାର (୧୧) ।

ମୋକ୍ଷକ ପାଇବା ସଂସାର ତରି ।
ସଘନେ ଡାକି ବୋଲା ହରି ହରି ।।

'ଛବି' ଛନ୍ଦରେ ଦୁଇ ଚରଣରେ ଗୋଟିଏ ପଦ ହୁଏ । ପ୍ରତ୍ୟେକ ଚରଣର ଅକ୍ଷର ସଂଖ୍ୟା ଛବିଶ(୨୬)।

ଜାନି ଶୁନା କୃଷ୍ଣ କଥା ଜନ୍ମକ ନକରା ବୃଥା
ସମସ୍ତ ଶାସ୍ତ୍ରରେ ଇସେ ସାର
କୃଷ୍ଣ କଥା ପରିହରି ଫୁରେଁ ଆନ କର୍ମ କରି
ସିଟୋ ଚିନ୍ତେ ଆପୁନାର ମାର ।

'ଦୁଲଡୀ' ଛନ୍ଦରେ ଦୁଇ ଚରଣରେ ଗୋଟିଏ ପଦ ହୋଇଥାଏ। ପ୍ରତ୍ୟେକ ଚରଣର ଅକ୍ଷର ସଂଖ୍ୟା କୋଡ଼ିଏ (୨୦)।

ନମୋ ନମୋ ନମୋ ଜଗତ ଜନକ
କୃଷ୍ଣ ଇଷ୍ଟଦେବ ମୋର
ଯାହାକ ସ୍ମରଣେ ହରୟ ତେଖନେ
ପରମ ଆପଦ ଘୋର ।

'ଝୁମରୀ' ଛନ୍ଦରେ ଦୁଇ ଚରଣରେ ଗୋଟିଏ ପଦ ହୋଇଥାଏ। ପ୍ରତ୍ୟେକ ଚରଣର ଅକ୍ଷର ସଂଖ୍ୟା ଆଠ(୮)।

ଭାଗବତ କଥାସାର ମହା ପାପ କ୍ଷୟଙ୍କାର ।।

'ଲେଛାରି' ଛନ୍ଦରେ ଦୁଇ ଚରଣରେ ଗୋଟିଏ ପଦ ହୁଏ । ପ୍ରତ୍ୟେକ ଚରଣର ଅକ୍ଷର ସଂଖ୍ୟା ଚଉତିରିଶ (୩୪)।

ବିଷ୍ଣୁର ସହସ୍ର ଆଛେ ନାମ ବିରୁଦ୍ଧ ବଚନ ଅବିଶ୍ରାମ
ଜିହ୍ୱାକେନେ ରତେ ହରିର ନାମ ନଲୈୟା ।
ଯନେ ବେଶ୍ୟାନାରୀ ନିଜପତି ଏରିୟା ଆନତ କରେ ରତି
ଲୋକର ମାଜତ ଫୁରୟ ଭାଲ ବୋଲାୟା ।।

'ଝିମକ' ଛନ୍ଦଟିରେ ଦୁଇଟି ଚରଣ ଥାଏ । ପ୍ରଥମ ଚରଣରେ ଛଅଟି ଏବଂ ଦ୍ୱିତୀୟ ଚରଣରେ ଆଠଟି ଅକ୍ଷର ଥାଏ।

କୃଷ୍ଣର କିଙ୍କରେ
ପଦ ଭଣିମା ଶଙ୍କରେ ।।

'ଝୁନା' ଛନ୍ଦରେ ଦୁଇ ଚରଣରେ ଗୋଟିଏ ପଦ ହୁଏ । ପ୍ରତ୍ୟେକ ଚରଣର ଅକ୍ଷର ସଂଖ୍ୟା ଏଗାର (୧୧) ।

ମୋକ୍ଷକ ପାଇବା ସଂସାର ତରି ।
ସଘନେ ଡାକି ବୋଲା ହରି ହରି ।।

'ମୁକ୍ତାବଳୀ' ଛନ୍ଦରେ ଦୁଇ ଚରଣରେ ଗୋଟିଏ ପଦ ହୋଇଥାଏ । ପ୍ରତ୍ୟେକ ଚରଣର ଅକ୍ଷର ସଂଖ୍ୟା ଦଶ (୧୦)।

ଗଜେନ୍ଦ୍ରକ ପାରିଷଦ କରି ।
ଆପୋନ ଥାନକ ମିଲା ହରି ।।

ସନାତନଙ୍କ ବଙ୍ଗଳା ଭାଗବତରେ ତିନୋଟି ଛନ୍ଦର ବ୍ୟବହାର କରିଛନ୍ତି। ପ୍ରତ୍ୟେକ ଦୁଇଟି ଚରଣରେ ଗୋଟିଏ ପଦ ହୁଏ।

ଭଗବାନ ବଲେନ ସୁନହ ପ୍ରଜାପତି।
ଅନୁଗ୍ରହ ହୟ ମୋର ଜେ ଜନେର ପ୍ରତି।।

ଏହି ଛନ୍ଦର ନାମ 'ପୟାର'। ଏଥିରେ ପ୍ରତ୍ୟେକ ପାଦରେ ୧୪ଟି ଅକ୍ଷର ରହିଥାଏ।

ଗଙ୍ଗା ଆଦି ନାମ ଜତ ବେଦେ ଗଣେ ଅବିରତ ସୁନ ରାଜା ସେସବ କଥନ
ଗଙ୍ଗାନାମ ସ୍ମିତି ମାତ୍ରେ ପାତକ ନ ଥାକେ ଗାତ୍ରେ ପରଶେ ନିରଶେ କର୍ମବନ୍ଧ ॥

ଏହି ଛନ୍ଦର ନାମ 'ଦୀର୍ଘ ତ୍ରିପଦୀ'। ଏଥିରେ ପ୍ରତ୍ୟେକ ପାଦରେ ୨୬ଟି ଅକ୍ଷର ରହିଥାଏ।

ଏଇ ରୂପେ ଘନ ଚିନ୍ତଏ ରାଜନ କାତର ଅନ୍ତର ଅତି
ଶମୀକ ପ୍ରେରିତ ଶିଷ୍ୟ ଉପନୀତ ହଇଲା ତଥା ସଂପ୍ରତି।।

ଏହି ଛନ୍ଦର ନାମ 'ଲଘୁ ତ୍ରିପଦୀ'। ଏଥିରେ ପ୍ରତ୍ୟେକ ପାଦରେ ୨୦ଟି ଅକ୍ଷର ରହିଥାଏ।

ଜଗନ୍ନାଥ ଦାସଙ୍କ ଭାଗବତରେ ଗୋଟିଏ ଛନ୍ଦ, ସନାତନଙ୍କ ବଙ୍ଗଳା ଭାଗବତରେ ତିନୋଟି ଛନ୍ଦ ଏବଂ ଅସମୀୟା ଭାଗବତରେ ଆଠଟି ଛନ୍ଦର ବ୍ୟବହାର ରହିଛି।

ଭାଗବତର ଅନୁବାଦ କରିବା ସମୟରେ ଜଗନ୍ନାଥ ଦାସ ଏବଂ ଅସମୀୟା ଭାଗବତାକାରମାନେ ଶ୍ରୀଧର ଦାସଙ୍କ ଟୀକାକୁ ଅନୁସରଣ କରିଥିବା ବେଳେ ବଙ୍ଗଳାର ସମନାତନ ବିଦ୍ୟାବାଗୀଶ ଅଧିକାଂଶ ସ୍ଥାନରେ ଶ୍ରୀଧରଙ୍କ ଟୀକାକୁ ଅବିକଳଭାବେ ଅନୁବାଦ କରିଛନ୍ତି। ତିନୋଟିଯାକ ଭାଗବତର ସ୍କନ୍ଧ ସଂଖ୍ୟା ଠିକ୍ ଥିଲେ ମଧ୍ୟ ସ୍କନ୍ଧ ମଧ୍ୟରେ ଥିବା ଅଧ୍ୟାୟ ସଂଖ୍ୟା ସମାନ ନୁହେଁ। ସବୁଠାରୁ ଅସମୀୟା ଭାଗବତର ଅଧ୍ୟାୟ ସଂଖ୍ୟା ସର୍ବାଧିକ। ପ୍ରତ୍ୟେକ ଅଧ୍ୟାୟର ଶେଷରେ କବିମାନେ ନିଜ ନିଜର ନାମକୁ ଭଣିତା କରିଛନ୍ତି। କିନ୍ତୁ ଜଗନ୍ନାଥ ଦାସ ଆଉପାଦେ ଆଗକୁ ଚାଲିଯାଇଛନ୍ତି। ସେ ପ୍ରତ୍ୟେକ ଅଧ୍ୟାୟ ଶେଷରେ ସଂସ୍କୃତ ଭାଗବତର ଶ୍ଳୋକଟିକୁ ଉଦ୍ଧାର କରିଛନ୍ତି। ଯେପରି- ଇତି ଶ୍ରୀମଦ୍ ଭାଗବତ ମହାପୁରାଣେ....। ଓଡ଼ିଆ ଭାଗବତ ପରି ଅହମୀୟା ଭାଗବତର ସ୍କନ୍ଧଗୁଡ଼ିକ କେବେ ସମ୍ପୂର୍ଣ୍ଣ ହୋଇଛି ସେ ସମ୍ପର୍କରେ ରଚୟିତା କୌଣସି ସୂଚନା ଦେଇନାହାନ୍ତି କିନ୍ତୁ ବଙ୍ଗଳା ଭାଗବତର ସ୍କନ୍ଧ କେବେ ଶେଷ ହୋଇଛି ସେ ସମ୍ପର୍କରେ ସନାତନ ବିଦ୍ୟାବଗୀଶ ସୂଚନା ଦେଇଛନ୍ତି। ଉଦାହରଣ ରୂପେ ପ୍ରଥମ ସ୍କନ୍ଧକୁ ନିଆଯାଇପାରେ-

କାଳକଳାନିଧି ବିଷ୍ଣୁପଦ କାଳଶଶୀ
ଶାକେ ମିତ୍ର ତୁଳାଧରେ ପଦ୍ମକାନ୍ତ ବସି

କୃଷ୍ଣପକ୍ଷ ରବି ତିଥି ତୃତୀୟ ପ୍ରହରେ
ସମାପ୍ତ ହଇଲ ଗ୍ରନ୍ଥ କଟକ ନଗରେ

କାଳ- ସମୟ- କଳାନିଧି-ଚନ୍ଦ୍ର(୧), ବିଷ୍ଣୁପଦ- ଆକାଶ(୦), କାଳ-ଋତୁ(୬), ଶଶୀ-ଚନ୍ଦ୍ର(୧)।

ଅର୍ଥାତ୍ ୧୬୦୧ ଶକାବ୍ଦ ଅର୍ଥାତ୍ ୧୬୦୧+୭୮- ୧୬୭୮ ଖ୍ରୀଷ୍ଟାବ୍ଦ। ଅର୍ଥାତ୍ ୧୬୭୮ ଖ୍ରୀଷ୍ଟାବ୍ଦରେ ଗ୍ରନ୍ଥଟି ଓଡ଼ିଶାର କଟକ ନଗରରେ ସମ୍ପୂର୍ଣ୍ଣ ହୋଇଛି।

ଓଡ଼ିଆ ଭାଗବତର ଆରମ୍ଭରେ ଜଗନ୍ନାଥ ଦାସ ନୃସିଂହଙ୍କୁ ସ୍ତୁତି କରିଥିବା ବେଳେ ଅହମୀୟାରେ ଶଙ୍କରଦେବ କୃଷ୍ଣଙ୍କର ବନ୍ଦନା କରିଛନ୍ତି ଏବଂ ବଙ୍ଗଳାରେ ସନାତନ ଗୋସ୍ୱାମୀ ଗଣେଶଙ୍କର ବନ୍ଦନା କରିଛନ୍ତି।

ଭାଗବତର ବର୍ଣ୍ଣନାରେ ଅନୁବାଦର ବୈଷମ୍ୟ ସଂପର୍କରେ ଏକ ଉଦାହରଣ ଏଠାରେ ନିଆଯାଇପାରେ।

### ବ୍ୟାସଙ୍କ ଭାଗବତ

ଅୟଂ ତୁ ଲୋକପାଳାନାଂ ଯଶୋଘ୍ନୋନିରପତ୍ରପଃ
ସଭିରା ଚରିତଃ ପନ୍ଥା ଯେନ ସ୍ତବ୍ଧେନ ଦୂଷିତଃ
ଏଷମେ ଶିଷ୍ୟତାଂ ପ୍ରାପ୍ତେ ଯନ୍ ମେ ଦୁହିତୁରଗ୍ରହୀତ୍
ପାଣିଂ ବିପ୍ରାଗ୍ନି ମୁଖତଃ ସାବିତ୍ୟା ଇବ ସାଧୁବତ୍
ଗୃହୀତ୍ୱା ମୃଗ ଶାବାକ୍ଷ୍ୟା ପାଣିଂ ମର୍କଟ ଲୋଚନଃ
ପ୍ରତ୍ୟୁତ୍ ଥାନାଭି ବାଦାର୍ହେ ବାଚାପ୍ୟକୃତ ନୋଚିତମ୍।୧୨।
(ଚତୁର୍ଥ ସ୍କନ୍ଧ ଦ୍ୱିତୀୟ ଅଧ୍ୟାୟ)

ଦକ୍ଷ କହିଲେ, ଏହି ନିର୍ଲଜ ମହାଦେବ ସମସ୍ତ ଲୋକପାଳଙ୍କ କୀର୍ତ୍ତିକୁ ଧୂଳିସାତ୍ କରିଦେଲେ। ମୁଁ ମୋର ସାବିତ୍ରୀ ଭଳି ମୃଗନୟନୀ ପବିତ୍ର କନ୍ୟାକୁ ଏହି ମର୍କଟ ଚକ୍ଷୁ ମହାଦେବକୁ ସତ୍ ପୁରୁଷ ବୋଲି ଭାବି ଅଗ୍ନି ଓ ବ୍ରାହ୍ମଣଙ୍କୁ ସାକ୍ଷୀ ରଖି ବିବାହ ଦେଇଥିଲି। ତେଣୁ ଏ ମୋର ପୁତ୍ର ସମାନ। ତାର ଉଚିତ୍ ଥିଲା ଯେ ସେ ଆସନରୁ ଉଠିପଡ଼ି ମୋତେ ସ୍ୱାଗତ କରାଥିନ୍ତା ଓ ମୋତେ ପ୍ରଣାମ କରିଥାନ୍ତା।

ସନାତନ ଗୋସ୍ୱାମୀଙ୍କ ବର୍ଣ୍ଣନା:

ସାଧୁଗଣ ଯେଇ ପଥେ କରେ ଆଚରଣ। କ୍ରିୟାହୀନ ଶିବ ତାହା କରିଲ ଦୋଷଣ ॥
ଶିଷ୍ୟଭାବ ଆମାର ପାୟ୍ୟାଛେ ଏଇହର। ଇହାରେ ଦିୟାଛି କନ୍ୟା ସଭାର ଭିତର ॥
ବ୍ରାହ୍ମଣ ଅନଳ ଅଗ୍ରେ ବେଦନିଧି ମତେ। ସାବିତ୍ରୀ ସମାନ କନ୍ୟା ଦିଲ ଆଜ୍ଞାନେତେ ॥
ସଭାମଧ୍ୟେ ଏଇ ଶିବ ମର୍କଟ ଲୋଚନ। ଆମାର କନ୍ୟାର ପାଣି କରିଲ ଗ୍ରହଣ ॥
ସଭା ମଧ୍ୟେ ଆରେ ଉଚିତ ହୟମାନ। ବାକ୍ୟେ ତେଇ ଆମାରେ ନା କୈଲ ଅଭ୍ୟୁଥାନ ॥

ଜଗନ୍ନାଥ ଦାସଙ୍କ ବର୍ଣ୍ଣନା:

ଶାସ୍ତ୍ରେ ତୁମ୍ଭର ବାକ୍ୟ ଯେତେ । ଯେ ସଦାଚାର ଏ ଜଗତେ ॥
କେ ଲଙ୍ଘିପାରେ ତାହା ବଳେ । ଏ ତିନି ଭୁବନ ମଣ୍ଡଳେ ॥
ଦେଖ ଏ ମୋହର ବଚନ । ଲଙ୍ଘିଲା ମର୍କଟ ଲୋଚନ ॥
ରୁଦ୍ର ବୋଲାଇ ଗର୍ବ କଲା । ଏ ମୋତେ ଦେଖି ନ ଉଠିଲା ॥
ଦେଖ ଏ ଲୋକପାଳ ମଧ୍ୟେ । ଯଶ ନାଶିଲା ଅପବାଦେ ॥
ଯେ ସାଧୁ ସନ୍ଥ ଆଚରଣ । କି ଭାବେ କଲାକ ଦୂଷଣ ॥
ମୋହର ଶିଷ୍ୟ ଏ ବୋଲାଇ । ଯେଣୁ ଦୁହିତା ଦେଲି ମୁହିଁ ॥
ଅଗ୍ନି ଦେବତା ବିପ୍ରସ୍ଥାନେ । ଦୁହିତା ଦେଇଛି ପ୍ରସନ୍ନେ ॥
ବେଦ ବାକ୍ୟରେ ସନମତ । କରିଣ ବଚନ ଉଚିତ ॥
ଏଣୁ ମୁଁ ଏହାର ଶ୍ୱଶୁର । ଗୁରୁଙ୍କ ମଧ୍ୟେ ଗୁରୁବର ॥
ଅଭିବାଦନ ସ୍ତୁତିବାଦେ । ଧର୍ମ ନମିବ ମୋର ପାଦେ ॥
ଏହା ନ କିର ମୋ ଚରଣେ । ଅବଜ୍ଞା କଲା ମୂଢ଼ପଣେ ॥

### ଶଙ୍କରଦେବଙ୍କ ବର୍ଣ୍ଣନା:

ଏବେ ସେ ଜାନିଲେ ମୋର ସମୂଲେ ବୁରିଲ
ଯିହେତୁ ସତୀକ ମୋର ବିବାହ କରିଲ
ମୋର କନ୍ୟା ରନ୍ ସତୀ ସାବିତ୍ରୀ ସମାନ
ତାଙ୍କ ବିବାହ ଲେକ ବିପ୍ର ଅଗ୍ନି ବିଦ୍ୟମାନ

ବାନରର ଚକ୍ଷୁ ଯେନ ସ୍ୱଭାବେ ଚଞ୍ଚଲ
କହିବୋ କେତେକ ମଇ ଆତି ଅମଙ୍ଗଲ
ତଥାପି ନାହିକେ ଗୁରୁ ଗୌରବ ସ୍ୱଭାବ
ନୁଚିଲା ଦେଖିୟା ମୋକ ନ ଚଲିଲା ଗାର ॥୧୧୫॥

ଏହି ସମସ୍ତ ବର୍ଣ୍ଣନାରୁ ଜଣାଗଲା ବଙ୍ଗଳା ଭାଗବତରେ ଆକ୍ଷରିକ ଅନୁବାଦ ହୋଇଛି ଏବଂ ଓଡ଼ିଆ ଓ ଅସମୀୟା ଭାଗବତରେ ତାହା ହୋଇନାହିଁ। କିନ୍ତୁ ଓଡ଼ିଆ ଭାଗବତଠାରୁ ଅହମୀୟା ଭାଗବତରେ ଅଧିକ ପଦର ପଦର ବର୍ଣ୍ଣନା ରହିଛି।

### ପରିତ୍ୟାଗ

ସଂସ୍କୃତ ଭାଗବତର ସମସ୍ତ ପଦକୁ ଜଗନ୍ନାଥ ଦାସ ଅନୁବାଦ ନ କରି କିଛି ଶ୍ଳୋକକୁ ପରିତ୍ୟାଗ କରିଛନ୍ତି। ଯେମିତି ଚତୁର୍ଥ ସ୍କନ୍ଧ ୧୯ ଅଧ୍ୟାୟର ୩୧, ୩୨, ୩୩, ୩୪ ନମ୍ବର ଶ୍ଳୋକକୁ ପରିତ୍ୟାଗ କରିଛନ୍ତି। ଏହି ଶ୍ଳୋକ ଗୁଡ଼ିକରେ ଇନ୍ଦ୍ର ଦେବତାଙ୍କ ପାଷାଣ୍ଡ କର୍ମ ବା କୁକର୍ମର ବିସ୍ତୃତ ବର୍ଣ୍ଣନା ରହିଛି। ଭାଗବତ ଏକ ଆଦର୍ଶ ଗ୍ରନ୍ଥ ହୋଇଥିବାରୁ ଜଗନ୍ନାଥ ଦାସ ଜାଣିଶୁଣି ଏହି ଖରାପ କାର୍ଯ୍ୟର ବର୍ଣ୍ଣନା ନ ଦେଇ ପରିତ୍ୟାଗ କରିଛନ୍ତି। ସେହିପରି ଜଗନ୍ନାଥ ଦାସ ନବମ ସ୍କନ୍ଧର ଏକାଦଶ ଅଧ୍ୟାୟର ୨୦ରୁ ୩୬ ପର୍ଯ୍ୟନ୍ତ ଶ୍ଳୋକଗୁଡ଼ିକୁ ଅନୁବାଦ କରିନାହାନ୍ତି। ଏହି ଶ୍ଳୋକଗୁଡ଼ିକରେ ରାମଙ୍କର ବର୍ଣ୍ଣନା କରାଯାଇଥିଲା। ଭାଗବତ ମୁଖ୍ୟତଃ କୃଷ୍ଣଭକ୍ତି କାବ୍ୟ। ଏଣୁ ଜଗନ୍ନାଥ ଦାସ ସଚେତନ ଅନୁବାଦକ ଭାବେ ଉକ୍ତ ଶ୍ଳୋକଗୁଡ଼ିକୁ ପରିତ୍ୟାଗ କରିଥାଇପାରନ୍ତି। ସନାତନ ଗୋସ୍ୱାମୀ ବଙ୍ଗଳା ଭାଗବତର ଷଷ୍ଠ ସ୍କନ୍ଧର ଦ୍ୱିତୀୟ ଅଧ୍ୟାୟ, ନବମ ସ୍କନ୍ଧ ଷଷ୍ଠ ଓ ସପ୍ତମ ଅଧ୍ୟାୟର କିଛି ଅଂଶ ପରିତ୍ୟାଗ କରିଛନ୍ତି। ଅସମୀୟା ଭାଗବତରେ ଶଙ୍କର ଦେବ ପ୍ରଥମ ସ୍କନ୍ଧର ପ୍ରଥମ ତିନୋଟି ଶ୍ଳୋକକୁ ପରିତ୍ୟାଗ କରିଛନ୍ତି।

ଦଶମ ସ୍କନ୍ଧରେ ଜଗନ୍ନାଥ ଦାସ ବର୍ଣ୍ଣନା କରିଛନ୍ତି ଯେ ବସୁଦେବ କୃଷ୍ଣକୁ ନେଇ ଯମୁନା ପାରିହେବା ପୂର୍ବରୁ ଉଗ୍ରସେନ ସହ ଭେଟ ହୋଇ କଥୋପକଥନ କରିଥିଲେ କିନ୍ତୁ ଶଙ୍କର ଦେବ ତାହାକୁ ପରିତ୍ୟାଗ କରିଛନ୍ତି।

### ବିସ୍ତୃତ

ବ୍ୟାସଙ୍କ ଭାଗବତର ପ୍ରଥମ ସ୍କନ୍ଧ ଚତୁର୍ଥ ଅଧ୍ୟାୟର ପାଞ୍ଚ ନମ୍ବର ଶ୍ଳୋକର ଅନୁବାଦ କଲାବେଳେ ଜଗନ୍ନାଥ ଦାସ ଅଠରଟି ପାଦ ଅଧିକ ରଚନା କରିଛନ୍ତି। ସଂସାରର ମୋହମାୟା ଗ୍ରସ୍ତ ମଣିଷ ଏବଂ ମୋହ ମାୟାରୁ ଦୂରରେ ଥିବା ବ୍ୟକ୍ତି ମଧ୍ୟରେ ଥିବା ପାର୍ଥକ୍ୟକୁ ଭଲଭାବରେ ବୁଝାଇବାକୁ ଯାଇ ଜଗନ୍ନାଥ ଦାସ ଏହି ବିସ୍ତୃତ ବର୍ଣ୍ଣନା ଦେଇଛନ୍ତି, ବ୍ୟାସ ଓ ଶୁକ ପ୍ରସଙ୍ଗ ଛଳରେ। ବ୍ୟାସଙ୍କ ଦଶମ ସ୍କନ୍ଧ ଭାଗବତରେ ପୂତନାର ରୂପ ବର୍ଣ୍ଣନା କରିବାକୁ ଯାଇ ଦୁଇଟି ଶ୍ଳୋକ ରଚନା କରିଛନ୍ତି। ପୂତନା ରାକ୍ଷସୀ ଭଗବାନ କୃଷ୍ଣଙ୍କୁ ମାରିବାପାଇଁ ଆସିଛି। ବାଳକୃଷ୍ଣଙ୍କର ଏହା ପ୍ରଥମ ଲୀଳାର ସମୟ ହୋଇଥିବାରୁ ପୂତନା ରୂପ ଲାବଣ୍ୟର ଦୀର୍ଘ ବର୍ଣ୍ଣନା ରହିବା ଯୁକ୍ତିଯୁକ୍ତ। ତେଣୁ ଜଗନ୍ନାଥ ଦାସ ଏଠାରେ ଏଭଳି ଦୀର୍ଘ ବର୍ଣ୍ଣନା କରିଛନ୍ତି। ସନାତନ ବିଦ୍ୟାବାଗୀଶଙ୍କ ଭାଗବତରେ ଏଭଳି ଦୀର୍ଘ ବର୍ଣ୍ଣନା ନାହିଁ କିନ୍ତୁ ଠାଏଠାଏ ଟିକେ ଟିକେ ବିସ୍ତୃତ କରିବାକୁ ଚେଷ୍ଟା କରିଛନ୍ତି। ମତ୍ସ୍ୟ ଅବତାର ସମୟରେ ରାଜା ସତ୍ୟବ୍ରତଙ୍କ ସନ୍ଧ୍ୟାତର୍ପଣ ପ୍ରସଙ୍ଗରେ ଗୋଟିଏ ପଦ ଅଧିକ ରଚନା କରିଥିବାର ଦୃଷ୍ଟିଗୋଚର ହୁଏ। ଅହମୀୟା ଭାଗବତର ସୂଚୀପତ୍ର ଦେଖିଲେ ଏଥିରେ ଥିବା ବିସ୍ତୃତ ବର୍ଣ୍ଣନାର ଧାରଣା ଆସିଥାଏ। ଦେବହୂତି, ରୁକ୍ମଣୀ, ମୋହିନୀକନ୍ୟା ଆଦିଙ୍କ ଦୀର୍ଘ ରୂପ ବର୍ଣ୍ଣନାକୁ ଉଦାହରଣ ରୂପେ ନିଆଯାଇପାରେ। ନବମ ସ୍କନ୍ଧରେ ରାମଙ୍କର ଦୀର୍ଘ ରୂପ ବର୍ଣ୍ଣନା ରହିଛି।

### ସଂକ୍ଷିପ୍ତିକରଣ

ବ୍ୟାସଦେବଙ୍କ ଭାଗବତର ଚତୁର୍ଥ ସ୍କନ୍ଧ ସତର ଅଧ୍ୟାୟର ୩୨ରୁ ୩୪ ନମ୍ବର ଶ୍ଳୋକକୁ ଜଗନ୍ନାଥ ଦାସ ସଂକ୍ଷିପ୍ତ ଭାବେ ବର୍ଣ୍ଣନା କରିଛନ୍ତି। ଭଗବାନ ମୁଁ ଆପଣଙ୍କୁ ନମସ୍କାର କରୁଛି, ପୁଣି ନମସ୍କାର କରୁଛି- ଏହିଭଳି ଲେଖି କାବ୍ୟ ସୌନ୍ଦର୍ଯ୍ୟକୁ ନଷ୍ଟ ନ କରି ତାହାକୁ ସଂକ୍ଷିପ୍ତ କରିଛନ୍ତି ଜଗନ୍ନାଥ ଦାସ। ନବମ ସ୍କନ୍ଧର ଦଶମ ଏକାଦଶ ଅ୍ଧାୟର ରାମଚରିତ ବା ରାମାୟଣ ବର୍ଣ୍ଣନାକୁ ଜଗନ୍ନାଥ ଦାସ ସଂକ୍ଷିପ୍ତ କରିଛନ୍ତି। ଭାଗବତ କୃଷ୍ଣଭକ୍ତିର କାବ୍ୟ ତେଣୁ ସେ ରାମଙ୍କୁ ସେତେ ପ୍ରାଧାନ୍ୟ ଦେଇନାହାଁନ୍ତି। ସନାତନ ବିଦ୍ୟାବାଗୀଶ ପ୍ରହଲାଦ ଚରିତରେ ଉପଦେଶ କ୍ଷେତ୍ରରେ ସଂକ୍ଷିପ୍ତିକରଣ କରିଛନ୍ତି। ଅହମୀୟା ଭାଗବତରେ ଦଶମ ସ୍କନ୍ଧର ପ୍ରଥମ ଅଧ୍ୟାୟରେ ବର୍ଣ୍ଣିତ ଦେବତାଙ୍କ ସ୍ତୁତିକୁ ସଂକ୍ଷିପ୍ତିକରଣ କରିଛନ୍ତି। ଦଶମସ୍କନ୍ଧ ଦ୍ୱିତୀୟ ଅଧ୍ୟାୟର ଦଶରୁ ତେର ଶ୍ଳୋକର ସଂକ୍ଷିପ୍ତ ବର୍ଣ୍ଣନା ଅସମୀୟା ଭାଗବତରେ ହୋଇଛି। ବଙ୍ଗଳା ଭାଗବତରେ ପ୍ରାୟତଃ ସଂକ୍ଷିପ୍ତୀକରଣର ଉଲ୍ଲେଖ ନାହିଁ।

### ପରିବର୍ତ୍ତନ

ମୂଳ ଭାଗବତର ଦଶମସ୍କନ୍ଧ ଷଷ୍ଠ ଅଧ୍ୟାୟର ଚତୁର୍ଥ ଶ୍ଳୋକରେ ବ୍ୟାସ ଲେଖିଛନ୍ତି – କୃଷ୍ଣଙ୍କୁ ମାରିବାପାଇଁ ପୁତନା ଗୋପପୁରରେ ପଶିଗଲା। କିନ୍ତୁ ଜଗନ୍ନାଥ ଦାସ ବିଷୟବସ୍ତୁରେ ଟିକେ ପରିବର୍ତ୍ତନ କରି ଲେଖିଲେ ଗୋପପୁର ବାଟେ ପୂତନ ଯିବା ସମୟରେ ଶ୍ରୀକୃଷ୍ଣ ତାର ମନକୁ ଆକର୍ଷଣ କରିବାରୁ ସେ ଗୋପପୁର ଭିତରେ ପଶିବ ବୋଲି ଚିନ୍ତା କରି ପ୍ରବେଶ କରିଛି। ମୂଳ ଭାଗବତର ଅଷ୍ଟମ ସ୍କନ୍ଧ ତେଇଶ ଅଧ୍ୟାୟ ତୃତୀୟ ଶ୍ଳୋକରେ ଉଲ୍ଲେଖ ଅଛି ଯେ, ବଳିରାଜା ଶିବ-ବ୍ରହ୍ମା- ବାମନଙ୍କୁ ପ୍ରଣାମ କରି ପାତାଳରେ ପ୍ରବେଶ କରିଛି କିନ୍ତୁ ଜଗନ୍ନାଥ ଦାସ ଉଲ୍ଲେଖ କରିଛିନ୍ତି ଯେ, ବାମନଙ୍କ ନାଭିରୁ ତୃତୀୟ ପାଦ ବାହାରି ବଳିକୁ ପାତାଳିକୁ ଚାପିଥିଲା।

ମୂଳ ଭାଗବତରେ ଉଲ୍ଲେଖ ଅଛି ଯେ ସତ୍ୟବ୍ରତ ରାଜାଙ୍କ ହସ୍ତରୁ ପଡ଼ି ମତ୍ସରୂପୀ ଭଗବାନ ଡାକଦେଲେ କିନ୍ତୁ ବଙ୍ଗଳା ଭାଗବତରେ ଉଲ୍ଲେଖ ଅଛି ଯେ, ରାଜା ସତ୍ୟବ୍ରତଙ୍କ ହସ୍ତରୁ ପଡ଼ି ମତ୍ସ୍ୟରୂପୀ ବିଷ୍ଣୁ ସ୍ଥିର ହୋଇ ରହିଲେ।

ମୂଳ ଭାଗବତର ପ୍ରଥମ ସ୍କନ୍ଧ ଅଷ୍ଟାଦଶ ଅଧ୍ୟାୟ ଚବିଶ ଓ ପଚିଶ ନମ୍ବର ଶ୍ଳୋକରେ ଉଲ୍ଲେଖ ଅଛି ଯେ ମୃଗମାନଙ୍କ ପଛରେ ଧାଇଁ ଧାଇଁ ରାଜା ପରୀକ୍ଷିତ ତୃଷାର୍ତ୍ତ ହୋଇଛନ୍ତି ଏବଂ ଜଳ ଅନ୍ୱେଷଣରେ ଯାଇ ଶମିକମୁନି ସ୍ଥିର ହୋଇ ତପସ୍ୟା କରୁଥିବାର ଦେଖିଛନ୍ତି। କିନ୍ତୁ ଶଙ୍କରଦେବ ଅହମୀୟା ଭାଗବତରେ ଉଲ୍ଲେଖ କରୁଛନ୍ତି ଯେ, ଗୋଟିଏ ମୃଗ ପଛରେ ରାଜା ଧାଇଁ ଧାଇଁ ତୃଷାର୍ତ୍ତ ହୋଇଛନ୍ତି ଏବଂ ଆଶ୍ରମରେ ଶମିକ ମୁନିକୁ ଦେଖିଲାବେଳକୁ ସେ ପଦ୍ମାସନରେ ବସି ତପସ୍ୟା କରୁଛନ୍ତି।

ଏହିଭଳି ଭାବେ ଅନେକ ପରିବର୍ତ୍ତନ ତିନୋଟି ଭାଗବତରେ ଦୃଷ୍ଟିଗୋଚର ହୁଏ।

### ନୂତନ ସଂଯୋଗ

ଜଗନ୍ନାଥ ଦାସ ଦଶମ ସ୍କନ୍ଧ ପଞ୍ଚମ ଅଧ୍ୟାୟରେ ବହୁ ନୂତନତାର ସଂଯୋଗ କରିଛନ୍ତି। ଦଶମ ସ୍କନ୍ଧ ତୃତୀୟ ଅଧ୍ୟାୟରେ ବ୍ୟାସଦେବ ସିଧାସଳଖ କୃଷ୍ଣଙ୍କୁ ଯମୁନା କୂଳକୁ ନେଇ ଯାଇଛନ୍ତି। କିନ୍ତୁ ଜଗନ୍ନାଥ ଦାସ ବାଟରେ ଉଗ୍ରସେନଙ୍କ ସହ କୃଷ୍ଣଙ୍କ ଭେଟ କରାଇଛନ୍ତି ଏବଂ କୃଷ୍ଣ ଉଗ୍ରସେନକୁ ମଥୁରାର ଭାବି ସମ୍ରାଟ ଭାବେ ଶାଢ଼ୀ ଦେଇଛନ୍ତି। ଭକ୍ତଙ୍କୁ ଆଶ୍ୱାସନା ଦେବା ପାଇ ଜଗନ୍ନାଥ ଦାସ ଯୋଜନାବଦ୍ଧ ଭାବେ ଏହାକୁ ସଂଯୋଗ କରିଛନ୍ତି। ସେହିପରି ସଂସ୍କୃତ ଭାଗବତର ପ୍ରଥମ ସ୍କନ୍ଧ ସପ୍ତମ ଅ୍ଧାୟରେ ବର୍ଣ୍ଣନା ହୋଇଛି ଯେ, ଅଶ୍ୱଥମା ଦୁର୍ଯ୍ୟୋଧନର ଦୁଃଖକୁ ଲାଘବ କରିବା ପାଇଁ ପ୍ରତିଶୋଧ

ନେବାକୁ ଯାଇ ଦ୍ରୌପଦୀଙ୍କ ପାଞ୍ଚପୁତ୍ରଙ୍କୁ ହତ୍ୟା କରିଛି । କିନ୍ତୁ ଜଗନ୍ନାଥ ଦାସ ଉଲ୍ଲେଖ କରିଛନ୍ତି ଯେ, ଅଶ୍ୱଥମାର ଭତ୍ସନା ପରେ ଦୁର୍ଯ୍ୟୋଧନ ଅଶ୍ୱସ୍ତାମା ହସ୍ତକୁ ଜଳ ଦେଇ ସେନାପତି ରୂପେ ନିଯୁକ୍ତ କରିଛି ଏବଂ ପଞ୍ଚୁ ପାଣ୍ଡବଙ୍କୁ ହତ୍ୟା କରିବାକୁ ଆଦେଶ ଦେଇଛି । ଯୁଦ୍ଧ ନିୟମ ଅନୁସାରେ ଦୁର୍ଯ୍ୟୋଧନ ଦ୍ୱାରା ଅଶ୍ୱଥାମା ହସ୍ତରେ ଜଳ ଦେଇ ତାକୁ ସେନାପତି ପଦ ଦେଇଛନ୍ତି ଜଗନ୍ନାଥ ଦାସ ।

ବିଷୟବସ୍ତୁର ଘଟଣାରେ କୌଣସି ସ୍ଥାନରେ ନୂତନତାର ସଂଯୋଗ ପ୍ରାୟତଃ ବଙ୍ଗଳା ଭାଗବତରେ ଦୃଷ୍ଟିଗୋଚର ହୁଏ ନାହିଁ । ଅହମୀୟା ଭାଗବତରେ ଦୃଷ୍ଟିଗୋଚର ହେଉଥିବା ଉପଦେଶ ଓ ସ୍ତୁତି ଆଦିର ନୂତନ ସଂଯୋଗ ଭାଗବତକାରମାନେ କରିଛନ୍ତି ଯାହା ମୂଳ ଭାଗବତରେ ଆଦୌ ନାହିଁ । ଚତୁର୍ଥ ସ୍କନ୍ଧରେ ବର୍ଣ୍ଣି ସତୀଙ୍କୁ ଉପଦେଶକୁ ଉଦାହରଣରୂପେ ନିଆଯାଇପାରେ ।

ପ୍ରତ୍ୟେକ ସ୍କନ୍ଧରେ ବହୁତ ଉଦାହରଣ ରହିଛି ବର୍ଣ୍ଣନାର ବିଷୟବସ୍ତୁ ଭାବେ । କିନ୍ତୁ ସମସ୍ତ ବିଷୟବସ୍ତୁକୁ ଉଦାହରଣଭାବେ ନେଇ ଆଲୋଚନା କରିବା ଗୋଟିଏ ପ୍ରବନ୍ଧ ମଧ୍ୟରେ ସମ୍ଭବ ନୁହେଁ । ତେଣୁ କିଛି ଉଦାହରଣକୁ ନେଇ ପ୍ରବନ୍ଧରେ ଥିବା ବୈଷମ୍ୟ-ପରିବର୍ତ୍ତନ, ନୂତନ ସଂଯୋଗ-ପରିତ୍ୟାଗ- ସଂକ୍ଷିପ୍ତିକରଣ ଆଦିକୁ ଆଲୋଚନା କରାଯାଇଛି । ସନାତନ ଗୋସ୍ୱାମୀଙ୍କ ଭାଗବତ ଆକ୍ଷରିକ ଅନୁବାଦ ହୋଇଥିବରୁ ଏଥିରେ କବିଙ୍କ ମୌଳିକ ପ୍ରାୟତଃ ଦୃଷ୍ଟିଗୋଚର ହୁଏ ନାହିଁ । କିନ୍ତୁ ଓଡ଼ିଆ ଓ ଅସମୀୟା ଭାଗବତରେ ମୌଳିକତା ଦୃଶ୍ୟମାନ ହୁଏ ।

ଭାଗବତ ଏପରି ଏକ ଗ୍ରନ୍ଥ ଯାହା ପ୍ରତ୍ୟେକ ଆଞ୍ଚଳିକ ଭାଷାରେ ଅନୁଦିତ । ଭାଗବତ ମାନବ ଜୀବନ ଧର୍ମର କଥା କହିଛି, କର୍ମର କଥା କହିଛି । ଭାରତୀୟ ସଂସ୍କୃତିକୁ ତିଆରି କରିଛି, ପ୍ରତିଷ୍ଠା ଦେଇଛି ।

ଓଡ଼ିଆ, ବଙ୍ଗଳା, ଅହମୀୟା ଭାଷାରେ ଭାଗବତ ରଚନା ହୋଇଥିଲେ ହେଁ ଅନ୍ୟ ଦୁଇ ଭାଗବତ ଜଗନ୍ନାଥ ଦାସଙ୍କ ଦ୍ୱାରା ପ୍ରଭାବିତ ହୋଇଛନ୍ତି । ବଙ୍ଗଳାର ସନାତନ ଘୋଷାଲ ବିଦ୍ୟାବାଗୀଶ ଦଶମ ସ୍କନ୍ଧ ଅନୁବାଦ କରିବା ସମୟରେ ଶେଷ ଛଅଟି ଅଧ୍ୟାୟ ରଚନା କରିବାକୁ ଭାଷା ପାଇ ନ ଥିବାରୁ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତରେ ମନ୍ତ୍ରମୁଗ୍ଧ ହୋଇ ଉଦାରତାର ସହ ଶେଷ ଛଅଟି ଅଧ୍ୟାୟକୁ ଅବିକଳ ଭାବେ ବଙ୍ଗଳା ଭାଷାରେ ଅନୁବାଦ କରିଥିବା କଥା ସ୍ୱୀକାର କରିଛନ୍ତି । ସେହିପରି ଅହମୀୟା ଭାଗବତ ସଂପାଦନା ବେଳେ ସଂପାଦକ ଓଡ଼ିଆ ଭାଗବତ ଓ ଜଗନ୍ନାଥ ଦାସଙ୍କର ଗୁଣ କୀର୍ତ୍ତନ କରିଛନ୍ତି- "ସମଗ୍ର ଦ୍ୱାଦଶ ସ୍କନ୍ଧର ଭିତରତ ଶଙ୍କରଦେବ କେଇଟି ନାମ ସ୍କନ୍ଧ ପୁରାକୈ ଅନୁବାଦ କରାନାଇ । ଗୁରୁର ପ୍ରାୟ ସମସାମୟିକ ଭାବେ ଉରିଷ୍ୟାର ପଞ୍ଚଶାଖାର ମୁକୁଟମଣି ଅତିବଡ଼ି ଗୋସାଇଁ ଜଗନ୍ନାଥ ଦାସେଓ ଉରିୟା ନବାକ୍ଷରୀ ଛନ୍ଦତ ସମଗ୍ର ଭାଗବତ ଭାଙ୍ଗି ଉଲିୟାୟେ" ।

ଗୋଟିଏ ସାହିତ୍ୟ କୃତି ସହିତ ଆଉ ଏକ ସାହିତ୍ୟ କୃତିର ବା ଜଣେ ସାହିତ୍ୟିକ ସହିତ ଅନ୍ୟ ଜଣେ ସାହିତ୍ୟିକର ତୁଳନା କରିବା ମଧ୍ୟରେ କେବଳ ଏକ ସାହିତ୍ୟିକ ଉତ୍କର୍ଷତା ବା ଅପକର୍ଷତାର ପରିଚୟ ମିଳେନାହିଁ । ସାଂସ୍କୃତିକ ଚିତ୍ର, ସମାଜ, ସମୟ, ଭାଷାଭାଷା ମଧ୍ୟରେ ଥିବା ସମ୍ପର୍କ, ପ୍ରଭାବ, ବର୍ଣ୍ଣନା ବୈଚିତ୍ର୍ୟ ମଧ୍ୟ ଜଣାପଡ଼େ । ତୁଳନାତ୍ମକ ଅଧ୍ୟୟନର ସାମ୍ୟ-ବୈଷମ୍ୟର ଉର୍ଦ୍ଧ୍ୱରେ ରହି ଚିନ୍ତା କଲେ ଜଣାଯାଏ ସମସ୍ତ ପ୍ରାନ୍ତୀୟ ଭାଗବତ ରଚନାର ମୂଳ ଉଦେଶ୍ୟ ମାନବିକତାର ସହ କର୍ମ ଓ ଭକ୍ତିର ପ୍ରଚାର ।

**ସହାୟକ ଗ୍ରନ୍ଥସୂଚୀ :**


୧. ମହାନ୍ତି, ବ୍ରଜମୋହନ । ଭକ୍ତକବି ଜଗନ୍ନାଥ ଦାସ, ଓଡ଼ିଶା ବୁକ୍ ଷ୍ଟୋର, କଟକ, ପ୍ରଥମ ସଂସ୍କରଣ, ୧୯୯୦ ।

୨. ମିଶ୍ର, ନୀଳମଣି(ସଂ) । ଜଗନ୍ନାଥ ଦାସଙ୍କ ଶ୍ରୀମଦ୍ଭାଗବତମ୍, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ଦ୍ୱିତୀୟ ସଂସ୍କରଣ, ୨୦୦୬ ।

୩. ମୁଖୋପାଧ୍ୟାୟ, ସୁଖମୟ(ସଂ) । ସନାତନ ଘୋଷାଲ ବିଦ୍ୟାବାଗୀଶେର ଭାଗବତ, ବିଶ୍ୱଭାରତୀ ଗବେଷଣା ପ୍ରକାଶନ ବିଭାଗ, ଶାନ୍ତିନିକେତନ, ଅଗଷ୍ଟ ୧୯୮୬ ।

୪. ଦାଶ, ସର୍ବେଶ୍ୱର । ମହାପୁରୁଷ ଜଗନ୍ନାଥ ଦାସ ଓ ଭାଗବତ ସମୀକ୍ଷା, ଗ୍ରନ୍ଥ ମନ୍ଦିର, କଟକ, ତୃତୀୟ ସଂସ୍କରଣ, ୨୦୦୫ ।

୫. ଦାସ, ସୁଶୀଳକୁମାର । ଶ୍ରୀମଦ୍ଭାଗବତ (ସଂସ୍କୃତ), ଓଡ଼ିଶା ସାହିତ୍ୟ ଏକାଡେମୀ, ପ୍ରଥମ ସଂସ୍କରଣ, ୧୯୮୯ ।

୬. ଦେବ୍, ଗୋସ୍ୱାମୀ କେଶବାନନ୍ଦ । ଶ୍ରୀମଦ୍ଭାଗବତ, ମାଖନ ହାଜରିକା ପ୍ରକାଶନ, ଆସାମ, ଅଷ୍ଟମ ସଂସ୍କରଣ, ୨୦୦୭ ।

୭. ନାୟକ, କଳ୍ପତରୁ । ଭାଗବତର ଭାଷା ବିଶ୍ଳେଷଣ, ମିତା ବୁକ୍ସ, କଟକ, ପ୍ରଥମ ସଂସ୍କରଣ, ୨୦୧୭ ।

୮. ଶର୍ମା, ନବୀନ ଚନ୍ଦ୍ର(ସଂ) । ସମ୍ପୂର୍ଣ୍ଣ ଅସମୀୟା ଶ୍ରୀମଦ୍ଭାଗବତ, ଜ୍ୟୋତି ପ୍ରକାଶନ, ଗୌହାଟୀ, ଦ୍ୱିତୀୟ ସଂସ୍କରଣ, ୨୦୦୭ ।


❖ ❖ ❖

DOI: https://doi.org/10.5281/zenodo.14835252

ମୂଳ ପ୍ରବନ୍ଧ

# ଓଡ଼ିଆ ଗଳ୍ପରେ ଆଦିବାସୀ ସମସ୍ୟାର ପ୍ରତିଫଳନ

**ଗୌତମସେନ୍ ହାଁସଦାଃ**

**ସଂକ୍ଷିପ୍ତସାର :**

ଆଦିବାସୀଙ୍କୁ ନେଇ ସାହିତ୍ୟ ରଚନା କରିବାର ପରଂପରା ଆରମ୍ଭ ହୁଏ ଚର୍ଯ୍ୟାଗୀତିକାରୁ। ପରେ ସାରଳା ସାହିତ୍ୟ ଦେଇ ଆଧୁନିକ ସାହିତ୍ୟକୁ ତାର ଗତି ଚଳଚଞ୍ଚଳ ହୋଇଛି। ସଂପ୍ରତି କାଳରେ ସାହିତ୍ୟର ପ୍ରତିଟି ବିଭାଗରେ ଆଦିବାସୀମାନେ ସାହିତ୍ୟ ପରିସରକୁ ଆସିଛନ୍ତି। ଅନେକ ଗଳ୍ପ ଉପନ୍ୟାସରେ ମୁଖ୍ୟ ନାୟକନାୟିକା ଭାବରେ ମଧ୍ୟ ଦେଖାଦେଇଛନ୍ତି। ତାଙ୍କ ଜୀବନଯାପନ ଶୈଳୀ, ବିଶ୍ୱାସବୋଧ, ଅତିଥି ସତ୍କାର, ଧର୍ମଧାରଣ ତଥା ସାମାଜିକ, ସାଂସ୍କୃତିକ ଓ ଅର୍ଥନୀତିକ ଦିଗଗୁଡ଼ିକ ମଧ୍ୟ ସାହିତ୍ୟରେ ସ୍ଥାନ ପାଇଛି। ଏହା ସହିତ ସେମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟାଗୁଡ଼ିକ ମଧ୍ୟ ସାହିତ୍ୟିକମାନେ ରୂପାୟିତ କରିବା ପାଇଁ ପ୍ରୟାସ କରିଛନ୍ତି। ଫଳରେ ଆଦିବାସୀଙ୍କର ଖାଦ୍ୟ ସମସ୍ୟା ଠାରୁ ଆରମ୍ଭ କରି ନକ୍ସଲ ସମସ୍ୟା ପର୍ଯ୍ୟନ୍ତ ପ୍ରାୟ ସମସ୍ତ ସମସ୍ୟାମାନ ସାହିତ୍ୟରେ ରୂପଦେବାକୁ ଚେଷ୍ଟା କରିଛନ୍ତି। ଏହି ପ୍ରବନ୍ଧରେ ଓଡ଼ିଆ ଗଳ୍ପରେ ପରିଲକ୍ଷିତ ହେଉଥିବା ଆଦିବାସୀଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଗଲା।

**ପ୍ରମୁଖ ଶବ୍ଦାବଳୀ :**

ଆଦିବାସୀ, ସମସ୍ୟା, ଓଡ଼ିଆ ଗଳ୍ପ, ସାମାଜିକ ଜୀବନ, ସଂସ୍କୃତି।

ଓଡ଼ିଶା ଏକ ଆଦିବାସୀ ବହୁଳ ରାଜ୍ୟ। ଜନସଂଖ୍ୟା ଦୃଷ୍ଟିରୁ ବିଚାର କଲେ ସମଗ୍ର ଭାରତ ବର୍ଷରେ ଏହାର ସ୍ଥାନ ହେଉଛି ଦ୍ୱିତୀୟ। ଓଡ଼ିଶାର କ୍ଷେତ୍ରଫଳ ୧ଲକ୍ଷ ୫୫ହଜାର ୭୦୭ ବର୍ଗ କି.ମି. ହୋଇଥିବାବେଳେ ସେଥିରୁ ୭୦ ହଜାର ବର୍ଗ କି.ମି. ପରିମିତ ଅଞ୍ଚଳରେ ଆଦିବାସୀମାନେ ବସବାସ କରୁଥିବା ଦେଖିବାକୁ ମିଳେ। ୨୦୧୧ ମସିହା ଜନଗଣନା ଅନୁଯାୟୀ ଏମାନଙ୍କ ସଂଖ୍ୟା ହେଉଛି ୯୫,୯୦,୭୫୬। ଯାହା ଓଡ଼ିଶାର ମୋଟ ଜନସଂଖ୍ୟାର ଶତକଡ଼ା ୨୨.୮୫ ଭାଗ। ପୁଣି ଏମାନଙ୍କ ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ହେଉଛି ୪୭,୨୭,୭୩୨ ଏବଂ ମହିଳାଙ୍କ ସଂଖ୍ୟା ୪୮,୬୩,୦୨୪। କେଉଁ ଆଦିମ କାଳରୁ ଏହି ଜନଜାତି ଓଡ଼ିଶାରେ ବସବାସ କରିଆସୁଥିଲେ ମଧ୍ୟ ବହୁକାଳ ଧରି ଏମାନେ ସରକାରୀ ସୁବିଧାରୁ ବଞ୍ଚିତ ରହିଥିଲେ। ଦେଶ ସ୍ୱାଧୀନ ହେଲାପରେ ସରକାରୀସ୍ତରରେ ଏମାନଙ୍କୁ ବିଭିନ୍ନ ପ୍ରକାର ସୁବିଧା ପ୍ରଦାନ କରାଯାଇଆସୁଛି। ଭାରତର ସମ୍ବିଧାନ ପ୍ରଣୟନ ସମୟରେ ଏମାନଙ୍କ ନାମକୁ 'ଆଦିବାସୀ' ଏବଂ ବସବାସ କରୁଥିବା ଅଞ୍ଚଳକୁ 'ତଫସିଲଭୁକ୍ତ ଅଞ୍ଚଳ' ଭାବରେ ଘୋଷଣା କରାଗଲା। ଶିକ୍ଷା ଏବଂ ଚାକିରୀ କ୍ଷେତ୍ରରେ ସ୍ୱତନ୍ତ୍ର ସୁବିଧା ସୁଯୋଗ ପ୍ରଦାନ କରାଗଲା। ୧୯୭୫ ମସିହାରେ ରାଜ୍ୟ ସରକାର ଆଦିବାସୀମାନଙ୍କର ଉନ୍ନତି ପାଇଁ ଚାକିରୀ କ୍ଷେତ୍ରରେ ORV(Orissa Reservation of Vacancies in post and service) ନିୟମ ଲାଗୁ କରି ଶତକଡ଼ା ୨୨.୫ ଭାଗ ସଂରକ୍ଷଣ ବ୍ୟବସ୍ଥା କଲେ। କେବଳ ଶିକ୍ଷା ଓ ଚାକିରି କ୍ଷେତ୍ରରେ ନୁହେଁ ସ୍ୱାସ୍ଥ୍ୟ ଏବଂ ନିର୍ବାଚନ କ୍ଷେତ୍ରରେ ମଧ୍ୟ ଏମାନଙ୍କୁ ସ୍ୱତନ୍ତ୍ର ସୁବିଧା ସୁଯୋଗ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.14835252

Article No - BPP00258

**ଯୋଗାଯୋଗ :**
**ଡ. ଗୌତମସେନ୍ ହାଁସଦାଃ,** ଅଧ୍ୟାପକ, ଆସିଷ୍ଟାଣ୍ଟ ପ୍ରଫେସର (ଓଡ଼ିଆ), ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ମାଲକାନଗିରି
**Email:** goutamsen1992@gmail.com
**ORCID ID:** https://orcid.org/0009-0007-9345-6216

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୪.୯.୨୦୨୪ | ୧୦.୧୦.୨୦୨୪ | ୨୫.୧୧.୨୦୨୪ | ୧.୦୧.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ହାଁସଦାଃ, ଗୌତମସେନ୍, ୨୦୨୫। ଓଡ଼ିଆ ଗଳ୍ପରେ ଆଦିବାସୀ ସମସ୍ୟାର ପ୍ରତିଫଳନ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ଙ, ପୃଷ୍ଠା :୫୬-୬୧।

ପ୍ରଦାନ କରାଗଲା। ଯାହାର ଫଳସ୍ୱରୂପ ଜନଜାତର ଲୋକମାନେ ନିର୍ବାଚନ ଲଢ଼ି ଆଜି ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଏବଂ ଭାରତବର୍ଷରେ ରାଷ୍ଟ୍ରପତି ହେବାର ସୌଭାଗ୍ୟ ପାଇପାରିଛନ୍ତି।

ଆଦିବାସୀଙ୍କୁ ନେଇ ସାହିତ୍ୟ ରଚନା କରିବାର ପରଂପରା ବହୁ ପ୍ରାଚୀନ। ଓଡ଼ିଆ ସାହିତ୍ୟକୁ ଲକ୍ଷ୍ୟକଲେ ଦେଖାଯାଏ ଚର୍ଯ୍ୟାଗୀତିକାଠାରୁ ଆରମ୍ଭ କରି ସାରଳା ସାହିତ୍ୟ, ମଧ୍ୟଯୁଗୀୟ କାବ୍ୟ ସାହିତ୍ୟ ଏପରିକି ସ୍ୱାଧୀନତା ପୂର୍ବବର୍ତ୍ତୀ ପ୍ରଗତୀବାଦୀ ସାହିତ୍ୟରେ ମଧ୍ୟ ଏମାନେ ଅଳ୍ପବହୁତେ ସ୍ଥାନ ପାଇଛନ୍ତି। ସ୍ୱାଧୀନତା ପରବର୍ତ୍ତୀ ସମୟରେ ଗଳ୍ପ-ଉପନ୍ୟାସଠାରୁ ଆରମ୍ଭ କରି କାବ୍ୟ-କବିତା, ନାଟକ-ଏକାଙ୍କିକା, ପ୍ରବନ୍ଧ-ସମାଲୋଚନା, ଜୀବନୀ ଆଦି ସାହିତ୍ୟର ବିଭିନ୍ନ ବିଭାଗରେ ଆଦିବାସୀମାନେ ସ୍ଥାନ ପାଇଛନ୍ତି। ଏହି କାଳର ଲେଖକ ଏମାନଙ୍କର ଜୀବନ-ଜୀବିକା, ଚାଲି-ଚଳଣୀ, ରୀତିନୀତି, ଧର୍ମୀୟ ଭାବନା, ବିଶ୍ୱାସବୋଧ, ସରଳ ଓ ସ୍ୱାଭିମାନ ଜୀବନଶୈଳୀ ଇତ୍ୟାଦିକୁ ସାହିତ୍ୟ ପରିସରକୁ ଆଣିଛନ୍ତି। ଓଡ଼ିଆ ଗଳ୍ପସାହିତ୍ୟକୁ ଅନୁଶୀଳନ କଲେ ଦେଖାଯାଏ ଆଦିବାସୀମାନଙ୍କର ଜୀବନଶୈଳୀକୁ ନେଇ ପ୍ରଥମେ କେତେଗୋଟି ଗଳ୍ପ ରଚନା କରିଛନ୍ତି ଜଳନ୍ଧର ଦେବ। ଗଳ୍ପଗୁଡ଼ିକରେ ସେ 'ଭୂୟାଁ' ଓ 'କନ୍ଧ' ଆଦିବାସୀଙ୍କ ଜୀବନ ଚଳଣିକୁ ରୂପାୟିତ କରିବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ଦୁଃଖର କଥା ଏଥିରେ ଆଦିବାସୀମାନଙ୍କର ଜୀବନ ସଂଘର୍ଷକୁ ଠିକ୍ ଭାବରେ ରୂପାୟିତ କରି ନ ପାରିବାରୁ ଏହା ନିରୁତା ଆଦିବାସୀଗଳ୍ପର ମାନ୍ୟତା ପାଇବାରୁ ବଞ୍ଚିତ ହୋଇଛି। ତେବେ ଯାହା ବି ହେଉ ଆଦିବାସୀଙ୍କୁ ନେଇ ଗଳ୍ପ ରଚନା କରିବାର ପରଂପରା ଯେ ଜଳନ୍ଧର ଦେବ ଆରମ୍ଭ କରିଗଲେ ଏ କଥାକୁ ଅସ୍ୱୀକାର କରାଯାଇ ନ ପାରେ। ପରେ ଭଗବତୀ ଚରଣ ପାଣିଗ୍ରାହୀଙ୍କ ହାତରେ ଏହି ମାଟିର ପିତୁଳା ଗଳ୍ପ ସାହିତ୍ୟରେ ଜୀବନ୍ୟାସ ପାଇବା ସହିତ ସାର୍ଥକତା ମଧ୍ୟ ପାଇଛି। ତାଙ୍କ ରଚିତ 'ଶିକାର'(୧୯୩୬) ଗଳ୍ପ ପାଲଟି ଯାଇଛି ଆଦିବାସୀଙ୍କୁ କେନ୍ଦ୍ରକରି ରଚିତ ପ୍ରଥମ ସଫଳ ଓଡ଼ିଆ ଆଦିବାସୀ ଗଳ୍ପ। ଏଥିରେ ଗାଳ୍ପିକ ଆଦିବାସୀଙ୍କର ସ୍ୱାଭାବିକତା, ସ୍ୱାଭିମାନ ଓ ସମସ୍ୟାର କଥାକୁ ଚମତ୍କାର ଭାବରେ ରୂପାୟିତ କରିଛନ୍ତି। ଯଦିଓ ଏହି ଗଳ୍ପ ରଚନା ପୂର୍ବରୁ ୧୯୨୯ ମସିହାରେ ସେ ରଚନା କରିଥିଲେ 'ଜଙ୍ଗଲୀ' ଗଳ୍ପ। କିନ୍ତୁ ତାହା 'ଶିକାର' ଗଳ୍ପପରି ସଫଳତା ପାଇପାରିନାହିଁ। ଏହାର କାରଣ ହେଉଛି ଏଥିରେ ପ୍ରେମ ପ୍ରଣୟ ବ୍ୟତୀତ ଆଦିବାସୀଙ୍କ ଜୀବନଶୈଳୀ ଓ ସଂଘର୍ଷ ସେତିକି ପରିମାଣରେ ପ୍ରସ୍ଫୁଟିତ ହୋଇପାରିନାହିଁ। ଗଳ୍ପଟିରେ ଦାରିଦ୍ର୍ୟ ଜନିତ ସମସ୍ୟା ହିଁ ମୁଖ୍ୟ କଥାବସ୍ତୁ ହୋଇ ଦେଖାଦେଇଛି।

ଆଦିବାସୀମାନଙ୍କ ସମସ୍ୟା ବା ଜୀବନ ସଂଘର୍ଷକୁ ଦୃଷ୍ଟି ଦେଲେ ମୁଖ୍ୟତଃ ଦୁଇଗୋଟି ଦିଗ ସାମ୍ନାକୁ ଆସେ। ପ୍ରଥମତଃ ଆଦିବାସୀମାନେ ନିଜ ଜୀବନଯାପନ କ୍ଷେତ୍ରରେ ସାମ୍ନା କରୁଥିବା ସମସ୍ୟା ଓ ଦ୍ୱିତୀୟତଃ ଆଦିବାସୀମାନଙ୍କ ଉପରେ ଅଣଆଦିବାସୀମାନଙ୍କର ପ୍ରଭାବ। ଓଡ଼ିଆ ଆଦିବାସୀ ଗଳ୍ପ କ୍ଷେତ୍ରରେ ଏହିଦୁଇଟି ଦିଗ ମିଶାମିଶି ଭାବରେ ଦେଖିବାକୁ ମିଳିଥାଏ। ତେଣୁ ଏହି ଦୁଇଟି ଦିଗକୁ ନିମ୍ନୋକ୍ତ ଦୃଷ୍ଟିକୋଣରୁ ବିଚାର କରାଯାଇପାରେ।

ଯଥା:- ୧. ଦାରିଦ୍ର୍ୟ

୨. ଶୋଷଣ ଓ ଅତ୍ୟାଚାର

୩. ଜାତିଭେଦ ଓ ଧର୍ମାନ୍ତରୀକରଣ

୪. ବିସ୍ଥାପନ ଇତ୍ୟାଦି।

**(୧)ଦାରିଦ୍ର୍ୟ:-**

ଆଦିବାସୀମାନେ ସାଧାରଣତଃ ଦରିଦ୍ର ଶ୍ରେଣୀର। ଏମାନେ ନିଜର ଜୀବନ ଜୀବିକା ପାଇଁ କୃଷି, ଶିକାର ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ଚଳନ୍ତି। ଓଡ଼ିଆ ଆଦିବାସୀ ଗଳ୍ପରେ ଗାଳ୍ପିକମାନେ ଆଦିବାସୀଙ୍କର ଏହି ଦାରିଦ୍ର୍ୟ ଜନିତ ସମସ୍ୟାକୁ ନେଇ ଗଳ୍ପ ରଚନା କରିଛନ୍ତି। ଆଦିବାସୀ ଗଳ୍ପର ପ୍ରଥମ ସ୍ରଷ୍ଟା ଜଳନ୍ଧର ଦେବ ତାଙ୍କ 'ଅତିଥି ସତ୍କାର'ଗଳ୍ପରେ ନାୟିକା ଗୌରୀ, ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରୁଥିବାର ଚିତ୍ର ପ୍ରଦାନ କରିଛନ୍ତି। ପୁଣି 'ବିବାହ ଭୋଜି'ରେ ଶିକାରକୁ ଯାଇ ବଣ୍ୟପ୍ରାଣୀ ଶିକାର କରି ବିବାହ ଭୋଜି ଦେବା ଭଳି ଅଦ୍ଭୁତ ପରଂପରାର ମୂଳରେ ତାଙ୍କର ଦାରିଦ୍ର୍ୟତା ହିଁ ବିଦ୍ୟମାନ। ଗୋଦାବରୀଶ ମହାପାତ୍ରଙ୍କ 'ଚୋର' ଗଳ୍ପରେ ଶୁକୁରାର ଫଳ ମୂଳ ସଂଗ୍ରହ କରି ବଞ୍ଚିବାର ମୂଳରେ ବି ଏହି ଦାରିଦ୍ର୍ୟଜନିତ ସମସ୍ୟା ହିଁ ଜଡ଼ିତ।

ଗୋପୀନାଥ ମହାନ୍ତିଙ୍କ 'ପିମ୍ପୁଡ଼ି' ଗଳ୍ପରେ ଆଦିବାସୀଙ୍କର ଦାରିଦ୍ର୍ୟଜନିତ ସମସ୍ୟାକୁ ଚମତ୍କାର ଭାବରେ ଚିତ୍ରଣ କରାଯାଇଛି। ଚାଖଣ୍ଡେ ପେଟକୁ ସମ୍ଭାଳି ନେବା ପାଇଁ ଆଦିବାସୀମାନେ ଆନ୍ଧ୍ରପ୍ରଦେଶକୁ ଚାଉଳ ଚୋରା ଚାଲଣ କରିଛନ୍ତି। ଚୋରା ଚାଲାଣରେ ଯାହା ଲାଭ ମିଳେ ସେଥିରେ ସେମାନେ ପେଟ ପୋଷନ୍ତି। ଗାଳ୍ପିକ ତେଣୁ ଲେଖିଛନ୍ତି- "ଭୋକିଲା ପିମ୍ପୁଡ଼ି ବଞ୍ଚିବା ପାଇଁ ଆଧାର ବୋହି ନେଉଛନ୍ତି, ଆଉ ପିମ୍ପୁଡ଼ି ଧାର ଏକାଠି ହୋଇ ମନ୍ଦା ବାନ୍ଧୁଛି ନୂଆ ଅଭିଯାନ ପାଇଁ। ସେ ବଞ୍ଚିବାକୁ ଚାହେଁ।"(୧) ଗାଳ୍ପିକ ଏଠି ପିମ୍ପୁଡ଼ିର ପ୍ରତୀକାତ୍ମକ ଚିତ୍ର ଭିତରେ ଆଦିବାସୀଙ୍କର ଦାରିଦ୍ର୍ୟତାକୁ ଜୀବନ୍ୟାସ ଦେଇଛନ୍ତି।

ଅନୁରୂପ ଭାବରେ ସୁରେନ୍ଦ୍ର ମହାନ୍ତି 'ଖାଦାନୀ' ଗଳ୍ପରେ ଏହି ଦାରିଦ୍ର୍ୟଜନିତ ସମସ୍ୟାକୁ ପ୍ରକାଶ କରିଛନ୍ତି। କାରୋ ଗାଁରେ ମରୁଡ଼ି ହେଲାରୁ ଚାଷ ହୋଇ ପାରିନାହିଁ। ଜଙ୍ଗଲରେ ମହୁଲ ଫଳ, ଚାର ଫଳ, କାଙ୍ଗୁ, ଗୁଲ୍‌ଦି ଫସଲ ଆଉ ତେନ୍ତୁଳି ମଞ୍ଜି ଯାହା ସଞ୍ଚିତ ଥିଲା ସବୁ ଶେଷ ହୋଇଯାଇଛି। ପିତା ଆଳୁ, ବଇଙ୍ଗା, ମଣ୍ଡେଇ,

ମହୁଆଲୁ ସବୁ ଖୋଳିଖୋଳି ଗୋଟିଏ ଗୋଟିଏ ଖାଦାନ କରିଗଲେ। ଶେଷର ବାଧ୍ୟ ହୋଇ ସେ ଗାଁର ଲୋକେ ଖାଦାନକୁ ବାହାରିଛନ୍ତି। ଅନିଚ୍ଛା ସତ୍ତ୍ୱେ ଜାନମ୍ ମୁଣ୍ଡା ଓ ମାନସିଂ ମଧ୍ୟ ସେଠାକୁ ଯାଇଛନ୍ତି। ଯଦିଓ ସେମାନେ ବିଶ୍ୱାସ କରନ୍ତି 'ଖାଦାନକୁ ଥରେ ଗଲେ ମଣିଷ ଆଉ ଫେରେ ନାହିଁ'। ଦାରିଦ୍ର୍ୟ ଜନିତ ଏହି କରୁଣ କାହାଣୀ ଗାଳ୍ପିକ ଚମତ୍କାର ଭାବରେ 'ଖାଦାନୀ' ଗଳ୍ପରେ ରୂପ ପ୍ରଦାନ କରିଛନ୍ତି।

ପ୍ରାଣବନ୍ଧୁ କରଙ୍କ 'ହିରୋ' ଗଳ୍ପରେ ମଧ୍ୟ ଆଦିବାସୀଙ୍କର ଏହି ସମସ୍ୟା ଦେଖିବାକୁ ମିଳେ। ତେଣୁ କନ୍ଧ ଯୁବକ ପ୍ରଥମେ ଆସାମରେ ସୈନ୍ୟମାନଙ୍କ ପାଇଁ ରାସ୍ତା ତିଆରି କାମରେ ଯୋଗ ଦେଇ ଓ ପରେ ଲୁଗାକଳରେ ଦରଓ୍ୱାନ କାମ କରିଛି। ଶେଷରେ ଉଭୟ ସ୍ୱାମୀ-ସ୍ତ୍ରୀ କଟକ ସହରରେ ରାସ୍ତାକାମ କରି ଜୀବନ ନିର୍ବାହ କରିଛନ୍ତି। 'ଦୁଇ ସଖୀ' ଗଳ୍ପରେ ଆଦିବାସୀଙ୍କର ଏହି ଦାରିଦ୍ର୍ୟଜନିତ ସମସ୍ୟା ପ୍ରକଟିତ। ରାଜିଂଗା ରାସ୍ତା ତିଆରି କାମରେ ଯୋଗଦେଇ ମାଟି ତାଡ଼ିଲାବେଳେ ବାସଲି ଓ ମୁଦାଣି ସେଠାରେ ମାଟି ବୋହିବା କାମ କରିଛନ୍ତି। କେବଳ ସେତିକି ନୁହେଁ ଏହି ଚାଖଣ୍ଡେ ପେଟପାଇଁ ରତନ ଓ ରାଜିଂଗା ଶେଷରେ ନିଜ ଜୀବନକୁ ବାଜି ଲଗାଇ ମିଲିଟାରୀରେ ଯୋଗ ଦେଇଛନ୍ତି।

ବସନ୍ତ ଶତପଥୀଙ୍କ ଗଳ୍ପକୁ ଦୃଷ୍ଟିଦେଲେ ଆଦିବାସୀଙ୍କର ଦାରିଦ୍ର୍ୟଜନିତ ସମସ୍ୟା ଜଳଜଳ ହୋଇ ଦିଶେ। ତାଙ୍କ 'କାଠ'ଗଳ୍ପରେ କାଠ ଚିରାଳି ବୁଢ଼ାଟି ସକାଳୁ କେବଳ ତୋରାଣି ପିଇ କାଠ କାଟିବାକୁ ଗଳ୍ପ ନାୟକଙ୍କ ଘରକୁ ଆସିଛନ୍ତି। ଗଳ୍ପନାୟକ କାଠ କାଟିଲାବେଳେ କାଠ ଚିରାଳିକୁ ପଚାରିଛନ୍ତି- "ସକାଳୁ କି ଖାଇକରି ଆସିଛୁ? କାଠ ଚିରାଳି ବୁଢ଼ା ଜଣକ କହିଛନ୍ତି- ଗରିବ ନୁକର ଘରେ କି ଅଛି ଯେ ସକାଳୁ ଉଠି ବସି କରି ଖାଇବ? ଖାଲି ତୋରାଣି କଂସାଏ ପିଇ କରି ଆସିଛି। ତିର୍ଲା ଆର୍ ଛୁଆ ଦୁଇଟା ପାଖାଳ ମୁଠାଏ ମୁଠାଏ ଖାଇକରି ସଡ଼ପ୍ କାମକୁ ଗଲା।"(୨) ଏଥିରୁ ଜଣାପଡ଼େ ଯେ ଆଦିବାସୀଙ୍କର ଏହି ଦାରିଦ୍ର୍ୟତା ଏକ ସମସ୍ୟା ଭାବରେ ତାଙ୍କ ସମ୍ମାରେ ଦେଖାଦିଏ। ସେହିପରି 'ବାଲିଡିହା ବାଘ' ଗଳ୍ପରେ ଭୋକ ସମ୍ଭାଳି ନ ପାରି ରେଙ୍ଗ୍‌ଟା ମାଝି ଜଙ୍ଗଲକୁ ପିତାଆଳୁ ଆଣିବା ପାଇଁ ଯାଇଛି ଓ ବାଘର ଶିକାର ହୋଇଛି। 'ନେଉଳ ଓ ସାନ୍ତାଳ' ଗଳ୍ପରେ ସାନ୍ତାଳ ଯୁବକ ନେଉଳ ମାଂସରେ ମକର ମାନିଛି। 'ଶ୍ୱେତପଦ୍ମ' ଗଳ୍ପରେ ପଦ୍ମବିକାଳି ଆଦିବାସୀ ବୁଢ଼ାଟି ସଭ୍ୟ ମଣିଷ ଦ୍ୱାରା ପ୍ରତାରିତ ହୋଇଛି। 'ଡବ୍ଲିଂ/ ଦୋହରୀ' ଗଳ୍ପରେ ସୁମି ଓ ସେଙ୍ଗେଲ ସହରକୁ ଯାଇଛନ୍ତି। 'ଧରିତ୍ରୀ' ଗଳ୍ପରେ ଯୁବତୀ ମା'ଟି ମହୁଲନେଠାକୁ ବ୍ରେକ୍‌ଫାଷ୍ଟ ଭାବରେ ଗ୍ରହଣ କରିଛି। 'ମକର ଘୁଷୁରି ସାହିର' ଗଳ୍ପରେ ବେଙ୍ଗ ମକର ମାନିବାକୁ ଯାଇ ଶାଢ଼ୀ ପାଇଁ ନିଜ ଇଜ୍ଜତକୁ ମଧ୍ୟ ବିକ୍ରି କରିଛି। ଏହିପରି ଭାବରେ ସବୁର ମୂଳରେ ଦରିଦ୍ର୍ୟତା ହିଁ ମୁଖ୍ୟ କାରଣ ହୋଇ ଦେଖାଦେଇଛି।

ପୁଣି ଏହି ଦରିଦ୍ରତା ଯୋଗୁଁ ଭୁବନେଶ୍ୱର ବେହେରାଙ୍କ 'ନାଚେ ବେନୁଆ ନାଚେ' ଗଳ୍ପର ଆଦିବାସୀ ଚରିତ୍ର ସୋମାବାରୁ ମାଙ୍କଡ଼ ନଚେଇବାକୁ ବାଧ୍ୟ ହୋଇଛି। 'ଡୁକାକନ୍ଧ'ଗଳ୍ପର ଆଦିବାସୀ ଚରିତ୍ର ଡୁକାକନ୍ଧ ବି ଅନ୍ୟ ଘରେ ମୁଲ ଖଟିଛି। ସେହିପରି ଅଖିଳ ମୋହନ ପଟ୍ଟନାୟକଙ୍କ 'ରତୁଚକ୍ର' ଗଳ୍ପରେ ଯୁଆଙ୍ଗ ସାହୁକାର ପାଖରେ ଗୋତି ଖଟିଛି। ରବି ପଟ୍ଟନାୟକଙ୍କ 'ବୁଧିରାମ ମୁଣ୍ଡା' ଗଳ୍ପରେ ଜାନିବେଓ୍ୱା ନିଜ ପରିବାରକୁ ଚଳାଇ ନେବା ପାଇଁ ହାଣ୍ଡିଆ, ମଦକୁ ବିକ୍ରି କରିଛି। ବିଭୂତି ପଟ୍ଟନାୟକଙ୍କ 'ଆଖି' ଗଳ୍ପରେ ମଙ୍ଗୁଳି ସାହେବର ବଙ୍ଗଳାକୁ କାମ କରିବାପାଇଁ ଯାଇଛି। ଏଠି ଦରିଦ୍ରତାର ମାତ୍ରା ଏତେ ପ୍ରବଳ ଯେ ଲୋକମାନେ କାମ ପାଇଁ ପ୍ରତିଯୋଗିତା ଆରମ୍ଭ କରିଦେଇଛନ୍ତି। ଦାରିଦ୍ର୍ୟଜନିତ ଏହି ଅସହାୟତାକୁ ପ୍ରକାଶ କରିବାକୁ ଯାଇ ଗାଳ୍ପିକ ମଙ୍ଗୁଳି ମୁଖରେ କୁହାଇଛନ୍ତି- "ଗରିବ ଲୋକର ଗୋଟାଏ ଜାତି କ'ଣ? ଗରିବ ସଭିଏଁ ସମାନ। ସେମାନଙ୍କର ଜାତିନାହିଁ। ଯେପରି ଭୋକ ସମସ୍ତଙ୍କୁ ସମାନ କରି ଦେଇଛି।"(୩) କେବଳ ସେତିକି ନୁହେଁ ଏହି ଦାରିଦ୍ର୍ୟତା ଯୋଗୁଁ ଆଜି ଆଦିବାସୀମାନେ ନିଜ ସମାଜ, ସଂସ୍କୃତି, ସ୍ନେହ ଓ ପ୍ରେମକୁ ମଧ୍ୟ ଭୁଲିବାକୁ ବାଧ୍ୟ ହୋଇଛନ୍ତି। ଅଚ୍ୟୁତାନନ୍ଦ ପତିଙ୍କ 'ସଭ୍ୟତାର ସ୍ୱପ୍ନ' ଗଳ୍ପକୁ ଦେଖିଲେ ଏହା ସ୍ପଷ୍ଟ ଜଣାପଡ଼େ। ଗଳ୍ପର ଆଦିବାସୀ ଚରିତ୍ର ଲେବେଗା ପାଞ୍ଚ ବର୍ଷ ସହରୀ ଜୀବନ କଟାଇବା ଭିତରେ ସବୁକିଛିକୁ ସେ ଭୁଲି ଯାଇଛି। ପୁଣି ଦୋସମା, ବାଲେମା, ଯମୁନା, କୁସୁନୁ, ସମାୟା, ମଙ୍ଗଲ ଓ ଅସଂଖ୍ୟ ଲୋକ ସହର ବଜାରକୁ କୁଲି ମଜୁରୀ ଖଟିବା ପାଇଁ ବାହାରିଛନ୍ତି। ଏହିପରି ଭାବରେ ଦେଖିଲେ ପ୍ରାୟ ସମସ୍ତ ଗାଳ୍ପିକ ଆଦିବାସୀଙ୍କର ଏହି ଦାରିଦ୍ର୍ୟଜନିତ ସମସ୍ୟାକୁ ମୁଖ୍ୟ ଆବେଦନ ଭାବରେ ଗଳ୍ପରେ ସ୍ଥାନ ଦେଇଛନ୍ତି ।

### (୨) ଶୋଷଣ ଓ ଅତ୍ୟାଚାରଃ

ଆଦିବାସୀମାନେ ଅନେକ ସମୟରେ ତାଙ୍କ ନିରକ୍ଷରତା, ସରଳତା ତଥା ନିରୀହପଣ ଯୋଗୁଁ ସାହୁକାର ଏବଂ ମହାଜନ ଦ୍ୱାରା ଶୋଷିତ ହୋଇଛନ୍ତି। ସାଂପ୍ରତିକ କାଳରେ ସାହୁକାର, ମହାଜନ ବ୍ୟତୀତ ସରକାରୀ କର୍ମଚାରୀ ଓ ସହରୀମଣିଷ ଏପରିକି ରାଜନେତାଙ୍କ ଦ୍ୱାରା ମଧ୍ୟ ଶୋଷିତ ହୋଇଛନ୍ତି। ତେବେ କୌଣସି ସମୟରେ ଏମାନେ ପ୍ରତିବାଦ କରି ପାରିନାହାନ୍ତି। ନିରକ୍ଷର ଥିବା ଯୋଗୁଁ ଅନେକ ସମୟରେ ଶୋଷଣ ହେଉଥିବା କଥା ଜାଣିଲା ବେଳକୁ ସବୁ ସରିଯାଇଥାଏ। ଉନ୍ନତି ବା ବିକାଶର ନାଁରେ ଏମାନଙ୍କର ସବୁ କିଛିକୁ ସଭ୍ୟ ମଣିଷ ଶୋଷଣ କରିଛି। ଠିକାଦାର ଠାରୁ ଆରମ୍ଭ କରି ସରକାରୀ ଅଫିସର ପର୍ଯ୍ୟନ୍ତ ସମସ୍ତେ ଏମାନଙ୍କୁ ଠକି ଚାଲିଛନ୍ତି। ତେବେ ଆଦିବାସୀଙ୍କର ଏହି ଶୋଷଣ ଜନିତ ସମସ୍ୟାକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରାଯାଇପାରେ। ଯଥା-

(୧) ଶାରୀରିକ ଶୋଷଣ

(୨) ମାନସିକ ଶୋଷଣ

(୩) ଯୌନ ଶୋଷଣ ଇତ୍ୟାଦି।

ବସନ୍ତ ଶତପଥୀଙ୍କର ଗଳ୍ପଗୁଡ଼ିକୁ ଲକ୍ଷ୍ୟ ଏ କଥା ସ୍ପଷ୍ଟ ଭାବରେ ଜଣାପଡ଼େ। ତାଙ୍କ ଦ୍ୱାରା ରଚିତ 'କାଠ' ଗଳ୍ପରେ ଗଳ୍ପନାୟକ କାଠଚିରାଳିକୁ ଶାରୀରିକ ଶୋଷଣ କରିଛନ୍ତି। ବଜାରରେ ଯଦିଓ କାଠ ଚିରିବାକୁ କୁଇଣ୍ଟାଲ ପିଛା ଦୁଇଟଙ୍କା ଦର ରହିଥିଲେ ମଧ୍ୟ ଗଳ୍ପନାୟକ ଦୁଇକୁଇଣ୍ଟାଲ କାଠ ଚିରିବାକୁ ତିନିଟଙ୍କା ପଞ୍ଚସ୍ତରୀ ପଇସା ପ୍ରଦାନ କରିଛନ୍ତି। ଲୋକଦେଖା ସହାନୁଭୂତି ପ୍ରକାଶକରି କୁକୁର ଛୁଉଁ ନ ଥିବା ବାସି ରୁଟି ଖାଇବାକୁ ଦେଇ ନ କରିବା କାମ ମଧ୍ୟ କରାଇ ନେଇଛନ୍ତି।

ସେହିପରି ପ୍ରତିଭା ରାୟଙ୍କ 'ଏକଲବ୍ୟର ଦୀକ୍ଷାଗୁରୁ' ଗଳ୍ପରେ ଆଶ୍ରମ ସ୍କୁଲର ଆଦିବାସୀ ଛାତ୍ରମାନଙ୍କୁ ଶାରୀରିକ ସ୍ତରରେ ଶୋଷଣ କରାଯାଇଛି। ସରକାର ଆଦିବାସୀ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ସୁଯୋଗ ଯୋଗାଇ ଦେଉଥିବାବେଳେ ଆଶ୍ରମ ସ୍କୁଲରେ ପିଲାମାନେ ସେଥିରୁ ବଞ୍ଚିତ ହୋଇଛନ୍ତି। ସେଠାକାର ଶିକ୍ଷକମାନେ ଛାତ୍ରମାନଙ୍କୁ ବିଭିନ୍ନ କାମରେ ନିୟୋଜିତ କରିଛନ୍ତି। ଏପରିକି କାମ ନ କଲେ ଧମକ୍ ଚମକ୍ ମଧ୍ୟ କରିଛନ୍ତି। ଗାଳ୍ପିକାଙ୍କ ଭାଷାରେ– "ଦେଖ ସମ୍ରା ! ବେଶି ନେତାଗିରି ଦେଖାନା। ତୋ ବାପା ଜେଲ୍ ଫେରନ୍ତା ଖୁଣି। ତେଣୁ ତୁ ଟିକେ ତମ ଗାଁରେ ବେଶି ସବ୍‌ଜାନ୍ତା ହୋଇଛୁ। ସେଗୁଡ଼ା ଆଶ୍ରମ ସ୍କୁଲରେ ଚଳିବନାହିଁ। ଆଶ୍ରମ ସ୍କୁଲର ନିୟମ ଅଲଗା। ଏଠି ପାଠ ସାଙ୍ଗେ ଶ୍ରମ ବି ଦାନ କରିବାକୁ ହୁଏ। ସବୁ ଆଶ୍ରମ ସ୍କୁଲ ପିଲା କାମ କରନ୍ତି– ତୋ ପାଇଁ କ'ଣ ଭିନ୍ନ ଆଇନ ହେବ।"(୪) ଏହିପରି ଅନେକ ଗାଳ୍ପିକ ଏହି ଶାରୀରିକ ଶୋଷଣକୁ ନେଇ ଗଳ୍ପ ରଚନା କରିଛନ୍ତି। ଅଖିଳ ମୋହନ ପଟ୍ଟନାୟକଙ୍କ 'ରତୁଚକ୍ର' ଗଳ୍ପ ଏହାର ଆଉ ଗୋଟେ ଜ୍ୱଳନ୍ତ ଉଦାହରଣ। ଏଥିରେ ଯୁଆଙ୍ଗର ବାପା ସାହୁକାରର ଋଣକୁ ଶୁଝି ନ ପାରିବାରୁ ଯୁଆଙ୍ଗକୁ ସାହୁକାର ନିକଟରେ ଗୋତି ରଖିଛି।

ଆଦିବାସୀମାନେ ଯେ କେବଳ ଶାରୀରିକ ସ୍ତରରେ ଶୋଷିତ ହୋଇଛନ୍ତି ତା' ନୁହେଁ ମାନସିକ ସ୍ତରରେ ମଧ୍ୟ ଏମାନଙ୍କୁ ଶୋଷଣ କରାଯାଇଛି। ବସନ୍ତ ଶତପଥୀଙ୍କ 'ଶ୍ୱେତପଦ୍ମ' ଗଳ୍ପରେ ପଦ୍ମ ବିକାଳି ଅଦିବାସୀ ବୁଢ଼ାକୁ ଗଳ୍ପନାୟକ ଚଢ଼ା ଦରରେ ପଦ୍ମଫୁଲକୁ ବିକ୍ରି କରିବା ପାଇଁ ଶପଥ କରାଇଛି। ଯାହା ଫଳରେ ତା'ର ଫୁଲସବୁ ବିକ୍ରି ହୋଇପାରିନାହିଁ। ଶେଷରେ ଅବିକ୍ରି ଫୁଲକୁ ଲକ୍ଷ୍ମୀଙ୍କ ପାଦତଳେ ଅଜାଡ଼ି ଦେଇ ଚାଲିଆସିଛି। ଏଠି ଆଦିବାସୀଟିଏ ମାନସିକ ସ୍ତରରେ ଶୋଷିତ ହୋଇଛି। ତେଣୁ ପ୍ରତିଶ୍ରୁତି ରକ୍ଷା କରିବାକୁ ଯାଇ ଫୁଲତକ ଶସ୍ତାରେ ଦେଇ ପାରିନାହିଁ। ସୁରେନ୍ଦ୍ର ମହାନ୍ତିଙ୍କ 'ବଳିଦାନ' ଗଳ୍ପରେ ମଧ୍ୟ ଆଦିବାସୀଙ୍କ ପ୍ରତି ହେଉଥିବା ଏହି ମାନସିକ ଶୋଷଣ ଦେଖିବାକୁ ମିଳେ। ସେଠାରେ 'ଝାଡ଼ଖଣ୍ଡ' ରାଜ୍ୟ ଗଠନ କରିବା ପାଇଁ ଶହଶହ ଆଦିବାସୀ ସଂଗ୍ରାମ କରି ପ୍ରାଣବଳି ଦେଲେ, ଅଥଚ ଜାଣିପାରିଲେ ନାହିଁ ଯେ ଝାଡ଼ଖଣ୍ଡ କ'ଣ ? ଗୁରୁପ୍ରସାଦ ମହାନ୍ତିଙ୍କ 'ରକ୍ତମନ୍ଦାର' ଗଳ୍ପରେ ବି ଏହି ମାନସିକ ଶୋଷଣ କିଛି ମାତ୍ରାରେ ଦେଖିବାକୁ ମିଳେ। ଏଠି ଧର୍ମଭୟ ଦେଖାଇ ଦିର୍‌ଜୁ ପ୍ରଧାନକୁ ନରବଳି ପାଇଁ ସାହୁକାର ଓ ଜାନି ଏକ ପ୍ରକାର ବାଧ୍ୟ କରିଛନ୍ତି।

ଆଦିବାସୀମାନଙ୍କୁ ଯେ ଖାଲି ଶାରୀରିକ ଓ ମାନସିକ ସ୍ତରରେ ଶୋଷଣ କରାଯାଇଛି ତା'ନୁହେଁ ଯୌନ ଶୋଷଣ ମଧ୍ୟ ଏମାନଙ୍କୁ କରାଯାଇଛି। ଭଗବତୀ ଚରଣ ପାଣିଗ୍ରାହୀଙ୍କ 'ଶିକାର'ଗଳ୍ପରେ ଏହା ପ୍ରଥମେ ଦେଖିବାକୁ ମିଳେ। ଆଦିବାସୀ ଚରିତ୍ର ଗଳ୍ପନାୟକ ଘିନୁଆ ଏହାର ହାତେ ହାତେ ପ୍ରତିକାର କରିଥିଲେ ମଧ୍ୟ ତତ୍କାଳୀନ ଶାସନ ବ୍ୟବସ୍ଥା ତାଙ୍କୁ ଉପଯୁକ୍ତ ନ୍ୟାୟ ଦେଇପାରିନାହିଁ। ସରଳତାର ସୁଯୋଗ ନେଇ ତାକୁ ସହଜରେ ବନ୍ଦି କରି ମୃତ୍ୟୁଦଣ୍ଡ ଦିଆଯାଇଛି। ସେହିପରି ବସନ୍ତ ଶତପଥୀଙ୍କ 'ଡବ୍‌ଲ୍/ଦୋହରୀ' ଗଳ୍ପରେ ସେଙ୍ଗେଲ ଓ ସୁମି ସହରକୁ ଆସିଛନ୍ତି ଟଙ୍କା ରୋଜଗାର କରିବାପାଇଁ। ସେଇଠି ଘଟଣା କ୍ରମେ ସେଙ୍ଗେଲ ଜେଲ୍ ଯାଇଛି। ଏହି ସମୟରେ ସୁମିର ଅସହାୟତାକୁ ଦେଖି ଅଟାକଳ ମାଲିକ ଶିବଲାଲ ତା'ର ଯୌନ ଶୋଷଣ କରିଛି। ସୁରେନ୍ଦ୍ର ମହାନ୍ତି ମଧ୍ୟ ଏ ଦିଗ ପ୍ରତି ଦୃଷ୍ଟିଦେଇ 'ସଭ୍ୟତାର ଗ୍ରାସ' ଗଳ୍ପ ଲେଖିଛନ୍ତି। ଏଠି ଆଶ୍ରମ ସ୍କୁଲରେ ପଢୁଥିବା ପଦୁଆଁକୁ କଲ୍ୟାଣ ଦାସ କୋଠରୀ ଭିତରକୁ ଡାକି ନେଇ ଯୌନ ଶୋଷଣ କରିଛନ୍ତି। ଅଚ୍ୟୁତାନନ୍ଦ ପତିଙ୍କ 'ସଭ୍ୟତାର ସ୍ୱପ୍ନ' ଗଳ୍ପରେ ଲେବେଗା ନାମକ ଯୁବତୀକୁ ସ୍ନୋ, ପାଉଡ଼ର ଏବଂ ଛିଟ ଶାଢ଼ୀର ଲୋଭ ଦେଖାଇ ତାକୁ ଉପଭୋଗ କରାଯାଇଛି। କୃଷ୍ଣପ୍ରସାଦ ମିଶ୍ର ଆଦିବାସୀଙ୍କ ପ୍ରତି କରାଯାଉଥିବା ଏହି ଯୌନ ଶୋଷଣକୁ କେନ୍ଦ୍ର କରି 'ଅରଣ୍ୟ ଓ ଉପବନ' ଗଳ୍ପ ରଚନା କରିଛନ୍ତି। ସେଥିରେ ଗଳ୍ପନାୟକ ଯୋଗେଶ ଜଙ୍ଗଲ ଇନ୍‌ସପେକ୍‌ସନ୍‌ରେ ଆସି ଆଦିବାସୀ ରମଣୀକୁ ବାରମ୍ବାର ଉପଭୋଗ କରିଛନ୍ତି। ତେବେ ଏହି ଯୌନ ଶୋଷଣର ଚରମ ପରିପ୍ରକାଶ ଦେଖିବାକୁ ମିଳେ କୃଷ୍ଣଚରଣ ବେହେରାଙ୍କ 'ମଇଳାକୁଣ୍ଡ' ଗଳ୍ପରେ। ଏଠି ଗଳ୍ପର ମୁଖ୍ୟ ନାୟିକା ଆଦିବାସୀ ଯୁବତୀ ରାଇମନୀ ଯୌନ ଶୋଷଣର ଶିକାର ହୋଇଛି। ତାକୁ ସମସ୍ତେ ଉପଭୋଗ କଲାପରେ ଭଦ୍ରକ ଯିବା ରାସ୍ତା କଡ଼ରେ ଛାଡ଼ି ଦେଇଛନ୍ତି। ଗାଳ୍ପିକଙ୍କ ଉକ୍ତି– "ମଇଳା କୁଣ୍ଡରେ ଆପଣ ସବୁଯାକ ମଇଳା ଜମା କରନ୍ତୁ, ମୋର ଆପତ୍ତି ନାହିଁ। କିନ୍ତୁ ମଣିଷ ଜୀବନ ଘେନି ମଇଳା ତିଆର କରିବାକୁ ଆପଣଙ୍କର କି ଅଧିକାର ଅଛି ? କୁହନ୍ତୁ ବନ୍ଧୁ, ଆପଣଙ୍କର କି ଅଧିକାର ଅଛି ?"(୫) ଏହି ଧାଡ଼ିଟିକୁ ଲକ୍ଷ୍ୟ କଲେ ଯୌନଶୋଷଣର ମାତ୍ରା ଯେ କେଉଁ ସ୍ତରରେ ପହଞ୍ଚିଛି ତାହା ସ୍ପଷ୍ଟ

ଜଣାପଡ଼େ। ଏହିପରି ଭାବରେ ଗାଳ୍ପିକମାନେ ଆଦିବାସୀଙ୍କ ଉପରେ କରାଯାଉଥିବା ଶୋଷଣ ଓ ଅତ୍ୟାଚାରକୁ ଅନେକ ଗଳ୍ପରେ ସ୍ଥାନିତ କରିଛନ୍ତି।

**(୩)ଜାତିଭେଦ ଓ ଧର୍ମାନ୍ତରୀକରଣ ଜନିତ ସମସ୍ୟା:**

ଅନେକ ସମୟରେ ଆଦିବାସୀମାନଙ୍କୁ ଅନ୍ୟ ସମାଜର ଲୋକେ ହୀନ ଚକ୍ଷୁରେ ଦେଖିଛନ୍ତି। ପୁଣି ଯେଉଁମାନେ ସେମାନଙ୍କୁ ଆପଣାର କରିବା ପାଇଁ ଚେଷ୍ଟା କରିଛନ୍ତି ସେମାନେ ତାଙ୍କର ଧର୍ମକୁ ପରିବର୍ତ୍ତନ କରିବା ପାଇଁ ପ୍ରୟାସ କରିଛନ୍ତି। ତେଣୁ ଓଡ଼ିଆ ଗଳ୍ପରଚନା କ୍ଷେତ୍ରରେ ଏହି ସମସ୍ୟାକୁ କେନ୍ଦ୍ର କରି କେତେଗୁଡ଼ିଏ ଗଳ୍ପ ରଚନା କରାଯାଇଛି। ଏହାର ପ୍ରଥମ ପ୍ରୟାସ ଆରମ୍ଭ କରିଛନ୍ତି ଜଳନ୍ଧର ଦେବ। ତାଙ୍କ 'ଗୌରୀ ଓ କାହ୍ନୁ' ଗଳ୍ପରେ ଜାତିଭେଦର କଥା ଉଠାଇଛନ୍ତି। ସେଠାରେ ଗୌରୀ ପାଉଡିଆ ଭୂୟାଁ ହୋଇଥିବା ବେଳେ କାହ୍ନୁ ଗୌଡ଼ ଯୁବକ। ଗୌଡ଼ ସମାଜର ଲୋକମାନେ ଏହାକୁ ସହ୍ୟକରି ନ ପାରିବାରୁ କାହ୍ନୁକୁ ନିଜ ଜାତିରେ ପୁନର୍ବାର ମିଶାଇବା ପାଇଁ ଏକ ସଭାର ଆୟୋଜନ ମଧ୍ୟ କରିଛନ୍ତି। ସେହିପରି ରାଜକିଶୋର ରାୟଙ୍କ 'ଗୀର୍ଜାର ଗିରିଜା'ଗଳ୍ପରେ ଆଦିବାସୀଙ୍କୁ ଧର୍ମାନ୍ତରିତ କରାଯାଇଛି। ଏହି ଗଳ୍ପରେ ଆଦିବାସୀ ଯୁବତୀ ନିଜେ ସ୍ୱୀକାର କରିଛି ଯେ ପ୍ରଥମେ ସେ ଖ୍ରୀଷ୍ଟିଆନ ନ ଥିଲେ ପରେ ଧର୍ମାନ୍ତରୀତ ହୋଇଛନ୍ତି। ଗଳ୍ପନାୟିକାଙ୍କ ଭାଷାରେ– "ଆଗେ ଖ୍ରୀଷ୍ଟିଆନ ନ ଥିଲୁ। ଫୁଲବାଣୀ ଆମ ଘର, ସେ ଅଞ୍ଚଳରେ ପାଦ୍ରୀ ଆମକୁ ଭଲ ପାଆନ୍ତି। ଆମ ସୁଖ ଦୁଃଖରେ ଥାଆନ୍ତି। ଅଭାବ ଅନଟନ ଥିଲେ ସେମାନେ ଆମକୁ ସାହାଯ୍ୟ କରନ୍ତି। ଆମେ ଆଦିବାସୀ, ଆମର ଧର୍ମ ଆଦିବାସୀ ଧର୍ମ, ଜଗନ୍ନାଥ ଆମର ଦେବତା ହେଲେ ବି ପାଦ୍ରୀମାନଙ୍କର ସ୍ନେହ ଓ ସହାନୁଭୂତି ଆମକୁ ମଣିଷ ଭାବରେ ଗଢ଼ିବାକୁ ଶିକ୍ଷା ଦେଇଛି। ଆମେ ସମସ୍ତେ ଖ୍ରୀଷ୍ଟିଆନ ହୋଇଛୁ।" (୬) ତେବେ ଧର୍ମାନ୍ତରୀକରଣକୁ ନେଇ ଅଳ୍ପ କେତୋଟି ଗଳ୍ପ ରଚନା କରାଯାଇଥିବାର ଦେଖିବାକୁ ମିଳେ।

**(୪)ବିସ୍ଥାପନ ସମସ୍ୟା:**

ବିସ୍ଥାପନ କହିଲେ ଗୋଟିଏ ସ୍ଥାନରେ ବସବାସ କରୁଥିବା ଲୋକଙ୍କୁ ବଳପୂର୍ବକ ବିତାଡ଼ିତ କରିବାକୁ ଆମେ ବୁଝୁ। ଏହି 'ବିସ୍ଥାପନ'ଶବ୍ଦଟି ନାସ୍ତିବାଚକ ଅର୍ଥରେ ବି ଉପସର୍ଗ 'ସ୍ଥାପନ'– 'ସ୍ଥା' ଧାତୁ ସହିତ 'ଣିଚ୍' ଓ 'ଅନ୍' ପ୍ରତ୍ୟୟର ଯୁକ୍ତରେ ସୃଷ୍ଟି ହୋଇଛି। ଯାହାକୁ ଇଂରାଜୀରେ 'ଡିସ୍‌ପ୍ଲେସ୍‌ମେଣ୍ଟ' ବୋଲି କୁହାଯାଏ। ତେବେ ବର୍ତ୍ତମାନ ସମୟରେ ଦେଶର ବିକାଶ କ୍ଷେତ୍ରରେ ଏହି ବିସ୍ଥାପନ ସମସ୍ୟା ଦେଖିବାକୁ ମିଳୁଛି। ସାଧାରଣତଃ ଗମନାଗମନର ସୁବିଧାପାଇଁ ରାସ୍ତାଘାଟ ନିର୍ମାଣ, କଳକାରଖାନା ପ୍ରତିଷ୍ଠା କିମ୍ବା ବିଦ୍ୟୁତ ଯୋଗାଣ ପାଇଁ ନଦୀବନ୍ଧ ପ୍ରକଳ୍ପ, ପଶୁପକ୍ଷୀର ସୁରକ୍ଷା ପାଇଁ ଅଭୟାରଣ୍ୟ ପ୍ରକଳ୍ପ ଆଦି ଯୋଗୁଁ 'ବିସ୍ଥାପନ' ପ୍ରକ୍ରିୟା ଦେଶରେ ଅଧିକ ମାତ୍ରାରେ ଦେଖାଦେଇଛି। ଏହା ଫଳରେ ଚାଷବାସ କରି ବଞ୍ଚୁଥିବା ସାଧାରଣ ଲୋକମାନେ ନିଜର ମୂଳସ୍ଥାନ ହରାଇ ବସିଛନ୍ତି। ଓଡ଼ିଶାକୁ ଦେଖିଲେ ସାଧାରଣତଃ ନଦୀବନ୍ଧ ଯୋଜନା ଓ ଖଣିଖନନ ପ୍ରକଳ୍ପ ଯୋଗୁଁ ଆଦିବାସୀମାନେ ଅନେକ ସମୟରେ ନିଜ ସ୍ଥାନରୁ ବିସ୍ଥାପିତ ହୋଇଛନ୍ତି। ଓଡ଼ିଶା ଓ ଆନ୍ଧ୍ର ସରକାରଙ୍କ ଉଦ୍ୟମରେ ଡୁଡୁମାଠାରେ 'ମାଛକୁଣ୍ଡ ପ୍ରକଳ୍ପ', ବ୍ରାହ୍ମଣୀ ନଦୀର ରେଙ୍ଗାଲୀଠାରେ 'ରେଙ୍ଗାଲୀ ନଦୀବନ୍ଧ ପ୍ରକଳ୍ପ', ଚିତ୍ରକୋଣ୍ଡା ଅଞ୍ଚଳରେ 'ବାଲିମେଳା ପ୍ରକଳ୍ପ', କୋରାପୁଟ ଜିଲ୍ଲାରେ 'କୋଲାବ୍ ପ୍ରକଳ୍ପ', ସମ୍ବଲପୁର ଅଞ୍ଚଳରେ ମହାନଦୀରେ 'ହୀରାକୁଦ ନଦୀବନ୍ଧ ପ୍ରକଳ୍ପ' ଏତଦ୍‌ବ୍ୟତୀତ 'ଅପର ଇନ୍ଦ୍ରାବତୀ ବିଦ୍ୟୁତ ପ୍ରକଳ୍ପ', 'ଗନ୍ଧମାର୍ଦ୍ଦନ ପ୍ରକଳ୍ପ', 'କାଶିପୁର ପ୍ରକଳ୍ପ', 'ନିୟମଗିରି ପ୍ରକଳ୍ପ', 'କଳିଙ୍ଗନଗର ପ୍ରକଳ୍ପ', 'ଦଣ୍ଡାଧାର ପ୍ରକଳ୍ପ' ପ୍ରଭୃତି ପ୍ରକଳ୍ପ କାର୍ଯ୍ୟକାରୀ ହେଲାବେଳେ ଅସଂଖ୍ୟ ଜନସାଧାରଣ ସମେତ ଆଦିବାସୀମାନେ ମଧ୍ୟ ସେଠାରୁ ବିସ୍ଥାପିତ ହୋଇଛନ୍ତି। ଏହିସବୁ ସମସ୍ୟାକୁ କେନ୍ଦ୍ର କରି ଗାଳ୍ପିକମାନେ ଓଡ଼ିଆ ଆଦିବାସୀ ସମ୍ବଳିତ ଗଳ୍ପ ରଚନା କରିଛନ୍ତି।

ଭୁବନେଶ୍ୱର ବେହେରାଙ୍କ 'ନାଚେ ବେନୁଆ ନାଚେ' ଗଳ୍ପ ଏହାର ଏକ ଜ୍ୱଳନ୍ତ ଉଦାହରଣ। ହୀରାକୁଦ ନଦୀବନ୍ଧ ଯୋଜନାକୁ କେନ୍ଦ୍ରକରି ଗଢ଼ି ଉଠିଥିବା ବିସ୍ଥାପିତ ସମସ୍ୟା ଏଥିରେ ପ୍ରତିଫଳିତ ହୋଇଛି। ଏଥିରେ ଥିବା ଆଦିବାସୀ ଚରିତ୍ର ସୋମବାରୁ ସବୁକିଛି ହରାଇ ନିଃସ୍ୱ ହୋଇଯାଇଛି। ଶେଷରେ ମାଙ୍କଡ଼ ନାଚ ଦେଖାଇ ନିଜର ପରିବାରକୁ ପ୍ରତିପୋଷଣ କରିଛି। ପ୍ରତିଭା ରାୟଙ୍କ 'ମୁଁ ସ୍ୱାଧୀନ'ଗଳ୍ପରେ ଇନ୍ଦ୍ରାବତୀ ନଦୀବନ୍ଧ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଥିବା ପରଜା ଆଦିବାସୀଙ୍କ କରୁଣ କାହାଣୀ ବର୍ଣ୍ଣିତ ହୋଇଛି। ସେହିପରି ମଧୁସୂଦନ ସ୍ୱାଇଁଙ୍କ 'ଯେଉଁଠି ସୂର୍ଯ୍ୟ ଉଏଁ' ଗଳ୍ପରେ ନଦୀବନ୍ଧ ଯୋଜନାଜନିତ ବିସ୍ଥାପନର କରୁଣ ଚିତ୍ର ଦେଖିବାକୁ ମିଳେ। ଏଠି ଆଦିବାସୀ ଚରିତ୍ର ସମରା ଗାଁର ମୋହକୁ ଛାଡ଼ି ଚାଲି ଯାଇପାରିନାହିଁ। କିନ୍ତୁ ଗାଁ ବୁଡ଼ିଯିବା ଫଳରେ ବାଧ୍ୟ ହୋଇ ଏକ ପାହାଡ଼ରେ ଆଶ୍ରୟ ଗ୍ରହଣ କରିଛି। ଏହିପରି ଭାବରେ ଦେଖିଲେ ବିସ୍ଥାପନ ସମସ୍ୟା ଅଦିବାସୀଙ୍କ ଜୀବନ ଜୀବିକାକୁ ଅନେକାଂଶରେ ଦୋହଲାଇ ଦେଇଛି। ଅନେକ ଆଦିବାସୀ ଏହି ବିସ୍ଥାପନ ଯୋଗୁଁ ନିଜ ଅସ୍ମିତାକୁ ମଧ୍ୟ ହରାଇବାକୁ ବାଧ୍ୟ ହୋଇଛନ୍ତି ।

ଏସବୁ ବ୍ୟତୀତ ସାମ୍ପ୍ରତିକ କାଳରେ ଅନେକ ଗାଳ୍ପିକ ନକ୍ସଲ ସମସ୍ୟାକୁ ନେଇ ମଧ୍ୟ ଗଳ୍ପ ରଚନା କରୁଥିବାର ଦେଖିବାକୁ ମିଳିଛି। ଏହି ନକ୍ସଲମାନଙ୍କର ଅନୁପ୍ରବେଶ ଫଳରେ ସାଧାରଣ ମଣିଷ ଭୟଭୀତ ହେବା ସହିତ ତାଙ୍କ ଦ୍ୱାରା ଅତ୍ୟାଚାରିତ ହୋଇଛନ୍ତି। ମଧୁସୂଦନ

ସ୍ୱାଇଁଙ୍କ 'କାତୁଲପେଟାର ଡୁମା', ଦେବାଶିଷ ପାତ୍ରଙ୍କର 'ଲାଲ୍‌ଝଣ୍ଡା', ରୁମ୍‌ଝୁମ୍ ନାୟକଙ୍କ 'ଭଙ୍ଗାଡେଣା' ପ୍ରଭୃତିରେ ନକ୍ସଲ ସମସ୍ୟାର କଥା କୁହାଯାଇଛି।

ପରିଶେଷରେ ଏତିକି କୁହାଯାଇପାରେ ଯେ ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟାକୁ ରୂପାୟିତ କଲାବେଳେ ତାଙ୍କର ସାମାଜିକ ଦିଗ, ସାଂସ୍କୃତିକ ଦିଗ, ଧର୍ମୀୟ ବିଶ୍ୱାସବୋଧ ଆଦିକୁ ଗାଳ୍ପିକମାନେ ତାଙ୍କ ଗଳ୍ପରେ କଳାତ୍ମକ ଭାବରେ ବିଶ୍ଳେଷଣ କରିଛନ୍ତି। ସାମାଜିକ ଦିଗକୁ ଆଲୋଚନା କଲାବେଳେ ତାଙ୍କର ଖାଦ୍ୟପେୟ, ପୋଷାକ ପରିଚ୍ଛଦ, ବିବାହ, ବ୍ରତ, କନ୍ୟାପଣ ଆଦିକୁ ବିଚାରକୁ ନିଆଯାଇଛି। ସେହିପରି ସାଂସ୍କୃତିକ ଓ ଧର୍ମୀୟ ବିଶ୍ୱାସ ଆଲୋଚନା କାଳରେ ପର୍ବପର୍ବାଣୀ, ଆଧାତ୍ମିକ ବିଶ୍ୱାସବୋଧ ପ୍ରଭୃତି ରୂପ ପାଇଛି। ସମସ୍ୟାମୂଳକ ଆବେଦନ ବିଚାର କାଳରେ ଦାରିଦ୍ର୍ୟତା, ଶୋଷଣ, ଅତ୍ୟାଚାର, ବିସ୍ଥାପନ ଏବଂ ନକ୍ସଲ ସମସ୍ୟାକୁ ମଧ୍ୟ ଦେଖାଇ ଦିଆଯାଇଛି ।

**ସହାୟକ ଗ୍ରନ୍ଥସୂଚୀ :**


୧) ମହାନ୍ତି, ଗୋପୀନାଥ, ଛାଇ ଆଲୁଅ, କଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୯୨, ପୃ-୮୭

୨) ଶତପଥୀ, ବସନ୍ତ, ଗଳ୍ପ ସମଗ୍ର, ୧ମ ଭାଗ, କଟକ, ଅଗ୍ରଦୂତ, ୨୦୧୩, ପୃ-୩୯୫

୩) ପଟ୍ଟନାୟକ, ବିଭୂତି, ମନ ଭଲନାହିଁ, ୧୯୮୯, ପୃ-୭୫

୪) ରାୟ, ପ୍ରତିଭା, ଭଗବାଁର ଦେଶ, କଟକ, ଆଦ୍ୟାପ୍ରକାଶନୀ, ୨୦୧୫, ପୃ-୧୪୯

୫) ବେହୁରା, ସୁଧୀର ଓ ମନ୍ଦାକିନୀ ଦାସ; କୃଷ୍ଣ ଚରଣ ବିଥିକା, କଟକ, ବିଦ୍ୟାପ୍ରକାଶନ, ୧୯୯୯, ପୃ-୧୧୯

୬) ଝଙ୍କାର, ଏପ୍ରିଲ ସଂଖ୍ୟା, ୧୯୯୪, ପୃ-୧୩


❖ ❖ ❖

DOI : https://doi.org/10.5281/zenodo.14835261 ମୂଳ ପ୍ରବନ୍ଧ

# ଗାଳ୍ପିକ ଚନ୍ଦ୍ରମୋହନ ମହାପାତ୍ରଙ୍କ ଗଳ୍ପରେ ଆଦିବାସୀ ଜୀବନ ଚିତ୍ର

**ଶାନ୍ତନୁ କୁମାର ନାୟକ**

**ସଂକ୍ଷିପ୍ତସାର :**

ସାହିତ୍ୟ କ୍ଷେତ୍ରରେ ଆଦିବାସୀ ବା ଆଦିମ ଅଧିବାସୀ ପ୍ରସଙ୍ଗ ଆସିଲେ ସେମାନଙ୍କ ରୀତି, ନୀତି, ଚାଲିଚଳଣି, ଖାଦ୍ୟପେୟ, ପର୍ବପର୍ବାଣୀ, କିମ୍ବଦନ୍ତୀ, ଲୋକଗଳ୍ପ ସର୍ବୋପରି ସେମାନଙ୍କର ଭାଷା, ସାହିତ୍ୟ ଓ ସଂସ୍କୃତିକୁ ପର୍ଯ୍ୟାଲୋଚନା କରୁ। ସାହିତ୍ୟରେ ପ୍ରତିବିମ୍ବିତ ହୁଏ ସେମାନଙ୍କ ଜୀବନ ବଞ୍ଚିବାର କୌତୁହଳ ଓ ଜୀବନକୁ ବଞ୍ଚେଇ ନେବାର ସଂଘର୍ଷ।

ଭାରତୀୟ ସାହିତ୍ୟରୁ ଓଡ଼ିଆ ସାହିତ୍ୟ ପର୍ଯ୍ୟନ୍ତ ସମସ୍ତ ଜନଜାତି ସମ୍ବଳିତ ସାହିତ୍ୟକୁ ପର୍ଯ୍ୟାଲୋଚନା କଲେ ଭାବ ଦୃଷ୍ଟିରୁ ସମତୁଲ୍ୟ ମନେହୁଏ। ଆଦିମ ଅଧିବାସୀଙ୍କ ସାଂସ୍କୃତିକ ବିଶ୍ଳେଷଣ କରିବା ସଙ୍ଗେ ସେମାନଙ୍କୁ ହତାଦର କରୁଥିବା ବାବୁଭାୟା ମାନଙ୍କର ଲୋଲୁପ ଦୃଷ୍ଟିର କରାଳ ଚିତ୍ରକୁ ସାହିତ୍ୟ ପ୍ରକାଶ କରେ। ସରଳ ଆଦିବାସୀ ପରବର୍ତ୍ତୀ ସମୟରେ ସାହିତ୍ୟ ମାଧ୍ୟମରେ ପ୍ରତିବାଦ କରିଛି ନିଜର ଅଧିକାର ନିମନ୍ତେ। କଥାସାହିତ୍ୟ କ୍ଷେତ୍ରରେ ଉପନ୍ୟାସ ପ୍ରଶସ୍ତ ଛାତିରେ ଆଦିବାସୀ ଜୀବନ ଚର୍ଯ୍ୟା, ସେମାନଙ୍କର ସ୍ୱାଭିମାନବୋଧ ଓ ଜୀବନୋପଲବ୍ଧି ଯେଉଁଭଳି ବିସ୍ତାରିତ ହୋଇଛି, କ୍ଷୁଦ୍ରଗଳ୍ପର କ୍ଷୁଦ୍ରକଳେବରରେ ସେମାନଙ୍କ ସଂଘର୍ଷର ଚିତ୍ର ବେଶ ଶାଣିତ ହୋଇ ଉଭା ହୋଇଛି। ଓଡ଼ିଆ ଗଳ୍ପ ସହିତ୍ୟରେ ଗାଳ୍ପିକ ଭଗବତୀଚରଣ ପାଣିଗ୍ରାହୀ, ଗୋପୀନାଥ ମହାନ୍ତି, ପ୍ରାଣବନ୍ଧୁ କର, ବିପିନ ବିହାରୀ ମିଶ୍ର, ସୁରେନ୍ଦ୍ର ମହାନ୍ତି, ବିଭୂତି ପଟ୍ଟନାୟକ, ପ୍ରତିଭା ରାୟ ଆଦି ଲେଖକଙ୍କ ଭଳି ଗାଳ୍ପିକ ଚନ୍ଦ୍ରମୋହନ ମହାପାତ୍ର ଅଦିବାସୀ ଜୀବନଚିତ୍ରକୁ ଗଳ୍ପ ମାଧ୍ୟମରେ ପ୍ରକାଶ କରିବାକୁ ଚେଷ୍ଟାକରିଛନ୍ତି। ଗାଳ୍ପିକ ଶ୍ରୀ ମାହାପାତ୍ରଙ୍କ ଆଦିବାସୀ ଜୀବନକୈନ୍ଦ୍ରିକ ଗଳ୍ପକୁ ଅନୁଧ୍ୟାନ କଲେ ସେ ଗଳ୍ପମାନଙ୍କରେ ଆଦିବାସୀମାନଙ୍କର ଜୀବନ ଚଳଣି, ପ୍ରେମ, ପ୍ରଣୟ, ବିରହ, ପର୍ବପାଳନ, ମଦ୍ୟପାନ, ନୃତ୍ୟ ଆଦିର ନୃତାତ୍ତ୍ୱିକ ଚିତ୍ର ସ୍ଥାନିତ ହୋଇଛି। ସେମାନଙ୍କର ଲୋକବିଶ୍ୱାସ ଓ ଅନ୍ଧବିଶ୍ୱାସ, ଭୂତ, ପ୍ରେତ, ଡାହାଣୀ, ଚିରୁଗୁଣୀ, ଗୁଣୀ ଗାରେଡି, ଦେବତା ଦେବୀମାନଙ୍କୁ ନେଇ ଲୋକ ଗଳ୍ପ, ଲୋକଗୀତ, ପୂଜାପଦ୍ଧତି ଆଦି ଗଳ୍ପରେ ସ୍ଥାନିତ। ଶିକାର କରିବା, ଧନୁ ଚଳାଇବା, ପୋଖତ ବାଣୁଆ ହେବା ଆଦି ଗାଳ୍ପିକଙ୍କ ଗଳ୍ପରେ ଚରିତ୍ରମାନଙ୍କର ଦୁଃସାହସିକ ବ୍ୟକ୍ତିତ୍ୱ ପ୍ରକ୍ଷାପନ ହେବା ସଙ୍ଗେ ସେମାନଙ୍କର ସଙ୍ଘର୍ଷର ଚିତ୍ର ବେଶ୍ ଶାଣିତ ଓ ମନୋରମ ଭାବରେ ପ୍ରକାଶ ପାଇଛ।

**ପ୍ରମୁଖ ଶବ୍ଦାବଳୀ :**

ସାମାଜିକ, ସାଂସ୍କୃତିକ, ଆଦିବାସୀ, ବେଉଷଣ, ମାଟି, ସଂଗ୍ରାମୀ,ସଂକ୍ରମଣ, ଟୁକେଲ।

**ଆଲୋଚନା :**

ସମ୍ପ୍ରତି ଆଦିବାସୀ ଜୀବନ ଧାରାକୁ ଆଧାର କରି ଓଡ଼ିଆ ଗଳ୍ପ ଲେଖୁଥିବା ଅନେକ ଗାଳ୍ପିକଙ୍କ ମଧ୍ୟରେ ଗାଳ୍ପିକ ଚନ୍ଦ୍ରମୋହନ ମହାପାତ୍ର(୧୯୬୦) ଅନ୍ୟତମ। ସେ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.14835261
Article No - BPP00259

ଯୋଗାଯୋଗ : ଡକ୍ଟର ଶାନ୍ତନୁ କୁମାର ନାୟକ
ଓଡ଼ିଆ ଅଧ୍ୟାପକ ଏବଂ ବିଭାଗ ମୁଖ୍ୟ
ଏରୋନଟିକ୍ସ ମହାବିଦ୍ୟାଳୟ, ସୁନାବେଡ଼ା, କୋରାପୁଟ
E-Mail ID - shantanukn92@gmail.com
**ORCID ID:** https://orcid.org/0009-0002-0762-1718

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୬.୯.୨୦୨୪ | ୧୦.୧୦.୨୦୨୪ | ୨୫.୧୧.୨୦୨୪ | ୧.୦୧.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ନାୟକ, ଶାନ୍ତନୁ କୁମାର; ୨୦୨୫। ଗାଳ୍ପିକ ଚନ୍ଦ୍ରମୋହନ ମହାପାତ୍ରଙ୍କ ଗଳ୍ପରେ ଆଦିବାସୀ ଜୀବନ ଚିତ୍ର। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ୫, ପୃଷ୍ଠା : ୬୨-୬୬।

ସୋରରେ ଜନ୍ମଗ୍ରହଣ କରିଛନ୍ତି। ସାମ୍ବାଦିକତାକୁ ବୃତ୍ତି ଭାବରେ ଆପଣାଇଥିଲେ ମଧ୍ୟ ତାଙ୍କ ଜୀବନ ନିର୍ଝରିଣୀର ଅନୁଭୂତିକୁ ସାଉଁଟିଧରି ଏଯାବତ 'ସତରର ସତ ଗଳ୍ପ' (୨୦୧୭), 'ସସେମିରା' (୨୦୧୯) 'ଅଣପୁରୁଷା ଓ ଅନ୍ୟ ଗପ'(୨୦୨୧), 'ଅସମୟ' (୨୦୨୩), ଯୋଡ଼ିବର (୨୦୨୪) ଆଦି ଗଳ୍ପ ପୁସ୍ତକ, 'ବିନ୍ଦୁ ବିସର୍ଗ'(୨୦୧୯), 'ସ୍ୱପ୍ନାଭିସାର'(୨୦୨୨) ଓ 'ନୀଳଜ୍ୟୋସ୍ନା (୨୦୨୩) ଉପନ୍ୟାସ ଗ୍ରନ୍ଥ , 'ସୋରର ସାଂସ୍କୃତିକ ଇତିହାସ' (୨୦୨୦) ଗବେଷଣାତ୍ମକ ପୁସ୍ତକ, 'ଘଟଣାର ଚିତ୍ରଲିପି'(୨୦୧୬) ଫିଚରଧର୍ମୀ ପୁସ୍ତକ ଏଯାବତ୍ ପ୍ରକାଶିତ। ଏସମସ୍ତ ସାରସ୍ୱତ ସୃଷ୍ଟି ନିମନ୍ତେ ଗାଳ୍ପିକ ଚନ୍ଦ୍ରମୋହନ ମହାପାତ୍ରଙ୍କୁ ସୁଜନ ଶ୍ରୀକ୍ଷେତ୍ର ସିମୁଳିଆରୁ କବି-କବିତା ମହାକୁମ୍ଭ ସମ୍ମାନ, ଚେତନା ସାହିତ୍ୟ ସଂସଦ ଖଣ୍ଡାପଡ଼ାରୁ ଗଳ୍ପ ସମ୍ମାନ, କେନ୍ଦ୍ରାପଡ଼ାରୁ ପରାଗ ସାହିତ୍ୟ ସମ୍ମାନ, ନିହାରକନ୍ୟା ସାହିତ୍ୟ ସମ୍ମାନ, ଗୋକର୍ଣ୍ଣିକା ଗଳ୍ପ ସମ୍ମାନ ଭଳି ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ସମ୍ମାନିତ କାରାଯାଇଛି।

ଏପର୍ଯ୍ୟନ୍ତ ଗାଳ୍ପିକ ଚନ୍ଦ୍ରମୋହନ ମହାପାତ୍ରଙ୍କ ଗଳ୍ପ ଯାତ୍ରାକୁ ଅବଲୋକନ କଲେ ତାଙ୍କର 'ବାଣୁଆ', 'ଫୁଲଗଜରା', 'ଡାହାଣୀ', 'ଚାମେଲି' ଆଦି ଗଳ୍ପ ଆଦିବାସୀ ଜୀବନର ସାମାଜିକ, ସାଂସ୍କୃତିକ ଜୀବନ ଚର୍ଯ୍ୟା ମଧ୍ୟରେ ଫୁଟି ଉଠୁଥିବା ସଂଘର୍ଷକୁ ତୋଳି ଧରିଛି।

'ବାଣୁଆ'ଗଳ୍ପଟି କନ୍ଧ, କୋହ୍ଲ, ସାନ୍ତାଳ, ଭୂମିଜ ଆଦି ଆଦିବାସୀଙ୍କ ଭୂମିକୁ କମ୍ପାନୀ ସରକାର ଅକ୍ତିଆର କରିନେବାର ଚିତ୍ର ସହିତ ସେମାନଙ୍କର କୁଟିଳ ବୁଧିଆ କମ୍ପାନୀ ସରକାର ଆଗମନଦ୍ୱାରା ଜଙ୍ଗଲ ଲୁଟେରା, ପଥର ମାଫିଆ, ଘୁଷଖୋର ସରକାରିଆ, ଲାଭଖୋର କାରଖାନାମାନଙ୍କର ଅତ୍ୟାଚାର ସରଳ ଆଦିବାସୀମାନଙ୍କୁ ମର୍ମାହତ କରିଛି। ସେମାନଙ୍କର ମା, ମାଟି ଓ ଜୀବନ ଚର୍ଯ୍ୟାକୁ ବ୍ୟାଘାତ କରିଛି।

ଆଲୋଚ୍ୟ ଗଳ୍ପଟିର ନାୟକ ପାହାଡ଼ି ବେଶ୍ରାର ପୁଅ ବାଜୁ ବେଶ୍ରା ନିଜ ବାପପରି ହାତୀଖୋଲିଆଠାରୁ ରଙ୍ଗାମାଟିଆ, ବିଷ୍ଣୁପୁର ପାହାଡ଼ ମୂଳକରେ ଜଣେ ଧୂର୍ତ୍ତ ବାଣୁଆ ଭାବରେ ନାଁ ଥିଲେ ମଧ୍ୟ ସେ କମ୍ପାନୀ ସରକାରଙ୍କର କୁଟଚକ୍ରରେ ଶିକାର ହୋଇଯାଇଛି। ସଭ୍ୟ ମଣିଷର ଗୁଳିବାରୁଦ ପାଖରେ ତା' ଧନୁ-ବାଣ ହାର ମାନିଛି। ସେ ତା'ବାପ ପାହାଡ଼ି ବେଶ୍ରା ଭଳି ନିଜ ଚରାଭୂଇଁର ସୁରକ୍ଷା ନିମନ୍ତେ ପ୍ରତିଶ୍ରୁତିବଦ୍ଧ ହୋଇଛି। ନିଜ ମଲାବାପ ନାଁରେ ଥିବା ଅପପ୍ରଚାର ଯଥା ମାଓବାଦୀଙ୍କୁ ଡାକିଆଣି ମିଟିଂ କରିବା, ଗଛକାଟି ଚୋରା ଚାଲାଣ କରିବା ଆଦିକୁ ସେ ଗ୍ରହଣ କରିନାହିଁ। "ଜଳ, ଜଙ୍ଗଲ, ଜମି, ଭୂମି, ମାଟିମା'ର ମୂଳକକୁ ସାଇତି ରଖିବା ତା' ବାପର ଥିଲା ସଂକଳ୍ପ। ନିଜ ଜଳ ଜମି, ଜଙ୍ଗଲର ଅଧିକାରକୁ ସାହୁକାର ଜବର ଦଖଲ କରୁଥିବାରୁ ସେଇ ଶୋଷଣ ବିରୋଧରେ ପାଟି ଫିଟାଇବା ହିଁ ତା' ବାପ ପାଇଁ କାଳ ହୋଇଛି। ଯେଉଁଥିପାଇଁ ତାକୁ ମାରିଦିଆ ହୋଇଛି। କିନ୍ତୁ ବାପର ମୃତ୍ୟୁର ଭୟରେ ବାଜୁ ବେଶ୍ରା ପଛେଇ ଯାଇନାହିଁ। ସେ ଜାତିଭାଇଙ୍କ ସାହସ ପାଇଛି। ତା'ର ଦେବୀ ଜାହେରାଏରା ମା' ଦୟା କଲାରୁ ସିଏ ଜନ୍ମ ହୋଇଛି। ସେ ତା' ଆୟା(ମା) ପାଖରୁ ଶୁଣିଛି, "ଯେବେ ସିଏ ପେଟରେ ଥିଲା, ଭାରି ଆନ୍ଦୋଳନ ଲାଗିଲା, ମାଓବାଦୀ ସରକାର ଟଣାଓଟରା। ମାଓବାଦୀ କ'ଣ ଯେ? ନିଜ ଦାବି ଯିଏ କଲା, ସରକାରୀ ବିରୋଧ ଯିଏ ଗଲା। ଜଙ୍ଗଲ ଜମି କାଟିକୁଟି ମାଟି ମା'କୁ ଲଙ୍ଗଳାକରି ପାହାଡ଼ର ଛାତି ଫଟେଇ କମ୍ପାନୀ ଗଢ଼ିବାକୁ କିଏ ବନଜାତି ରାଜି ହୁଅନ୍ତା କି? ଏ ଝଗଡ଼ା ଏକା ପାହାଡି ବେଶ୍ରାର ନୁହେଁ। ଏପାହାଡ଼ ଜଙ୍ଗଲ ଗଛପତ୍ର ନିରୀହ ସରଳ ସବୁ ବୁଢ଼ାବୁଢ଼ୀ, ମାଇପେ ମରଦ ଶହେ ଶହେ ବର୍ଷର ସମ୍ପର୍କର ଖିଅ। ଛାଡ଼ନ୍ତାକି ନିଜ ଭିଟାମାଟିର ସରାଗ।"(ବାଣୁଆ) ସେଇ ବନମୂଳକର ଶହ ଶହ ସମ୍ପର୍କର ଖିଅରେ ବାଜୁ ବେଶ୍ରା ବାନ୍ଧି ହୋଇଛି। ନିଜ ଭିଟାମାଟିର ବକ୍ଷରେ ପାରିଜାତ ଫୁଟାଇବାର ସ୍ୱପ୍ନ ଦେଖିଛି ଅଥଚ ସଭ୍ୟମଣିଷର ଚକ୍ରାନ୍ତରେ ସେ ଛନ୍ଦିଯାଇଛି। ନିଜ ଜାତିଭାଇଙ୍କର ସଂକଟ ଓ ସମସ୍ୟାକୁ ଦୂରେଇବାକୁ ଯାଇ ନିଜେ ସଂଘର୍ଷର ବୁଢ଼ିଆଣୀ ଜାଲ ଭିତରେ ଛନ୍ଦିଯାଇଛି ବାଜୁ ବେଶ୍ରା। ଅଥଚ ସରକାରଙ୍କୁ ସହଜରେ ନିଜ ଜମି ଓ ଜଙ୍ଗଲରେ ପ୍ରବେଶ କରାଇ ଦେଇ ନାହିଁ। ଭିଟାମାଟିର ସମ୍ମାନକୁ କେବଳ ବାଜୁ ବେଶ୍ରା ଜଗି ନାହିଁ, ତାହାରି ଭଳି ଯୁଆନମାନେ ଅଣ୍ଟା ଭିଡ଼ିଛନ୍ତି। ଆଦିବାସୀମାନଙ୍କର ଏକତା ଓ ସାହସିକତା ଯୋଗୁଁ କମ୍ପାନୀ ସରକାର ସହଜରେ ସେମାନଙ୍କ ପୈତୃକ ସମ୍ପତ୍ତିକୁ ଛଡ଼ାଇ ପାରିନାହିଁ। କିନ୍ତୁ ସଭ୍ୟ ବୋଲାଉଥିବା ମଣିଷ ନିଜର ସ୍ୱାର୍ଥ ମନୋବୃତ୍ତିକୁ ନେଇ କୌଶଳ କ୍ରମେ ଆଦିବାସୀ ମେଳିର ମୁଖିଆ ହୋଇଥିବା ବାଜୁ ବେଶ୍ରାକୁ ଜେଲ ପଠାଇ ଜଙ୍ଗଲକୁ ଅକ୍ତିଆର କରିନେଇଛନ୍ତି।

ଗାଳ୍ପିକ ଚନ୍ଦ୍ରମୋହନ ମହାପାତ୍ର ଆଲୋଚ୍ୟ 'ବାଣୁଆ' ଗଳ୍ପରେ ସହରୀ ସଭ୍ୟତାର ଲାଭଖୋର ମନୋଭାବକୁ କିଛି ଜଙ୍ଗଲ ଆଦିବାସୀଙ୍କ ଭିତରେ ଦେଖାଇବାକୁ ଚେଷ୍ଟା କରିଛନ୍ତି। ତା'ର ପ୍ରକୃତ ଉଦାହରଣ ବାଜୁ ବେଶ୍ରାର ପ୍ରେମିକା ଭାଲୁକାଶୁଣୀ ବେଢ ହାଁସ୍‌ଦାର ଝିଅ ଦୁଲି। ଗଳ୍ପର ଆରମ୍ଭରୁ ଗାଳ୍ପିକ ଉପସ୍ଥାପନ କରିଛନ୍ତି, "ହଠାତ୍‌କିନା ଦୁଲି କଥା ସପନରେ ଆସିବା, ପୁଣି ଗୋଟେ ଗୁରାଣ୍ଡିକୁ ଲକ୍ଷ୍ୟ କରି ତୀର ବାନ୍ଧିବା ବେଳେ ଆଗକୁ ଚାଲିଆସି ହାତ ଦେଖାଇ ଛିଡ଼ା ହେବା...। ସେ କିରକମର କଥା। ଆଉଟିକକୁ ଗୁଣରୁ ଟିପ ଖସିବାକୁ ବାକି।" ଏଇ ପ୍ରତୀକାତ୍ମକ ଉକ୍ତିକୁ ଅନୁଧ୍ୟାନ କରି ଗଳ୍ପର ପରିଣତି ଦିଗକୁ ଗଲେ ଦେଖାଯିବ ଯେ, ଏହି ଉକ୍ତିରେ ବାଜୁ ବେଶ୍ରା ସରକାରଙ୍କର ଶୋଷଣ ନୀତିକୁ ବିରୋଧାଚରଣ କରୁଥିଲାବେଳେ ନାୟିକା ଦୁଲି ପ୍ରେମିକ ବାଜୁକୁ ସେଥିରୁ ପ୍ରତ୍ୟାହାର କରୁଛି ତା' ଆଗକୁ ଆସି। କାରଣ ଯେତେବେଳେ ବାଜୁ ବେଶ୍ରା କାରାଦଣ୍ଡ ଭୋଗ କରି ଫେରିଛି

ନିଜ ଗାଁ ଭିଟାମାଟିକୁ ସେତେବେଳେ ତା'ର କେନ୍ଦରା ଦାଦି କହିଛି, "ସିଏତ ଖଣ୍ଡମଣ୍ଡଳରେ ରାନୀ। ସବୁ ବାବୁର ଆଦର ତା'ର। ଜଣେ ବିଲାତି ବୁଢ଼ାର ରଖେଲ। ଢେର ଢ଼େର ଗହନା, ଭଲ ଭଲ ଶାଢ଼ି ତା ଧିଅରେ। ତା'ର କଥା ତୁ ମନୁରୁ ଭୁଲିଯା। ଧୀରକି କାନ ପାଖରେ କଇଲା, 'ବାଜୁରେ, ତତେ ପିଲାନକରି ମାରିବା ପାଏଁ କାଆଡ଼େ ତାରି ହାତ।" (ବାଣୁଆ) ଏଠି ନାୟିକା ଆଦିବାସୀ ଝିଅ ଦୁଲି ସ୍ୱାର୍ଥୋନ୍ମୁଖି ସାଜିଛି।

ଉକ୍ତ ଗଳ୍ପରେ ବାଜୁ ବେଶ୍ରା ବାଲୁତ ପକ୍ଷୀକୁ ଶିକାର କରିଥରବା ବେଳର ପ୍ରସଙ୍ଗକୁ ନେଇ ଦୁଲି ମଧ୍ୟ ଜଣେ ସଚେତନ ନାରୀଟିଏ ହୋଇ କହୁଛି, "ଯେଉଁମାନେ ୟା ବସାକୁ ଭାଙ୍ଗୁଛନ, ସାତପୁରୁଷ ଜନ୍ତୁର ଗୁମ୍ଫା ବାରୁଦ ଲଗେଇ ଉଡ଼େଇ ଦେଉଚନ, ଯିଏ ଗରିବଙ୍କ ମାଟି ଛଡ଼େଇ ନଉଚନ, ତାକୁ ଯାଇ ମାରିଲେ ଯାଇ ବଡ଼ ବାଣୁଆ ହେବୁ।"(ବାଣୁଆ) ଏ ଉକ୍ତିକୁ ଲକ୍ଷ୍ୟକଲେ ପାଠକ ନିଶ୍ଚୟ ଦ୍ୱନ୍ଦ୍ୱରେ ପଡ଼ିବ। ଯିଏ ନାୟକକୁ ଉତ୍ସାହିତ କରୁଛି ନିଜର ମା, ମାଟି ଓ ଜଙ୍ଗଲ ନିମନ୍ତେ ଏବଂ ଯିଏ ଜାତିଆଣ ଚିନ୍ତାଧାରାକୁ ପରିହାର କରି ବାଜୁ ବେଶ୍ରାର ଛାତି ଉପରେ ଲୋଟି ପଡୁଛି। ସେ ଗୁମ୍ଫା ଭିତରେ ଜାତିଭାଇଙ୍କୁ ଡରି ଭୋକ ଉପାସରେ ଲୁଚି ରହି କହୁଛି "ଆମର ଏଇ ଭଲ ପାଇବାକୁ ପିଇ ପଛେ ଢ଼େର ଦିନ ଏମିତି ବଞ୍ଚିବା ବାହାରେ ଶାନ୍ତି ନପଡ଼ିବା ପର୍ଯ୍ୟନ୍ତ।" (ବାଣୁଆ) ଏଇ ମନୋଭାବକୁ ଗାଳ୍ପିକ ଗଳ୍ପରେ ଦେଖାଇ ନିରବୀ ଯାଇଥିଲେ ମଧ୍ୟ ଗଳ୍ପର ପରିଣତିରେ କେନ୍ଦରା ଦାଦୀ ମୁଖରୁ ଦୁଲିର କର୍ମକୁ ଉନ୍ମୋଚିତ କରିଛନ୍ତି। ଯାହାଦ୍ୱାରା ଦୁଲିର କୁକର୍ମକୁ ପାଠକେ ସହଜରେ ଗ୍ରହଣ କରିପାରିବ ନାହିଁ କିନ୍ତୁ ପାଠକ ମନରେ ଦ୍ୱନ୍ଦ୍ୱକୁ ବୃଦ୍ଧି କରିବା ପାଇଁ ଗଳ୍ପରେ ଗାଳ୍ପିକ କହୁଛନ୍ତି, "ବାଜୁର ମନେ ପଡ଼ିଲା ନାହିଁ। ଜୁଲିକୁ ସିଏ ସପନରେ ଦେଖିଥିଲା ନା ସେ ନିଜେ ଆସି ତାକୁ ଦେଖାଦେଇଥିଲା।"(ବାଣୁଆ) ଏଇଠି ଗଳ୍ପ ସରି ଯାଉଛି। ବାଜୁ ସ୍ୱପ୍ନରେ ଯେଉଁ ଦୁଲିକୁ ଦେଖିଥିଲା ତାହା ସତ ଏବଂ ବାସ୍ତବରେ ମଧ୍ୟ ଦୁଲି ପ୍ରେମିକା ସାଜି ବାଜୁ ବେଶ୍ରାକୁ ପ୍ରେମ କରଛି, ଏହା ମଧ୍ୟ ସତ୍ୟ। ଏଇ ପ୍ରେମକୁ ଆଧାର କରି ଗାଳ୍ପିକ ନାଟକୀୟତା ଦେଲାବେଳେ ଜଣେ ଆଦିବାସୀ ଯୁବକର ତ୍ୟାଗ, ନିଷ୍ଠା ଓ ସଂଘର୍ଷକୁ ଦେଖାଇ ଦେଇଛନ୍ତି। ପ୍ରେମ, ପ୍ରଣୟ, ବିଶ୍ୱାସ, ଶିକ୍ଷିତ ମଣିଷର ସ୍ୱାର୍ଥ, କମ୍ପାନୀ ମାଲିକର ଶୋଷଣ ଇତ୍ୟାଦିକୁ ଖୁବ ସମ୍ବେଦନା ସହ ତୋଳି ଧରିବାର ଚେଷ୍ଟା କରିଛନ୍ତି।

'ଚାମେଲି' ଗଳ୍ପଟିରେ ଶିଳ୍ପପତିମାନଙ୍କ ଯୋଗୁଁ ଜନଜାତିମାନେ ନିଜର ବେଉଷଣ ହରାଇବା ଏବଂ ଶିକ୍ଷିତ ଧନୀ ବ୍ୟକ୍ତିଙ୍କ ସ୍ୱାର୍ଥ ଜାଲରେ ଛନ୍ଦିହୋଇ ନିଜର ଅନିଷ୍ଟ କରିବାର ଚିତ୍ର ଫୁଟି ଉଠେ। ଗଳ୍ପର ମୁଖ୍ୟ ଚରିତ୍ର ଚାମେଲି ଗଳ୍ପର ଆରମ୍ଭରୁ ମୃତ। ଏଇ ମୃତ୍ୟୁର କାରଣ ଦର୍ଶାଇବାକୁ ଯାଇ ଗାଳ୍ପିକ ଚନ୍ଦ୍ରମୋହନ ମହାପାତ୍ର ଗୋଟିଏ ପାହାଡ଼ର ପାଦଦେଶରେ ଅବସ୍ଥିତ ଜନବସତିରେ ଆଦିବାସୀ ସଂପ୍ରଦାୟର ଚିତ୍ର ଦେବାସହ ସେହି ଆସିବାସୀ ଗାଁର ଏକ ସରଳ ପରିବାରର ଝିଅ ଚାମେଲିର କଥା କହିଛନ୍ତି। ପଥର ଫଟାଇ ଅର୍ଥରୋଜଗାର କରି ପେଟ ପୋଷିବା ଏବଂ ଜୀବନ ଅତିବାହିତ କରିବା ଏଇ ସରଳ ଜନଜାତିଙ୍କର ବେଉଷଣ। କିନ୍ତୁ ପାହାଡ଼ିଆ ଜନବସତିଗୁଡ଼ିକରେ ଶିଳ୍ପୀକରଣ ଯୋଗୁଁ ନିଜ କର୍ମର ହତାଦରକୁ ଏ ପାହାଡ଼ି ମଣିଷ ଅନୁଭବିଛି। କିନ୍ତୁ ପେଟର କ୍ଷୁଧା ପାଇଁ ବାଧ୍ୟ ହୋଇ ସେହି କମ୍ପାନୀରେ କାମ କରିଛି। ଅଥଚ ଉପଯୁକ୍ତ ପାରିଶ୍ରମିକ ପାଇପାରିନାହିଁ। ଗାଳ୍ପିକ ଲେଖୁଛନ୍ତି, "ପାହାଡ଼ ମୂଳକ ଲାଗି ବଡ଼ କମ୍ପାନୀ ତରଫରୁ ଏକ କ୍ରସର ବସିଲା। ବଡ଼ ବଡ଼ ମେସିନ୍ ଲଗାଇ ଡିନାମାଇଟରେ ପଥର ଫଟା ଚାଲିଲା। ଭଳିକି ଭଳି ଚିପସ୍, ମେଟାଲ, ବୋଲଡର ସହଜରେ ଗଦା ହୋଇଗଲା। ଗାଡ଼ି, ଡମ୍ଫର, ଟ୍ରକ, ଟ୍ରାକ୍ଟର ମାଲ ବୋହିବାରେ ଲାଗିଲେ। ହାତପିଟା ପଥରର ଚାହିଦା କମିଗଲା। ଧୀରେ ଧୀରେ ଗୁରୁବାରୀ ରଙ୍ଗୀ ଭଳି ହାତ ପିଟାଳିଙ୍କ ରୋଜଗାର କମିଆସିଲା। ବାଧ୍ୟ ହୋଇ ସାହି ଲୋକଙ୍କ କଥାରେ କୁଲିଭାବେ କାମ କଲେ।"(ଚାମେଲି) ଏହି ପଥର କାମରେ ଦଳି ହୋଇ ମୃତ୍ୟୁବରଣ କରିଛନ୍ତି ଗୁରୁବାରୀ, ରଙ୍ଗୀଙ୍କ ସ୍ୱାମୀ। ସେମାନଙ୍କ ଝିଅ ଯୁବତୀ ଚାମେଲୀ କମ୍ପାନୀ ମ୍ୟାନେଜର ଆଦିଙ୍କ କାମ କରିବାକୁ ଯାଇ ଯୌନଶୋଷଣର ଶିକାର ହୋଇଛି। ଯାହାର ପରିଣତି ତାକୁ ସଂକ୍ରମଣ ଜନିତ ଭୟଙ୍କର ବେମାର ଏଡସ୍ କବଳିତ କରିଛି ଓ ସେ ମୃତ୍ୟୁବରଣ କରିଛି। ଗଳ୍ପଟି କରୁଣାତ୍ମକ ହେଲେମଧ୍ୟ ଗଳ୍ପରବାର୍ତ୍ତା ଖୋଦ୍ ଶାଣିତ। ସବୁକିଛି ହରାଇଥିବା ମୃତ ଚାମେଲିର ଶରୀରକୁ କାନ୍ଧ ମିଳିନାହିଁ । ପେଟର ଦାଉରେ ଅର୍ଥାଭାବ, ପ୍ରଦୂଷଣ, ସାମାଜିକ ଜୀବନରେ ବିପନ୍ନତା ଓ ପଦବୀଧାରୀଙ୍କ ଲୋଲୁପ ଦୃଷ୍ଟିର ଗରଳକୁ ପିଇ ଯାଇଛି ଚାମେଲି।

'ଡାହାଣୀ' ଗଳ୍ପଟି ଜୁଆଙ୍ଗ ଜନଜାତିର ଅନ୍ଧ ବିଶ୍ୱାସର କଥା କହେ। ପାହାଡ଼ ଖୋଲ ଉପର ମୁଣ୍ଡରେ ରହିଥିବା ଆଦିବାସୀ ଗାଁ ଚୁଆଝରିର ଲୋକମାନେ କୁପ୍ରଥା ଓ ଅନ୍ଧବିଶ୍ୱାସରେ ବୁଡ଼ି ରହିଛନ୍ତି। ସେମାନେ ଗୁଣିଗାରେଡ଼ି, ଭୂତପ୍ରେତ, ଡାହାଣୀ ଚିରଗୁଣୀ ଆଦିକୁ ଯେତେ ବିଶ୍ୱାସ କରନ୍ତି ସେତେ ପରିମାଣରେ ହତାଦର କରନ୍ତି ଡାକ୍ତରୀ ଚିକିତ୍ସାକୁ। ଗଳ୍ପରେ ଗୁଣିଗାରେଡ଼ିରେ ଅଖଣ୍ଡ ସାଧନା ରଖିଥିବା ସୁନାରାମର ଚାରିବର୍ଷର ନାତୁଣୀ ହଜିଯିବା ଯୋଗୁଁ ସ୍ୱଳ୍ପ ଶିକ୍ଷିତ ଓ କୁପ୍ରଥାକୁ ଗ୍ରହଣ କରୁନଥିବା ଝିଅ ଝୁମୁରିକୁ ଡାହାଣୀ ଭାବରେ ଦୋଷାରୋପ କରାଯାଇଛି। ଝୁମୁରିର ଜନ୍ମପରେ ତା'ର ବାପା ମା'ଙ୍କର ମୃତ୍ୟୁ ହୋଇଛି। ତା'ର ମାମୁ ମାଇଁ ଝୁମୁରିକୁ ପାଳିବାକୁ ନେଲାପରେ ସେମାନଙ୍କର ମଧ୍ୟ ମୃତ୍ୟୁ ଘଟିଛି। ବାପା, ମା, ମାଇଁ ଓ ମାମୁର ମୃତ୍ୟୁ ଯୋଗୁଁ ଗାଁସାରା ଲୋକ ଝୁମୁରିକୁ ଅଲକ୍ଷଣୀ କହିଲେ

ମଧ୍ୟ ସେ ତାହାକୁ ଭୃକ୍ଷେପ ନକରି ନିଜର ଭାଇବନ୍ଧୁ ଗ୍ରାମବାସୀଙ୍କୁ ସେଇ ଅନ୍ଧବିଶ୍ୱାସରୁ ମୁକ୍ତ କରିବାକୁ ସତଚେଷ୍ଟା କରିଛି । ଗୁଣିଗାରେଡ଼ି ସବୁ ମିଛ । ରୋଗ ପାଇଁ ଔଷଧ ସାଙ୍ଗକୁ ଚିକିତ୍ସାର ଆବଶ୍ୟକତା ରହିଛି । ଗୁଣିଆ ସୁନାରାମ ଏହାକୁ ଗ୍ରହଣ କରିନାହିଁ । ସେ ଗ୍ରାମବାସୀଙ୍କ ସଙ୍ଗେ ଝୁମୁରିର ଚରିତ୍ରକୁ ନେଇ କୁତ୍ସାରଟନା କରିଛି ଅଥଚ ଗଳ୍ପର ପରିଣତିରେ ସୁନାରାମର ନାତୁଣୀକୁ ଝୁମୁରି ବଞ୍ଚେଇଛି ଭାଲୁର ଆକ୍ରମଣରୁ । ଡାକ୍ତରଖାନାରେ ଚାରିବର୍ଷର ନାତୁଣୀ ଚିକିତ୍ସିତ ହୋଇଛି । ସେ ଭଲହୋଇ ଫେରିଥିବାରୁ ଲୋକଙ୍କ ଭିତରେ ଅନ୍ଧବିଶ୍ୱାସ ଦୂରିଭୂତ ହୋଇଛି । ଝୁମୁରି ଆଉ ସମସ୍ତଙ୍କ ଦୃଷ୍ଟିରେ ଡାହାଣୀ ହୋଇ ରହିନାହିଁ । ସମସ୍ତଙ୍କର ଚଳନ୍ତି ଡୁମେଇମା ସାଜିଛି । ଗାଳ୍ପିକ ଚନ୍ଦ୍ରମୋହନ ମହାପାତ୍ର ଏହି ଗଳ୍ପ ଭିତରେ ଜୁଆଙ୍ଗ ଜନଜାତିର ଧର୍ମବିଶ୍ୱାସ, ସେମାନଙ୍କ ପୂଜାପଦ୍ଧତି, ଦେବାଦେବୀଙ୍କ ନାମକରଣର କିମ୍ବଦନ୍ତୀ ସଙ୍ଗେ ସେମାନଙ୍କର ଅନ୍ଧବିଶ୍ୱାସ ଆଦିକୁ ଯେମିତି ଜୀବନ୍ତକରି ତୋଳି ଧରିଛନ୍ତି ଗଳ୍ପ ମଧ୍ୟରେ, ଠିକ୍ ସେମିତି ସେଥିରୁ ମୁକ୍ତ ହୋଇ ଡାକ୍ତରୀ ଚିକିତ୍ସାକୁ କିପରି ଆପଣାଇବେ ତାହାର ମଧ୍ୟ ବାର୍ତ୍ତା ପ୍ରଦାନ କରିଛନ୍ତି ।

'ଫୁଲଗଜରା' ଗଳ୍ପଟି ଯୁବତୀଙ୍କ ପ୍ରତି ଯୌନାଚାର, ଅମଲାତନ୍ତ୍ର ତଥା କଣ୍ଟ୍ରାକ୍ଟର ମାନଙ୍କର ଭ୍ରଷ୍ଟାଚାର ଚିତ୍ର ପ୍ରକାଶ ପାଏ । ଗଳ୍ପରେ କଣ୍ଟ୍ରାକ୍ଟର ସୁରେନ୍ଦ୍ର ନାଥ ବାବୁଙ୍କ କାମ ତଦାରଖ ପାଇଁ ଆସିଛନ୍ତି ଚିଫ୍‌ଇଞ୍ଜିନିୟର ସାହେବ । କଣ୍ଟ୍ରାକ୍ଟର ସୁରେନ୍ଦ୍ର ନାଥ ବାବୁ ନିଜର ଭ୍ରଷ୍ଟାଚାର କାର୍ଯ୍ୟକୁ ଅଣଦେଖା କରି କେମିତି ଚିଫ୍‌ଇଞ୍ଜିନିୟର ସାହେବ ବିଲ୍‌ରେ ଦସ୍ତଖତ କରିବେ ତାହାକୁ ଧ୍ୟାନ ଦେଇଛି । ଏଥିପାଇଁ ଇଞ୍ଜିନିୟର ବାବୁଙ୍କର ସବୁ ଆଗ୍ରହକୁ ପୂର୍ଣ୍ଣ କରାଇବାକୁ ଚେଷ୍ଟା କରିଛି କଣ୍ଟ୍ରାକ୍ଟର । ଏହାରି ମଧ୍ୟରେ କୋହ୍ଲ ଆଦିବାସୀ କରମା ସିଂର ସତର ଅଠର ବର୍ଷର ଝିଅ ଗଜରା ଇଞ୍ଜିନିୟର ବାବୁଙ୍କ ସେବା କଲାବେଳେ ଧର୍ଷଣର ଶିକାର ହେବାକୁ ଯାଉଥିଲେ ମଧ୍ୟ ନିଜର ସାହସିକତା ଯୋଗୁଁ ପ୍ରତିବାଦ କରି ଖସିଆସିଛି । ଆଲୋଚ୍ୟ ଗଳ୍ପରେ ଗଜରାକୁ ଗାଳ୍ପିକ ଜଣେ ସଂଗ୍ରାମୀ ଭାବେ ଉଭା କରାଇଛନ୍ତି । ନିଜର ଜଙ୍ଗଲ, ଝରଣା, ପାହାଡ଼ ଭଳି ନିଜେ ସେ ପବିତ୍ର । ସେ କାହାର ଉପଭୋଗ୍ୟର ବସ୍ତୁ ନୁହଁ । ସେ ଜଙ୍ଗଲର କନ୍ୟା, ପାହାଡ଼, ଝରଣା ପରି ସେ ମୁକ୍ତ । ପେଟ ପାଇଁ ମୂଲ ଲାଗିପାରେ କିନ୍ତୁ ନିଜ ଦେହ ଉପରେ କାହାର ଲୋଲୁପ ଦୃଷ୍ଟି ପଡ଼ିଲେ ସେ ସଂହାର କରିବାକୁ ପଛାଇବନାହିଁ । ସେଥିପାଇଁ ସେ ଚିଫ୍‌ଇଞ୍ଜିନିୟର ସାହେବକୁ ମଦବୋତଲରେ ପିଟି ଲହୁଲୁହାଣ କରି ଘରକୁ ଫେରିଛି । ଗାଳ୍ପିକ ଉକ୍ତ ଗଳ୍ପରେ ନାରୀର ଅଧିକାର ଓ ସ୍ୱାଭିମାନପାଇଁ ତାକୁ ସଂଗ୍ରାମୀ କରି ଆବିର୍ଭୂତା କରାଇଛନ୍ତି ।

## ଉପସଂହାର :

ଗାଳ୍ପିକ ଚନ୍ଦ୍ରମୋହନ ମହାପାତ୍ରଙ୍କ ଆଦିବାସୀ ଜୀବନକୈନ୍ଦ୍ରିକ ଗଳ୍ପକୁ ଅନୁଧ୍ୟାନ କଲେ –

୧) ଗଳ୍ପରେ ଆଦିବାସୀମାନଙ୍କର ଜୀବନ ଚଳଣି, ପ୍ରେମ, ପ୍ରଣୟ, ବିରହ, ପର୍ବପାଳନ, ମଦ୍ୟପାନ, ନୃତ୍ୟ ଆଦିର ନୃତାତ୍ତ୍ୱିକ ଚିତ୍ର ସ୍ଥାନିତ ।

୨) ଆଦିବାସୀମାନଙ୍କର ଲୋକବିଶ୍ୱାସ ଓ ଅନ୍ଧବିଶ୍ୱାସ ଭୂତ, ପ୍ରେତ, ଡାହାଣୀ, ଚିରୁଗୁଣୀ, ଗୁଣୀ ଗାରେଡି, ଦେବତା ଦେବୀମାନଙ୍କୁ ନେଇ ଲୋକ ଗଳ୍ପ, ଲୋକଗୀତ, ପୂଜାପଦ୍ଧତି ଆଦି ଗଳ୍ପରେ ସ୍ଥାନିତ ।

୩) ଶିକାର କରିବା, ଧନୁ ଚଳାଇବା, ପୋଖତ ବାଣୁଆ ହେବା ଆଦି ଗାଳ୍ପିକଙ୍କ ଗଳ୍ପରେ ଚରିତ୍ରମାନଙ୍କର ଦୁଃସାହସିକ ବ୍ୟକ୍ତିତ୍ୱ ପ୍ରକ୍ଷାପନ କରେ ।

୪) ଗଳ୍ପରେ ଆଦିବାସୀ ଯୁବକ ଯୁବତୀ ସରଳ ହେଲେ ମଧ୍ୟ ସେମାନେ ପ୍ରକୃତିପ୍ରେମୀ, ମା, ମାଟି ଓ ଜାତି ପ୍ରତି ସେମାନେ ଜୀବନ ଉତ୍ସର୍ଗ କରିପାରନ୍ତି ।

୫) ଆଦିବାସୀମାନେ ନିଜ ଭିଟାମାଟିକୁ ହରାଇବାକୁ ଚାହାନ୍ତିନାହିଁ । ଅର୍ଥର ପ୍ରଲୋଭନକୁ ସେମାନେ ବେଖାତିର କରି ନିଜର ସାଧାରଣ ଜୀବନଚର୍ଯ୍ୟାରେ ଆନନ୍ଦିତ ହୁଅନ୍ତି । ମାଟି, ପାଣି, ଝରଣା, ପାହାଡ଼ ଜଙ୍ଗଲ ଆଦିର ବହିରାଗତ ଲାଭାନ୍ୱେସୀ ଲୋକଙ୍କୁ ଅଗ୍ରାହ୍ୟ କଲାପରି ଆଦିବାସୀ ରମଣୀମାନେ ସହରୀ ପୁରୁଷର ଯୌନଶୋଷଣରେ ଶିକାର ହେବାକୁ ଯାଇ ପ୍ରତିବାଦ କରିଛନ୍ତି । ସେଥିପାଇଁ ସେମାନେ ସଂଗ୍ରାମ କରିଛନ୍ତି । ରକ୍ତପାତ କରିଛନ୍ତି । କିନ୍ତୁ ଗଳ୍ପର ପରିଣତିରେ ଦେଖାଯାଉଛି ସାହୁକାର ଓ କମ୍ପାନୀ ସରକାର ପାଖରୁ ସେମାନେ ଶୋଷିତ ହୋଇଛନ୍ତି । ସହରୀ ମଣିଷର କୁଟଚକ୍ରରୁ ସେମାନେ ମୁକ୍ତ ହୋଇପାରି ନାହାନ୍ତି ।

୬) କମ୍ପାନୀ ସରକାର ଲାଭଖୋର ମନୋବୃତ୍ତିକୁ କିଛି ସାର୍ଥବାଦୀ ଆଦିବାସୀ ଚରିତ୍ର ସମର୍ଥନ କରିଛନ୍ତି ନିଜର ବ୍ୟକ୍ତିଗତ ସ୍ୱାର୍ଥର ପୂର୍ତ୍ତି ନିମନ୍ତେ । ଯାହାକି କଣ୍ଟ୍ରାକଟର, ଖଣିମାଲିକ, ପୁଞ୍ଜିବାଦୀ ଆଦିଙ୍କୁ ରାସ୍ତା ଦେଖାଇଛି ।

୭) ଗାଳ୍ପିକଙ୍କ ଆଲୋଚିତ ଗଳ୍ପରେ ପ୍ରାୟତଃ ନାରୀ ଚରିତ୍ର ସ୍ନେହୀ ପାରିବାରିକ କିନ୍ତୁ ଅସହାୟ, ବିଧବା ଏବଂ ସେମାନେ ପୁରୁଷ ଯୌନାଚାରରୁ ଅସୁରକ୍ଷିତ ।

୮) ଗାଳ୍ପିକ ବହୁସ୍ଥାନରେ ଆଦିବାସୀ ଚରିତ୍ରଙ୍କ ମୁଖରେ ସେମାନଙ୍କ ଭାଷା କହିବାକୁ ଚେଷ୍ଟା କରିଛନ୍ତି । ତାକେ, ନାଏଁ, କାଟିଦେବୁଁ, ଟୁକେଲ, ହପନ(ପୁଅ), ଆୟା (ମା), ଯେଇକେ, ବାଇଲେ, ଲେମ୍ବର, ହେରମା ଭଳି ଅନେକ ଶବ୍ଦ ବ୍ୟବହାର କରାଯାଇଛି ।

ଗାଳ୍ପିକ ଚନ୍ଦ୍ରମୋହନ ମହାପାତ୍ରଙ୍କ ଗଳ୍ପ ସମଗ୍ର ମଧ୍ୟରେ

ସେତେ ମାତ୍ରାରେ ଜନଜାତି ମୂଳକ ଗଳ୍ପ ନଥିଲେ ମଧ୍ୟ, ତଥା ଗଳ୍ପଗୁଡ଼ିକରେ କୌଣସି ଆଦିବାସୀ ସମ୍ପ୍ରଦାୟର ପରିଚୟ ନଥିଲେ ମଧ୍ୟ ତାଙ୍କର ଅନେକ ଗଳ୍ପରେ ସେଇ ପାହାଡ଼ ପର୍ବତ ମୂଳନିବାସୀ ବସ୍ତିର କଥା ରହିଛି। ସେହି ଗଳ୍ପଗୁଡ଼ିକରେ ପାହାଡ଼ିଆ ଅଞ୍ଚଳରେ ବସବାସ କରୁଥିବା ସମାଜର କରୁଣ ଜୀବନ ତଥା ସେମାନଙ୍କ ସଂଘର୍ଷର କାହାଣୀକୁ ଦେଖାଯାଇପାରେ। ଗାଳ୍ପିକ ଚନ୍ଦ୍ରମୋହନ ମହାପାତ୍ର ଆଦିବାସୀ ଜୀବନ ଚର୍ଯ୍ୟାକୁ ଓ ସେମାନଙ୍କ ଜୀବନାନ୍ୱେସା ତଥା ଯୁଗଯନ୍ତ୍ରଣାକୁ ଅତିନିକଟରୁ ସଂଦର୍ଶନ କରିଛନ୍ତି।

**ସହାୟକ ଗ୍ରନ୍ଥସୂଚୀ :**


୧) ବାରିକ, କବିତା, ଶହେ ତେଇଶ ବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ରଗଳ୍ପ ଏକ ତାତ୍ତ୍ୱିକ ବିଶ୍ଳେଷଣ,ବିଦ୍ୟାପୁରି ପ୍ରକାଶନ, କଟକ,ପରିବର୍ଦ୍ଧିତ ଚତୁର୍ଥ ସଂସ୍କରଣ ଏପ୍ରିଲ୨୦୨୨.

୨) ମହାପାତ୍ର, ଚନ୍ଦ୍ରମୋହନ, ଅଣପୁରୁଷା ଓ ଅନ୍ୟଗଳ୍ପ, ପକ୍ଷୀଘର ପ୍ରକାଶନୀ,ଭୁବନେଶ୍ୱର, ପ୍ରଥମ ସଂସ୍କରଣ:୨୦୨୧.

୩) ମହାପାତ୍ର, ଚନ୍ଦ୍ରମୋହନ, ସତରର ସତ ଗଳ୍ପ, ସାଥୀ ପ୍ରକାଶନ,ପ୍ରଥମ ସଂସ୍କରଣ:୨୦୧୭.

୪) ମହାପାତ୍ର, ଚନ୍ଦ୍ରମୋହନ, ସସେମିରା, ଓଡ଼ିଶାବୁକ୍ ଏମ୍ପୋରିୟମ୍, କଟକ-୧, ପ୍ରଥମ ସଂସ୍କରଣ:୨୦୧୯.

୫) ମହାପାତ୍ର, ଚନ୍ଦ୍ରମୋହନ,ସ୍ୱଦେଶିନୀ, ଓଡ଼ିଶାବୁକ୍ ଏମ୍ପୋରିୟମ୍, କଟକ-୧, ପ୍ରଥମ ସଂସ୍କରଣ:୨୦୧୮.

୬) ମହାପାତ୍ର, ଚନ୍ଦ୍ରମୋହନ,ଯୋଡ଼ିବର, ପଶ୍ଚିମା ପ୍ରକାଶନ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ:୨୦୨୪.

୭) ସାମଲ, ବୈଷ୍ଣବ ଚରଣ, ଓଡ଼ିଆ ଗଳ୍ପ: ଉନ୍ମେଷ ଓ ଉତ୍ତରଣ, ଫ୍ରେଣ୍ଡସ୍ ପବ୍ଲିଶର୍ସ,କଟକ,ପରିବର୍ଦ୍ଧିତ ଦ୍ୱିତୀୟ ସଂସ୍କରଣ ୨୦୧୫.


❖ ❖ ❖

DOI : https://doi.org/10.5281/zenodo.14835275 ମୂଳ ପ୍ରବନ୍ଧ

# ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା ଓ ଦଳିତ ପୁରୁଷ

**ସୁବାଷ ଚନ୍ଦ୍ର ଭୋଇ**

**ସଂକ୍ଷିପ୍ତସାର :**

ସ୍ୱାଧୀନତା ପରବର୍ତ୍ତୀ କାଳରେ କବିତାର ଆଙ୍ଗିକ ଓ ଆତ୍ମିକ ରୂପଚିତ୍ରରେ ଆଶାନୁରୂପ ପରିବର୍ତ୍ତନ ଘଟିଛି। ନାରୀବାଦୀ ବିମର୍ଶ, ମୃତ୍ୟୁ ଚେତନା, ନିସଙ୍ଗତା ବୋଧ, ପାପବୋଧ, ଯୌନଚେତନା, ପିଢ଼ିଗତ ବ୍ୟବଧାନ( Generation Gap), ଦଳିତ ବିମର୍ଶ ଆଦି ଚେତନା ଦ୍ୱାରା ସାମ୍ପ୍ରତିକ ସାହିତ୍ୟର ସମସ୍ତ ବିଭାଗ ପ୍ରଭାବିତ । ଯେହେତୁ କବିତା ସାହିତ୍ୟ ସୃଷ୍ଟିର ଆଦ୍ୟ ଝଙ୍କାର , ତେଣୁ କବିତାରେ ଏହାର ପ୍ରଭାବ ରହିବା ସ୍ୱାଭାବିକ। ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ସମାଜରେ ଦଳିତ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଏହି ସମସ୍ୟା ରାଜନୈତିକ , ସାମାଜିକ, ଧାର୍ମିକ , ଆର୍ଥନୈତିକ ଆଦି ସମସ୍ତ କ୍ଷେତ୍ରକୁ ପ୍ରଭାବିତ କରିଛି । ସବୁ କ୍ଷେତ୍ରରେ ଦଳିତମାନେ ଅଣଦଳିତଙ୍କ ଦ୍ୱାରା ଶୋଷିତ ଓ ଉପେକ୍ଷିତ। ଅଣଦଳିତ ଗୋଷ୍ଠୀର ଅତ୍ୟାଚାର ବିରୋଧୀ ସ୍ୱର ଯେତେବେଳେ ସାହିତ୍ୟ ପୃଷ୍ଠା ମଣ୍ଡନ କରେ ତାହା ଦଳିତ ସାହିତ୍ୟ। ଆଜିର ଏ ଦଳିତ ସ୍ୱର କେବଳ ଆଜିର ନୁହେଁ, ଏଥି ପାଇଁ ଅନେକ ଦାର୍ଶନିକ ଓ ସମାଜସେବୀଙ୍କ ଅବଦାନ ରହିଛି। ଆଲୋଚ୍ୟ ସମୟର ଅନେକ କବିଙ୍କ କବିତାରେ ଏହାର ପ୍ରଭାବ ଲକ୍ଷ୍ୟ କରାଯାଏ। ସମାଜର ସମସ୍ତ କ୍ଷେତ୍ରରେ ଦଳିତ ଗୋଷ୍ଠୀ ନାନା ଭାବରେ ନିଷ୍ପେସିତ, ଅତ୍ୟାଚାରିତ ଓ ତାହାର ବିରୋଧୀ ସ୍ୱର ମଧ୍ୟ ତୀବ୍ର ହୋଇଛି। ଏପରି ପୃଷ୍ଠଭୂମିରେ ପୁରୁଷ ଚରିତ୍ର ମଧ୍ୟ ପ୍ରତିଷ୍ଠାଲାଭ କରିଥାଏ। କବିତାରେ ତାହାର ପ୍ରତିଫଳନର ସ୍ୱରୂପ ନିର୍ଦ୍ଧାରଣ ହିଁ ଏ ଆଲେଖ୍ୟର ଉଦ୍ଦେଶ୍ୟ।

**ପ୍ରମୁଖ ଶବ୍ଦାବଳୀ :**

ଦଳିତ, ଅଣଦଳିତ, ଆଦିବାସୀ, ବ୍ରାହ୍ମଣବାଦ, ଧାର୍ମିକ ଚେତନା, ସାମାଜିକ ଚେତନା ।

ସମାଜରେ ସର୍ବାଦୌ ଆର୍ଥନୈତିକ ଦୃଷ୍ଟିରୁ ଥିଲାବାଲା ଓ ନଥିଲାବାଲା , ସାମାଜିକ ବର୍ଣ୍ଣ ବୈଷମ୍ୟ ଦୃଷ୍ଟିରୁ ବ୍ରାହ୍ମଣ, ବୈଷ୍ୟ, କ୍ଷତ୍ରିୟ ଓ ଶୂଦ୍ର, ରାଜନୀତିକ ଦୃଷ୍ଟିକୋଣରୁ ନେତା ଓ ଜନତା, ଲୈଂଗିକ ଦୃଷ୍ଟିରୁ ପୁରୁଷ ଓ ନାରୀ ରୂପରେ ସ୍ୱତନ୍ତ୍ର ଗୋଷ୍ଠୀ ସୃଷ୍ଟି ହୋଇଛି। ଏମାନଂକ ମଧ୍ୟରୁ ଗୋଟିଏ ଗୋଷ୍ଠୀ ଅନ୍ୟ ଏକ ଗୋଷ୍ଠୀ ଅନ୍ୟ ଏକ ଗୋଷ୍ଠୀକୁ ବିଭିନ୍ନପ୍ରକାରେ ଶୋଷଣ କରିଥାଂତି। କିଂତୁ ପୁରୁଷ ନାରୀ କ୍ଷେତ୍ରରେ ଏହାର ବ୍ୟତିକ୍ରମ ମଧ୍ୟ ଘଟିଥାଏ। ଯେଉଁ ଗୋଷ୍ଠୀ ଅନ୍ୟ ଏକ ଗୋଷ୍ଠୀଦ୍ୱାରା ଶୋଷିତ ହୁଅଂତି ତାଂକୁ ଦଳିତ (Oppressed) କୁହାଯାଉଛି। ଯେତେବେଳେ ଉଚ୍ଚ ଗୋଷ୍ଠୀର ଅତ୍ୟାଚାର ଅନ୍ୟ ଗୋଷ୍ଠୀ ପ୍ରତି ଅତିଷ୍ଠ ହୋଇ ପଡ଼େ, ସେମାନଂକ ସହିବାର ସୀମା ପାର ହୋଇଯାଏ, ସେତେବେଳେ ସେମାନେ ସ୍ୱରୋଉତ୍ତୋଳନ କରଂତି। ଯେତେବେଳେ ଏମାନଂକ ସ୍ୱର ସାହିତ୍ୟ ପୃଷ୍ଠା ମଂଡନ କରେ, ତାହାକୁ ଦଳିତ ସାହିତ୍ୟ କୁହାଯାଏ। ଶ୍ରୀକାନ୍ତ କୁମାର ବାରିକଙ୍କ ମତରେ, "ସମସ୍ତେ ସମସ୍ତ ମାନବୀୟ ଅଧିକାରରୁ ବଂଚିତ , ସାମାଜିକ ବ୍ୟବସ୍ଥାରୁ ପରିତ୍ୟକ୍ତ ଏବଂ ଆର୍ଥିକ ବ୍ୟବସ୍ଥାରୁ ଶୋଷିତ ନିଷ୍ପେସିତ ମଣିଷର କ୍ରାନ୍ତିକାରୀ ଆହ୍ୱାନ ହିଁ ହେଉଛି ଦଳିତ ସାହିତ୍ୟ।"(ଏକବିଂଶ ଶତାବ୍ଦୀର

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

| Quick Response Code: | |
|---|---|
| | **Available online at :** https://pracheenews.com/ |
| | **DOI:** https://doi.org/10.5281/zenodo.14835275 Article No - BPPP00260 |

**ଯୋଗାଯୋଗ :**
**ସୁବାଷ ଚନ୍ଦ୍ର ଭୋଇ,** ଛାତ୍ର,
ବିଶ୍ୱ ଭାରତୀ, ଶାନ୍ତିନିକେତନ
**E mail**-subashchandrabhoi108@gmail.com
**ORCID ID**- https://orcid.org/0009-0000-7336-6087

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୭.୯.୨୦୨୪ | ୧୦.୧୦.୨୦୨୪ | ୨୫.୧୧.୨୦୨୪ | ୧.୦୧.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଭୋଇ, ସୁବାଷ ଚନ୍ଦ୍ର; ୨୦୨୫। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତା ଓ ଦଳିତ ପୁରୁଷ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୦, ସଂଖ୍ୟା : ୫, ପୃଷ୍ଠା :୬୭-୭୨।

ଓଡ଼ିଆ ସାହିତ୍ୟ: ସୃଷ୍ଟି ଓ ସମ୍ଭାବନା, ପୃ- ୧୧୦) ) କିନ୍ତୁ ସୁନିର୍ଦ୍ଦିଷ୍ଟ ଭାବେ ଦଳିତ ସ୍ୱର ସାମାଜିକ ବ୍ୟବସ୍ଥାର ସବର୍ଣ୍ଣ ଓ ଅସବର୍ଣ୍ଣ ବା ଛୁଆଁ ଅଛୁଆଁ ସଂଘର୍ଷରୁ ସୃଷ୍ଟି । ପରବର୍ତ୍ତୀ ସମୟରେ ଏହାର ଅର୍ଥରେ ବ୍ୟାପକତା ଆସିଛି । ଅମୃତ ଆଦର୍ଶର ସମ୍ପାଦକ ଗଙ୍ଗାଧର ପଣ୍ଡାବେନଙ୍କ ମତରେ, "ମୋ ଦୃଷ୍ଟିରେ ଦଳିତ କୌଣସି ଜାତି ନୁହେଁ। ଦଳିତ ହେଉଛି ସେହି ମଣିଷ ଯିଏ, ଏ ଦେଶର ସାମାଜିକ ଆର୍ଥିକ ପରମ୍ପରା ଦ୍ୱାରା ଶୋଷିତ । ସେ ଈଶ୍ୱର, ପୁନର୍ଜନ୍ମ, ଆତ୍ମା ଓ ପବିତ୍ରର ଗ୍ରନ୍ଥକୁ ବିଶ୍ୱାସ କରେ ନାହିଁ , କାରଣ ଏଗୁଡିକ ତାର ଦାସତ୍ୱର କାରଣ। ଦଳିତ ପରିବର୍ତ୍ତନ ଓ ବିପ୍ଳବର ପ୍ରତୀକ ।"

ଦଳିତ ଶବ୍ଦ ସମ୍ପର୍କରେ ବ୍ରିଟାନିକା ଅଭିଧାନ କହେ , Dalit , term used to refer to any member of a wide range of social groups that were historically marginalized in Hindu caste society. The official designation scheduled caste is the most common term now used in India for people in these groups, although members of the scheduled caste often prefer the term Dalit. ଏହି ଗୋଷ୍ଠୀର ଜଣ ସାଧାରଣ ଶହ ଶହ ବର୍ଷଧରି ତଥାକଥିତ ଉଚ୍ଚ ଗୋଷ୍ଠୀଦ୍ୱାରା ନାନା ପ୍ରକାରେ ଅବହେଳିତ , ଅତ୍ୟାଚାରିତ ହେଉଛନ୍ତି। ସ୍ୱାଧୀନତା ପରେ ଭାରତରେ ବୁଦ୍ଧିଜୀବୀମାନେ ଏମାନଙ୍କ ଉନ୍ନତି, ସାମାଜିକ ମୂଲ୍ୟ ଓ ସମ୍ମାନ ବଢେଇବା ପାଇଁ ନୀତିନିୟମମାନ ପ୍ରଣୟନ କରିଛନ୍ତି । ଭୀମ ରାଓ ଆମ୍ବେଦକରଙ୍କ ଦ୍ୱାରା ଭାରତୀୟ ସମ୍ବିଧାନରେ ଦଳିତମାନଙ୍କ ଉନ୍ନତି ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଛି । ଏହି ଦଳିତ ସ୍ୱର ଉତ୍ଥାନ ପଶ୍ଚାତରେ ଅନେକ ଐତିହାସିକ ଘଟଣା, ବ୍ୟକ୍ତି ବିଶେଷ, ଆନ୍ଦୋଳନ ଓ ପ୍ରତିକ୍ରିୟାର ପୃଷ୍ଠଭୂମି ରହିଛି । ଚାର୍ବାକ ଦର୍ଶନ, ମହାବୀର, ଗୌତମ ବୁଦ୍ଧ , ଭକ୍ତି ସାହିତ୍ୟ, ସୁଫୀ ସାହିତ୍ୟ, କବିରଙ୍କ ରଚନା, ଭୀମ ଭୋଇଙ୍କ ସୃଷ୍ଟି ଓ ଦର୍ଶନ, ରାଜାରାମ୍ମୋହନ ରାୟଙ୍କ ବ୍ରାହ୍ମ ସମାଜ, ଦୟାନନ୍ଦ ସରସ୍ୱତୀଙ୍କ ଆର୍ଯ୍ୟ ସମାଜ, ବିଦ୍ୟାସାଗରଙ୍କ ସମାଜ ସଂସ୍କାର ଭାବନା, ଇଂରେଜମାନଙ୍କ ଭାରତ ଆଗମନ, ଗାନ୍ଧୀ ଦର୍ଶନ, ଜ୍ୟୋତିରାଓ ଫୁଲେଙ୍କ ସତ୍ୟ ଶୋଧକ ସମାଜ ତାର ଆଦର୍ଶ ଆଦି ଇନ୍ଧନ ସ୍ୱରୂପ କାର୍ଯ୍ୟ କରିଛି ।

ସ୍ୱାଧୀନତା ପରର ଚତୁର୍ଥ ଦଶନ୍ଧି ବେଳକୁ ଓଡ଼ିଆ କାବ୍ୟ ସାହିତ୍ୟରେ ଏହି ଚେତନାର ପ୍ରଭାବ ପରିଲକ୍ଷିତ ହୁଏ । ଏହି ସମୟର ପ୍ରଥମ ପର୍ଯ୍ୟାୟରେ ଅଣଦଳିତ ଗୋଷ୍ଠୀର ଅନେକ କବି ତାଙ୍କର କାବ୍ୟତ୍ୱର ଉର୍ବର ପ୍ରଜନନ କ୍ଷମତା, ନିରବଚ୍ଛିନ୍ନ କାବ୍ୟ ସାଧନା, କାବ୍ୟ ଚେତନାର ବିବର୍ତ୍ତନ ଓ ଉତ୍ତରଣ ସହ ସ୍ୱାଧୀନତା ପରବର୍ତ୍ତୀ କବିତାରେ ସମୃଦ୍ଧ ଯୋଗଦାନ ଯୋଗୁଁ କାବ୍ୟଧାରରେ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ, ପ୍ରସନ୍ନ କୁମାର ମିଶ୍ର, ରବି ସିଂହ, ରଘୁନାଥ ଦାସ, ବ୍ରଜନାଥ ରଥ, କୃଷ୍ଣ ଚରଣ ବେହେରା କବି ଆଶୁତୋଷ ପରିଡା କବି ଜଗନ୍ନାଥ ପ୍ରସାଦ ଦାସ, ହୁସେନ ରବି ଗାନ୍ଧୀ, ସଦାଶିବ ଦାଶ, ଶୈଳଜ ରବି, କୁଳମଣି ଜେନା, ମନୋରମା ମହାପାତ୍ର ହୃଷୀକେଶ ମଲ୍ଲିକ, ବସନ୍ତ ମୁଦୁଲି, ସୁରେଶ ପରିଡ଼ା, କୁମାର ହସନ, ସୁଚେତା ମିଶ୍ର, ସେନାପତି ପ୍ରଦ୍ୟୁମ୍ନ କେଶରୀ, ଦିଲ୍ଲୀପ କୁମାର ସ୍ୱାଇଁ, ନରେନ୍ଦ୍ର କୁମାର ଭୋଇ, ଜୟନ୍ତ ମହାପାତ୍ର, ପ୍ରସନ୍ନ ପାଟ୍ଟଶାଣୀ ପ୍ରଭୃତି। କବି ଭାରତ ମାଝୀ, ବାସୁଦେବ ସୁନାନୀ, ପୀତାମ୍ବର ତରାଇ, ଅଖିଳ ନାୟକ, ରକ୍ଷକ ନାୟକ, ବିଚିତ୍ରାନନ୍ଦ ନାୟକ, ଜୟଦ୍ରଥ ସୁନା, ପ୍ରତିଭା ଭୋଇ, ସୁଜାତା ସାହାଣୀ, ଲେନିନ କୁମାର, ଅଜିତ କୁମାର ଭୋଇ, ସୁପ୍ରିୟା ମଲ୍ଲିକ, ଭରତ ନାୟକ, ପର୍ଶୁରାମ ନାଗ ଆଦି ଦଳିତ ଗୋଷ୍ଠୀର କବିମାନଙ୍କ କବିତାରେ ଦଳିତଙ୍କ ସ୍ୱର ସ୍ପଷ୍ଟ ପ୍ରତିଫଳିତ । ଏହି ସମୟରେ ଅନେକ ଆନ୍ଦୋଳନକାରୀ ଦଳିତ ଗୋଷ୍ଠୀର ସୁରକ୍ଷା, ବିକାଶ ଅନେକ ପନ୍ଥା ଅବଲମ୍ବନ କରିଛନ୍ତି। ଏହା ଭାରତୀୟ ସମାଜରେ ସଶକ୍ତିକରଣ ଏବଂ ସମାନତାର ଏକ ଆଭା ବଜାୟ ରଖିବା ପାଇଁ ଦଳିତ ଆନ୍ଦୋଳନ ହେଉଛି ଉଚ୍ଚ ବର୍ଗର ଲୋକମାନଙ୍କ ବିରୁଦ୍ଧରେ ଏବଂ ସେମାନଙ୍କ ବ୍ରାହ୍ମଣୀୟ ଚିନ୍ତାଧାରା ବିରୁଦ୍ଧରେ ନିମ୍ନ ଜାତିର ଗୋଷ୍ଠୀ ଦ୍ୱାରା ଏକ ସଂଗଠିତ ଜନ କାର୍ଯ୍ୟ । ଏହି ଆନ୍ଦୋଳନ ସମାଜ ଭିତ୍ତିକ ଥିଲା ଯାହା ପ୍ରାଚୀନ ଭାରତର ଶ୍ରେଣୀବଦ୍ଧ ବା ପଦଦବୀର ଅନୁକ୍ରମିକତାମୂଳକ ସଂସ୍କୃତିକୁ ଗଣତାନ୍ତ୍ରିକ ମୂଲ୍ୟବୋଧ ସହିତ ସ୍ୱାଧୀନତା ସମାନ ବ୍ୟବହାର, ସାମାଜିକ ନ୍ୟାୟ ଇତ୍ୟାଦିକୁ ବଦଳେଇବାର ଲକ୍ଷ୍ୟ ରଖିଥିଲା। ଏହି ଆନ୍ଦୋଳନ ବହୁପୂର୍ବରୁ ଆରମ୍ଭ ହୋଇଥିଲା। ୧୯୭୦ ମସିହା ବେଳକୁ ଏହି ଆନ୍ଦୋଳନର ବ୍ୟାପକ ପ୍ରସିଦ୍ଧି ଲାଭ କରିଥିଲା ଏବଂ ବର୍ତ୍ତମାନ ଏହା ବୃଦ୍ଧି ପାଇବାରେ ଲାଗିଛି। ଏହି ଦଳିତ ଆନ୍ଦୋଳନର ମୂଳଦୁଆ ହେଉଛି ଉଚ୍ଚ ଜାତି ବା ଅଣଦଳିତ ଗୋଷ୍ଠୀ ପ୍ରତି ଦଳିତମାନଙ୍କର ଦୀର୍ଘ ଦିନର କ୍ରୋଧର ଫଳ। କାରଣ ଏମାନେ ଉଚ୍ଚ ବୌଦ୍ଧିକ ତାଲିମରୁ, ସାମାଜିକ, ଅର୍ଥନୈତିକ, ରାଜନୈତିକ ପଦଦବିରୁ ବଞ୍ଚିତ ହେବ ସହ ଅନ୍ୟ ତିନିଟି ବର୍ଣ୍ଣ ଯଥା:- ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ମାନଙ୍କ ସେବା ପାଇଁ ନିଯୁକ୍ତ ହୋଇଥିଲେ। ଏ ଶ୍ରମ ବିଭାଜନ ପରେ ଲୋକମାନଙ୍କ ଭିତରେ ଅନେକ ମାତ୍ରାରେ ବିଭାଜନ ସହ ଘୃଣାକୁ ପ୍ରଶ୍ରୟ ଦେଲା। ଯାହା ଶୋଷଣ ଉପରେ ଆଧାରିତ । ଜାତି ପ୍ରଣାଳୀ ଦଳିତଙ୍କ ଜୀବନକୁ ଏକ ଅସୁସ୍ଥ ଅବସ୍ଥାରେ ପରିଣତ କରି ଚାକିରି ଜାତିରେ ପରିଣତ ହୋଇଥିଲା । ସମାଜର

ଉଚ୍ଚ ଶ୍ରେଣୀର ଲୋକମାନେ ଶୁଦ୍ରମାନଙ୍କୁ ନ୍ୟୁନ ଦୃଷ୍ଟିରେ ଦେଖୁଥିଲେ। ଏସବୁ କାରଣ ହିଁ ଆନ୍ଦୋଳନର କାରଣ । ଉପରୋକ୍ତ କବିମାନଙ୍କ କବିତାର ସ୍ୱର ଅନେକ ଦଳିତ ପୁରୁଷଙ୍କୁ ପ୍ରତିଷ୍ଠା ଦେଇଛି ।

ଅନେକ ପୁରୁଷ ତାଙ୍କ ଅବହେଳା, ଅତ୍ୟାଚାରିତ ପଣ ପାଇଁ ଭାଗ୍ୟକୁ ନ ଆଦରି ସମାଜର ବଦ୍ଧମୂଳ ହୀନ ମାନସିକତାକୁ ପ୍ରଶ୍ନ କରିଛନ୍ତି । ସମାଜର ସବୁ ସ୍ତରରେ, ସବୁ ବିଭାଗରେ ନିଜର ପାରିଲା ପଣିଆକୁ ଜାହିର କରିଛି । ଆଲୋଚ୍ୟ ସମୟ ଖଣ୍ଡରେ ଅନେକ କବି ଦଳିତଙ୍କୁ ନେଇ ଅନେକ ପୁରୁଷ ଚରିତ୍ରଙ୍କୁ ପ୍ରତିଷ୍ଠା ଦେଇଛନ୍ତି । ଆଲୋଚନାକୁ ଆଗକୁ ବଢେଇବା ପାଇଁ କେତେଜଣ ନିର୍ଦ୍ଦିଷ୍ଟ କବିଙ୍କ କବିତାକୁ ନମୁନା ଭାବେ ଗ୍ରହଣ କରାଯାଇଛି ।

ସମସାମୟିକ କାଳରେ ଅନେକ ପୁରୁଷ ଚରିତ୍ର ସମାଜର ନିକୃଷ୍ଟ ଓ ହୀନମନ୍ୟ ଚିନ୍ତାଧାରା ବା ଉଚ୍ଚ ଗୋଷ୍ଠୀ ଦ୍ୱାରା ବହୁ ପୁରୁଷ ନିଷ୍ପେସିତ , ଅବହେଳିତ ଓ ଅତ୍ୟାଚାରିତ ହୁଅନ୍ତି । ଆଲୋଚ୍ୟ ସମୟ କବି ଆଶୁତୋଷ ପରିଡ଼ାଙ୍କ ଚଣ୍ଡାଳ କବିତାରେ ଏହାର ପ୍ରଭାବ ଦେଖାଯାଏ । ସମାଜର ଅସଂଖ୍ୟ ରୁଧିରାକ୍ତ ବିଦୀର୍ଣ୍ଣ ମୁହଁ । ଘୃଣା, ହିଂସା, ଲାଂଛନା ଓ ଶୋଷଣ ଜର୍ଜରିତ ଅଗଣିତ ମଣିଷ ଥା'ନ୍ତି ପୃଥିବୀର ସବୁ ସ୍ଥାନରେ, ସବୁ କୋଣରେ । ଏହି ଭାବନା କବିଙ୍କୁ ପ୍ରଭାବିତ କରିଛି। ତେଣୁ କବି ତୃଣମୂଳ ସ୍ତରରୁ ଚରିତ୍ରମାନଙ୍କୁ ଗ୍ରହଣ କରିଛନ୍ତି। ମୁଖବନ୍ଧରେ କହିଛନ୍ତି – "ନିଜର କାବ୍ୟଜିଜ୍ଞାସା ନେଇ ମଣିଷ ଓ ତା'ର ପୃଥିବୀକୁ ଖୋଜିବାକୁ ଯିବାବେଳେ, ମୁଁ ଦିନେ ନିଜପାଇଁ ଓ କବିତା ପାଇଁ ଆବିଷ୍କାର କରିଥିଲି ଚଣ୍ଡାଳକୁ । ଯେଉଁ ମଣିଷ ମାନଙ୍କର ମୁହଁ ଦେଖି ମୁଁ ଏତେଦିନ ଧରି ଅବିଭୂତ ହେଉଥିଲି, ବିକ୍ଷୁବ୍ଧ ଓ ବିଚଳିତ ହେଉଥିଲି , ଜାଣିନଥିଲି ସେ ସବୁ ଚଣ୍ଡାଳର ମୁହଁ ହୋଇପାରେ ! X X X ମୁଁ ଚଣ୍ଡାଳକୁ ଦେଖିଥିଲି ସଡକରେ, ଶ୍ମଶାନରେ, ବଂଚି ରହିବାର କଠିନତମ ଶବ୍ଦରେ, ନିର୍ଯ୍ୟାତିତ ମଣିଷର ପ୍ରତିବାଦରେ, ପ୍ରତିସ୍ପର୍ଦ୍ଧାରେ। କ୍ଷତ ଭିତରେ ରକ୍ତର ବୁଦବୁଦ ହୋଇ ସେ ଦୈନ୍ୟ ଭିତରେ ନିର୍ଲିପ୍ତତାର ଥିଲା। ଦୁଃଖ ଭିତରେ ଉଗ୍ରତାରା ପ୍ରତୀକ ହୋଇ ସେ ଥିଲା । X X X ଚଣ୍ଡାଳ ଏକ ବାସ୍ତବତା । ଆମର ସାମାଜିକ ଓ ମାନସିକ ସ୍ତରରେ ନିହିତ ଏକ ନିଷ୍ଠୁର ବାସ୍ତବତା । 'ଚଣ୍ଡାଳ' ଏକ ଚେତନା, ଯାହା ଭାଗ୍ୟକୁ ଅସ୍ୱୀକାର କରେ । ମୋର ବିଶ୍ୱାସ, ସବୁ ଅମାନିଆପଣ ଭିତରେ , ସବୁ ଅବାଟିଆ ପ୍ରଶ୍ନ ଭିତରେ ଚଣ୍ଡାଳ ଅଛି । ଇତିହାସକୁ ରୂପାନ୍ତରିତ କରିବାକୁ ସ୍ୱପ୍ନ ଦେଖୁଥିବା ମଣିଷ ଭିତରେ ତେଣୁ 'ଚଣ୍ଡାଳ' ଅଛି। (ଚଣ୍ଡାଳ, ପୃ- ମୁଖବନ୍ଧ- ଖ ଓ ଗ) ମଣିଷ ଜନ୍ମ ହେବାବେଳେ ତାହାର ଜାତି ଗୋତ୍ର କିଛି ନଥାଏ ,କିନ୍ତୁ ତଥାକଥିତ ଉଚ୍ଚ ଗୋଷ୍ଠୀ ବା ଅଣଦଳିତମାନେ ତାଙ୍କୁ ନୀଚ ଓ ଦଳିତ ବୋଲି ସମ୍ବୋଧନ କରି ତାଙ୍କୁ ସମାଜର ନୀଚ କାମ ପାଇଁ ତାଙ୍କର ଜନ୍ମ ବୋଲି ପ୍ରତିପାଦିତ କରୁଥିଲେ। ରାକ୍ଷସ ରୂପୀ ଅଣଦଳିତମାନେ ତାଙ୍କର କାର୍ଯ୍ୟକୁ ସବୁବେଳେ ଘୃଣ୍ୟ ଦୃଷ୍ଟିରେ ଦେଖନ୍ତି । ତେଣୁ ଦଳିତ ପୁରୁଷଟି ସବୁବେଳେ ନିଜର ଜନ୍ମକୁ ନେଇ କ୍ଷୋଭ ପ୍ରକାଶ କରେ । – ମୁଁ ଚାଲିବା ଆରମ୍ଭ କଲା ମାତ୍ରେ / ଛାତିରେ ବନ୍ଧା ହେଲା ମାଟିର ଘଡି / ଯେଉଁଠି ମୁଁ ସାଇତି ରଖିବି ମୋର ଛେପକୁ / ଅଂଟାରେ ବନ୍ଧା ହେଲା ଝାଡୁ / ନିଜର ପାଦ ଚିହ୍ନକୁ ନିଜେ ସଫା କରି / ବାଟ ଚାଲିବାକୁ ! (ଚଣ୍ଡାଳ, ପୃ- ୨) ସମାଜର ସବୁ ପ୍ରକାର କାର୍ଯ୍ୟରୁ ସବୁବେଳେ ତାକୁ ନିବୃତ ହେବାକୁ ପଡେ ଅତି ହିନୀମାନ ସହ। ବେଳେବେଳେ ସେ ପ୍ରକାର ବ୍ୟବହାର ଅତିଷ୍ଠ ହୋଇଯାଏ, ସେତେରବେଳେ ସେ ପ୍ରଶ୍ନ କରେ ମୁଁ କଣ ଭାସିଆସିଛି ଛିଣ୍ଡା ଟୋକେଇରେ ବସି / କଳା କଳା ପାଣିର ନଈର ସୁଅରେ ?/ ମୁଁ କ'ଣ ଖସି ପଡିଛି ବିଦ୍ୟୁତ ଶବ୍ଦଟିଏ ହୋଇ ପାହାଡ ଉପରେ ?/ ମୁଁ କ'ଣ ସେଇ ଶିଶୁ ଗୋଡ ହାତ ଛାଟିଦେଲେ ଶୃଙ୍ଗ ଭାଙ୍ଗିଯିବ ?/ ସୂର୍ଯ୍ୟ ଖସି ପଡିବ / ଲାଲ ଫଳଟିଏ ହୋଇ ଭୋକର ହାତ ମୁଠାକୁ ? / ମୁଁ ଛୁଇଁ ଦେଲେ କ'ଣ ମଲା ଗଛରୁ ପତର କଅଁଳିବ ? (ଚଣ୍ଡାଳ, ପୃ- ୮) ସମସ୍ତେ ଜାଣନ୍ତି ସମାଜର ହିତ ତଥା ସମାଜର ସୁପରିଚାଳନା ପାଇଁ ଭାରତରେ ବର୍ଣ୍ଣ ବ୍ୟବସ୍ଥା ସୃଷ୍ଟି ହୋଇଛି। କିନ୍ତୁ ଲୋକମାନେ ଭୁଲି ଯାଇଛନ୍ତି ଯେ, ଯେଉଁ ଗୋଷ୍ଠୀଙ୍କୁ ଯେଉଁ କାମର ଦାୟିତ୍ୱ ଦିଆଯାଇଥିଲା ସେମାନେ ତାହା ପୁରୁଷାନୁକ୍ରମରେ କରିବା ବାଧ୍ୟ ନୁହନ୍ତି । ଅପର ପକ୍ଷରେ ସେମାନେ ତାଙ୍କ କର୍ମ ଯୋଗୁଁ ସେମାନେ ସାମାଜିକ ସମ୍ମାନ ହରେଇ ବସନ୍ତି ,ଅତିଷ୍ଠ ହୋଇ ପଡନ୍ତି। ମାତ୍ର ସେମାନେ ସମାଜର ମଙ୍ଗଳ କର୍ମ କରୁଛୁ ବୋଲି ଭାବି କାର୍ଯ୍ୟ କରନ୍ତି । ଏହା ଆମେ ଆଶୁତୋଷ ପରିଡ଼ାଙ୍କ କବିତାରେ ଦେଖି ପାରିବା,- କେତେ ଦିନରୁ / ଶବଟିଏ ପଡିଥିଲା ଶ୍ମଶାନରେ / ଦୁର୍ଗନ୍ଧରେ ଆଚ୍ଛାଦିତ ହୋଇ, / ଶାଗୁଣା , ଶୃଗାଳ ବି ଆସିବାକୁ ଭୁଲି ଯାଇଥିଲେ / କାଠ ହେବାକୁ ନଥିଲା ଗୋଟିଏ ବି ଗଛ / ଜୁଇ ଜାଳିବାକୁ ନିଆଁ ନଥିଲା ପୃଥିବୀରେ । / ହରିଶଚନ୍ଦ୍ର , ନଥିଲେ କେହି / ମୁ ସେଠି ଥିଲି / ମୋର କଥା ଭଳି ହାତକୁ ଚିରୁଥିଲି ଫଡା ଫଡା କରି ।(ଚଣ୍ଡାଳ, ପୃ- ୧୬)ସାମ୍ପ୍ରତିକ କାଳରେ ଏମାନଙ୍କ ସମ୍ପର୍କରେ ଅନେକ ତ ଆବିଷ୍କାର ସହ ଅନେକ ଗବେଷଣା କାର୍ଯ୍ୟ ହେଲାଣି ଅନେକ ହେଉଛି। ଏମାନଙ୍କ ବିଷୟରେ ଅନେକେ ଗବେଷଣା କରି ସଫଳତା ମଧ୍ୟ ପାଇଲେଣି, କିନ୍ତୁ ତାଙ୍କ ଜୀବନ ଶୈଳୀ ଯଥା ପୂର୍ବଂ ତଥା ପରଂ ନ୍ୟାୟରେ ଅପରିବର୍ତ୍ତନୀୟ । ତାଙ୍କୁ ବୁଝିବା ପାଇଁ ଚେଷ୍ଟା କରାଯାଉ ବୋଲି କବି କହିଛନ୍ତି ମୁଁ ଏକ ଅପ୍ରମାଣିତ ଉପାଦ୍ୟ / ସଂଜ୍ଞାହୀନ

ସଂଖ୍ୟାମାନଙ୍କର / ପାରିବ ଯଦି ପ୍ରମାଣ କର ମୋତେ । ମୁଁ ଅସଜଡା ବାକ୍ୟମାନଙ୍କର / ଇତଃସ୍ତତଃ ଅଙ୍ଗ ଓ ପ୍ରତ୍ୟଙ୍ଗ / ପାରିବ ଯଦି ସଜାଡି ଦିଅ ମୋତେ ।"(ଚଣ୍ଡାଳ, ପୃ-୩୨)

ସ୍ୱାଧୀନ ଭାରତ ବର୍ଷରେ ଆଚାଣ୍ଡାଳ ବ୍ରାହ୍ମଣ ସମସ୍ତେ ସ୍ୱାଧୀନ। ତାହା ମଣିଷର ବ୍ୟକ୍ତିଗତ ଅଧିକାର । ତେଣୁ କୋଣସି ବ୍ୟକ୍ତି ବା ଗୋଷ୍ଠୀ ଅନ୍ୟ ଗୋଟିଏ ବ୍ୟକ୍ତି ବା ଗୋଷ୍ଠୀକୁ ଦଣ୍ଡ ଦେବାର କ୍ଷମତା ନାହିଁ । ଯଦି କେହି ଭୁଲ କରିଥାଏ ସଡ଼କ ଓ ଆଇନ ଏଥିରେ ହସ୍ତକ୍ଷେପ କରିପାରିବେ । ମାତ୍ର କୌଣସି ଆଇନ ରେ ମଧ ଉଲ୍ଲେଖ ନାହିଁ ଯେ, ଦଳିତମାନଙ୍କ ଅଧିକାର ଛଡେଇ ଅଣାଯାଉ ବୋଲି । ସ୍ୱାଧୀନତାର ଏତେ ବର୍ଷ ରେ ମଧ ଦଳିତମାନେ ଅଣଦଳିତମାନଙ୍କ ଦ୍ୱାରା ସର୍ବାଦୌ ଅବହେଳିତ , ଅତ୍ୟାଚାରିତ ହେବେ ଏକଥା ଆଦୌ ଗ୍ରହଣୀୟ ହେବ ନାହିଁ ବା ଦଳିତ ଗୋଷ୍ଠୀ ଏହାକୁ କଦାପି ପ୍ରଶ୍ରୟ ଦେବେ ନାହିଁ । ସେମାନେ ବୁଝି ସାରିଲେଣି ଯେ , ଶୂଦ୍ର ବିହୀନ ଦଶ ଅବତାର ହେଉ , ହେଉ ବା ରାମ , ରବଣ ଗାନ୍ଧୀ କି ଆମ୍ବେଦକର। କେଉଁ ଗ୍ରନ୍ଥ ତାକୁ ଭଲ ଲାଗିବ ଗୀତା କି କୁରାନ , କେଉଁ ଖାଦ୍ୟ ତାକୁ ଭଲ ଲାଗିବ , ସେ ବିଲରେ କି ଚାଷ କରିବେ , ସେ କାହା ସହ ଘର ସଂସାର କରିବେ ଏହା ତାଙ୍କ ବ୍ୟକ୍ତିଗତ ସ୍ୱାଧୀନତା ଉପରେ ନିର୍ଭର କରେ । ଏ ପରିପ୍ରେକ୍ଷୀରେ ତାଙ୍କ ବ୍ୟକ୍ତିଗଗତ ଜୀବନ ଉପରେ ଆଉ କାହାକୁ ଉପଦେଶ ଦେବାକୁ ପଡିବ ନାହିଁ । ସେମାନଙ୍କ ସ୍ୱାଧୀନତା ପାଇଁ ପ୍ରଶ୍ନ ଉଠାଇ କବି ପୀତାମ୍ବର ତରାଇ ତାଙ୍କର 'ଉପଦେଶ' କବିତାରେ କହିଛନ୍ତି – "ଆମେ ମାନିବୁ କି ନାହିଁ / ଶୂଦ୍ର ବିହୀନ ଦଶ ଅବତାର / ଆମର କିଏ ପ୍ରିୟ ଜଣ ହେବେ / ରାମ କି ରାବଣ /ଏମ୍ . କେ ଗାନ୍ଧି କି ଆମ୍ବରଦକର / ଆମେ ପଢିବୁ ଗୀତାକି କୁରାନ , / ଦେହରେ ଜୀବ କେଉଁ ଲୁଣ /ବିଲବାଡ଼ିରେ ଚାଷ କରିବୁ / ହାଇବ୍ରୀଡ କଡ଼ୀ ବିହନ / ବିବାହ କରିବୁ ଧୋବଣୀ କି ବ୍ରାହ୍ମଣୀ ସହ / ଏହା ଆମ ବ୍ୟକ୍ତିଗତ ବିବେକର ବିଷୟ ।(ପିଛିଲା ତାରିଖ ଓ ଅନ୍ୟାନ୍ୟ କବିତା, ପୃ-୧୨୨-୧୨୩) ମଣିଷକୁ ଚିହ୍ନିବା ସତରେ ବଡ କଠିନ। ମଣିଷ ଯେତିକି ଶିକ୍ଷିତ ହେଉଛନ୍ତି ସେତିକି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହେଉଛନ୍ତି। ଏହି ଧରଣର ମଣିଷ ପାଖରେ ମନ ବିକଳ୍ପ ଖୋଜିବା ଦୁରୂହ ବ୍ୟାପାର। ସେମାନେ ଯଦି ଶାସନ କ୍ଷମତାକୁ ତାଙ୍କ କରାଗତ କରନ୍ତି, ତାହେଲେ ରାଜ୍ୟରେ ଅରାଜକତା ଦେଖାଦେବ ସ୍ୱାଭାବିକ । ଲୋକମାନଙ୍କ ଭିତରେ ସେମାନେ ନାନା ବିଭେଦ କରିଦିଅନ୍ତି । ଜାତିଆଣର କଥା କହି ମଣିଷକୁ ମଣିଷଠାରୁ ଅଲଗା କରିଦିଅନ୍ତି । ଈଶ୍ୱରଙ୍କ ନାମରେ ନାନା କଥା କହି ଦଙ୍ଗା ସୃଷ୍ଟି କରନ୍ତି । ସବୁବେଳେ ସରକାର ସହିତ ସାଧାରଣ ଜନତାକୁ ଏମାନେ ନାକେଦମ କରିଦିଅନ୍ତି । ଏପରି ସାମ୍ପ୍ରଦାୟିକ ଶକ୍ତିକୁ ସରକାର କଠୋର ହସ୍ତରେ ଦମନ କରିବା ଉଚିତ। ତାହା ମଣିଷ ସମାଜ ପାଖରେ ଶୁଭଂକର ହେବ। ନଚେତ୍ ଦେଶ ପ୍ରତି ବପିଦ ଆସିବ, ସାଧାରଣ ଜନତା ଦୁଃଖ ପାଇବେ ଓ ସ୍ୱାଧୀନତାରୁ ବଂଚିତ ହେବେ । କବି ଭାରତ ମାଝୀ କନ୍ଧମାଳ –୨୦୦୮ କବିତାରେ ଦଳିତ ମାନଙ୍କୁ ଉଚିତ ନ୍ୟାୟ ଦେବା ପାଇଁ ନିଜର ସ୍ୱରକୁ ତୀବ୍ର କରିଥିଲେ – "ଗୋଟେ ହିଂସାର ପୁରୁଷ / ଠିଆ ହେଉଛି ।/ ହାତରେ ପାଦରେ ସିଂହର ନଖ / ପାଟିରେ ବାଘର ଦନ୍ତ / ମୁହଁରୁ ନିଆଁ ଓଗାଳୁଛି / ୟା'କୁ ଈଶ୍ୱର ନ ସରକାର ବେଇଛି ?( ଢୋ, ପୃ- ୨୩)

ସଭ୍ୟତାର ଏତେ ଅଗ୍ରଗତି ପରେ ମଧ ଦଳିତ ମାନଙ୍କ ଅବସ୍ଥା ଏଠି ଶୋଚନୀୟ। ଭୋକରେ ତାଙ୍କ ଦେହ ଜୀର୍ଣ୍ଣଶୀର୍ଣ୍ଣ। ଦରିଦ୍ରତା ପ୍ରତି ମୁହୂର୍ତ୍ତରେ ତାଙ୍କୁ କବଳିତ କରି ରଖିଛି । ତାଙ୍କ ଆର୍ଥିକ ସ୍ଥିତି ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି । ଏପରି ସମୟରେ ତାଙ୍କର ଉନ୍ନତି କେମିତି ହେବ ? ବଂଚିବା ପାଇଁ ମୁଠେ ଖାଦ୍ୟ, ଦୁଇଖଣ୍ଡ ବସ୍ତ୍ର ଓ ମୁଣ୍ଡ ଗୁଞ୍ଜିବାପାଇଁ ଘରଟେ ନିହାତି ଆବଶ୍ୟକ । ଆଜି ର୍ପ୍ୟନ୍ତ ୧୫ ଥର ସରକାର ବଦଳି ସାରିଲେଣି, ଦଳିତ, ଅବହେଳିତ, ଆର୍ଥିକ ଦିଗରୁ ଅନଗ୍ରସର ଲୋକମାନଙ୍କ ପାଇଁ ଏତେ ଗୁଡିଏ ଯୋଜନା ପ୍ରଣୟନ ହେଉଛି , କିନ୍ତୁ ତାଙ୍କ ଜୀବନ ଶୈଳୀରେ ତିଳେ ମାତ୍ର ବିକାଶ ଦେଖାଯାଉ ନାହିଁ । ଏବେ ବି ସେମାନେ ନିଜ ଭୋକକୁ ମେଂଟାଇବା ପାଇଁ ଭାଗ୍ୟକୁ ଆଦରି ପଡ଼ି ରହନ୍ତି । ଏପରି ଭାବନାର ଚିତ୍ରଣ କବି ଗୋପୀନାଥ ବାଗଙ୍କ ' ମହୁଲ ବଣର ମହକ 'କବିତାରେ ଦେଖାଯାଏ– "ହାଡୁଆ ଗଳାରେ ଟିକେ ବୋକ ଦେ / ମାଉସ ସରି ଯାଉଥିବା ଛାତିକୁ / ଟିକେ ଗେଲ କରରେ ଧାଙ୍ଗଡା / ଭୀଷଣ ଭୋକ / ମୋତେ ଗୋଟେ ମହୁଲି ଗୀତ ଗାଇଦେ ।( କିଛି କହିବାର ଅଛି- , ପୃ- ୧୨) ଏମାନଙ୍କୁ ଦେଖି ସରକାରୀ ବାବୁମାନେ ଯୋଜନା ଗୁଡିକୁ ପ୍ରଦାନ କରନ୍ତି ନାହିଁ । କହିବାକୁ ଗଲେ ସମସ୍ତର ସରକାରୀ ଯୋଜନା ବାଟମାରଣା ହୋଇଯାଏ । ମୁଣ୍ଡ ଗୁଞ୍ଜିବା ପାଇଁ ସାଧାରଣ କୋଠାଘରଟିଏ କରିବାର ସ୍ୱପ୍ନ, ସ୍ୱପ୍ନରେ ହିଁ ରହିଯାଏ । ଏପରି ଜଣେ ଦରିଦ୍ର ଦଳିତ ଗହଦୁର ଦାରିଦ୍ର୍ୟକୁ କବି ନରେନ୍ଦ୍ର କୁମାର ଭୋଇ ପ୍ରତକ୍ରିୟାଶୀଳ ହୋଇ ଉଠିଛନ୍ତି ତାଙ୍କ 'ଭୋକଭୂଇଁ' କବିତାରେ– "ଗହଦୁ ନାଗର ପୋଢ ପରି ପିଠିରେ / ଗରିବୀ ନାଉହୋଇ ପାରି ହେଉଛି / ସମୟ ନଈ ।/ଭାଦ୍ରବ ମାସର ଖରା ପରି ଖଡେଇ ହେଉଛି / ଟଙ୍କିକିଆ ଚାଉଳ ତା'ର ମେହେନତୀ ମୂଲକୁ। / ଇନ୍ଦିରା ଆବାସ ପରି ଛାତ / ଘରଟିଏର / ସ୍ୱପ୍ନରେ ମସଗୁଲ ଗହଦୁ ନାଗକୁ / ଚାଲ ଛପର ଫାଙ୍କରେ ଦେଖି / ମୁର୍କି ହସୁଛି ଶରତର ଜହ୍ନ । (ପୀଡ଼ାପର୍ବ, ପୃ- ୧୦)

ଭାରତୀୟ ସମ୍ବିଧାନରେ ଅସ୍ପୃଶ୍ୟତା ନିବାରଣ ଆଇନ ଆସିଥିଲେ ମଧ୍ୟ ଦେଶର ପୁରପଲ୍ଲୀରେ ଆଜି ବି ଛୁଆଁ ଅଛୁଆଁ ଭେଦଭାବ ରହିଛି । ଆଜି ବି ସମସ୍ତ ବର୍ଗର ଲୋକଙ୍କୁ ସବୁ ମନ୍ଦିରକୁ ପ୍ରବେଶ କରିବାର ଆଇନ ବା ଅଧିକାର ଥିଲେ ମଧ୍ୟ ଅନେକ ଜାଗାରେ ଏହାର ଅବମାନନା କରାଯାଏ। ମଣିଷ ଦିନକୁ ଦିନ ଯେତିକି ଶିକ୍ଷିତ ହେଉଛି ତା' ଭିତରେ ସେତିକି ଅନ୍ଧବିଶ୍ୱାସ ବୃଦ୍ଧି ପାଇଛି । ହାଟବଜାର , ମନ୍ଦିର ମସଜିଦ, ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଆଦିରୁ ଅଣଦଳିତ ଗୋଷ୍ଠୀର ଲୋକମାନେ ଦଳିତମାନଙ୍କୁ ନାନା କୁତ୍ସିତ ଭାଷା , ଗଳା ଧକ୍କା ଦେଇ ବାହାର କରିଦିଅନ୍ତି । ଓଲଟି ପ୍ରଶ୍ନ କଲେ ସେମାନେ ବର୍ଣ୍ଣ ବିଭାଜନ ସ୍ୱୟଂ ଭଗବାନ କରିଛନ୍ତି ବୋଲି ଜବାବ ଦିଅନ୍ତି । ଭୁବନେଶ୍ୱର ବେହେରାଙ୍କ ମତରେ ଏସବୁ ବିରୋଧ ପାଇଁ ଦେବତାଙ୍କ ପାଟିରେ ଯୁ' ନଥାଏ । ଆଇନରେ ପ୍ରାବଧାନ ନଥିଲେ ମଧ୍ୟ ତଥାକଥିତ ଉଚ୍ଚ ଶ୍ରେଣୀର ଲୋକମାନେ ସଂଘବଦ୍ଧ ଭାବେ ଏସବୁ ହୀନମନ୍ୟ କାମ କରନ୍ତି । ଯେଉଁ ଜଗନ୍ନାଥ ଦିନେ ଆଦିବାସୀ ଦଳିତର ଦେବତା ଥିଲେ, ବ୍ରାହ୍ମଣମାନେ କୂଟ ଚକ୍ରାନ୍ତ କରି ତାଙ୍କୁ ଧରି ଆଣିଲେ । ତାଙ୍କୁ କେବଳ ଶବର କୁଳର ଦେବତା ବୋଲି କୁହାଯାଏ । କିନ୍ତୁ ସମ୍ପ୍ରତି ତାଙ୍କୁ ଜଗନ୍ନାଥଙ୍କ ସେବା କରିବାର ସୁଯୋଗ ଦିଆଯାଏ ନାହିଁ। ତାଙ୍କୁ ସବୁବେଳେ ଦୂରେଇ ରଖାଯାଏ । ଏହା ଶବରମାନଙ୍କ ଧର୍ମୀୟ ଭାବନା ପ୍ରତି କୁଠାରଘାତ ନୁହେଁ କି ? ଏସବୁ ଚିନ୍ତାଧାରା , ଜାତି –ଧର୍ମ –ବର୍ଣ୍ଣ ଭେଦରେ ସଭିଙ୍କୁ ଏକ କରିବାର ସୁଯୋଗ ବିଫଳ ହୋଇଛି। କବି ବାସୁଦେବ ସୁନାନୀଙ୍କ କବିତାରେ ଦଳିତର ଏପରି ଚିତ୍ର ଦେଖାଯାଇଛି –"ଧରିନିଅ /ସିଂହ ଦ୍ୱାରରେ ଜଣେ ଘୋଷଣା କରିବ / କହିବ / ମୁଁ ଶବର / ହାଡି / ପାଣ / କଣ୍ଡରା /ମୋତେ ସ୍ୱପ୍ନ ହେଲା / କାଳିଆ ଡାକିଛି କବାଟ ମେଲା । / ଏତକ ଶୁଣୁଶୁଣୁ / ନିଶ୍ଚୟ ବର୍ଷିଯିବ ଲାତ, ଗୋଇଠା /କାରଣ / ମୋତେ ଯେଉଁ ଦିନୁ / ମୋ କୁଳରୁ ଝିଙ୍କି ଅଣାଗଲା / ସେଇ ଦିନରୁ ମୁଁ ହେଇକି ରହିନି /ଶବର କୁଳର ଦେବତା। (କାଳିଆ ଉବାଚ, ପୃ- ୧୯)

ସମାଜ ଯେତେ ଅଗ୍ରଗତି କଲେ ମଧ୍ୟ , ବିଜ୍ଞାନ ଯେତେ ଉନ୍ନତି କଲେ ବି ଶୁଦ୍ରମାନେ ବ୍ରାହ୍ମଣବାଦର ପ୍ରଭାବରୁ ନିଜକୁ ମୁକୁଳେଇ ପାରିନାହିଁ । ଦୈନନ୍ଦିନ ଜୀବନ ଚର୍ଯାରେ ବ୍ରାହ୍ମଣମାନେ ସାଧାରଣ ଜନତାଙ୍କୁ ନାନା ପ୍ରକାର ଧାର୍ମିକ, ପୁନର୍ଜନ୍ମର ଦ୍ୱାହି ଦେଇ ନାନା ମାଧ୍ୟମରେ ତାଙ୍କୁ ଶୋଷଣ କରନ୍ତି । ସେମାନଙ୍କ ହାବଭାବ, ଇଚ୍ଛା ସବୁବେଳେ ସାଧାରଣ ଜନତାଙ୍କ ଉପରେ ଲଦି ଦିଅନ୍ତି । ଏପରି ଭାବନାକୁ କବି ନରେନ୍ଦ୍ର କୁମାର ଭୋଇ 'ପାପୀ ପଇତାର ପଦ୍ୟ' କବିତାରେ ଚିତ୍ରଣ କରିଛନ୍ତି । " ଆମ ଝିଅବୋହୂଙ୍କୁ / ଧର୍ଷଣକରି କହିଲ / ପୂଣ୍ୟ ଅର୍ଜିଲ / ତମ ଅଙ୍ଗରେ ଲାଗିଲା / ବ୍ରାହ୍ମଣର ବୀର୍ଯ୍ୟ / ଉଠି ଆସୁଥିବା ହାତକୁ ରୋକିଲା / କେଜାଣି କାହିଁକି ଆମର ଧୈର୍ଯ୍ୟ ।" X X X ଅପବିତ୍ର ହେବବୋଲି ଧର୍ମଗ୍ରନ୍ଥ / ବେଦ ପୁରାଣ ଭାଗବତ / ଦିଅଁ ଦେବତା ମନ୍ଦିର / ରଖିଲ ନିରକ୍ଷର / କହିଲ ଦୂରେଇରହ ତୁମେ ଅଛୁତ । ( ପୀଡ଼ାପର୍ବ, ପୃ- ୫୩) ଭାରତର ଆଦିମ ଅଧିବାସୀ ହେଉଛନ୍ତି ଆଦିବାସୀ । ତାଙ୍କ ପାଇଁ ଆମେ ଗର୍ବ କରିବା କଥା କିନ୍ତୁ ତଥାକଥିତ ଅଣଦଳିତ ଗୋଷ୍ଠୀର ଲୋକମାନେ ତାଙ୍କୁ ଜଙ୍ଗଲି , ଅଶିକ୍ଷିତ, ନୀଚ କହି ଥଟ୍ଟା ପରିହାସ କରନ୍ତି । ଯାହାର ଜୀବନ ଶୈଳୀ , ଚାଲିଚଳଣି , ସଂସ୍କୃତିକୁ ଗବେଷଣା କରିବା ପାଇଁ ବିଦେଶୀ ସରକାର ଓ ଗବେଷକ ଶ୍ରମ ଓ ଅର୍ଥ ବିନିଯୋଗ କରନ୍ତି। ମାତ୍ର ଭାରତର କ୍ଷମତାଧାରୀ ଜନତା ତାଙ୍କର ସେହି ସଂସ୍କୃତିକୁ ନାନା କୂଟନୀତି ମାଧ୍ୟମରେ ଧ୍ୱଂସ କରିବାକୁ ବସିଛନ୍ତି। ଆଦିବାସୀ ଜନତା ଯେଉଁ ମାଟିକୁ ଧରନି ମାତା ଯେଉଁ ବୃକ୍ଷକୁ ଡୁମା ବୋଲି ପୂଜା କରୁଥିଲା , ସେଇଠି ଗଢି ଉଠିଲା ଗୋଟେ ବିରାଟ ମନ୍ଦିର । ଯେଉଁ ମାଟିରେ ଡାଲିଆ , ତେନ୍ତୁଳି , ଜନା , କୋଳଥ ଆମ୍ବ , ପଣସ, ଆତ ଚାଷ କରି ଲୋକଙ୍କୁ ଦାନା ଯୋଗଉଥିଲେ , ସରକାର ଆଜି ସେଇଠି କମ୍ପାନୀ କରିବା ସହ କାଜୁ ବଗିଚା, କଫି ବାଗାନ , ୟୁକାଲିପଟାସ – ଓକ ଗାଡ଼େନ ଗଢି ଉଠିଲା । କବି ଅଖିଳ ନାୟକଙ୍କ କ୍ଷେତ ପୁରାଣର ପୁରୁଷ ଚରିତ୍ର ରଏବାରୁ ନାଏକ , ଯିଏ ଗାଁ ମୁଖିଆ । ଜଙ୍ଗଲ ସହ ଯୁଝି , ମାଟି ସହ ମାଟି ହୋଇ ଗାଁ ବସେଇଥିଲା , ସେଇଠି ଆଜି ହୋଟେଲ , ଫାର୍ମ ହାଉସ , ବଳିମଣ୍ଡପ ଆଦି ତିଆରି କରିଛନ୍ତି । ରଏବାରୁ ନାଏକ ଯେଉଁ କେନ୍ଦୁଡଙ୍ଗରି ଗାଁ ତିଆରି କରିଥିଲା ଆଜିର ବକରୂପୀ ନେତା ଙ୍କ ଚକ୍ରାନ୍ତରେ ତାହା ଆଦିବାସୀମାନଙ୍କ ଅସ୍ତିତ୍ୱ ଓ ପରିଚୟକୁ ନଷ୍ଟ କରୁଛି । କବିଙ୍କ ମତରେ – "କେନ୍ଦୁଡଙ୍ଗରିର ରଏବାରୁ ନାଏକ / ତା'ପାଇଁ ଲୋଡ଼ା, ନିହାତି ଲୋଡ଼ା, ଇଛୁଣି ଲୋଡ଼ା ଜ୍ଞାନର ଆଲୋକ। / ତା'ପରେ, କୁଆଡୁ ଗାଁକୁ ତୋର ଉଡି ଆସିଲା ଗୋଟେ ମଲ୍ଲିଁଲିଆ ବକ / ନାକରୁ ତାହାର ଛିଟିକି ପଡୁଥିଲା ଘୃଣା / , ଜିଭରୁ ଝିପୁଥିଲା ଥପ ଥପ ଲାଳସା / ଆଖିରେ ଜଳୁଥିଲା ଡହଡହ ଅହଂକାର / ଅଠାରୁ କିନ୍ତୁ ଝରୁଥିଲା କରୁଣା ଜରଜର ଶ୍ଳୋକ / ତୋ ସାମନାରେ, ତୋର ପିଲାବିକିଲା, ଜ୍ଞାତିକୁଟୁମ୍ବଙ୍କ ସାମ୍ନାରେ / ସେ ମେଲେଇ ବସିଲା ଜ୍ଞାନମୁଣି। (କ୍ଷେତ ପୁରାଣ, ପୃ- ୨୩-୨୪)

ଦଳିତ ସମସ୍ୟା ସାଂପ୍ରତିକ ସମୟରେ ଏତେ ଉତ୍କଟ ରୂପ ଧାରଣ କରିଛି ଯେ, ଦଳିତ ସଂପ୍ରଦାୟ ସହିତ ଦଳିତ ପୁରୁଷଟିଏ

ସବୁବେଳେ ହନ୍ତସନ୍ତ ହେଉଛି। ସମାଜର ନାନା ଅବ୍ୟବସ୍ଥା ତାର ଆଗକୁ ବଢ଼ିବାର ଉଦ୍ଦିପନାକୁ ବିଧ୍ୱସ୍ତ କରି ପକଉଛି। ସାମାଜିକ, ରାଜନୀତିକ , ଧାର୍ମିକ କ୍ଷେତ୍ରରେ ସେ ସବୁବେଳେ ଅବହେଳିତ ଓ ନିଷ୍ପେସିତ। ସ୍ୱାଧୀନତା ପ୍ରାପ୍ତିପରେ ପ୍ରତ୍ୟେକ ଜନତା କହିବାର ସ୍ୱାଧୀନତା ବା freedom of Expression ପାଇବା ପରେ ଏହି ବ୍ୟବସ୍ଥା ବିରୋଧରେ ଏମାନେ ସ୍ୱରୋତ୍ତଳନ କରୁଛନ୍ତି ଏବଂ ଏହା କବିତାର ଗୋଟେ ନୂତନ ଦିଗ ଉନ୍ମୋଚନ କରିଛି।

**ସହାୟକ ଗ୍ରନ୍ଥସୂଚୀ :**


୧. ତରାଇ ପୀତାମ୍ବର , ପିଚ୍ଛିଲା ତାରିଖ ଓ ଅନ୍ୟାନ୍ୟ କବିତା, ବର୍ଣ୍ଣ ପ୍ରକାଶନ , ବାଦାମବାଡ଼ି, କଟକ-୧୨, ପ୍ରଥମ ପ୍ରକାଶ - ୨୦୧୨

୨. ନାୟକ ଅଖିଳ, କ୍ଷେତପୁରାଣ , ବ୍ଲାକ୍ ଇଗଲ ବୁକ୍ସ, ଭୁବନେଶ୍ୱର, ପ୍ରଥମ ଆନ୍ତଃଜାତିକ ପ୍ରକାଶନ-୨୦୨୧

୩. ପରିଡ଼ା ଆଶୁତୋଷ, ଚଣ୍ଡାଳ, ଓଡ଼ିଶା ବୁକ୍ସ ଷ୍ଟୋର , ବିନୋଦ ବିହାରୀ, କଟକ, ପ୍ରଥମ ପ୍ରକାଶ - ୨୦୦୮

୪. ବାଗ ଗୋପୀନାଥ, କିଛି କହିବାର ଅଛି - ଦାସ କଲୋନୀ , ଲୋକସରା, କଳାହାଣ୍ଡି , ପ୍ରଥମ ପ୍ରକାଶ – ୨୦୦୫

୫. ବାରିକ ଶ୍ରୀକାନ୍ତ କୁମାର, ଏକବିଂଶ ଶତାବ୍ଦୀର ଓଡ଼ିଆ ସାହିତ୍ୟ: ସୃଷ୍ଟି ଓ ସମ୍ଭାବନା ସତ୍ୟନାରାୟଣ ବୁକ୍ସ ଷ୍ଟୋର, ବିନୋଦ ବିହାରୀ , କଟକ -୧୪, ପ୍ରଥମ ପ୍ରକାଶ - ୨୦୧୯

୬. ଭୋଇ ନରେନ୍ଦ୍ର କୁମାର, ପୀଡ଼ାପର୍ବ, ସ୍ୱୟଂସିଦ୍ଧାର୍ଥ ପ୍ରକାଶନୀ, ନୂର୍ପା, ମନମୁଣ୍ଡା , ବୌଦ୍ଧ, ପ୍ରଥମ ପ୍ରକାଶ – ୨୦୧୪

୭. ମାଝୀ ଭାରତ, ଢୋ , ଟାଇମ୍ ପାସ, ଏକାମ୍ର ଭିଲ୍ଲା, ଭୁବନେଶ୍ୱର, ପ୍ରଥମ ପ୍ରକାଶ - ୨୦୦୮

୮. ସୁନାନୀ ବାସୁଦେବ, କାଳିଆ ଉବାଚ, ସାହିତ୍ୟ ଶ୍ୱେତ ପଦ୍ମ, ଭୁବନେଶ୍ୱର, ପ୍ରଥମ ପ୍ରକାଶ -୨୦୧୧


❖ ❖ ❖

DOI : https://doi.org/10.5281/zenodo.14835287 ମୂଳ ପ୍ରବନ୍ଧ

# ସିମୋନୀର ଆତ୍ମଲିପି : ଭଙ୍ଗା କଣ୍ଢେଇର କାହାଣୀ

ସ୍ନେହପ୍ରଭା ଲେଙ୍କା

**ସଂକ୍ଷିପ୍ତସାର :**

'ଭଙ୍ଗା କଣ୍ଢେଇର କାହାଣୀ' ନାରୀ ଜୀବନ ସଂଗ୍ରାମ କୈନ୍ଦ୍ରିକ ଏକ ସାର୍ଥକ ଉପନ୍ୟାସିକା । ସୁଲୋଚନା ଦାସଙ୍କ ଦ୍ୱାରା ରଚିତ ଏହି ଉପନ୍ୟାସିକାର କାହାଣୀ ଅଧିକତଃ ବାସ୍ତବଧର୍ମୀ । 'ସିମୋନୀ'ମ ଉପନ୍ୟାସିକାର ନାୟିକା ବା ମୁଖ୍ୟ ଚରିତ୍ର । ତାକୁ ଆଧାର କରି ଅନ୍ୟ ସମସ୍ତ ଚରିତ୍ର ଉପନ୍ୟାସିକାର କାହାଣୀ ସହିତ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ । ସିମୋନୀ ପ୍ରେମ ବିବାହ କରିଛି । କିନ୍ତୁ ଏ ପ୍ରେମ ବିବାହ ଚିରସ୍ଥାୟୀ ହୋଇ ରହିନାହିଁ । ସିମୋନୀ ଜୀବନର ବହୁବିଦ୍ଧ ଘଟଣାବଳୀ ମଧ୍ୟରେ ଦୁଃଖ, ବ୍ୟାଧିଗ୍ରସ୍ତ ଶରୀରର ବୋଝ, ପରିବାର ଠାରୁ ଦୂରରେ ରହିବାର ଯନ୍ତ୍ରଣା ପାଠକକୁ ଉପନ୍ୟାସିକା ମଧ୍ୟରେ ବାନ୍ଧି ରଖିବାର ଯଥାସମ୍ଭବ ପ୍ରଚେଷ୍ଟା କରିଛି । ବିୟୋଗାନ୍ତକ କାହାଣୀ ହେଉଛି ଏହାର ମୁଖ୍ୟ ଉପଲବ୍ଧି ।

ଆମେ ମଣିଷ ସବୁକିଛିକୁ ସହ୍ୟ କରିଚାଲୁ ନିର୍ବିକାର ସହିତ କେବଳ ଗୋଟିଏ ଆଶା ନେଇ, ଯେ କାଲି ଅନ୍ତତଃପକ୍ଷେ ଏ ସମୟ ଆଉ ନ ଥିବ । ଏକ ନୂତନ ସୂର୍ଯ୍ୟୋଦୟର ଅପେକ୍ଷାରେ ମଣିଷ ସଦାସର୍ବଦା ଆଶାବାଦୀ ରୁହେ । ସିମୋନୀ ଜୀବନରେ କିନ୍ତୁ ଲେଖିକା ନୂତନ ପରୀକ୍ଷା ଭାବେ ହେଉ କିମ୍ବା କୌଣସି ଅନୁଭବସିକ୍ତ ଘଟଣାବଳୀର ଉପସ୍ଥାପନ ପୂର୍ବକ ଦୁଃଖ-ଯନ୍ତ୍ରଣା ଓ ଓ ଅସହାୟତାର ମହାର୍ଣ୍ଣବରେ ଭସାଇ ଦେଇଛନ୍ତି । ଯାହାର ଶେଷ ଉପଲବ୍ଧି ହେଉଛି ମୃତ୍ୟୁ । ଭଙ୍ଗା କଣ୍ଢେଇର ଆଦର ଯେପରି କେହି କରନ୍ତି ନାହିଁ । ଆମ ଉପନ୍ୟାସିକାର ନାୟିକା ସିମୋନୀ ଜୀବନ ଯୁଦ୍ଧରେ ଏକ ପରାୟଜ ଶିଳ୍ପୀ ପରି ଶେଷ ପର୍ଯ୍ୟନ୍ତ ପାଠକକୁ ଅଶ୍ରୁ ସର୍ଜଳ କରି ରଖିଅଛି ।

**ପ୍ରମୁଖ ଶବ୍ଦାବଳୀ :**

ଭଙ୍ଗା କଣ୍ଢେଇ, ନାୟିକା, ଶିଳ୍ପୀ, ଉପନ୍ୟାସିକା, ପ୍ରେମ

ଓଡ଼ିଆ ଉପନ୍ୟାସ ସଂପର୍କରେ ବହୁ ଆଲୋଚନା କରାଯାଇଛି । ଆଗକୁ ମଧ୍ୟ ଆହୁରି ବ୍ୟାପକ ହେବ । ସମୟର ଅବଧି ଯେତେ ଯେତେ ବଢ଼ି ବଢ଼ି ଚାଲିବ ଉପନ୍ୟାସର ସୃଜନଶୀଳତା ଉପନ୍ୟାସକୁ ନେଇ ଆଲୋଚନା, ସମାଲୋଚନା, ସେତେ ଅଧିକ ହେବ । କିନ୍ତୁ ଏହାର ଆଙ୍ଗିକ ଆତ୍ମିକ ବର୍ଣ୍ଣବିଭାରେ ବହୁ ପରିବର୍ତ୍ତନ ପାଠକମାନେ ଲକ୍ଷ୍ୟ କରିବେ । ଯେପରିକି ଉପନ୍ୟାସ ରଚନା ସହିତ ଆଜିକାଲିର ଲେଖକ - ଲେଖିକାମାନେ ଉପନ୍ୟାସିକା ରଚନା କରିବା ଦିଗରେ ମଧ୍ୟ ମନ ବଳାଉଛନ୍ତି, ଏଇ ପରମ୍ପରା ଅଳ୍ପ କିଛି ଦିନର । ଆଜିକାଲି ମଣିଷ ଭୋଗୁଥିବା ସମୟ ହୀନତାର କଷ୍ଟରୁ ହିଁ ଦିନେ ଏହାର ସୃଷ୍ଟି ବୋଲି ଆମେ ମୁକ୍ତ କଣ୍ଠରେ କହିପାରିବା ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

| Quick Response Code: | Available online at : https://pracheenews.com/ |
|---|---|
| | DOI: https://doi.org/10.5281/zenodo.14835287 Article No - BPP00261 |

ସଂପ୍ରତି ମଣିଷ ବହୁ ବାଧାବିଘ୍ନ ଭୋଗ କରୁଛି । ଆଉ ତା ମଧ୍ୟରେ ସମୟର ହୀନତା ଏକ ବଡ଼ ପ୍ରସଙ୍ଗ ହୋଇ ସଂପୂର୍ଣ୍ଣ ବିଶ୍ୱକୁ ଆକ୍ରାନ୍ତ କରିଚାଲିଲାଣି ଦିନେ ଯେଉଁ ମଣିଷ ନିଜର ଜ୍ଞାନ, ବୁଦ୍ଧି,

**ଯୋଗାଯୋଗ :**
**ସ୍ନେହପ୍ରଭା ଲେଙ୍କା,** ଗବେଷିକା,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର
**Email -** snehaprava2020@gmail.com
**ORCID ID -** https://orcid.org/0009-0000-8090-711X

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୧୯.୯.୨୦୨୪ | ୧୦.୧୦.୨୦୨୪ | ୨୫.୧୧.୨୦୨୪ | ୧.୦୧.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଲେଙ୍କା, ସ୍ନେହପ୍ରଭା; ୨୦୨୫ । 'ସିମୋନୀର ଆତ୍ମଲିପି : ଭଙ୍ଗା କଣ୍ଢେଇର କାହାଣୀ' । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ୫, ପୃଷ୍ଠା : ୭୩-୭୬ ।

ଗାରିମା ଓ ମନୋରଞ୍ଜନ ନିମିତ୍ତ ପୁସ୍ତକ ପଢ଼ିବାକୁ ଶ୍ରେୟସ୍କର ମନେକରୁଥିଲା ଆଜି ସେହି ମଣିଷ ବହୁ ପୃଷ୍ଠା ସମ୍ବଳିତ ଗ୍ରନ୍ଥ ଦେଖିଲେ ଭୟ କରୁଅଛି ।

ଏହିପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଉପନ୍ୟାସର ଦୀର୍ଘ କଳେବର ବର୍ଣ୍ଣନା ବିଳାସ, ଚରିତ୍ରର ବହୁବିଦ୍ଧ ଗୁଣାବଳୀ ମଧ୍ୟରୁ ଉପନ୍ୟାସିକାର ଜନ୍ମ ଲଗ୍ନ ସ୍ଥିରୀକୃତ ହୋଇଛି ବୋଲି କୁହାଯାଇପାରେ । ଉପନ୍ୟାସିକାରେ ଘଟଣା, ଚରିତ୍ର ଏବଂ ବର୍ଣ୍ଣନା ବିଳାସର ବହୁ ଦୃଷ୍ଟିଭଙ୍ଗୀକୁ ବିଶ୍ଳେଷଣ କରାନଯାଇ ଏକ ସାରକଥା ବା ଲେଖକର ମୌଳିକ ଜ୍ଞାନ ଗାରିମାକୁ ପ୍ରକାଶ କରାଯାଇଥାଏ । ପାଠକକୁ ତାହା ଠିକ୍ ଉପନ୍ୟାସ ପରି ସ୍ୱାଦ ଦେଉଥିବ କିନ୍ତୁ ସୀମିତ କଳେବର ମଧ୍ୟରେ ।

ଲେଖିକା ସୁଲୋଚନା ଦାସଙ୍କ ରଚିତ 'ଭଙ୍ଗା କଣ୍ଢେଇର କାହାଣୀ' ଉପନ୍ୟାସିକା ଗନ୍ଥରେ ସର୍ବମୋଟ ତିନୋଟି ଉପନ୍ୟାସ ରହିଛି । 'ଭଙ୍ଗା କଣ୍ଢେଇର କାହାଣୀ', 'ପଥ ଯେ କଣ୍ଟକିତ', 'ଜେଜେମା ... ଚାଲିଗଲା'।

ଯା ମଧ୍ୟରୁ ପ୍ରଥମ ଉପନ୍ୟାସିକା 'ଭଙ୍ଗା କଣ୍ଢେଇର କାହାଣୀ' ମୋ ଆଲୋଚନାର ପ୍ରସଙ୍ଗ । ନାରୀ ଜୀବନ କୈନ୍ଦ୍ରିକ, ନାରୀମନର ଅକୁହା ବେଦନାଭରା, ଅଶ୍ରୁଭିଜା ଛଳ ଛଳ ପଣକୁ ଆମେ ଏହି ଉପନ୍ୟାସିକାରେ ଅନୁଭବ କରିପାରିବା । ସେଥିପାଇଁ ଉପନ୍ୟାସିକାର ଆରମ୍ଭରେ ଲେଖିକା ପାଠକଙ୍କୁ ଯଥା ସମ୍ଭବ ସତର୍କ କରାଇଦେବା ପରି କୁହନ୍ତି ।

"ମୁଁ ଜାଣେ, ଆପଣ ସିମୋନୀକୁ ଜାଣି ନଥିବେ । ଅବଶ୍ୟ ଆପଣ ଭେଟିଥିବେ ସିମୋନୀ ପରି ସ୍ମିତା, ଲତା, ଲିନୁ, ମୀନୁ, ସୋନୁ ... ଏମିତି ଅନେକ ଝିଅଙ୍କୁ । ଯେଉଁମାନେ କେବେ ନା କେବେ ମନରେ ସ୍ପନ୍ଦନ ସୃଷ୍ଟି କରିଥିବେ । ମୁହୂର୍ତ୍ତେ ଭାବିବା ପାଇଁ ହୃଦୟରେ ଜାଗା ଖୋଜିଥିବେ । ସେମିତି ଗୋଟିଏ ଝିଅ ସିମୋନୀ । ତା' କାହାଣୀ ମୁଁ କହିବାକୁ ଯାଉଛି । ଇଚ୍ଛା ହେଲେ ତା' ପାଇଁ ଦୁଇବୁନ୍ଦା ଲୁହ ଢାଳିଦେବେ । ନହେଲେ ବାଜେକଥା କହି ଅଳିଆଗଦାକୁ ଫିଙ୍ଗିଦେବେ ଯାକୁ ।"(୧)

ଉପନ୍ୟାସରେ ସିମୋନୀର ଜୀବନ ଏକ ଘଟଣା ବହୁଳ ଜୀବନ । ଅନେକ ସମୟରେ ଏହି ବହୁବିଧ ଘଟଣାରାଜି ତା'ପାଇଁ ଉପଲବ୍ଧି ହେବା ବଦଳରେ ଅଭିଶାପରେ ରୂପାନ୍ତରିତ ହୋଇଯାଉଛନ୍ତି । ଦିନେ ଯିଏ ଉଚ୍ଚ ଘର ବଡ଼ଲୋକର ଝିଅ, ସୁନ୍ଦରୀ ରୂପବତୀ ବୋଲି ଗର୍ବ କରୁଥିଲା ଆଜି ସେଇ ସିମୋନୀ ଲାଗି ଏସବୁର ମୂଲ୍ୟ କିଛି ନାହିଁ । ତା ଜୀବନ ଯୁଦ୍ଧ ଭୂମିରେ ସେ କେତେବେଳେ ଯେ ଟଳିପଡ଼ିବ ତା ସେ ନିଜେ ମଧ୍ୟ ଜାଣେନାହିଁ । ପୂର୍ବର ଦିନଗୁଡ଼ିକୁ ଭାବି ବସିଲେ ସିମୋନୀ ଭାବବିହ୍ୱଳ ହୋଇପଡ଼େ ।

ବି.ଜେ.ବି. କଲେଜରେ ପଢ଼ିବାବେଳେ ତାର ଶୁଭ୍ରାଂଶୁ ସହିତ ପରିଚୟ ବଢ଼ିଥିଲା । ଧିରେ ଧିରେ ଏହା ପ୍ରେମରେ ରୂପାନ୍ତରିତ ହୋଇ ବିବାହରେ ମଧ୍ୟ ପରିଣତ କେତେ ବେଳେ ଯେ ହୋଇଗଲା ତା କାଲିପରି ମନେହୁଏ । ସେତେବେଳର ଦିନଗୁଡ଼ିକ ଥିଲା ସବୁ ଅଭୁଲା, ସ୍ମୃତି ସାଉଁଟା ଦିନସବୁ । ଏବେର ଜୀବନ ଆଉ ସେ ପୂର୍ବର ଜୀବନ ସିମୋନୀ ପାଇଁ ଆକାଶ - ପାତାଳ ପରି ମନେହୁଏ । ସତେଯେମିତି ଲାଗେ ତାକୁ କେଉଁ ଜନ୍ମର ଅଭିଶାପ ଫଳ ଏବେ ଭୋଗିବାକୁ ପଡୁଛି ।

ଶୁଭ୍ରାଂଶଙ୍କ ଇଂଜିନିୟରିଂ ସରିବା ପରେ ବିଦେଶରେ ଉଚ୍ଚଶିକ୍ଷା ଆଉ ତାଙ୍କର ସୁଖର ସଂସାର ସବୁ କିଛି ଠିକ୍ ଠାକ୍ ଚାଲୁଥିଲା ଆମେରିକାର ଗୋଟିଏ ପ୍ରତିଷ୍ଠିତ କମ୍ପାନୀରେ ଚାକିରି ପାଇଲା ପରେ ଶୁଭ୍ରାଂଶୁକୁ ଏତେ ସମୟ ହୁଏନାହିଁ, ସିମୋନୀ କଥା ବୁଝାରଖା କରିବାକୁ । ଯାରି ମଧ୍ୟରେ ତିନି ତିନୋଟି ପିଲାକୁ ସିମୋନୀକୁ ଏକା ସମ୍ଭାଳିବାକୁ ପଡ଼େ ।

ଯା ମଧ୍ୟରେ ଆରମ୍ଭ ହୁଏ ଯାବତୀୟ ସନ୍ଦେହ ଏବଂ ଅବିଶ୍ୱାସର ଘଟଣାବଳୀ । ଶୁଭ୍ରାଂଶୁର ଭଉଣୀ ହିଁ ପ୍ରଥମେ ଏ ସମସ୍ତର ବିଷମଞ୍ଜି ବୁଣନ୍ତି । କଥାରେ ଅଛି 'ନାରୀ ହିଁ ନାରୀର ଶତ୍ରୁ' ବାସ୍ତବରେ ଏକଥା ସତ୍ୟ ପ୍ରମାଣିତ କରିଛନ୍ତି ଲେଖିକା ସୁଲୋଚନା ଦାସ । "ସ୍ୱାମୀ ପରିତ୍ୟକ୍ତା ନଣନ୍ଦ । ପିଲାମାନଙ୍କୁ ଭାଉଜକୁ ଭଲ ପାଇବେ କ'ଣ, ସେମାନଙ୍କୁ ଦୁଃଖର ମହାସାଗର ଭିତରକୁ ଠେଲିଦେଲେ । ସିମୋନୀର ସୁଖର ସଂସାରକୁ ସେ ସହିପାରିଲେ ନାହିଁ । ଭିତରେ ଭିତରେ ସେ ଜଳିଗଲେ । ଅସହିଷ୍ଣୁ ନଣନ୍ଦଙ୍କ ସର୍ବାଙ୍ଗରେ ଭରି ରହିଥିଲା ଇର୍ଷାର ବିଷ । ତାହା ପୁଣି ଭାଉଜ ପ୍ରତି । ବିଷକନ୍ୟା ପରି ସେ ଖାଲି ବିଷ ବୁଣି ଚାଲିଲେ ।"(୨)

ସିମୋନୀର ସୁନ୍ଦରତା ଶୁଭ୍ରାଂଶୁକୁ ଯେପରି ଆମୋଦିତ କରୁଥିଲା । ଆଜି ଆଉ ସେ ଆମୋଦ ପଣ, ସେ ମିଠା ହସ କିମ୍ବା ଭଲ ପାଇବାର ଭାଷା ନାହିଁ ତାଙ୍କ କଣ୍ଠରେ । ସେ ସିମୋନୀକୁ ବର୍ତ୍ତମାନ ଅଧିକ ଅଧିକ ସନ୍ଦେହ କରିବାକୁ ଲାଗିଲେ । କଥାରେ ନାହିଁ । ସବୁ ବିଷଠାରୁ ସନ୍ଦେହ ବିଷ ଭୟଙ୍କର । ତାହାହିଁ ଉଭୟଙ୍କ ବୈବାହିକ ଜୀବନରେ ପୂର୍ଣ୍ଣଚ୍ଛେଦ ପକାଇ ଦେବାରେ ଯଥେଷ୍ଟ ଥିଲା । ପ୍ରଥମେ ପ୍ରଥମେ ସିମୋନୀ ଏସବୁକୁ ସହିଯାଉଥିଲା । ପିଲାମାନଙ୍କ ମୁହଁ ଚାହିଁ । କିନ୍ତୁ ଏସବୁ ରିତିମତ ଘଟିଲେ । ପୁରୁଷଟିଏ ନିଜର ଶକ୍ତି ସାମର୍ଥ୍ୟ ବଳରେ ବାଡ଼ିଆ-ପିଟା କଲେ କେଉଁ ସ୍ତ୍ରୀ ଏସମସ୍ତକୁ ଧୈର୍ଯ୍ୟଧରି ସହ୍ୟ କରିବା ଏମିତି ଗୋଟେ କ୍ଷଣରେ ଶୁଭ୍ରାଂଶୁ ପଟୁ ପ୍ରଥମେ 'ଛାଡ଼ପତ୍ର' ପ୍ରସଙ୍ଗ ଅଧିକ ବଳବତ୍ତର ହେବାକୁ ଲାଗିଲା । ସିମୋନୀ ପାଖରେ ବର୍ତ୍ତମାନ ଦୁଇଟି ରାସ୍ତା ସେ ଫେରିଯିବ ତା ବାପ ଘରକୁ ନତୁବା ସେ

ନିଜେ ସଂଗ୍ରାମ କରିବ ଏ ଅବିଶ୍ୱାସୀ ଦୁନିଆଁରେ । ବାପାଙ୍କ ମୃତ୍ୟୁପରେ , ଭାଇର ସେପରି କିଛି ଅଧିକ ରୋଜଗାର ନଥିଲା, ମା'ଙ୍କ ପେନସନରେ ତାଙ୍କ ଛୋଟ ପରିବାରଟି ଦୁଃଖେ କଷ୍ଟେ ଚଳିଯାଉଥିଲା । ଏଥିରେ ପୁଣି ସେ ଯାଇ ଯୋଗଦେଲେ ବୋଝ ଉପରେ ଲଳିତା ବିଡ଼ାଭାରି ପରି ମନେହେବା ସିମୋନୀ ବହୁ ଚେଷ୍ଟାକରି ନିଜକୁ ନିଜେ ସମ୍ଭାଳିବାକୁ ଉଚିତ୍ ମନେକଲା । ଏ ସ୍ୱାର୍ଥପର ଦୁନିଆଁରେ ଟଙ୍କା ଆଉ ପ୍ରତିପତିର ମହତ୍ୱ ଯେ କ'ଣ ବର୍ତ୍ତମାନ ସେ କଥାସବୁ ଭାବିବସିଲେ ନିଜ ପାଖେ ନିଜକୁ ବହୁ ପଛେରେ ପଡ଼ିଥିବାର ସେ ଅନୁଭବ କରେ । ତଥାପି ଏ ଦୁନିଆରେ ବଞ୍ଚିରହିବାକୁ ତ ହେବ । ମଣିଷ ଯଦି ସଫଳ ହୁଏ, ତେବେ ତାକୁ ଅତୀତକୁ ମନେପକାଇବା ଅତୀତର କଥା ଭାବି ରୋମାଞ୍ଚିତ ହେବା ଏସବୁ ସୁଖକର ବୋଧ ହୁଏ । କିନ୍ତୁ ମଣିଷ ଯଦି ଅସଫଳ ହୁଏ ତେବେ ସେ ତା ପୂର୍ବ କଥା ଭାବିଲେ ବହୁତ କଷ୍ଟ ପାଏ । ଏ ଦୃଷ୍ଟିରୁ ସିମୋନୀ ଆଉ ବିବାହ ବିଚ୍ଛେଦ ପରେ ବାପ ଘରକୁ ଯିବାଟା ଉଚିତ୍ ମନେକଲା ନାହିଁ ।

ପିଲାମାନଙ୍କୁ ସେ ଯେ କିପରି ବୁଝାଇବ, କେମିତି ବୁଝାଇବ ତା ସେ ଚିନ୍ତାରେ ପଡୁଥିଲା କିନ୍ତୁ ଶେଷରେ ଗୋଟେ ବଡ଼ ନିଷ୍ପତ୍ତି ନେବାପରେ ସିମୋନୀ ପିଲାମାନଙ୍କୁ ବାପା ପାଖରେ ଛାଡ଼ିଯିବାକୁ ଉଚିତ୍ ମନେକଲା । ହୁଏତ ସେ ଦୁନିଆଁର ଏ ମସ୍ତବଡ଼ ରାସ୍ତାରେ ଚାଲୁ ଚାଲୁ କେଉଁଠି ଝୁଣ୍ଟିପଡ଼ିଲେ ସେଇଠି ଅଟକି ଯିବ । ପିଲାମାନେ ତା ପାଖରେ ଥିଲେ ସେମାନଙ୍କ ଭବିଷ୍ୟ କ'ଣ ହେବ ? ଏକଥା ଭାବି ସେ ସାଙ୍ଗରେ ଆଉ ପିଲାଙ୍କୁ ନ ନେଇ ଏକା ଏକା ଜୀବନ ବାଟ ଚାଲିବାକୁ ଉଚିତ୍ ମନେକଲା ।

ସିମୋନୀ ପ୍ରତିବାଦ କଲା ନାହିଁ । ଅଭିଯୋଗ ବାଢ଼ିଲା ନାହିଁ । କ'ଣ ନେବ, କାହାକୁ ନେବ କିଛି ଭାବିଲା ନାହିଁ । ଶୁଭ୍ରାଂଶୁଙ୍କ ଜୀବନ କକ୍ଷରେ ସେ ଏକା ପ୍ରବେଶ କରିଥିଲା । ଆଜି ସେ ଏକା ଏକା ଚାଲିଯିବ, ଜୀବନ ତାକୁ ଯେଉଁଆଡ଼େ ବାଟ କଢ଼େଇନେବ, ସେ ସେଆଡ଼େ ଯିବା ମୋର' ମୋର' ବୋଲି ଆବୋରି ବସିଥିବା ତା ସ୍ୱାମୀ, ତା ଘର ତା' ପୁଅ ଝିଅଙ୍କ ସଂସାରକୁ ମୁହଁ ବୁଲେଇ ସେ ନିରବରେ ଅପସରି ଗଲା ଛାଇଟିଏ ପରି, ହେଇଛି ଅଛି, ପୁଣି ନାହିଁ, ତା' ନିରବ ନିଷକ୍ରମଣ ପ୍ରକ୍ରିୟାର ଖବର ନଥିଲା କାହା ପାଖରେ ।"(୩)

ଦିନପରେ ଦିନ ଗଡ଼ି ଚାଲିଲା ପାଣିପରି । ସିମୋନୀ ଏକ ଛୋଟ ଚାକିରି କରି ନିଜକୁ ନଜେ ପୋଷିବାର ସମସ୍ତ ପ୍ରଚେଷ୍ଟା ଜାରି ରଖିଲା । କିନ୍ତୁ ଦୁଃଖ କ'ଣ କେବେ ଯାଏ । ୟା ଭିତରେ ଓକିଲ ନୋଟିସ୍ ଆସି ପହଁଞ୍ଚିଲା ଯେ, ପିଲାଙ୍କ ଚଳିବା ପାଇଁ ତାକୁ ଅଧା ଟଙ୍କା ଦେବାକୁ ପଡ଼ିବ । ସୀମିତ ସମ୍ବଳ ଭିତରେ ଏସବୁକୁ ସମ୍ଭାଳି ନେବାର ଧର୍ଯ୍ୟଶକ୍ତି ତା ଭିତରେ ଥିଲା । ହେଲେ ଦିନେ କାମ କରୁ କରୁ ହଠାତ୍ ବେହୋସ୍ ହୋଇ ପଡ଼ିଯିବାପରେ । ଡ଼ାକ୍ତରଖାନାରେ ରହିଲା ସିମୋନୀ । ସବୁପ୍ରକାର ପରୀକ୍ଷା ନିରୀକ୍ଷା ଚାଲିଲା, ଏମ୍.ଆର.ଆଇ ଓ ସ୍କାନରୁ ଜଣାପଡ଼ିଲା ତାର ବ୍ରେନ୍ ଟ୍ୟୁମର ହୋଇଛି । ତାହାପୁଣି ମାଲଗି ନାଣ୍ଟ । କ୍ୟାନସର । ଡାକ୍ତର ଘୋଷଣା କଲା ପରେ । ସିମୋନୀ ଖାଲି ନିରସ ହସଟିଏ ହସିଥିଲା । ବାସ୍ତବରେ ତା ପାଇଁ ଇଶ୍ୱରଙ୍କ ଏହାଠୁଁ ବଡ଼ ପୁରସ୍କାର ଆଉବା କ'ଣ ଥାଇପାରେ । ଅନ୍ତତଃ ପକ୍ଷେ ଏକ କର୍ମ ଜଞ୍ଜାଳରୁ ସେ ମୁକ୍ତି ପାଇଯିବ । ଏ ଦୁନିଆଁ, ଏ ଜୀବନ ତାକୁ ବିଷ ବିଷ ଲାଗିଲାଣି ।

ଏ ପ୍ରସଙ୍ଗରେ ଲେଖିକା ସୁଲୋଚନା ଦାସ ସିମୋନୀର ଏକକୀତ୍ୱ ଏବଂ ଅସହାୟତାକୁ ବ୍ୟକ୍ତ କରିବାକୁ ଯାଇ ରବିନ୍ଦ୍ର ନାଥ ଠାକୁରଙ୍କର କେତୋଟି କବିତାର ଉଦାହରଣ ଦେଇଛନ୍ତି । ମରଣ ଯଦି ଆମକୁ ଆହ୍ୱାନ କରୁଛି । ତେବେ ତାକୁ ଭଗବାନ ପରି ବୋଧ କରିବା ହେଉଛି ଜୀବନ ଦର୍ଶନ । ହସପିଟାଲ ବେଡ଼ ଉପରେ ପଡ଼ିରହି ସିମୋନୀ ବର୍ତ୍ତମାନ ବହୁକଥା ଚିନ୍ତାକରେ । ନିଜର ପିଲାମାନଙ୍କ କଥା ଭାବେ । ପିଲାମାନଙ୍କ ଆଗରେ ସିମୋନୀର ଚରିତ୍ରକୁ ନେଇ ଏପରି ଘୃଣ୍ୟ ଭାବନା ଭରି ଦିଆଯାଇଛି ଯେ, ପିଲାମାନେ ମଧ ମା' ପାଖକୁ ଆସିବାକୁ କେବେ ଅଳିକରନ୍ତି ନାହିଁ ।

ମା' ପ୍ରତି ଅସରନ୍ତି ଘୃଣା ଭରି ରହିଥିବ ସେମାନଙ୍କ ମନରେ । ନିଜ ସୁଖ ପାଇଁ ନିଜ ସ୍ୱାଧୀନତା ପାଇଁ ଯେଉଁ ମା' ନିଜ ଜନ୍ମ କଲା ପିଲାଙ୍କୁ ଛାଡ଼ି ଯାଇପାରିଲା, ସେ କି ମା' ! ସେ ରାକ୍ଷସୀ । ସେମାନଙ୍କ ଛାତିରେ ଏକଥା ଖୋଦେଇ କରିସାରିବେଣି ଜେଜେମା, ପିଉସୀ, ବାପା ସମସ୍ତେ ମିଶି । ୟାଠୁ ଅଧିକ ପୁରସ୍କାର ତା ପାଇଁ ଆଉ କ'ଣ ହୋଇଥାନ୍ତା ! ଯେଉଁଠି ଥାନ୍ତୁ ଭଲରେ ଥାନ୍ତୁ । ସେମାନଙ୍କ ପାଠପଢ଼ା, ସେମାନଙ୍କ ଭବିଷ୍ୟତ ସୁରକ୍ଷିତ ଥାଉ । କେବଳ ସେଇଥିପାଇଁ ତ ତା'ର ଏ ଆତ୍ମ ନିର୍ବାସନ । ଠାକୁରଙ୍କୁ ପୂଜାକଲାବେଳେ ସେ ହାତଯୋଡ଼ି କହେ – ମତେ ଯେତେ ଦୁଃଖ ଦେଉଛ ଦିଅପ୍ରଭୁ, ମୋ ପିଲାଏ ଭଲରେ ଥାନ୍ତୁ । ଏତିକି ଭିକ୍ଷା ମାଗୁଛି । ହେ କରୁଣାମୟ ! ମୋର ଆଉ କିଛି ଲୋଡ଼ା ନାହିଁ ।"(୪)

ଡାକ୍ତରଖାନାର କ୍ରିସ୍‌କୁ ଦେଖି ତାର ଦୁଇ ପୁଅଙ୍କ କଥା ମନେ ପଡ଼ିଥାଏ । ପ୍ରୀତମ୍ ଓ ପୀୟୁଷ ନିଶ୍ଚେ ଏହିପରି ବଡ଼ ବଡ଼ ହୋଇଯିବେଣି । ଆଉ ତାର ସାନ୍ ଝିଅ ଆଦ୍ୟା । ଯେ ବଡ଼ ଚଗଲି ଥିଲା । ମା ସାଥିରେ ପଛେ ପଛେ ଗୋଡ଼ାଉଥିଲା । ତା ମୁହଁଟି କେମିତି ଦିଶୁଥିବା ସିଏ ବାପା ପରି ହୋଇଛି ନା ମା' ପରି ଏସବୁ କଥା ରହି ରହି ସିମୋନୀର ମନକୁ ଆସି ତାକୁ ବ୍ୟାଧାତୁର କରିପକାଏ ।

ସିମୋନୀର ବର୍ତ୍ତମାନ ଶେଷ ଆଶ୍ରା ହେଉଛନ୍ତି ଲିଜା ଆଉ ରେମଣ୍ଡ । ଉଭୟେଙ୍କ ସେବା ଯତ୍ନ ଆଉ ଭଲପାଇବା ଲାଗି, ସିମୋନୀ ଭାବେ ଏମାନେ ହୁଏତ ପୂର୍ବଜନ୍ମରେ ନିଶ୍ଚେ ତାର କିଛି ନା କିଛି

ସଂପର୍କୀୟ ଥିଲେ । ନହେଲେ ଆଜି ଭଳି ଦିନରେ ଏମାନଙ୍କ ପରି କିଏ ବା କାହିଁକି ସହଯୋଗର ହାତ ବଢ଼ାଇବ । ସେ ନିଷ୍ପତ୍ତି ନେଇଛି ତା ମଲାପରେ ତେଡ଼ବଡ଼ିର ସଂପୂର୍ଣ୍ଣ ଅଧିକାରୀ ହେଉଛନ୍ତି ଲିଜା ଆଉ ରେମଣ୍ଡ । ଆଉ ଏ ଦୁନିଆଁରେ ସିମୋନୀ କାହାକୁ ଚିହ୍ନେ ନାହିଁ କି ଜାଣେନାହିଁ; ଅବଶୋଷ କେବଳ ଏତିକି ରହିଲା ଯେ ପିଲାମାନେ କିମ୍ବା ତାର ସ୍ୱାମୀ ଶୁଭ୍ରାଂଶୁ ତାଙ୍କୁ ଦେଖା କରିବାକୁ ଆସିଲେ ନାହିଁ । ତାର ଭୁଲ କ'ଣ ଥିଲା ଯେ ସେ ଏପରି ସବୁ ଦୁଃଖ-କଷ୍ଟ ତା ଜୀବନରେ ଭୋଗକଲା । ବୋଧେ ଜଣେ ଜଣେ ଅଭିଶାପ ଗ୍ରସ୍ତ ଗନ୍ଧର୍ବ ଗବର୍ବାଙ୍ଗ ଭଳି ସିମୋନୀ ଜୀବନ ଏକ ଅଭିଶପ୍ତ ପୂର୍ଣ୍ଣଥିଲା ।

'ଭଙ୍ଗା କଣ୍ଢେଇର କାହାଣୀ'ରେ ସିମୋନୀ ଚରିତ୍ରର ଯେଉଁ ଆତ୍ମବିଶ୍ଳେଷଣଧର୍ମୀ ଚିତ୍ର ରୂପକୁ ଆମେ ଭେଟିଲେ, ତାହା ଯନ୍ତ୍ରଣାକ୍ଲିଷ୍ଟ, ଅଭିଶପ୍ତ ଜୀବନର ଆତ୍ମଲିପି ପରି ବୋଧହୁଏ । ଏ ଜଗତରେ ସମସ୍ତଙ୍କ ଜୀବନ ଦର୍ଶନ ସମାନ ନୁହେଁ । କାହାପାଇଁ ଜୀବନର ମୂଲ୍ୟବୋଧ ସବୁ ପତର ତଳେ ଥାଏ । ଦଲକାଏ ପବନରେ ଏହାର ବାସ୍ନା ଚତୁଃର୍ଦିଗକୁ ଆହ୍ଲାଦିତ କରେ । ପୁଣି ଆଉ କେତେକଙ୍କ ଜୀବନ ପଥର ତଳେ ଲୁଚିରହେ । ତାକୁ ମୁକ୍ତିଦେବାକୁ ହେଲେ ସତ୍ସାହସ ସହିତ ଅସୀମ ଧର୍ଯ୍ୟଶକ୍ତିର ଆବଶ୍ୟକତା ରୁହେ । କିନ୍ତୁ ଆମ ଉପନ୍ୟାସିକାର ଚରିତ୍ର ସିମୋନୀ ଏସବୁ ଠାରୁ ସଂପୂର୍ଣ୍ଣ ଭିନ୍ନ ଏକ ଜୀବନ ଦର୍ଶନର ବାର୍ତ୍ତାବହ ପାଠକମାନଙ୍କ ପାଖରେ ରଖେ ।

ମୋଟା ମୋଟି ଦେଖିବାକୁ ଗଲେ ସୀମିତ ସମୟ ଓ କାହାଣୀ ଅବଧି ଭିତରେ ଏକ ବିୟୋଗାନ୍ତକ । କାହାଣୀ ଭାବେ 'ଭଙ୍ଗା କଣ୍ଢେଇର କାହାଣୀ' ଗଭୀର ସମ୍ବେଦନା ଓ ଦରଦୀ ପଣରେ ଆକ୍ରାମାକ୍ରା ମନେହୁଏ । ସିମୋନୀ ହୋଇ ମୁଖ୍ୟ ଚରିତ୍ର । ଅନ୍ୟ ସମସ୍ତ ଚରିତ୍ର ଯେପରି ସିମୋନୀ ନିକଟରେ ଗୌଣ ପରିଲାଗନ୍ତି ।

**ସହାୟକ ଗ୍ରନ୍ଥସୂଚୀ :**


୧. ଦାସ, ସୁଲୋଚନ, ଭଙ୍ଗା କଣ୍ଢେଇର କାହାଣୀ', ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, ଅରୁଣୋଦୟ ମାର୍କେଟ, କଟକ-୧୨, ପ୍ରଥମ ପ୍ରକାଶ-୨୦୧୭-ପୃ-୯ ।

୨. ତତ୍ରୈବ - ପୃଷ୍ଠା-୧୪

୩. ତତ୍ରୈବ - ପୃଷ୍ଠା-୨୦

୪. ତତ୍ରୈବ - ପୃଷ୍ଠା - ୨୫


❖ ❖ ❖

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ମୋର ପାଠ ପଢ଼ିବାରେ ଦାୟିତ୍ୱ ନିଅନ୍ତୁ, ମୁଁ ଦେଶ ଗଢ଼ିବାରେ ସାହାଯ୍ୟ କରିବି



**ଗରିବ ପିଲାଟିକୁ ପାଠ ପଢ଼ାନ୍ତୁ * TEACH A POOR CHILD**

**ଖୁସିର ସହିତ ଜଣାଉଛୁ ଯେ,**
**ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ**
**ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।**







## PRACHEE SAHITYA SAMAJ PUBLICATION

At-Niladri Vihar. Po-Naya Bazar, Dist.-Cuttack-753004 (Odisha)
Mob. : 88957 07011

# PRACHEE PATRIKA

ISSN: 2583-147X (P)
ISSN: 3048-8958 (O)

**Back Cover (Colour)**
**Rs. 2,000/-**

**2nd Inner Cover (Colour)**
**Rs. 1,000/-**

**3rd Inner Cover (Colour)**
**Rs. 1,000/-**

**Ordinary Colour Page**
**Rs. 500/-**

**Black & White**
**(News Print)**
**Full Page : Rs. 2,000/-**
**Half Page : Rs. 1000/-**
**Quarter page:Rs. 500/-**

**For Space booking**
**please contact :**
**The Advertising Manager**
**Niladri Vihar, Naya Bazar,**
**Cuttack - 753004**
**Whatsapp : 8895707011**

## THE RULES AND REGULATION

The fact presented and views expressed in 'Prachee Patrika' are author's and not those of the editor, the editorial board and the institution **'Prachee Centre for Cultural Relations (PCCR)'**. The authors are solely responsible for the presentation of data and their opinion. Authors shall submit on undertaking in writing with the article to the effect that their respective submitted article has not been published earlier anywhere and if found so, not the publishers of Prachee Patrika but they themselves shall be held responsible.

The manuscript should follow the following criteria;

**i)** Font size should be 12

**ii)** Font type should be Ori Sarala 99 Akruti

**iii)** Line gap should be 1.5

**iv)** American Psychological Association (APA) style of writing of manuscript in which the in-text and end-text citation should be strictly followed. Manuscript not written in APA style will be rejected.

**v)** Author(s) Name, Correspondence Address, Designation, WhatsApp No, ORCID ID and e-mail should be provided in the manuscript.

vi) Research article should include Titel, Abstract, Key Word, Introduction, Background, Materials & Methods, Result, Discussion. Conclusion. Acknowledgements. Authors' Contributions. Funding. Availability of Data and Materials, Ethical Statement, Ethical Approval, Informed Consent, Financial Support and Sponsorship, Conflicts of Interest and References.

**vi)** Two copies of the manuscript including the abstract along with the soft copy (CD/Floppy) must be submitted.

All rights reserved. No part of this publication may be reproduced or transmitted in any form or by any means, electronic or mechanical, without permission in writing from the **Prachee Centre for Cultural Relations (PCCR).**

Editorial correspondence, contribution of Articles, Book Reviews, Advertisements and Subscriptions should be addressed to Dr Bibhudatta Khandayatray, Editor, **Prachee Patrika**, Niladri Vihar, Naya Bazar, Cuttack-4.

**E-Mail:** pracheepatrika@rediffmail.com

**Web Site: https://pracheenews.com/**

All communications should be addressed to the Editor.

## RATES OF SUBSCRIPTION

The prachee patrika is the official journal of the, **Prachee Centre for Cultural Relations (PCCR)** is published monthly. All the members of the association are entitled to receive a free copy of the journal. The subscription rates for others are as follows**:**

| | India (INR) | | Overseas (USD $) | |
|---|---|---|---|---|
| | Individual | Institute | Individual | Institute |
| Print | 5000 | 10000 | 150 | 300 |
| Online | N/A | N/A | N/A | N/A |
| Print+Online | N/A | N/A | N/A | N/A |
| Single Issue | 500 | 1000 | 45 | 94 |

If you want to annual subscriber please Xerox this coupon and send us!!!

Name.......................................................................................................................

Address...............................................................................Pin code ..........................

Mobile No.........................................E-Mail.............................................................

I am sending, Rs......................,(Bank Draft) Postal extra

Check Number.....................................................................Date..........................................

Bank.........................................................Place.............................................................

Date...............................................Signature.............................................................

RNI No. : ODIODI/2015/64435 • P.R. No. : CK(C)/96/2025-2027 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଆ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ